# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 243 | ଭାଗ ୩୩ | ସଂଖ୍ୟା ୨୪୩ | Wednesday 26 November 2025 | Page 8 Rs. 5.00 | ● ଭୁବନେଶ୍ୱର ବୁଧବାର ୨୬ ନଭେମ୍ବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା




ଭାରତ ଗସ୍ତ ବାତିଲ କଲେ ନେତାନ୍ୟାହୁ

ପୃଷ୍ଠା ୫

### ୧୨ ବିଭାଗରେ ୭,୨୯୩ ଜଣଙ୍କୁ ନିଯୁକ୍ତିପତ୍ର ପ୍ରଦାନ କଲେ ମୁଖ୍ୟମନ୍ତ୍ରୀ

# କ୍ୟାରିଅର୍ ପାଇଁ ଦୁର୍ନୀତି ବିପଦପୂର୍ଣ୍ଣ




### ୧୭ ମାସରେ ମିଳିଛି ୩୭,୩୨୫ ନିଯୁକ୍ତିପତ୍ର

### ନବନିଯୁକ୍ତଙ୍କୁ ମୁଖ୍ୟମନ୍ତ୍ରୀଙ୍କ ୪ଟି ଗୁରୁତ୍ୱପୂର୍ଣ୍ଣ ପରାମର୍ଶ

ଭୁବନେଶ୍ୱର,୨୫ା୧୧(ସଂଚାର ବ୍ୟୁରୋ): ସରକାରୀ ଚାକିରିରେ ଯୋଗଦେଉଥିବା ପ୍ରତିଟି ବ୍ୟକ୍ତିବିଶେଷ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଓ ସାଧୁତାପୂର୍ଣ୍ଣ ନିଯୁକ୍ତି ପ୍ରକ୍ରିୟା ଜରିଆରେ ନିଯୁକ୍ତି ପାଉଛନ୍ତି। ତେଣୁ ସେମାନେ କର୍ତ୍ତବ୍ୟପଥରେ ସାଧୁତା ଓ ସ୍ୱଚ୍ଛତା ଅବଲମ୍ବନ କରିବା ପାଇଁ ସଂକଳ୍ପବଦ୍ଧ ହେବା ଉଚିତ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଏଠାରେ ଅନୁଷ୍ଠିତ ଦ୍ୱାଦଶ ନିଯୁକ୍ତିମେଳା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ- ୨୦୨୫ରେ ଯୋଗଦେବା ଅବସରରେ ନବନିଯୁକ୍ତଙ୍କୁ ପରାମର୍ଶ ଦେଇଛନ୍ତି। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ଏହି ନିଯୁକ୍ତି ମେଳାରେ ରାଜ୍ୟ ସରକାରଙ୍କ ୧୨ଟି ବିଭାଗରେ ସମୁଦାୟ ୭୨୯୩ ଜଣଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ଏହି ବିଭାଗଗୁଡ଼ିକ ମଧ୍ୟରେ ଗୃହ ବିଭାଗରେ ୧୯୭୯ ଜଣ କନଷ୍ଟେବଳ ଓ ୩୮୬ ଜଣ ଡ୍ରାଇଭର, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ ୧୯୧୩ ଜଣ ସ୍ନାତକ ଶିକ୍ଷକଶିକ୍ଷୟିତ୍ରୀ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ନିମନ୍ତେ ୨୪୧ ଜଣ ପିଜିଟି, ଉଚ୍ଚଶିକ୍ଷା ବିଭାଗରେ କନିଷ୍ଠ ସହାୟକ, ୭ ଜଣ ପିଇଟି ଓ ୩୧ ଜଣ ଲାବୋରେଟୋରି ଆସିଷ୍ଟାଣ୍ଟ ତଥା ଷ୍ଟୋର୍ କିପର, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିଭାଗରେ ୨୪ ସହକାରୀ ମତ୍ସ୍ୟ ଅଧିକାରୀ ଓ ୬୪୮ ଜଣ ପ୍ରାଣୀଧନ ନିରୀକ୍ଷକ, ସୂଚନା ଓ ଲୋକସମ୍ପର୍କ ବିଭାଗରେ ୩୯ ଜଣ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଖଣି ଓ ଭୂତତ୍ତ୍ୱ ନିର୍ଦ୍ଦେଶାଳୟରେ ୧୪ ଜଣ କନିଷ୍ଠ ରସାୟନବିତ୍, ବାଣିଜ୍ୟ ଓ ପରିବହନ ବିଭାଗରେ ୧୭ ଜଣ କନିଷ୍ଠ ଷ୍ଟେନୋଗ୍ରାଫର, ଜଙ୍ଗଲ ଓ ପରିବେଶ ବିଭାଗରେ ୧୫୦୪ ଜଣ ଫରେଷ୍ଟଗାର୍ଡ ଓ ୨୪୬ ଜଣ ଫରେଷ୍ଟର, କୃଷି ଓ କୃଷକ ସଶକ୍ତିକରଣ ବିଭାଗରେ ୧୧୭ ଜଣ ସହକାରୀ କୃଷି ଅଧିକାରୀ, ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ବିଭାଗରେ ୧୫ ଜଣ ପାରାମେଡିକ୍ସ ଷ୍ଟାଫ୍, ଜଳସମ୍ପଦ ବିଭାଗରେ ୩୬ ଜଣ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ (ମେକାନିକାଲ୍) ରହିଛନ୍ତି। ଏଥିସହ ପ୍ରଥମ ଥର ଆଡଭୋକେଟ ଜେନେରାଲ ଅଫିସ ପାଇଁ ନିୟମିତ ନିଯୁକ୍ତି ପ୍ରକ୍ରିୟା ମାଧ୍ୟମରେ ୪୦ ଜଣ ଷ୍ଟେନୋଗ୍ରାଫରଙ୍କୁ ବି ନିଯୁକ୍ତି ମିଳିଛି।

ଏହି ଅବସରରେ ଶ୍ରୀ ମାଝୀ କହିଛନ୍ତି ଯେ ଆମେ ରାଜ୍ୟର ଯୁବବର୍ଗଙ୍କୁ ସରକାରୀ ଚାକିରିରେ ନିଯୁକ୍ତି ସୃଷ୍ଟି ପାଇଁ ଭରସା ଦେଇଥିଲୁ, ନିୟମିତ ଭାବେ ନିଯୁକ୍ତିମେଳା ଆୟୋଜନ କରି ଆମେ କଥା ରଖୁଛୁ। ପ୍ରଥମରୁ ଏଥିପାଇଁ ଆମେ ଉଦ୍ୟମ ଆରମ୍ଭ କରି ୨ ବର୍ଷ ଭିତରେ ୬୫ ହଜାର ସରକାରୀ ନିଯୁକ୍ତି ପ୍ରଦାନ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ୧୭ ମାସ ଭିତରେ ଆଜିକୁ ମିଶାଇ ୧୨ଟି ନିଯୁକ୍ତିମେଳା ଜରିଆରେ ଆମେ ୩୭,୩୨୫ ଜଣଙ୍କୁ ନିଯୁକ୍ତି ପ୍ରଦାନ କରିଛୁ। ଏତେ ସଂଖ୍ୟାରେ ସରକାରୀ ପଦ ପଦବୀରେ ନିଯୁକ୍ତି ଏତେ କମ୍ ଦିନ ଭିତରେ ଆଗରୁ କଦାପି ହୋଇନାହିଁ। ଦୁଇ ବର୍ଷ ଭିତରେ ଧାର୍ଯ୍ୟ ଲକ୍ଷ୍ୟଠାରୁ ଅଧିକ ହାସଲ ପାଇଁ ଆମର ଉଦ୍ୟମ ଜାରି ରହିଛି। ଔଦ୍ୟୋଗିକ କ୍ଷେତ୍ରରେ ବ୍ୟାପକ ନିଯୁକ୍ତି ସୃଷ୍ଟି ପାଇଁ ଆମେ ➩ପୃଷ୍ଠା-୬



### ରାମ ମନ୍ଦିରର ଶିଖରରେ ଉଡ଼ିଲା ଧର୍ମଧ୍ୱଜା

# ଶତାବ୍ଦୀର ଯନ୍ତ୍ରଣା ଶେଷ ହୋଇଛି: ମୋଦି

ଅଯୋଧ୍ୟା,୨୫ା୧୧: ଶ୍ରୀରାମ ଜନ୍ମଭୂମି ମନ୍ଦିରରେ ଐତିହାସିକ ଧ୍ୱଜା ଉଡ଼ିଛି। ଆଜି ଅଯୋଧ୍ୟାରେ ଏକ ଐତିହାସିକ ମୁହୂର୍ତ୍ତ ଜୀବନ୍ତ ହୋଇ ଉଠିଛି। ଶ୍ରୀରାମ ଜନ୍ମଭୂମି ମନ୍ଦିର ଉପରେ ଧର୍ମଧ୍ୱଜ ଉଡିଥିବାବେଳେ ଏହି ପବିତ୍ର ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଭୁ ରାମଙ୍କୁ ହାତ ଯୋଡି ପ୍ରଣାମ କରିଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଥିଲେ ଯେ ଆଜି, ଅଯୋଧ୍ୟା ସହର ଭାରତର ସାଂସ୍କୃତିକ ଚେତନାରେ ଏକ ଭିନ୍ନ ଯୋଗଦାନ ରଖୁଛି। ଶ୍ରୀରାମ ଜନ୍ମଭୂମି ମନ୍ଦିରରେ ପତାକା ଉତ୍ତୋଳନ ଉତ୍ସବର ଏହି ମୁହୂର୍ତ୍ତ ଅନନ୍ୟ ଏବଂ ଅସାଧାରଣ। ଏହି ଧର୍ମଧ୍ୱଜ କେବଳ ଏକ ପତାକା ନୁହେଁ... ଏହା ଭାରତୀୟ ସଭ୍ୟତାର ପୁନର୍ଜାଗରଣର ପତାକା। ପ୍ରଧାନମନ୍ତ୍ରୀ ମୋଦୀ ଆହୁରି କହିଛନ୍ତି, ଶତାବ୍ଦୀର ଯନ୍ତ୍ରଣା ଆଜି ଶେଷ ହୋଇଛି। ଶତାବ୍ଦୀର ସଂକଳ୍ପ ଆଜି ପୂରଣ ହୋଇଛି। ଆଜି ଏପରି ଏକ ଯଜ୍ଞର ସମାପ୍ତି ହୋଇଛି ଯାହାର ଅଗ୍ନି ୫୦୦ ବର୍ଷ ଧରି ଜଳିଥିଲା। ଏକ ଯଜ୍ଞ ଯାହା କେବେ ବି ନିଜ ଭକ୍ତିରେ ଡରିନଥିଲା, କେବେ ନିଜ ବିଶ୍ୱାସ ହରାଇ ନଥିଲା। ଏହାର ଗେରୁଆ ରଙ୍ଗ, ଅକ୍ଷର ଓମ୍, ଯାହା ସୂର୍ଯ୍ୟବଂଶ ରାଜବଂଶର ମହିମାକୁ ସ୍ମରଣ କରେ ➩ପୃଷ୍ଠା-୬

### ରାଜ୍ୟରେ ଶିଳ୍ପାୟନକୁ ବୁଷ୍ଟର ଡୋଜ

# ଆଉ ୪୩୫୩ କୋଟିର ନିବେଶକୁ ମଞ୍ଜୁରୀ

### ୧୧ ଜିଲ୍ଲାରେ ୨୦ ପ୍ରକଳ୍ପକୁ ମିଳିଲା ଅନୁମୋଦନ

### ୭୮୧୫ ଯୁବକଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗ




ଭୁବନେଶ୍ୱର,୨୫ା୧୧(ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ମାର୍ଗଦର୍ଶନରେ ରାଜ୍ୟରେ ଆରମ୍ଭ ହୋଇଥିବା ଶିଳ୍ପାୟନ ପ୍ରକ୍ରିୟା ଓ ବିକଶିତ ଓଡ଼ିଶା ୨୦୩୬ ଗଠନକୁ ମିଳିଛି ଆଉ ଏକ ବଡ଼ ସଫଳତା। ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ ସିଙ୍ଗଲ ୱିଣ୍ଡୋ କ୍ଲିଅରାନ୍ସ ଅଥରିଟି ବୈଠକରେ ୧୧ ଜିଲ୍ଲାରେ ୨୦ ପ୍ରକଳ୍ପକୁ ମିଳିଛି ଅନୁମୋଦନ। ଏହିସବୁ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ରାଜ୍ୟରେ ଆଉ ୪୩୫୩ କୋଟିର ପୁଞ୍ଜିନିବେଶ ସାଙ୍ଗକୁ ୭୮୧୫ ଯୁବକଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

ପ୍ରସ୍ତାବିତ ୨୦ ପ୍ରକଳ୍ପ ଅନୁଗୁଳ, ଢେଙ୍କାନାଳ, ଜଗତସିଂହପୁର, ଯାଜପୁର, ଝାରସୁଗୁଡା, କେନ୍ଦୁଝର, ଖୋର୍ଦ୍ଧା, କୋରାପୁଟ, ପୁରୀ, ସମ୍ବଲପୁର ଓ ସୁନ୍ଦରଗଡ ଆଦି ୧୧ଟି ଜିଲ୍ଲାରେ ପ୍ରତିଷ୍ଠା ହେବ। ଆଜି ମଞ୍ଜୁରୀପ୍ରାପ୍ତ ପ୍ରକଳ୍ପଗୁଡିକ ମୁଖ୍ୟତଃ ରାସାୟନ, ଇଲୋକ୍ଟ୍ରୋନିକ୍ସ, ଆଲୁମିନିୟମ, ପର୍ଯ୍ୟଟନ, ଭିତ୍ତିଭୂମି, ଆଇଟି, ଶକ୍ତି ଓ ଅକ୍ଷୟ ଶକ୍ତି ଓ ଖାଦ୍ୟ ପ୍ରକ୍ରିୟାକରଣ ସମ୍ପର୍କିତ। ରାଜ୍ୟରେ ସରକାର ପରିବର୍ତ୍ତନ ସହ ଶିଳ୍ପାୟନର ଆଭିମୁଖ୍ୟ ବି ବଦଳିଛି। ଏଣିକି କିଛି ନିର୍ଦ୍ଦିଷ୍ଟ ଜିଲ୍ଲାରେ ସୀମିତ ହୋଇ ରହିନି ଶିଳ୍ପ ପ୍ରକଳ୍ପ। ରାଜ୍ୟର ସବୁ ଜିଲ୍ଲାରେ ସମାନ୍ତରାଳ ଭାବେ ଶିଳ୍ପର ବିକାଶକୁ ଗୁରୁତ୍ୱ ଦିଆଯାଉଛି।

ଜଗତସିଂହପୁରରେ ୫୩୨ କୋଟି ଟଙ୍କା ନିବେଶରେ ପିଟି ୱାର୍କସ ପକ୍ଷରୁ ଏକ ରସାୟନ ଶିଳ୍ପ ପ୍ରତିଷ୍ଠା ➩ପୃଷ୍ଠା-୬

### ସମ୍ବଲପୁରରେ 'ଏକତା ପଦଯାତ୍ରା'ରେ ସାମିଲ ହେଲେ କେନ୍ଦ୍ରମନ୍ତ୍ରୀ

# ଏବେ ସମୃଦ୍ଧି ପାଇଁ ଲଢ଼ିବାକୁ ପଡ଼ିବ

### ପଟେଲଙ୍କ ଏକତାକୁ ସମ୍ମାନ ଜଣାଇବା ବେଳେ ଦାୟିତ୍ୱ ଭୁଲିବା ଅନୁଚିତ

### ଖେଳକୁ ପ୍ରୋତ୍ସାହନ ଦେବା ସହ କ୍ରୀଡ଼ା ଭିତ୍ତିଭୂମିର ବିକାଶ ପାଇଁ ଆହ୍ୱାନ

### ବରପୁତ୍ରଙ୍କ ଅବଦାନକୁ ମନ ପକାଇଲେ



ସମ୍ବଲପୁର,୨୫ା୧୧(ସଂଚାର ବ୍ୟୁରୋ) ଓଡ଼ିଶା ୨୦୩୬ରେ ଭାଷା ଭିତ୍ତିରେ ସ୍ୱତନ୍ତ୍ର ପ୍ରଦେଶ ଗଠନର ୧୦୦ ବର୍ଷ ପୂରଣ କରିବ। ୨୦୪୭ ସୁଦ୍ଧା ଆମ ଦେଶକୁ ସ୍ୱାଧୀନତାର ୧୦୦ ବର୍ଷ ପୂରଣ ହେବ। ଆମର ପୂର୍ବଜମାନେ ପୂର୍ବରୁ ଲଢେଇ କରିଥିଲେ ସ୍ୱରାଜ ପାଇଁ, କିନ୍ତୁ ଆମକୁ ଏବେ ସମୃଦ୍ଧି ପାଇଁ ଲଢେଇ କରିବାକୁ ହେବ। ତେଣୁ ଏହି ୧୦ ବର୍ଷ ୨୨ ବର୍ଷର ଗୁରୁତ୍ୱପୂର୍ଣ୍ଣ ସମୟସୀମା ମଧ୍ୟରେ 'ବିକଶିତ ସମ୍ବଲପୁର', 'ବିକଶିତ ଓଡ଼ିଶା' ଓ 'ବିକଶିତ ଭାରତ' ପାଇଁ ଗୋଟିଏ ଗୋଟିଏ ପାଦ ଆଗକୁ ବଢ଼ାଇବାକୁ ପଡ଼ିବ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ଆଜି ଶ୍ରୀ ପ୍ରଧାନ ଏଠାରେ ଭାରତର ଏକତା ଓ ଅଖଣ୍ଡତାର ମହାନ ପ୍ରତୀକ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଅବସରରେ ଆୟୋଜିତ 'ଏକତା ପଦଯାତ୍ରା'ରେ ସାମିଲ ହୋଇଥିଲେ। ଏହି ପଦଯାତ୍ରା ରିଜର୍ଭ ପୁଲିସ୍ ପଡ଼ିଆଠାରୁ ବାହାରି ମହିଳା କଲେଜ ପଡ଼ିଆଠାରେ ପହଞ୍ଚିଥିଲା। ଏଥିରେ ସର୍ଦ୍ଦାର ପଟେଲ୍‌ଙ୍କ ଆଦର୍ଶ ପ୍ରତି ଉତ୍ସାହ ଓ ସମର୍ପଣ ଭାବନା ପରିଲକ୍ଷିତ ହୋଇଥିଲା। ଏହି ପଦଯାତ୍ରା ➩ପୃଷ୍ଠା-୬

# ଦୁର୍ଘଟଣାରେ ଝଡ଼ିପଡ଼ିଲା ୬ ଜୀବନ



### ଦୁଇ ବାଇକ୍ ମୁହାଁମୁହିଁ

### କଣ୍ଟେନର୍‌କୁ ପିଟିଲା ବୋଲେରୋ

ବଲାଙ୍ଗିର/କଟକ,୨୫ା୧୧(ସଂଚାର ବ୍ୟୁରୋ): ମଙ୍ଗଳବାରରେ ଘଟିଛି ଅମଙ୍ଗଳ। ସଡ଼କ ଦୁର୍ଘଟଣାରେ ଅକାଳରେ ଝଡ଼ିପଡ଼ିଛି ୬ଟି ଜୀବନ। ବଲାଙ୍ଗିର ଓ କଟକରେ ଦୁଇଟି ପୃଥକ୍ ଦୁର୍ଘଟଣାରେ ଏହି ୬ ଜଣଙ୍କ ଜୀବନ ଯାଇଥିବା ବେଳେ ୨ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି।

ମିଳିଥିବା ସୂଚନାନୁସାରେ, ଆଜି ବଲାଙ୍ଗିର-ସମ୍ବଲପୁର ରାସ୍ତାରେ ବୁଢ଼ୀପଦରଠାରେ ଦୁଇଟି ବାଇକ୍ ପରସ୍ପର ସହ ଧକ୍କା ହେବା ଫଳରେ ତିନି ଜଣଙ୍କ ଜୀବନ ଯାଇଛି। ମୃତକମାନଙ୍କ ମଧ୍ୟରୁ ଦୁଇ ଜଣ ବରଗଡ଼ ଜିଲ୍ଲାର କେତନ ବରିହା ଓ ➩ପୃଷ୍ଠା-୬

### ଯାଦୁଆ ବିକୁଛି ଯାଦୁ ମଲମ

# ସ୍ୱାର୍ଥ ପୂରଣ ହେବା ପରେ ଚୈତନ୍ୟ ଉଦୟ



ଭୁବନେଶ୍ୱର,୨୫ା୧୧(ସଂଚାର ବ୍ୟୁରୋ) ବିଜେଡି ସାଂସଦ ଦେବାଶିଷ ସାମନ୍ତରାୟ ଦଳର ପରିଚାଳନା ନେଇ ଅସନ୍ତୋଷ ପ୍ରକାଶ କରି ଉପସଭାପତି ଛାଡିବା ଯାଦୁଆ ବିକୁଛି ଯାଦୁ ମଲମ ପରି। କାରଣ ଗତ ୨୪ ବର୍ଷ ଧରି ବିଜେଡି ସରକାରରେ ଥିବା ବେଳେ ଦେବାଶିଷ ସବୁ ସୁବିଧା ସୁଯୋଗ ପାଇଲେ। ବିଧାୟକ ହେଲେ, ହାରିବା ପରେ ରାଜ୍ୟସଭାକୁ ବି ଗଲେ। ଏବେ ବିଜେଡି କ୍ଷମତାରୁ ଯିବା ପରେ ଦଳର ପରିଚାଳନା ନେଇ ସେ ପ୍ରଶ୍ନ ଉଠାଇବା ତାଙ୍କ ସ୍ୱାର୍ଥାନ୍ୱେଷୀ ରାଜନୀତି ଆଡ଼କୁ ସ୍ପଷ୍ଟ ଇଙ୍ଗିତ କରୁଛି ବୋଲି କହୁଛନ୍ତି ରାଜନୈତିକ ସମୀକ୍ଷକ। ବିଜେଡି ଏବେ ଏକ କଠିନ ପରିସ୍ଥିତି ଦେଇ ଗତି କରୁଥିବା ବେଳେ ଦେବାଶିଷ ପ୍ରତିପକ୍ଷଙ୍କୁ ଖୁସ କରିବାକୁ ମୌକା ଦେଖି ଚୌକା ମାରୁଛନ୍ତି। ବିଜେଡି ଶାସନରେ ତିନି ତିନି ଥର ବିଧାୟକ ହେଲେ। ଥରେ ତିର୍ତ୍ତୋଲରୁ ଏବଂ ଦୁଇ ଥର ବାରବାଟୀ-କଟକ ଆସନରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ବାରବାଟୀ-କଟକ ଆସନରୁ କ୍ରମାଗତ ଭାବେ ଦୁଇ

### ବିଜେଡି ଉପରେ କ୍ଷୋଭ ନା ଦ୍ୱୈତ ଆନୁଗତ୍ୟ ?

ଥର ବିଧାୟକ ହୋଇ ବି ୨୦୧୯ରେ ସେ କଂଗ୍ରେସ ପ୍ରାର୍ଥୀ ମହମ୍ମଦ ମୋକିମଙ୍କଠାରୁ ହାରିଗଲେ। ଏହା ତାଙ୍କର ବିଫଳତା ଥିଲା, ନା ଦଳର। ଯେଉଁ ସମୟରେ ବିଜେଡିର ଲୋକପ୍ରିୟତା ଶୀର୍ଷରେ ଥିଲା ସେତେବେଳେ ସେ ହାରିଗଲେ। ତଥାପି ନବୀନ ପଟ୍ଟନାୟକଙ୍କ ଆଶୀର୍ବାଦରୁ ସେ ୨୦୨୪ରେ ରାଜ୍ୟସଭାକୁ ଗଲେ। ଅବଶ୍ୟ ସେତେବେଳକୁ ସେ କଟକରେ ନିଜ ଲୋକପ୍ରିୟତା ଏମିତି ହରାଇସାରିଥିଲେ ଯେ ଦଳ ତାଙ୍କୁ ପୁଣି ଥରେ ପ୍ରାର୍ଥୀ କରିବାକୁ ଚିନ୍ତା ବି କରିପାରୁନଥିଲା।

କେବଳ ସେତିକି ନୁହେଁ, ବିଜେଡି ସରକାରର ଛତ୍ରଛାୟା ତଳେ ସେ ନିଜ ଠିକାଦାରୀ ବ୍ୟବସାୟରେ ମନମାନୀ କରୁଥିଲେ। ପାରାଦୀପରୁ ଆରମ୍ଭ କରି କଟକ ପର୍ଯ୍ୟନ୍ତ ସବୁଠି ଚାଲିଥିଲା ତାଙ୍କ ଠିକାଦାରୀ। ନବୀନଙ୍କ ଗୁଡ୍‌ବୁକ୍‌ରେ ଥିବାରୁ ସେଥିରେ ମଧ୍ୟ ତାଙ୍କୁ ସବୁ ପ୍ରକାର ପ୍ରଶାସନିକ ସହଯୋଗ ମିଳୁଥିଲା। କେବଳ ସେତିକି ନୁହେଁ, ନିଜ ➩ପୃଷ୍ଠା-୬



### କାନ ଡେରିଥା

ସାହୁ, ମହାରଣା
ମଞ୍ଚକୁ ଆସିଲେ
ଟିକେଟ ହେଇଛି ବିକିରି
ଲକ୍ଷେ ଦେଇ କାହିଁ
ଯାତରା ଆଣୁଛ
ବଢ଼ିଆ ଉଲଗ୍ନ ଚାକିରୀ
ବଢ଼ିବନି ଆଉ ବେକାରୀ...
ଷ୍ଟେଜ ଉପରେ ସାର୍ଟ
ଖୋଲିଲେ
ଭଲ ମିଳିଯାଏ ଉପୁରୀ ।

■ ଦେବାଶିଷ

# ନବୀନଙ୍କ ବିରୁଦ୍ଧରେ ମଙ୍ଗ ଧରିବାକୁ ନେତା ଅମଙ୍ଗ









### ଏକାଧିକ ମିଶନ ଫେଲ୍

### ମେଳି ହୋଇ ଲୋକହସା

### ଦାନା ବାନ୍ଧିପାରୁନି ଅସନ୍ତୋଷ ଝଡ଼

ଭୁବନେଶ୍ୱର,୨୫ା୧୧(ସଂଚାର ବ୍ୟୁରୋ): ବିଜେଡିର ବିଭିନ୍ନ ବ୍ୟାପାର ନେଇ ନବୀନଙ୍କ ବିରୁଦ୍ଧରେ ନେତାମାନେ ନିଜ ନିଜର ଅସନ୍ତୋଷ ପ୍ରକଟ କରି ମେଳି ବାନ୍ଧୁଥିଲେ ମଧ୍ୟ ଅସନ୍ତୁଷ୍ଟ ନେତାଙ୍କ ମୁଖିଆ ସାଜିବାକୁ କେହି ରାଜି ହେଉନାହାନ୍ତି। ଅତୀତରେ ଏଭଳି ଅସନ୍ତୁଷ୍ଟ ନେତାଙ୍କ ଏକାଧିକ ମିଶନ ଫେଲ୍ ମାରୁଥିବାରୁ ଏବେ ଆଉ କେହି ଆଗକୁ ଆସିବାକୁ ସାହସ କୁଳାଇପାରୁନାହାନ୍ତି। ଗତ ସାଧାରଣ ନିର୍ବାଚନରେ ବିଜେଡି ୫୧ଟି ଆସନ ପାଇଁ କ୍ଷମତାରୁ ହଟିବା ପରେ ଦଳରେ ଅସନ୍ତୋଷ ଦେଖାଦେଇଥିଲା। ଉଭୟ ବରିଷ୍ଠ ଓ ଯୁବନେତାମାନେ ମେଳି ହୋଇଥିଲେ। ବରିଷ୍ଠମାନେ ନିଜର ଅସନ୍ତୁଷ୍ଟ ଜାହିର କରିବା ସହ ରାଜଧାନୀର ଗୋଟିଏ ହୋଟେଲରେ ଏକାଠି ହୋଇଥିବାବେଳେ କିଛି ଯୁବନେତା ରାଜ୍ୟ ବାହାରେ ମେଳି ହୋଇଥିଲେ। ଏକାଧିକ ବୈଠକ ଓ ବୟାନବାଜି ବି କରିଥିଲେ। ଅବସ୍ଥା ଏଭଳି ହୋଇଥିଲା ଯେ ଖୋଦ୍ ନବୀନ ମୁହଁ ଖୋଲି ଅସନ୍ତୁଷ୍ଟ ନେତାମାନଙ୍କୁ ଏଣେତେଣେ ବୈଠକ ନକରି ଦଳୀୟ କାର୍ଯ୍ୟାଳୟ ଶଙ୍ଖ ଭବନରେ ବୈଠକ କରିବାକୁ କହିଥିଲେ।

ନବୀନ ଏଭଳି ପରାମର୍ଶ ଦେବା ପରେ ଶଙ୍ଖ ଭବନରେ ବୈଠକ କରିବା ତ ଦୂରର କଥା ଦଳୀୟ କାର୍ଯ୍ୟାଳୟ ବାହାରେ ବି ଏହି ଅସନ୍ତୁଷ୍ଟ ଗୋଷ୍ଠୀ ଏକାଠି ହେବାକୁ ପଛଘୁଞ୍ଚା ଦେଇଥିଲେ। ସେତେବେଳେ ଅସନ୍ତୁଷ୍ଟ ନେତାଙ୍କୁ ମେଳି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ନେଇ ପୂର୍ବତନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ପ୍ରଫୁଲ୍ଲ ମଲ୍ଲିକ ଆଦିଙ୍କ ନାମ ଉଠିଥିଲା। ହେଲେ ଏମାନଙ୍କ ବୈଠକ କେବଳ ଖିଆପିଆ ଓ ଆଲୋଚନା ଭିତରେ ସୀମିତ ରହିଥିଲା। ପରବର୍ତ୍ତୀ ସମୟରେ ପ୍ରଫୁଲ୍ଲ ଦଳରୁ ନିଲମ୍ବିତ ହୋଇଥିବା ବେଳେ ଅଶୋକ ଏବେ ଗୋଟାପଣେ ବିଜେଡିର ହୋଇ ରହିଛନ୍ତି।

ସେହିଭଳି ପରାଜୟ ଦୁଃଖରେ ଜର୍ଜରିତ କିଛି ଯୁବନେତା ରାଜ୍ୟ ବାହାରେ ଡେରା ➩ପୃଷ୍ଠା-୬

# ଭିଜିଲାନ୍ସ ଜାଲରେ ଏଆରଆଇ



### ୧୨ ହଜାର ଟଙ୍କା ଲାଞ୍ଚ ନେଉଥିଲେ

କେନ୍ଦ୍ରାପଡ଼ା,୨୫ା୧୧ (ସଂଚାର ବ୍ୟୁରୋ): ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ସହାୟକ ରାଜସ୍ୱ ନିରୀକ୍ଷକ (ଏଆରଆଇ)। ୧୨ ହଜାର ଟଙ୍କା ଲାଞ୍ଚ ନେଲାବେଳେ ତାଙ୍କୁ ଭିଜିଲାନ୍ସ ଧରିଛି। କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ତହସିଲ ଅନ୍ତର୍ଗତ ନିକିରେଇ ଏଆରଆଇ ଅଭିମନ୍ୟୁ ବେହେରା ଜନୈକ ଜମି ମାଲିକଙ୍କଠାରୁ ଉକ୍ତ ଜମିର କିସମ ଘରବାଡ଼ି କରିବା ସକାଶେ ୧୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏହା ପ୍ରତିବାଦରେ ସେ ଆବେଦନକାରୀଙ୍କୁ ସୁହାଇଲା ଭଳି ରିପୋର୍ଟ ଦେବାକୁ ଶ୍ରୀ ବେହେରା ଏହି ଟଙ୍କା ମାଗିଥିଲେ। ତେବେ ଏହି ପ୍ରସଙ୍ଗରେ ସେ ପ୍ରଥମେ ଅଭିଯୋଗକାରୀଙ୍କୁ ୧୫ ହଜାର ଟଙ୍କା ମାଗିଥିଲେ। କିନ୍ତୁ ଶେଷରେ ସେ ୧୨ ହଜାର ➩ପୃଷ୍ଠା-୬

## ଗଣ୍ଡଗୋଳ ଆଶଙ୍କାରୁ ପ୍ରଧାନଶିକ୍ଷକଙ୍କୁ ଦରଖାସ୍ତ



**ମହାକାଳପଡ଼ା,୨୫।୧୧(ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ବାରଗାଁ ପଞ୍ଚାୟତରେ ଥିବା ଜଗମୋହନ ନୋଡାଲ ଉଚ୍ଚ ବିଦ୍ୟାଳୟରେ ବୁଧବାର ଦିନ ଦିକ୍ଷାନମେଳା ସହିତ ଏକ ସଭା ଅନୁଷ୍ଠିତ ହେବ। ଏହି ଦିନ ଗଣ୍ଡଗୋଳ ହେବ ବୋଲି ଶୁଣିବାକୁ ପାଇ ପିଲାମାନଙ୍କ ସୁରକ୍ଷା ଓ କ୍ଷୟକ୍ଷତିକୁ ଆଶଙ୍କା କରି ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ସ୍କୁଲ ପରିଚାଳନା କମିଟି ଓ ଛାତ୍ରଛାତ୍ରୀମାନଙ୍କ ଅଭିଭାବକଙ୍କ ତରଫରୁ ଏକ ଦରଖାସ୍ତ ପ୍ରଦାନ କରାଯାଇଛି। ଯଦି ଗଣ୍ଡଗୋଳ ହୁଏ ଓ ପିଲାମାନଙ୍କର କିଛି କ୍ଷୟକ୍ଷତି ହୁଏ ତେବେ ସେଥିପାଇଁ ପ୍ରଧାନଶିକ୍ଷକ ଦାୟୀ ରହିବେ ବୋଲି ଦରଖାସ୍ତରେ ଉଲ୍ଲେଖ ରହିଛି। ଏନେଇ ପୂର୍ବରୁ ମଧ ପରିଚାଳନା କମିଟି ବୈଠକରେ ପ୍ରଧାନଶିକ୍ଷକଙ୍କୁ ସୂଚନା ଦିଆଯାଇଥିଲା ବୋଲି କମିଟି ଦର୍ଶାଇଛି।

# ଉନ୍ନୟନ କାର୍ଯ୍ୟରେ ବାଧକ ନିଅଣ୍ଟିଆ କର୍ମଚାରୀ

### ୩୧ ପଞ୍ଚାୟତରେ ଅଛନ୍ତି ୨୦ ପିଇଓ, ୨୩ ଏଡିଇଓ ଓ ୧୦ ଜେଇ

**ମହାକାଳପଡ଼ା,୨୫।୧୧(ସଂଚାର ବ୍ୟୁରୋ):** ପଞ୍ଚାୟତ ସଂଖ୍ୟା ରହିଛି ୩୧, ହେଲେ ପଞ୍ଚାୟତ ଆବଶ୍ୟକତା ଅନୁସାରେ କର୍ମଚାରୀ ଅଭାବ। ଯାହା ଫଳରେ ଜଣେ ଲେଖାଏଁ କର୍ମଚାରୀଙ୍କୁ ବାପା ରାଣ ଡିଙ୍ଗି ଗିଳି ଭଳି ତିନି,ଚାରି ଲେଖାଏଁ ଅତିରିକ୍ତ ଦାୟିତ୍ୱ ମୁଣ୍ଡାଇ ଦିଆଯାଉଛି। ଯାହାକୁ ନେଇ ପଞ୍ଚାୟତର ଉନ୍ନୟନ ମୂଳକ କାର୍ଯ୍ୟରେ ଅଗ୍ରଗତି ବ୍ୟାଘାତ ହେଉଥିବା ବିଭିନ୍ନ ସମୟରେ ଅଭିଯୋଗ ହେଉଛି।

ସୂଚନା ମୁତାବକ ମହାକାଳପଡ଼ା ବ୍ଲକ ଅଧୀନରେ ୩୧ ଗୋଟି ପଞ୍ଚାୟତ ରହିଛି। ନିୟମ ଅନୁଯାୟୀ ପ୍ରତି ପଞ୍ଚାୟତ ପାଇଁ ଜଣେ ଲେଖାଏଁ ଅର୍ଥାତ୍ ୩୧ ପଞ୍ଚାୟତ ପାଇଁ ୩୧ ଟି ଲେଖାଏଁ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ



ଅଧିକାରୀ (ପିଇଓ), ସହାୟକ ଡାଟା ଏଣ୍ଟ୍ରି ଅପରେଟର(ଏଡିଇଓ) ଓ ଯନ୍ତ୍ରୀ (ଜେଇ) ରହିବା କଥା। ହେଲେ ମିଳିଥିବା ସୂଚନା ଅନୁସାରେ ବର୍ତ୍ତମାନ ମୋଟ ୩୧ ପଞ୍ଚାୟତରୁ ୨୦ ଜଣ ପିଇଓ, ୨୩ ଏଡିଇଓ(ଏ ଜିଆରଏସ), ୧୦ ଜେଇ ରହିଛନ୍ତି। ଯାହା ପ୍ରଶାସନିକ କାର୍ଯ୍ୟର ଅଗ୍ରଗତି ଓ ଲୋକଙ୍କ କାର୍ଯ୍ୟ ସମାଧାନ ଦିଗରେ ପ୍ରଶ୍ନବାଚୀ ସୃଷ୍ଟି କରିବା ସ୍ୱଭାବିକ କଥା। ସବୁଠାରୁ ବଡ଼ କଥା ହେଉଛି ଜଣେ ଲେଖାଏଁ ପିଇଓ,ଏଡିଇଓ ଓ ଜେଇଙ୍କୁ ଏକାଧିକ ପଞ୍ଚାୟତର ଦାୟିତ୍ୱ ପ୍ରଶାସନ ଲଦି ଦେଇଛି।

'ସଂଚାର' ହାତରେ ଲାଗିଥିବା ତଥ୍ୟ ଅନୁଯାୟୀ ମୋଟ ୨୦ ଜଣ ପିଇଓଙ୍କ ମଧ୍ୟରୁ ୫ ଜଣ ପିଇଓଙ୍କୁ ଦୁଇଟି ଲେଖାଏଁ ପଞ୍ଚାୟତର ଦାୟିତ୍ୱ ଦିଆଯାଇଥିବା ବେଳେ ୩ ପିଇଓଙ୍କୁ ତିନୋଟି ଲେଖାଏଁ ପଞ୍ଚାୟତର ଓ ଅବଶିଷ୍ଟ ୧୨ ଜଣଙ୍କୁ ଗୋଟିଏ ଲେଖାଏଁ ପଞ୍ଚାୟତ ଦାୟିତ୍ୱରେ ଅଛନ୍ତି। ସେହିପରି ୫ ଏଡିଇଓଙ୍କୁ ଦୁଇଟି ଲେଖାଏଁ ପଞ୍ଚାୟତ ଓ ୨ ଏଡିଇଓଙ୍କୁ ତିନୋଟି ଲେଖାଏଁ ପଞ୍ଚାୟତ ଦାୟିତ୍ୱ ଦିଆଯାଇଛି। ଜେଇଙ୍କ କଥା ତ ନକହିବା ଭଲ। ୧୦ ଜଣଙ୍କ ମଧ୍ୟରୁ ରାଜଲକ୍ଷ୍ମୀ ସାହୁ(ଏଇଇ) ବ୍ଲକ ଦାୟିତ୍ୱରେ ଥିବା ବେଳେ ଦୁଇଜଣ ଏଇ ଥିବା ମୁକ୍ତିକାନ୍ତ ସାହୁଙ୍କୁ ୫ଟି ପଞ୍ଚାୟତ ଓ ନର୍ମଦା ସ୍ୱାଇଁଙ୍କୁ ୪ଟି ପଞ୍ଚାୟତ ଦାୟିତ୍ୱ ମିଳିଛି। ଅନ୍ୟ ୭ ଜଣ ଜେଇଙ୍କ ମଧ୍ୟରୁ ତିନି ଜଣଙ୍କୁ ୪ଟି ଲେଖାଏଁ ପଞ୍ଚାୟତ ଓ ତିନି ଜଣଙ୍କୁ ୩ଟି ଲେଖାଏଁ ପଞ୍ଚାୟତ ଓ ଜଣେ ଜେଇ କେବଳ ଗୋଟିଏ ପଞ୍ଚାୟତ ଦାୟିତ୍ୱରେ ରହିଛନ୍ତି। ହେଲେ ଅତିରିକ୍ତ ଦାୟିତ୍ୱ ମୁଣ୍ଡେଇ ଅଣନିଶ୍ୱାସୀ ହୋଇ ପଡୁଥିବା କିଛି କର୍ମଚାରୀ ନାମ ଗୋପନ ରଖି ପ୍ରକାଶ କରିଛନ୍ତି। ଏଇ କମ୍ ସଂଖ୍ୟକ କର୍ମଚାରୀ ମାନଙ୍କୁ ନେଇ ପଞ୍ଚାୟତ ସ୍ତରରେ ଉନ୍ନୟନମୂଳକ କାର୍ଯ୍ୟ ଓ ଲୋକଙ୍କ ସମସ୍ୟା ସମାଧାନ କେମିତି ଚାଲିଛି ତାହା ଆପଣମାନେ ଭଲଭାବରେ ଅନୁମାନ କରିପାରୁଥିବେ।

## ସ୍କୁଟି ଡିକି ଭାଙ୍ଗି ଟଙ୍କା ଲୁଟ୍

**ଗରଦପୁର,୨୫।୧୧(ସଂଚାର ବ୍ୟୁରୋ):** ଗରଦପୁର ବ୍ୟାଙ୍କ ସମ୍ମୁଖରେ ମଙ୍ଗଳବାର ମଧ୍ୟାହ୍ନ ସମୟରେ ସ୍କୁଟି ରୁ ଟଙ୍କା ଲୁଟ ନେଇଯାଇଛନ୍ତି ଦୁର୍ବୃତ୍ତ । ଅଭିଯୋଗ ଅନୁଯାୟୀ ବଙ୍କୋଳପୁର ଗ୍ରାମର ମା ସରସ୍ୱତୀ ଏସଏଚଜି ସଭାପତି ସୁଲତା ସ୍ୱାଇଁ ବ୍ୟାଙ୍କ ରୁ ଟଙ୍କା ଉଠାଇ ସ୍କୁଟି ଡିକିରେ ରଖିକି ମାତ୍ର କିଛି ସମୟ ବ୍ୟାଙ୍କ ମଧ୍ୟକୁ ପ୍ରବେଶ କରିଥିବା ସମୟରେ ଅଜଣା ଦୁର୍ବୃତ୍ତ ମାନେ ଡିକି ଭାଙ୍ଗି ୧୦ ହଜାର ଟଙ୍କା ଲୁଟି ନେଇଛନ୍ତି। ପୂର୍ବରୁ ଏଭଳି ଅନେକ ଘଟଣା ଘଟିଥିବା ସାମ୍ନାକୁ ଆସିଥିବା ବେଳେ ପୁନର୍ବାର ଦୁର୍ବୃତ୍ତ ବ୍ୟାଙ୍କ ସମ୍ମୁଖରୁ ଲୁଟ କରିବା ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନ ସୃଷ୍ଟି କରିଛି । ଅନ୍ୟପଟେ ଦାୟିତ୍ୱହୀନ ହେଇ ବ୍ୟାଙ୍କ ସିସିଟିଭି ଅଚଳ ଅବସ୍ଥାରେ ଥିବା ଘଟଣା ସ୍ଥଳରେ ସ୍ଥାନୀୟ ପାଟକୁରା ପୁଲିସ ପହଞ୍ଚି ତଦନ୍ତ କରୁଥିଲେ ମଧ ଘଟଣା ସ୍ଥଳର କୌଣସି ଭିଡିଓ ମିଳିପାରିନାହିଁ। ବ୍ୟାଙ୍କର ଦାୟିତ୍ୱହୀନତା ପାଇଁ ବାରମ୍ବାର ଲୁଟ ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

## ବିପୁଳ ପରିମାଣର ମଦ ଜବତ

**କେନ୍ଦ୍ରାପଡ଼ା,୨୫।୧୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ ଜମ୍ମୁ ମରେଇନ, ରାଜକନିକା ଥାନଅଧିନିସ୍ଥ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ପ୍ରଭାକରପୁର ଗ୍ରାମର ବଚନ ଖିଲାର , ବିଭୁତି ଖିଲାର ଓ ଟୁନି ଖିଲାରଙ୍କ ଠାରୁ ୬୦ ଲିଟର ଦେଶୀ ରନ୍ଧା ମଦ ଓ ୨୯୦୦ ଲିଟର ଗୁଡ ପୋଚ, କେଚେଙ୍ଗା ଗ୍ରାମର ଆଦିକାନ୍ତ ମଳିକଙ୍କ



ଠାରୁ ୧୮ ଲିଟର ବିଦେଶୀ ମଦ ଓ ଅଚ୍ଛୁତରପୁର ଗ୍ରାମର ଶଶଧର ମଳିକଙ୍କ ଠାରୁ ୨୧ ଲିଟର ବିଦେଶୀ ମଦ, ବରକୋଳି ଖୋଳା ଗ୍ରାମର ସୁନିଲ ମଣ୍ଡଳଙ୍କ ଠାରୁ ୩୫ ଲିଟର ବିଦେଶୀ ମଦ, ହିମାଂଶୁ ମାଇତିଙ୍କ ଠାରୁ ୨୯ ଲିଟର ଦେଶୀ ମଦ, ହାଡୁ ଗିରିଠାରୁ ୩୯ ଲିଟର ବିଦେଶୀ ମଦ, କଜଳପାତିଆ ବତୀଘର ଗ୍ରାମର ଭିଗୁରାମ ଦାସଙ୍କ ଠାରୁ ୨୨ ଲିଟର ଦେଶୀ ମଦ ଜବତ କରାଯାଇ ଏମାନଙ୍କୁ ଗିରଫ କରାଯାଇ ଅଛି । ଏମାନଙ୍କ ପାଖରୁ ସମୁଦାୟ ୩୧୨୪ ଲିଟର ବିଦେଶୀ, ଦେଶୀ ଓ ଗୁଡ ପୋଚ ମଦ ଜବତ କରାଯାଇ ୯ ଜଣଙ୍କୁ କୋର୍ଟଚାଲାଣ କରାଯାଇ ଅଛି।

## ବିଶ୍ୱାସ ୟୁଥକ୍ଲବ ପକ୍ଷରୁ ହ୍ୟୁମାନ ସାଗରଙ୍କୁ ଶ୍ରଦ୍ଧାଞ୍ଜଳି

**କେନ୍ଦ୍ରାପଡ଼ା,୨୫।୧୧(ସଂଚାର ବ୍ୟୁରୋ):** ତିନିମୁହାଣୀ କଲେଜ ଛକସ୍ଥିତ ବିଶ୍ୱାସ ୟୁଥ କ୍ଲବ ପକ୍ଷରୁ ସଂଗୀତକାର ହ୍ୟୁମାନ ସାଗରଙ୍କୁ ଗଭିର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ସମସ୍ତଙ୍କର ଜଣାଶୁଣା ଏବଂ ସବୁରି ପ୍ରିୟ ସଂଗୀତକାର, ଗାୟକ ଓଡିଶାର କୋଣ ଅନୁକୋଣରେ ପରିଚିତ ଥିଲେ । ତାଙ୍କର ଲୋକପ୍ରିୟ ସଂଗୀତ ଛୋଟରୁ ବଡ ଯାଏ ଆବାଳ ବୃଦ୍ଧ ବନିତା ସମସ୍ତଙ୍କ ମନକୁ ଛୁଇଁ ପାରିଥିଲା । ତାଙ୍କ ଅକାଳ ବିୟୋଗରେ ସମଗ୍ର ଓଡିଶାବାସୀ ସ୍ତବ୍ଧ ହୋଇଯାଇଥିବା ବେଳେ ତିନିମୁହାଣୀ ବିଶ୍ୱାସ କ୍ଲବ ପକ୍ଷରୁ ମହମବତୀ ଜଳାଇ ସଭାପତି, ସମ୍ପାଦକ, କୋଷାଧକ୍ଷ ଓ ସଦସ୍ୟମାନେ ହ୍ୟୁମାନ ସାଗରଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ।



# ଜିଲ୍ଲାସ୍ତରୀୟ ଏକତା ପଦଯାତ୍ରା



**ସାଲେପୁର,୨୫।୧୧(ସଂଚାର ବ୍ୟୁରୋ):** ସାଲେପୁରରେ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାସ୍ତରୀୟ ଏକତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଅବସରରେ ସାଲେପୁର ବ୍ଲକ ପ୍ରଶାସନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାଲେପୁର ବିଜେପି ବିଧାୟକ ପ୍ରାର୍ଥୀ ତଥା ବିଜେପି ନେତା ଅରିନ୍ଦମ ରାୟ, ରାଜ୍ୟ ବିଜେପି ନେତୃମଣ୍ଡଳୀ ସତ୍ୟବାଦୀ ଚଇନି, କଟକ ଜିଲ୍ଲା ଗ୍ରାମୀଣ ବିଜେପି ସଭାପତି ରାମନାରାୟଣ ମହାନ୍ତି, ଚୌଧୁରୀ ହେମନ୍ତ କୁମାର ସାହୁ, ସାଲେପୁର କଲେଜର ଏନ୍. ସି.ସି. କ୍ୟାଡେଟ୍ ଓ ଛାତ୍ରଛାତ୍ରୀମାନଙ୍କ ସମେତ ବିଭିନ୍ନ ପଞ୍ଚାୟତରୁ ପ୍ରାୟ ୨ହଜାରରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷମାନେ ଏହି ଏକତା ପଦଯାତ୍ରାରେ ସାମିଲ ହୋଇଥିଲେ। ଏହି ପଦଯାତ୍ରା ଶିଶୁଆ ବଜାର ନିକଟରୁ ବାହାରି ସାଲେପୁର ବଜାର ପରିକ୍ରମା କରି ମଧୁମଣ୍ଡପଠାରେ ଶେଷ ହୋଇଥିଲା। ଏହି ଅବସରରେ ମଧୁମଣ୍ଡପ ନିକଟରେ ଅନୁଷ୍ଠିତ ପଥପ୍ରାନ୍ତର ସଭା ସାଲେପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲୋପାମୁଦ୍ରା ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ରୂପେ ଅରିନ୍ଦମ ରାୟ ଯୋଗଦେଇ ସଂଘବଦ୍ଧ ଭାବେ କାର୍ଯ୍ୟକଲେ ସବୁ କାର୍ଯ୍ୟ ସମ୍ଭବ ହୋଇପାରିବ ବୋଲି ପ୍ରକାଶ କରିବା ସହ ଯୁବପୀଢ଼ୀମାନେ ବିକାଶ ଦିଗରେ ସବୁବେଳେ କାର୍ଯ୍ୟ କଲେ ରାଜ୍ୟ ଓ ଦେଶର ବିକାଶ ହୋଇପାରିବ ବୋଲି ସେ କହିଥିଲେ।

ଏହି ଅବସରରେ ଅତିଥିମାନେ ସ୍ୱଦେଶୀ ଆପଣାଇବାପାଇଁ ଉପସ୍ଥିତ ଶହ ଶହ ଜନସାଧାରଣଙ୍କୁ ପରାମର୍ଶ ଦେଇଥିଲେ।

## ମଣ୍ଡଳସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

**ମାହାଙ୍ଗା,୨୫।୧୧(ସଂଚାର ବ୍ୟୁରୋ):** କଟକ ଜିଲ୍ଲା ମାହାଙ୍ଗା ଶିକ୍ଷାମଣ୍ଡଳ ଅଧିନ ପିଏମଶ୍ରୀ ଝାଡ଼େଶ୍ୱରପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ମଣ୍ଡଳ ସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଓ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ବୈଜ୍ଞାନିକ ମେଳା ଅନୁଷ୍ଠିତ ହୋଇଯାଇଛି। ମାହାଙ୍ଗା ବିଇଓ ମୋନାଲିସା ସରକାରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମାହାଙ୍ଗା ମହିଳା ମହାବିଦ୍ୟାଳୟ ଓ ଝାଡ଼େଶ୍ୱର ଉଚ୍ଚ ମାଧମିକ ବିଦ୍ୟାଳୟର ଅଧକ୍ଷ ପ୍ରତାପ ଚନ୍ଦ୍ର ଷଢଙ୍ଗୀ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମ ଶୁଭାରମ୍ଭ କରିବା ସହିତ ଛାତ୍ର ଛାତ୍ରୀଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନୀତ ଅତିଥି ଭାବେ ଏବିଇଓ ସୋମନାଥ ରାମ୍, ସବିତା ସ୍ୱାଇଁ ପ୍ରମୁଖ ଯୋଗଦେଇ ଶିଶୁ ଓ ଯୁବ ବୈଜ୍ଞାନିକ ମାନଙ୍କୁ ବିଜ୍ଞାନ କଳା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସେହିପରି ଉଦ୍‌ଯାପନୀ



ଉତ୍ସବରେ ମୁଖ୍ୟଅତିଥି ଭାବେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଯୋଗଦାନ କରି ଆଜିର ଛାତ୍ରଛାତ୍ରୀ ଆସନ୍ତାକାଲିର ଭବିଷ୍ୟତ ସେମାନଙ୍କ ମଧରେ ବୈଜ୍ଞାନିକ ହେବାର ଲକ୍ଷ୍ୟ ଯଦି ଜାଗ୍ରତ ହୁଏ ତାହେଲେ ସେମାନେ ମଧ ବଡ଼ ହେଲେ ଜଣେ ଜଣେ ବୈଜ୍ଞାନିକ ହୋଇପାରି ଏ ଦେଶ ଓ ରାଜ୍ୟର ବିକାଶରେ ନିଜକୁ ସାମିଲ କରିପାରିବେ ବୋଲି ମତପ୍ରକାଶ କରିଥିଲେ। ସମୁଦାୟ ୧୬୮ଟି ପ୍ରୋଜେକ୍ଟ ମଧରୁ ୧୩ଟି ପ୍ରକଳ୍ପକୁ ଜିଲ୍ଲା ସ୍ତରକୁ ମନୋନୀତ କରାଯାଇଥିଲା ଏବଂ କୃତୀ ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ସଡ଼କ ଦୁର୍ଘଟଣାଜନିତ ଶୂନ ମୃତାହତ ପକ୍ଷ ପାଳନ



**କେନ୍ଦ୍ରାପଡ଼ା,୨୫।୧୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ଆଳିକ କାର୍ଯ୍ୟାଳୟ ପକ୍ଷରୁ ସଡକ ଦୁର୍ଘଟଣାଜନିତ ଶୂନ ମୃତାହତ ପକ୍ଷ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ନବକ୍ରିଷ୍ଣ ଜେନା ଏକ ସଚେତନତା ରଥ ଓ ଶୁଭାଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ସକାଳ ସାଢେ ୯ଟାରେ ୪ଶହରୁ ଉର୍ଦ୍ଧ ବିଭିନ୍ନ କଲେଜର ଛାତ୍ରଛାତ୍ରୀ, ସ୍କାଉଟ ଓ ଗାଇଡ଼ର ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, ଜନସାଧାରଣ ତିନିମୁହାଣୀ ଜିଓ ପେଟ୍ରୋଲ ପମ୍ପ ନିକଟରୁ ବାହାରି ନୂଆ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଏକ ଶୁଭଯାତ୍ରା କରାଯାଇଥିଲା। 'ପ୍ରତିଟି ଜୀବନ ମୂଲ୍ୟବାନ' 'ସଭିଏଁ ହେବା ଯତ୍ନବାନ' ବାର୍ତ୍ତାକୁ ସମସ୍ତଙ୍କ ନିକଟରେ ପହଞ୍ଚାଇବା ସହିତ ସଡ଼କ ସୁରକ୍ଷା ନିୟମ ମାନିବା, ଗାଡି ଚଳାଇବା ସମୟରେ ହେଲମେଟ ପରିଧାନ କରିବା, ଗାଡି ଚଳାଇବା ବେଳେ ମୋବାଇଲରେ କଥା ନ ହେବା, ନିଶା ସେବନ କରି ଗାଡି ନ ଚଳାଇବା ଆଦି ନିୟମଗୁଡିକୁ ମାନିବାକୁ ସମସ୍ତଙ୍କୁ ସଚେତନ କରାଯାଇଥିଲା ।

# ବାପି ଗୋଚ୍ଛାୟତଙ୍କୁ କ୍ଲାଇମେଟ୍ ଗ୍ରାଣ୍ଟ୍ ଆୱାର୍ଡ

### ପରିବେଶ ସୁରକ୍ଷା ଓ ସଚେତନତା ପାଇଁ କରୁଛନ୍ତି କାମ

**ମହାକାଳପଡ଼ା,୨୫।୧୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡାର ଯୁବ ପରିବେଶବିତ୍ ବାପି ଗୋଚ୍ଛାୟତଙ୍କୁ କ୍ଲାଇମେଟ୍ ଗ୍ରାଣ୍ଟ୍ ଆୱାର୍ଡରେ ସମ୍ମାନିତ କରାଯାଇଛି। ଭୁବନେଶ୍ୱର ଠାରେ ଦୈନିକ ଖବରକାଗଜ ଧରିତ୍ରୀ ପରିବାର ତରଫରୁ ଆୟୋଜିତ ଧରିତ୍ରୀ ୟୁଥ୍ କନକ୍ଲେଭ ୨୦୨୫ରେ ବାପିଙ୍କ ପରିବେଶ ସୁରକ୍ଷା, ସଚେତନତା ଓ ନିରନ୍ତର ପ୍ରୟାସ ପାଇଁ ଏହି ସମ୍ମାନରେ ସମ୍ମାନିତ କରାଯାଇଛି ।

କେନ୍ଦ୍ରାପଡ଼ା ଜିଲ୍ଲା ଅଧୀନ ମହାକାଳପଡ଼ା ବ୍ଲକ୍ ଦେଉଳପଡା ପଞ୍ଚାୟତ ଅନ୍ତର୍ଗତ ଓରତ ଗ୍ରାମର କେଲୁ ଗୋଚ୍ଛାୟତଙ୍କ ପୁତ୍ର ହେଉଛନ୍ତି ବାପି ଗୋଚ୍ଛାୟତ। ବାପି ପାରାଦୀପ ମହାବିଦ୍ୟାଳୟରେ ସ୍ୱଳ୍ପ ବେତନରେ ଅସ୍ଥାୟୀ ଝାଡୁଦାର ଭାବରେ କାର୍ଯ୍ୟ କରୁଛନ୍ତି। ଏଥିସହିତ ପରିବେଶ ସୁରକ୍ଷା ଓ ସଚେତନତା ପାଇଁ ସେ ନିରନ୍ତର କାର୍ଯ୍ୟ କରି ଆସୁଛନ୍ତି। ପ୍ରତିଦିନ ସକାଳୁ ବେଳାଭୂମିରେ




ପଡ଼ିଥିବା ପ୍ଲାଷ୍ଟିକ ଆବର୍ଜନା ଆଦିକୁ ସଫା କରିବା ସହିତ ସଂଗ୍ରହ କରିଥିବା ପ୍ଲାଷ୍ଟିକକୁ ପାରାଦୀପ ପୌରପାଳିକାକୁ ହସ୍ତାନ୍ତର କରୁଛନ୍ତି। ଆଜି ପର୍ଯ୍ୟନ୍ତ ସେ ୫ ଟନ୍ ପାଖାପାଖି ପ୍ଲାଷ୍ଟିକ ସଂଗ୍ରହ କରି ପୁନଃଚକ୍ରଣ ପାଇଁ ଦେଇ ଏକ ନୂଆ ଉପଲବ୍ଧି ହାସଲ କରିଛନ୍ତି। ଏତଦବ୍ୟତୀତ ବେଳାଭୂମିକୁ ଆସୁଥିବା ପର୍ଯ୍ୟଟକମାନଙ୍କୁ ସଚେତନ କରାଉଛନ୍ତି। କେବଳ ସେତିକି ନୁହେଁ ବିଭିନ୍ନ ବିଦ୍ୟାଳୟ ମାନଙ୍କରେ ଛାତ୍ରଛାତ୍ରୀଙ୍କୁ ପ୍ଲାଷ୍ଟିକ ବ୍ୟବହାର ଓ ଏହାଦ୍ୱାରା ପରିବେଶ ଓ ଶରୀରରେ ଦେଖାଯାଉଥିବା ସମସ୍ୟା ସମ୍ପର୍କରେ ବୁଝାଇବା ସହିତ ପ୍ଲାଷ୍ଟିକ ବ୍ୟବହାର ନକରିବା ପାଇଁ ସଚେତନତା କରାଉଛନ୍ତି। ତାଙ୍କର ଏହି ନିଃସ୍ୱାର୍ଥପର ପରିବେଶ ସୁରକ୍ଷା ଓ ସେବା ମନୋଭାବ ପାଇଁ ବାପି ବିଭିନ୍ନ ମହଲରୁ ପ୍ରଶଂସା ଓ ସମ୍ମାନିତ ମଧ ହୋଇ ସାରିଛନ୍ତି।

କମ୍ ବୟସରୁ ବାପିଙ୍କର ପରିବେଶ ସୁରକ୍ଷା ଓ ସଚେତନତାକୁ ସମ୍ମାନ ଜଣାଇ ସୋମବାର ଭୁବନେଶ୍ୱରରେ ଆୟୋଜିତ ଧରିତ୍ରୀ ୟୁଥ୍ କନକ୍ଲେଭ ୨୦୨୫ ରେ ବାପିଙ୍କୁ କ୍ଲାଇମେଟ୍ ଗ୍ରାଣ୍ଟ୍ ଆୱାର୍ଡ ସହିତ ଏକ ଲକ୍ଷ ପୁରସ୍କାର ରାଶିରେ ସମ୍ମାନିତ କରାଯାଇଛି।

### ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା-୨୦୨୫

# ମତ୍ସ୍ୟ ଚାଷ, କାମଧେନୁ ଓ ପ୍ରାଣୀସମ୍ପଦ ଯୋଜନାରେ ସ୍ୱାବଲମ୍ବୀ ହୋଇପାରିବେ ଚାଷୀ

**ମାହାଙ୍ଗା,୨୫।୧୧(ସଂଚାର ବ୍ୟୁରୋ):** ମାହାଙ୍ଗା ବ୍ଲକ ଗୋକନ ଭଞ୍ଜମଣ୍ଡପ ପରିସରରେ ବ୍ଲକ ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା-୨୦୨୫ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନିଶ୍ଚିନ୍ତକୋଇଲି ମଣ୍ଡଳ ଉନ୍ନୟନ ଅଧିକାରୀ ସୁବାଶିଷ ପାଲଟାଙ୍କ ସଭାପତିତ୍ୱରେ



ମୁଖ୍ୟଅତିଥି ଭାବେ ରାଜ୍ୟ ମତ୍ସ୍ୟ, ପ୍ରାଣୀସମ୍ପଦ ବିକାଶ, ସୂକ୍ଷ୍ମ, କ୍ଷୁଦ୍ର ଓ ମଧମ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲିକ ଯୋଗଦାନ କରି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳାର ମୁଖ୍ୟ ଲକ୍ଷ୍ୟ ହେଉଛି ଏହି ବିଭାଗରେ ଯେଉଁ ଯୋଜନା ରହିଛି ତାହା କିପରି ପ୍ରକୃତ ହିତାଧିକାରୀଙ୍କ ପାଖରେ ପହଞ୍ଚିପାରିବ ଯାହାଦ୍ୱାରା ଏକ ବିକଶିତ ଓଡ଼ିଶା ବିକଶିତ ଭାରତ ଗଠନ ସମ୍ଭବ ଏବଂ ସେହି ସ୍ୱପ୍ନକୁ ସାକାର କରିବାକୁ ହେଲେ ପ୍ରଥମେ ଗ୍ରାମାଞ୍ଚଳର ବିକାଶ ଦରକାର, କୃଷକର ବିକାଶ ଓ ଚାଷୀର ବିକାଶ ହେଲେ ତାହାହିଁ ସମ୍ଭବ, ଏପରିକି ବିଭିନ୍ନ ଯୋଜନା ଯଥା କାମଧେନୁ ଗୋପାଳନ ଯୋଜନା, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ପ୍ରଧାନମନ୍ତ୍ରୀ ମତ୍ସ୍ୟ ଚାଷ ଯୋଜନା ଆଦି ବିଭିନ୍ନ ବିକାଶମୂଳକ ଯୋଜନା ରହିଛି ତାହାକୁ ଯଦି ଗାଁର ଚାଷୀମାନେ ସଠିକ୍ ଭାବେ କରିବେ ତାହେଲେ ନିଜେ ସ୍ୱାବଲମ୍ବୀ ହେବା ସହିତ ବିକଶିତ ଓଡ଼ିଶା ବିକଶିତ ଭାରତ ଗଠନରେ ସହାୟକ ମଧ ହୋଇପାରିବେ ବୋଲି ମନ୍ତ୍ରୀ ଶ୍ରୀ ମଲିକ ପ୍ରକାଶ କରିଥିଲେ।

ବିଶିଷ୍ଟ ଅତିଥି ଭାବେ ମାହାଙ୍ଗା ବିଧାୟକ ଶାରଦାପ୍ରସାଦ ପ୍ରଧାନ ଯୋଗଦାନ କରି ଗ୍ରାମାଞ୍ଚଳର ଲୋକମାନଙ୍କ ପାଇଁ କେନ୍ଦ୍ର ଓ ରାଜ୍ୟ ବିଜେପି ସରକାର ଯେଉଁ ଯୋଜନା ପ୍ରଣୟନ କରିଛନ୍ତି ତାହା ଅତ୍ୟନ୍ତ ଲାଭଦାୟକ ବୋଲି ମତବ୍ୟକ୍ତ କରିଥିଲେ। ମାହାଙ୍ଗା ମଣ୍ଡଳ ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼ା. ମୀନକେତନ ପଣ୍ଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ୭୪୦ଜଣ ଛାଷୀ ଯୋଗଦାନ କରିଥିବା ବେଳେ ୩୭୦ଜଣ ଚାଷୀ ମତ୍ସ୍ୟ ଚାଷ ପାଇଁ ଏବଂ ୩୭୦ଜଣ ପ୍ରାଣୀ ସମ୍ପଦ ଚାଷ ପାଇଁ ଚାଷୀ ଭାବେ ନାମ ପଞ୍ଜିକୃତ କରିଥିଲେ। ଏହି ଅବସରରେ ଶ୍ରେଷ୍ଠ ଚାଷୀ ମାନଙ୍କୁ ମୁଖ୍ୟଅତିଥି ପୁରସ୍କାର ରାଶି ପ୍ରଦାନ କରିବା ସହିତ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ମାହାଙ୍ଗା ପଞ୍ଚାୟତ ଗ୍ରାମୀଣ ହାଟ, ମାହାଙ୍ଗା ଗ୍ରାମପଞ୍ଚାୟତ ନୂତନ କଲ୍ୟାଣୀ ମଣ୍ଡପର ଶୁଭ ଶିଳାନ୍ୟାସ ସହିତ ଜଗନମୋହନ ଲାଲାଙ୍କ ଜୟନ୍ତୀ ସମାରୋହ ଅବସରରେ ମେଡ଼ିକାଲ ବଜାର ସ୍ମୃତି ମଣ୍ଡପ ଠାରେ ଏକ ଜୟନ୍ତୀ ସମାରୋହ ଆୟୋଜନ କରାଯାଇଥିଲା ବେଳେ ଏହି କ୍ରମରେ ଉଭୟ ମନ୍ତ୍ରୀ ଓ ବିଧାୟକ ଯୋଗଦାନ କରିଥିଲେ।

## ମାର୍ଶାଘାଇରେ କୁରାଳପଞ୍ଚମୀ ଉତ୍ସବ

**ମାର୍ଶାଘାଇ,୨୫।୧୧(ସଂଚାର ବ୍ୟୁରୋ):** ମାର୍ଶାଘାଇ ବ୍ଲକର ବିଭିନ୍ନ ଗ୍ରାମଗୁଡିକରେ କୁମ୍ଭାର ସମ୍ପ୍ରଦାୟର ପାରମ୍ପରିକ କୁରାଳପଞ୍ଚମୀ ଉତ୍ସବ ମଙ୍ଗଳବାର ଠାରୁ ଆରମ୍ଭ ହୋଇଛି । ଏହି ଅବସରରେ ମାର୍ଶାଘାଇ ମୁଖ୍ୟ ବଜାର ନିକଟ କୁମ୍ଭାରସାହିରେ ଧୂମଧାମରେ ପାଳିତ ହେଉଅଛି । କୁମ୍ଭାର ପରିବାରର ସଦସ୍ୟମାନେ ନୂଆବସ୍ତ୍ର ପରିଧାନ କରି ମାଟିପାତ୍ର ନିର୍ମାଣର ସମସ୍ତ ସରଞ୍ଜାମ ଯଥା ଚକ, ପିଣ୍ଡ,ପିଟଣା, ଗଉଣି, ପାଇଲି, କୋଡ଼ି, କୋଦାଳ,ଦାଆ, ମାଡ଼ିଆ,



ଚକ ସୁତା, ମାଟିପାତ୍ର ଭାଟିକୁ ଫୁଲ ଏବଂ ଅରୁଆଚାଉଳ ଆଣରେ ଚିତା ପକାଇ ସଜେଇ ସକାଳୁ ସକାଳୁ ପୂଜା କରିଥିଲେ। ଅପରାହ୍ନରେ ପରମ୍ପରା ଅନୁସାରେ ଏଣ୍ଡୁରି ପିଠା, କ୍ଷୀରି, ତରକାରୀ ଆଦି ପ୍ରସ୍ତୁତ କରାଯାଇ ଭୋଗଲାଗି କରାଯାଇଥିଲା। ଯୁବମୂର୍ତ୍ତିଶିଳ୍ପୀ ଜିତେନ୍ଦ୍ର ବେହେରା, ଭ୍ରମରବର ବେହେରାଙ୍କ ଦ୍ୱାରା ନିର୍ମିତ ହରପାର୍ବତୀଙ୍କ ସୁନ୍ଦର ମୃଣମୟ ମୂର୍ତ୍ତିକୁ ଗ୍ରାମ ମଧସ୍ଥ ଠାକୁରଘର ପୂଜା ମଣ୍ଡପରେ ପୂଜା କରାଯାଉଛି । ଏହି ବ୍ଲକ ଅନ୍ତର୍ଗତ ଅରଖିଆ, ବରେଇ, ଚକରପୁର, ଗରଜଙ୍ଗା (ବିଲସାହି) ପରକୁଳା, ପିକରାଳି, ନରସିଂହପୁର, ରଙ୍ଗାଳ, ଜଳପୋକ, ବଟିରା ମାହାରକୁଳ, ଯୋକିଆ ପ୍ରଭୃତି ଗ୍ରାମରେ କୁରାଳ ପଞ୍ଚମୀ ଉତ୍ସବ ପାଳନ କରାଯାଉଛି ।

## ଆୟୁଷ ଡାକ୍ତରଙ୍କ ସମସ୍ୟା ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର



**କେନ୍ଦ୍ରାପଡ଼ା,୨୫।୧୧(ସଂଚାର ବ୍ୟୁରୋ):** ଓଡିଶା ଆୟୁଷ ଡାକ୍ତର ମିଳିତ କ୍ରିୟାନୁଷ୍ଠାନ କମିଟି (ଏମ. ଏଚ. ୟୁ. ଆୟୁଷ ଡାକ୍ତର, କଲୋକେଟେଡ଼ ପ୍ରାଥମିକ ସ୍ୱାସ୍ଥକେନ୍ଦ୍ର,ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଆୟୁଷ ଡାକ୍ତର ଏବଂ ଆର. ବି. ଏସ. କେ. ଆୟୁଷ ଡାକ୍ତର) ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ ଆର. ଆୟାରଙ୍କୁ ଏକ ୧୦ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି । ସେହି ଦାବିପତ୍ରରେ ଉଲ୍ଲେଖ ରହିଛି ଯେ ଓଡିଶା ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଓ ଜାତୀୟ ସ୍ୱାସ୍ଥ୍ୟ ମିଶନରେ କାର୍ଯ୍ୟରତ ପ୍ରାୟ ୩ହଜାର ଚୁକ୍ତିଭିତ୍ତିକ ଆୟୁଷ ଡାକ୍ତର ଓ ଆୟୁଷ ବିଭାଗ ପ୍ରତି ସରକାରଙ୍କ ଉଦାସୀନତା, ଅବହେଳା ଓ କାଳକ୍ଷେପଣ ନୀତି ପାଇଁ ମିଳିତ କ୍ରୀୟାନୁଷ୍ଠାନ କମିଟି ଦୁଃଖ ପ୍ରକାଶ କରି ସମସ୍ୟାର ଆଶୁ ସମାଧାନ ପାଇଁ ସରକାରଙ୍କୁ ନିବେଦନ କରିଛି ।

ସ୍ୱାସ୍ଥ୍ୟ ବିଭାଗ ଅନ୍ତର୍ଗତ ରାଜ୍ୟ ସରକାରଙ୍କ ଅଧୀନରେ ଏମଏଚୟୁ ୨୦୦୧ ଓ ଏନଏଚଏମ ଅଧୀନରେ ଆୟୁଷ ଓପିଡିରେ ୨୦୦୭, ୨୦୧୩ ରେ ଆର ବି ଏସ କେ ଦୀର୍ଘ ୨୪ ବର୍ଷରୁ ଉର୍ଦ୍ଧ୍ୱ ହେବ ଆୟୁଷ ଡାକ୍ତରମାନେ ସ୍ୱାସ୍ଥ୍ୟ ସେବା ଯୋଗାଇ ଆସୁଥିଲେ ହେଁ ଆଜି ପର୍ଯ୍ୟନ୍ତ ସେମାନଙ୍କ ଚାକିରୀ ନିୟମିତ କରାଯାଇ ନାହିଁ । ଆୟୁଷ ଡାକ୍ତରଙ୍କ ଅବଦାନକୁ ନ୍ୟୁନ କରି ଗୋଟିଶ୍ରମିକ ଭାବେ ଅଳ୍ପ ପାରିଶ୍ରମିକ ଦେଇ ୨୦୦୧ ମସିହାରୁ ଆଜି ପର୍ଯ୍ୟନ୍ତ ଠିକାରେ ଖଟାଯାଉଛି । ସେମାନଙ୍କର ଦାବି ଗୁଡିକ ମଧରେ ଦୀର୍ଘ ବର୍ଷର ଚୁକ୍ତି ଭିକ ଚାକିରୀକୁ ସ୍ଥାୟୀ କରାଯିବା, ସ୍ଥାୟୀ ହେବା ପର୍ଯ୍ୟନ୍ତ ନିୟମିତ ଆୟୁଷ ଡାକ୍ତରଙ୍କ ସହ ସମାନୁପାତିକ ହାରରେ ବର୍ଦ୍ଧିତ ଦରମା ପ୍ରଦାନ, ୧୧ ମାସିଆ ଚୁକ୍ତି ବ୍ୟବସ୍ଥାର ସମ୍ପୂର୍ଣ ଉଚ୍ଛେଦ, ରାଜ୍ୟର ସମସ୍ତ ଆୟୁଷ ଡାକ୍ତରଙ୍କୁ ସ୍ୱତନ୍ତ୍ର ଆୟୁଷ ବିଭାଗରେ ଅନ୍ତର୍ଭୁକ୍ତ କରାଯାଇ ନିୟମିତ ଆୟୁଷ ଔଷଧ ଯୋଗାଣ ସହ ଆୟୁଷ ସହାୟକ ଅନ୍ୟ ସରକାରୀ କର୍ମଚାରୀଙ୍କ ଭଳି ସମାନ ଅନୁପାତରେ ଏକକାଳୀନ ମୃତ୍ୟୁ ସହାୟତା, ଦୁର୍ଘଟଣାରେ ଅକର୍ମଣ୍ୟ ବା ମୃତ୍ୟୁ ହେଲେ ଅନ୍ୟ ସରକାରୀ କର୍ମଚାରୀଙ୍କ ଭଳି ସମାନୁପାତିକ ସହାୟତା ପ୍ରଦାନ, ଜାତୀୟ ସ୍ୱାସ୍ଥ୍ୟ ମିଶନରେ ଥିବା ସମସ୍ତ କର୍ମଚାରୀଙ୍କ ପରି ମୋବାଇଲ ହେଲଥ ୟୁନିଟର ଡାକ୍ତରଙ୍କୁ ଇପିଏଫ ପରିଷର ଭୁକ୍ତ କରାଯିବା ପ୍ରଭୃତି ଦାବି ଗୁଡିକ ରହିଛି ।

ସେମାନଙ୍କ ଦାବି ଗୁଡିକୁ ଯୁଦ୍ଧ କାଳୀନ ଭିତ୍ତିରେ ପୂରଣ କରିବାକୁ ଓଡ଼ିଶା ଆୟୁଷ ଡାକ୍ତର ମିଳିତ କ୍ରିୟାନୁଷ୍ଠାନ କମିଟି ଦୃଢ଼ ଦାବି ଉପସ୍ଥାପନ କରିଛି। ଯଦି ଏହି ନାର୍ଯ୍ୟ ଦାବି ଗୁଡିକ ଆସନ୍ତା ଡିସେମ୍ବରମାସ ୨ତାରିଖ ସୁଦ୍ଧା ପୂରଣ ନହୁଏ ତେବେ ଆସନ୍ତା ୩ତାରିଖ ଠାରୁ ଗଣତାନ୍ତ୍ରିକ ଉପାୟରେ ଆୟୁଷ ଡାକ୍ତରମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବାକୁ ବାଧ ହେବେ ବୋଲି ଚେତାବନୀ ଦେଇଛନ୍ତି ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ



**ରାଜନଗର,୨୫।୧୧(ସଂଚାର ବ୍ୟୁରୋ):** ରାଜନଗର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ମଦନପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗାଲ୍ପିକ ପ୍ରଦୀପ ନାୟକଙ୍କ ପୌରହିତ୍ୟରେ ଆୟୋଜିତ କ୍ରୀଡ଼ା ଉତ୍ସବରେ ପ୍ରଧାନ ଆଚାର୍ଯ୍ୟ ପ୍ରତିମା ପାତ୍ର ପ୍ରଦୀପ ପ୍ରଜ୍ୱଳନ କରି କ୍ରିଡା ଉତ୍ସବକୁ ଉଦଘାଟନ କରିଥିଲେ । ବିଦ୍ୟାଳୟର ପ୍ରତିଷ୍ଠିତା ଦୁଷ୍ମନ୍ତ କୁମାର ନାୟକ ଅନ୍ୟତମ ଅତିଥି ଭାବେ ଯୋଗ ଦେଇ ପିଲା ମାନଙ୍କୁ ଉତ୍ସାହିତ କରିଥିଲେ । ପିଲାମାନଙ୍କ ମଧରେ ୧୦୦ ଏବଂ ୨୦୦ ମିଟର ଦୌଡ଼, ଲମ୍ବଡ଼ିଆଁ, ଉଚ୍ଚଡିଆଁ, ସଙ୍ଗୀତ ପ୍ରତିଯୋଗିତା, ମିଉଜିକ ଚେୟାର ପ୍ରଭୃତି ଖେଳ ଅନୁଷ୍ଠିତ ହୋଇଥିଲା । ଏହି କ୍ରୀଡ଼ା ଉତ୍ସବକୁ ବିଦ୍ୟାଳୟର ଗୁରୁଜୀ, ଗୁରୁମା ପରିଚାଳନା କରିଥିଲେ । ଛାତ୍ରୀ ଶର୍ମିଷ୍ଠା ମହାନ୍ତି ଚମ୍ପିୟାନ ହୋଇଥିଲେ ।

### ଅଇନିପଡ଼ା-ପଛପଡ଼ା ଗାଁ ଉତ୍ସବ 'ବସୁଧା' ଉଦ୍‌ଯାପିତ

# ଆଧୁନିକତା ଉଜାଡ଼ି ଦେଇଛି ଗାଁର ମାଦକତା ଓ ଭାଇଚାରା

**ପଟ୍ଟାମୁଣ୍ଡାଇ,୨୫।୧୧ (ସଂଚାର ବ୍ୟୁରୋ):** ଜାତିର ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଅନୁଯାୟୀ ପ୍ରାଚୀନ ଭାରତର ଆତ୍ମା ଗାଁ ରେ ରହିଛି । ସମ୍ପ୍ରତି ଆଧୁନିକତାର ସ୍ପର୍ଶରେ ବଦଳି ଯାଇଛି ଗାଁର ପରିପାଟି ଓ ଚଳଣି । ମାତ୍ର ଉଜୁଡି ଯାଇଛି ଗାଁର ପୂର୍ବ ମାଦକତା ଓ ସ୍ନେହ ପ୍ରେମ ଓ ଭାଇଚାରା। ଆଧୁନିକତାରେ ବିଭୋର ହୋଇ ଗାରିମାମୟ ଗାଁକୁ



ଆଉ କଳୁଷିତ ଓ ବିକଳାଙ୍ଗ କରାନଯାଉ ବୋଲି ଅଇନିପଡ଼ା-ପଛପଡ଼ା ଗାଁଉତ୍ସବ 'ବସୁଧା'ର ପଞ୍ଚଦଶତମ ଉତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ଯୋଗ ଦେଇ ବିଶିଷ୍ଟ ଅତିଥିମାନେ ମତ ପ୍ରକାଶ କରିଛନ୍ତି।

ଶିକ୍ଷାବିତ ସ୍ୱର୍ଗତ ପ୍ରହଲ୍ଲାଦ ନାଥଙ୍କ ସ୍ମୃତି ଉଦେଶ୍ୟରେ ଗଠିତ ସ୍ମୃତି କମିଟି ସଭାପତି ରଜନୀକାନ୍ତ ନାଥଙ୍କ ପୌରହିତ୍ୟରେ ଆୟୋଜିତ ମନୋଜ୍ଞ ଉତ୍ସବରେ ରାଜ୍ୟ ସଂସ୍କୃତି ବିଭାଗର ପୂର୍ବତନ ଯୁଗ୍ମ ସଚିବ ବିଶିଷ୍ଟ କବି ଡକ୍ଟର ରଂଜନ କୁମାର ଦାସ ଉଦ୍‌ଘାଟକ ଭାବେ ଯୋଗ ଦେଇ ସାମ୍ପ୍ରତିକ ସମୟରେ ବିଲୁପ୍ତ ହୋଇଥିବା ଗାଁର ଅଭୁଲା କଳା, ସଂସ୍କୃତି, ଭାଇଚାରା ଓ ପରମ୍ପରାକୁ ଉଜ୍ଜୀବିତ କରିବା ପାଇଁ ବସୁଧା ଆରମ୍ଭ କରିଥିବା ପ୍ରୟାସ ସଫଳ ହେଉ ବୋଲି କାମନା କରିଥିଲେ।

କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର୍, ଆୟାର୍ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଗାଁର କୁନି କୁନି ପିଲାମାନଙ୍କୁ ସଫଳ କ୍ୟାରିୟର ଗଠନ କରି ଜୀବନର ସବୁ କ୍ଷେତ୍ରରେ ସଫଳ ହେବା ଦିଗରେ ଉପଯୁକ୍ତ ମାର୍ଗ ଦର୍ଶନ କରିବାକୁ ଗ୍ରାମବାସୀ ଓ ଅଭିଭାବକମାନଙ୍କୁ ଆହ୍ୱାନ ଦେଇଥିଲେ। ଏଇ ଅବସରରେ ବସୁଧା ପକ୍ଷରୁ ରିଜର୍ଭ ବ୍ୟାଙ୍କର ଆଞ୍ଚଳିକ ନିର୍ଦ୍ଦେଶକ ଡକ୍ଟର ଶାରଦା ପ୍ରସନ୍ନ ମହାନ୍ତିଙ୍କୁ ବସୁଧା ସମ୍ମାନ, ଲୋକପ୍ରିୟ ଚଳଚିତ୍ର ଅଭିନେତ୍ରୀ ନମ୍ରତା ଦାସଙ୍କୁ ବସୁଧା କଳାରତ୍ନ ସମ୍ମାନ ପ୍ରଦାନ କରାଯାଇଥିଲା। ଏଇ ଅବସରରେ କେନ୍ଦ୍ରାପଡ଼ା ଜିଲ୍ଲାର ୧୦ ଜଣ ମାଟ୍ରିକ୍ ଟପର୍ ଅନୁଷ୍ଠାନ ପକ୍ଷରୁ ପୁରସ୍କାର ଓ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ଖୋର୍ଦ୍ଧା ରୋଡ୍ ମଣ୍ଡଳର ଐତିହାସିକ ସଫଳତା

● ୨୦୦ ନିୟୁତ ଟନ୍ ପରିବହନରେ ଦ୍ରୁତତମ ରେଳମଣ୍ଡଳ



**ଭୁବନେଶ୍ୱର,୨୫।୧୧(ସଂଚାର ବ୍ୟୁରୋ):** ପୂର୍ବତଟ ରେଳପଥ ଅନ୍ତର୍ଗତ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଚଳିତ ଆର୍ଥିକ ବର୍ଷରେ ୨୦୦ ନିୟୁତ ଟନ୍ ପରିବହନ ପରିଚାଳନା କରିବାରେ ଭାରତୀୟ ରେଳବାଇର ସବୁଠାରୁ ଦ୍ରୁତତମ ରେଳମଣ୍ଡଳ ସାବ୍ୟସ୍ତ ହୋଇଛି। ଏହି ଐତିହାସିକ ସଫଳତା ଗତ ୨୧ ତାରିଖ ସୁଦ୍ଧା ମାତ୍ର ୨୩୫ ଦିନରେ ହାସଲ କରାଯାଇପାରିଛି। ଏହା ମଣ୍ଡଳର ବର୍ଦ୍ଧିତ ପଣ୍ୟ ପରିବହନ କ୍ଷମତା ଓ ପରିଚାଳନାଗତ ଉତ୍କର୍ଷତାକୁ ସ୍ପଷ୍ଟ କରିଛି। ଏହି ମଣ୍ଡଳ ମୋଟ ୨୦୦ ମେଟ୍ରିକ୍ ଟନ୍ ପରିବହନ କରିଛି। ଏଥିରେ ୧୧୦ ମେଟ୍ରିକ୍ ଟନ୍ ଲୋଡିଂ, ଯାହା ମୁଖ୍ୟତଃ କୋଇଲା, ଖଣିଜ ପଦାର୍ଥ, ଇସ୍ପାତ ଏବଂ ଅନ୍ୟାନ୍ୟ ପ୍ରମୁଖ ସାମଗ୍ରୀ ଦ୍ୱାରା ପରିଚାଳିତ, ୯୦ ମେଟ୍ରିକ୍ ଟନ୍ ଅନଲୋଡିଂ, ସମଗ୍ର ଅଞ୍ଚଳରେ ସୁଗମ ବଣ୍ଟନ ଏବଂ ଶେଷରୁ ଶେଷ ପର୍ଯ୍ୟନ୍ତ ମାଲ ପରିବହନ ସୁନିଶ୍ଚିତ କରିଛି। ଏହି ସଫଳତା ମଣ୍ଡଳର ସୁଦୃଢ଼ କାର୍ଯ୍ୟକ୍ଷମ ପ୍ରଣାଳୀ, ରେକଗୁଡିକର ବର୍ଦ୍ଧିତ ଗତିଶୀଳତା, ଶିଳ୍ପ ଅଂଶୀଦାରଙ୍କ ସହ ଦକ୍ଷ ସମନ୍ୱୟ ଓ ସମୟବଦ୍ଧ ଚଳାଚଳ ପାଇଁ ନିରନ୍ତର ପ୍ରୟାସକୁ ପ୍ରତିଫଳିତ କରିଛି। ପ୍ରମୁଖ ଶିଳ୍ପ କ୍ଲଷ୍ଟର, ବନ୍ଦର ଓ ପାୱାର ହାଉସଗୁଡ଼ିକ ରେଳ ପରିବହନ ଉପରେ ବହୁଳ ଭାବେ ନିର୍ଭର କରୁଥିବାରୁ ଖୋର୍ଦ୍ଧା ରୋଡ୍ ଡିଭିଜନ ଆଞ୍ଚଳିକ ଓ ଜାତୀୟ ଯୋଗାଣ ଶୃଙ୍ଖଳକୁ ସମର୍ଥନ କରୁଥିବା ଏକ ରଣନୈତିକ ପଣ୍ୟ ପରିବହନ କରିଡର ଭାବେ କାର୍ଯ୍ୟ କରିଆସୁଛି। ଡିଭିଜନର ପ୍ରଦର୍ଶନ ଏହାର ସୁରକ୍ଷା, ନିର୍ଭରଯୋଗ୍ୟତା ଓ ମୂଲ୍ୟ-ପ୍ରଭାବଶାଳୀତା ହେତୁ ରେଳ ଆଧାରିତ ଲଜିଷ୍ଟିକ୍ସ ପ୍ରତି ବର୍ଦ୍ଧିତ ପସନ୍ଦକୁ ମଧ୍ୟ ଉଲ୍ଲେଖ କରୁଛି। ଏହି ସମସ୍ତ ଉନ୍ନତ ସୁବିଧା ସମ୍ଭବ ହୋଇପାରିଛି କାରଣ ଡିଭିଜନରେ କାର୍ଯ୍ୟଦକ୍ଷତାରେ ବୃଦ୍ଧି, ବିଦ୍ୟମାନ ସମ୍ପତ୍ତିର ଉତ୍ତମ ବ୍ୟବହାର ଏବଂ ସମଗ୍ର ଡିଭିଜନରେ ଆଧୁନିକ କାର୍ଯ୍ୟପ୍ରଣାଳୀ ଗ୍ରହଣ ଦ୍ୱାରା ସଫଳ ହୋଇଛି। ପୂର୍ବତଟ ରେଳପଥ ବର୍ଦ୍ଧିତ ମାଲ ପରିବହନ ଚାହିଦା ପୂରଣ କରିବା ଓ ଜାତୀୟ ଅର୍ଥନୈତିକ ଅଭିବୃଦ୍ଧିରେ ଯୋଗଦାନ ଦେବା ପାଇଁ ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରିବା, ପରିଚାଳନା କ୍ଷମତା ବୃଦ୍ଧି କରିବା ଏବଂ କାର୍ଯ୍ୟକ୍ଷମ ସଂସ୍କାର କାର୍ଯ୍ୟକାରୀ କରିବା ପାଇଁ ପ୍ରତିବଦ୍ଧ।

# ହ୍ୟୁମାନଙ୍କ ମୃତ୍ୟୁ ପଛରେ ଷଡ଼ଯନ୍ତ୍ର: ସିବିଆଇ ତଦନ୍ତ ପାଇଁ ଦାବି କଲା ବିସିୱାଇଏଫ୍



**ବଲାଙ୍ଗୀର,୨୫।୧୧ (ସଂଚାର ବ୍ୟୁରୋ):** ଜଣାଶୁଣା କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ମୃତ୍ୟୁ ବିବାଦକୁ ସପ୍ତାହେ ପୂରିଯାଇଥିଲେ ବି ଅଦ୍ୟାବଧି ଏହା ଥମିବାର ନାଁ ଧରୁନାହିଁ। ଏହି କ୍ରମରେ ଆଜି ବଲାଙ୍ଗୀର ଏସ୍‌ପି କାର୍ଯ୍ୟାଳୟରେ ପହଞ୍ଚି ବଲାଙ୍ଗୀର ଖ୍ରୀଷ୍ଟିଆନ ୟୁଥ୍ ଫୋରମ (ବିସିୱାଇଏଫ୍)ର ସଦସ୍ୟମାନେ ହ୍ୟୁମାନ୍‌ଙ୍କ ମୃତ୍ୟୁ ଏକ ବଡ଼ ଷଡ଼ଯନ୍ତ୍ର ହୋଇଥିବାରୁ ଏହାର ସିବିଆଇ ତଦନ୍ତ କରାଯିବା ସକାଶେ ଦାବି ଉପସ୍ଥାପନ କରିଛନ୍ତି। ସଙ୍ଗଠନର ପ୍ରତିନିଧିମାନେ ହ୍ୟୁମାନଙ୍କ ଦୁଇ ମ୍ୟାନେଜର ଦିନେଶ ବେହେରା ଏବଂ ପ୍ରଶାନ୍ତ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସକାଶେ ଦାବି କରିଛନ୍ତି। ସେମାନେ କହିଛନ୍ତି ଯେ ହ୍ୟୁମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ନ ଥିବା ସମୟରେ ମଧ୍ୟ ଷ୍ଟେଜ୍ ଶୋ' ପାଇଁ ତାଙ୍କୁ ବାଧ୍ୟ କରାଯାଉଥିଲା। ଅସୁସ୍ଥ ହ୍ୟୁମାନଙ୍କୁ ଜୋରଜବରଦସ୍ତ ଷ୍ଟେଜ୍‌କୁ ନେଇ ପ୍ରୋଗ୍ରାମ କରି ତାଙ୍କ ଜୀବନକୁ ବିପଦକୁ ଠେଲିଦେଇଥିବାରୁ ତାଙ୍କର ଦୁଇ ମ୍ୟାନେଜର୍ ଏଥିପାଇଁ ଦାୟୀ ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏପରିକି ହ୍ୟୁମାନଙ୍କ ମା'ଙ୍କୁ ମ୍ୟାନେଜର ଦିନେଶ ଯେଭଳି ଦୁର୍ବ୍ୟବହାର ପ୍ରଦର୍ଶନ କରିଛନ୍ତି, ତାକୁ ମଧ୍ୟ ସେମାନେ କଡ଼ା ଭାଷାରେ ସମାଲୋଚନା କରି ଏଥିପାଇଁ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ସେମାନେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅମ୍ରିତ କୁମାର ପଣ୍ଡାଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

# ତୀର୍ଥରେ ଗଲେ ୬ ଜିଲ୍ଲାର ୭୭୫ ବରିଷ୍ଠ ନାଗରିକ

> ➤ ଉଜ୍ଜୟିନୀ ଓ ଓଁକାରେଶ୍ୱର ଦର୍ଶନ କରିବେ
> ➤ ମଙ୍ଗଳ କାମନା କଲେ ଉପମୁଖ୍ୟମନ୍ତ୍ରୀ
> ➤ ୨୦୨୫-୨୬ ବର୍ଷ ପାଇଁ ଦ୍ୱିତୀୟ ଟ୍ରେନ୍‌ର ଶୁଭାରମ୍ଭ



**ଭୁବନେଶ୍ୱର,୨୫।୧୧(ସଂଚାର ବ୍ୟୁରୋ):** ପରିଣତ ବୟସରେ ତୀର୍ଥଯାତ୍ରା ଓ ଭଗବାନଙ୍କ ସାନିଧ୍ୟ ଲାଭ ପାଇଁ ସମସ୍ତଙ୍କର ଇଚ୍ଛା ଥାଏ। ଏହି ଇଚ୍ଛାକୁ ପୂରଣ କରିବା ଉଦ୍ଦେଶ୍ୟରେ ଅନୁଷ୍ଠିତ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଏକ ମହତ୍ତ୍ୱାକାଂକ୍ଷୀ କାର୍ଯ୍ୟକ୍ରମ। ଏହି କାର୍ଯ୍ୟକ୍ରମ ଜରିଆରେ ପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କଠାରୁ ଉଜ୍ଜୟିନୀ ପୀଠକୁ ବରିଷ୍ଠ ନାଗରିକମାନଙ୍କ ତୀର୍ଥଯାତ୍ରା ମଙ୍ଗଳମୟ ହେଉ ବୋଲି ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ବିଭାଗ ମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ୨୦୨୫-୨୬ ଆର୍ଥିକ ବର୍ଷରେ ବରିଷ୍ଠ ନାଗରିକଙ୍କ ସକାଶେ ଦ୍ୱିତୀୟ ଟ୍ରେନ୍‌ର ଶୁଭାରମ୍ଭ କରବା ଅବସରରେ ଶ୍ରୀମତୀ ପରିଡ଼ା ଏହା କହିବା ସହ ଆଜି ୬ଟି ଜିଲ୍ଲାରୁ ୭୭୫ ଜଣ ବରିଷ୍ଠ ନାଗରିକ ଉଜ୍ଜୟିନୀ ଓ ଓଁକାରେଶ୍ୱର ଦର୍ଶନ ପାଇଁ ଯିବା ପରେ ସେମାନଙ୍କ ମଙ୍ଗଳମୟ ଯାତ୍ରା ପାଇଁ କାମନା କରିଛନ୍ତି। ଚଳିତ ଆର୍ଥିକ ବର୍ଷରେ ୧୦ଟି ପର୍ଯ୍ୟାୟରେ ପ୍ରାୟ ୮ ହଜାର ବରିଷ୍ଠ ନାଗରିକଙ୍କୁ ଦେଶର ବିଭିନ୍ନ ତୀର୍ଥସ୍ଥାନ ଭ୍ରମଣ କରିବାର ସୁଯୋଗ ଦେବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦିଗଦର୍ଶନରେ ଆଜି ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ଓ ଇଣ୍ଡିଆନ ରେଲୱେ କ୍ୟାଟରିଙ୍ଗ, ଟୁରିଜିମ କର୍ପୋରେସନ ଓ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନର ସହଭାଗିତାରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ଦ୍ୱିତୀୟ ଟ୍ରେନ ଭୁବନେଶ୍ୱର ରେଳ ଷ୍ଟେସନଠାରୁ ଉଜ୍ଜୟିନୀ-ଓଁକାରେଶ୍ୱର ଅଭିମୁଖେ ଯାତ୍ରା ଆରମ୍ଭ କରିଛି। ଏହି ଯାତ୍ରାରେ ଖୋର୍ଦ୍ଧା ଜିଲ୍ଲାରୁ ୧୬୯, ପୁରୀରୁ ୧୨୭, କଟକରୁ ୧୯୭, ଜଗତସିଂହପୁର ୮୫, କେନ୍ଦ୍ରାପଡ଼ାରୁ ୮୯, ଢେଙ୍କାନାଳରୁ ୧୦୮, ଏହିପରି ମୋଟ ୭୭୫ଜଣ ବରିଷ୍ଠ ନାଗରିକ ଓ ସେମାନଙ୍କ ସହାୟକ ଭାବେ ୨୫ ଜଣ ଏହି ଯାତ୍ରାରେ ସାମିଲ ଅଛନ୍ତି। ତୀର୍ଥଯାତ୍ରା ଶେଷ ପରେ ଆସନ୍ତା ୩୦ରେ ତୀର୍ଥଯାତ୍ରୀମାନେ ଭୁବନେଶ୍ୱର ଫେରିବେ।

ଆଜିର କାର୍ଯ୍ୟକ୍ରମରେ ଭୁବନେଶ୍ୱର-ଏକାମ୍ର ବିଧାୟକ ବାବୁ ସିଂ, ପୁରୀ ବିଧାୟକ ସୁନିଲ ମହାନ୍ତି, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ପର୍ଯ୍ୟଟନ ବିଭାଗ କମିଶନର ତଥା ଶାସନ ସଚିବ ବଲୱନ୍ତ ସିଂ, ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ ଋତୁରାଜ ମଧ୍ୟ ତୀର୍ଥଯାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏଡିଆର୍‌ଏମ୍ ପ୍ରଦୀପ କୁମାର ବେହେରା, ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଭୁବନେଶ୍ୱର ଅତିରିକ୍ତ ଜିଲ୍ଲାପାଳ ରୁଦ୍ର ନାରାୟଣ ମହାନ୍ତି, ଭୁବନେଶ୍ୱର ଉପଜିଲ୍ଲାପାଳ ଡ଼ଃ ମନୋରଞ୍ଜନ ସାହୁ ଉପସ୍ଥିତ ଥିଲେ। ପର୍ଯ୍ୟଟନ ନିର୍ଦ୍ଦେଶକ ଦୀପଙ୍କର ଦାସ ଧନ୍ୟବାଦ ଦେଇଥିଲେ।

# ସପ୍ତାହରେ ୭ ଦିନ ଚାଲିବ ଉଧନା-ବ୍ରହ୍ମପୁର ଅମୃତ ଭାରତ ଏକ୍ସପ୍ରେସ୍

**ଭୁବନେଶ୍ୱର,୨୫।୧୧(ସଂଚାର ବ୍ୟୁରୋ):** ଓଡିଶା ଓ ଗୁଜରାଟ ମଧ୍ୟରେ ଯାତ୍ରୀ ସୁବିଧାରେ ବୃଦ୍ଧି ଏବଂ ଦୂରଗାମୀ ସଂଯୋଗୀକରଣକୁ ଉନ୍ନତ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ ରେଳ ମନ୍ତ୍ରଣାଳୟ ଟ୍ରେନ୍ ନମ୍ବର ୧୯୦୨୧/୧୯୦୨୨ ଉଧନା-ବ୍ରହ୍ମପୁର-ଉଧନା ଅମୃତ ଭାରତ ଏକ୍ସପ୍ରେସ୍‌ର ଚଳାଚଳ ସପ୍ତାହରେ ତିନିଦିନ ପରିବର୍ତ୍ତେ ସାତ ଦିନ କରିବା ପାଇଁ ଅନୁମୋଦନ କରିଛି। ଏହି ନିଷ୍ପତ୍ତି ଯୋଗାଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହିତ ଓଡ଼ିଶା ଓ ଗୁଜରାଟ ମଧ୍ୟରେ ଥିବା ଅଞ୍ଚଳଗୁଡ଼ିକରେ ଯାତ୍ରୀମାନଙ୍କୁ ଉନ୍ନତ ଯାତ୍ରା ସେବା ପ୍ରଦାନ କରିବା ଲାଗି ରେଳ ମନ୍ତ୍ରୀଙ୍କ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଉପରୋକ୍ତ ପରିବର୍ତ୍ତନଗୁଡିକ ଖୁବଶୀଘ୍ର ଯାତ୍ରୀମାନଙ୍କ ପାଇଁ କାର୍ଯ୍ୟକାରୀ ହେବ ବୋଲି ରେଳବାଇ ପକ୍ଷରୁ କୁହାଯିବା ସହ ଏନେଇ ପରବର୍ତ୍ତୀ ସମୟରେ ସବିଶେଷ ସୂଚନା ଦିଆଯିବ ବୋଲି କୁହାଯାଇଛି।

# ରାଜ୍ୟରେ ବଢ଼ିଲା ବାଘ ସଂଖ୍ୟା

**ବାରିପଦା,୨୫।୧୧(ସଂଚାର ବ୍ୟୁରୋ):** ଚଳିତ ବର୍ଷ ରାଜ୍ୟରେ ବାଘ ସଂଖ୍ୟା ବୃଦ୍ଧି ପାଇଛି। ଏନେଇ ଆଜି ପିସିସିଏଫ୍ ପ୍ରେମ କୁମାର ଝା ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଚଳିତ ବର୍ଷ ଶିମିଳିପାଳରେ ବାଘ ସଂଖ୍ୟା ବୃଦ୍ଧି ପାଇ ୩୨ରେ ପହଞ୍ଚିଛି। ଗତ ବର୍ଷ ତୁଳନାରେ ଏହା ୫ ଅଧିକ। ବିଭିନ୍ନ ଜୋନ୍‌ରେ ଲଗାଯାଇଥିବା କ୍ୟାମେରା ଏହି ସଂଖ୍ୟକ ବାଘଙ୍କ ପାଦଚିହ୍ନ ରେକର୍ଡ କରିବା ପରେ ଏହା ସ୍ପଷ୍ଟ ହୋଇଛି। ଏହି ବାଘ ମଧ୍ୟରେ ୯ଟି ଛୁଆ ରହିଛନ୍ତି। ପାଖାପାଖି ଦୁଇ ମାସ ତଳେ ହୋଇଥିବା ସର୍ଭେରୁ ଏହା ସ୍ପଷ୍ଟ ହୋଇଥିବା ଶ୍ରୀ ଝା କହିଛନ୍ତି। ସୂଚନାଯୋଗ୍ୟ ଯେ ଜାତୀୟ ସ୍ତରରେ ବାଘଙ୍କ ସଂଖ୍ୟା ୨୦୦୬ରୁ ୨୦୧୮ ମଧ୍ୟରେ ୩୦ ପ୍ରତିଶତ ବୃଦ୍ଧି ପାଇଥିବା ଜଣାପଡ଼ିଛି।

## ଆୟୁଷ୍ମାନ କାର୍ଡରେ ଦେୟମୁକ୍ତ ଚିକିତ୍ସା ପାଇଲେଣି ୫.୮୧ ଲକ୍ଷ

# ଉପାନ୍ତ ଗ୍ରାମାଞ୍ଚଳର କୁନିଝିଅକୁ ଦେଲା ପୁନର୍ଜନ୍ମ



> ରାଜ୍ୟ ବାହାରେ ଚିକିତ୍ସିତ ହେଇଛନ୍ତି ୪୯ ହଜାର ବ୍ୟକ୍ତି

**ଭୁବନେଶ୍ୱର,୨୫।୧୧(ସଂଚାର ବ୍ୟୁରୋ):** ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା-ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା କାର୍ଡ କେନ୍ଦ୍ରାପଡ଼ା ଜିଲ୍ଲା ଉପାନ୍ତ ଭିତରକନିକାରୁ ଆସିଥିବା ଅଢ଼େଇ ବର୍ଷର କୁନିଝିଅକୁ ଦେଇଛି ପୁନର୍ଜନ୍ମ। ଝିଅଟି ପାଇଛି ସୁସ୍ଥ ଭାବେ ବଞ୍ଚିବାର ଅଧିକାର। ଏହି ଖବର ପୂରା ଗ୍ରାମରେ ଖୁସି ଓ ସନ୍ତୋଷର ବାତାବରଣ ଖେଳାଇ ଦେଇଛି। ରାଜନଗର ବ୍ଲକ ଖମାର ସାହି ପଞ୍ଚାୟତ ଅନ୍ତର୍ଗତ ଡାଙ୍ଗମାଳ ଗ୍ରାମର ବିଜୟ ସାହୁ ଜଣେ ସାଧାରଣ ଚାଷୀ ହୋଇଥିବା ବେଳେ ଚାଷ ସହ ମାଛ ଚାଷ ମଧ୍ୟ କରନ୍ତି। ତେବେ ତାଙ୍କ ଅଢ଼େଇ ବର୍ଷର ଝିଅ ଦିବ୍ୟାଂଶ୍ରୀର ଅସୁସ୍ଥତା ପରିବାର ଲୋକଙ୍କୁ ଚିନ୍ତାରେ ପକାଇଦେଇଥିଲା। ସେ ତଳି ପେଟରେ ଯନ୍ତ୍ରଣା ପାଇବା ସହ ଓଜନ କମିବା, ଭୋକ ନ ହେବା, ଲଗାତାର ଜର ହେବା ଆଦି ସମସ୍ୟା ସହ ଜୁଝୁଥିଲା। ତେବେ ଭୁବନେଶ୍ୱର କିମ୍ସରେ ପରୀକ୍ଷାନିରୀକ୍ଷା ପରେ ତା'ର ଲିଭର ଟ୍ୟୁମର ହୋଇଥିବା ଜଣାପଡ଼ିଥିଲା। ଦିବ୍ୟାଂଶ୍ରୀ ହେପାଟୋବ୍ଲାଷ୍ଟୋମା (ଏକପ୍ରକାର ବିରଳ ଲିଭର ଟ୍ୟୁମର)ରେ ଆକ୍ରାନ୍ତ ଥିବା ବେଳେ ଏହା ଶରୀରର ଫୁସଫୁସ ଆଦି ଅନ୍ୟ ଅଙ୍ଗକୁ ମଧ୍ୟ ସଂକ୍ରମିତ ହେବା ଆରମ୍ଭ କରିଥିଲା। ଯଥାଶୀଘ୍ର ଶିଶୁ-ରକ୍ତ ବିଜ୍ଞାନ ଅଙ୍କୋଲୋଜିଷ୍ଟ ଡାକ୍ତର ପ୍ରକାଶ ଦାଶଙ୍କ ତତ୍ତ୍ୱାବଧାନରେ ଚିକିତ୍ସା ଆରମ୍ଭ ହୋଇଥିଲା। ଏକ ବହୁ ବିଭାଗୀୟ ଟିମ୍ ଗଠନ କରାଯାଇଥିବା ବେଳେ ଏଥିରେ କିମସ୍‌ର ୭ଟି ବିଭାଗରୁ ୧୫ ଜଣ ବରିଷ୍ଠ ଡାକ୍ତର ସାମିଲ ହୋଇଥିଲେ। ପରେ ଏକ ଜଟିଳ ଟ୍ରାନ୍ସ ଆର୍ଟେରିଆଲ କେମୋ-ଏମ୍ବୋଲାଇଜେସନ୍ (ଟେସ୍) ପ୍ରକ୍ରିୟା ସହ ଏକ୍ସଟେଣ୍ଡେଡ୍ ଲିଭର ରିସେକ୍ସନ୍ କରାଯାଇଥିଲା। ଦିବ୍ୟାଂଶ୍ରୀର ଅପରେସନ ନିମନ୍ତେ ଏହି ପ୍ରକ୍ରିୟା ଅତ୍ୟନ୍ତ ଜଟିଳ ଓ ବିରଳ ଚିକିତ୍ସା ପଦ୍ଧତି ଥିଲା। ତେବେ ଡାକ୍ତରଖାନାରେ ଆଡମିଶନ ହେବାର ମାସେ ଭିତରେ ଦିବ୍ୟାଂଶ୍ରୀ ସୁସ୍ଥତା ଲାଭ କରିଥିଲା। ଗତ ସେପ୍ଟେମ୍ବର ୧୬ରେ ତାକୁ ଡିସଚାର୍ଜ କରାଯାଇଥିଲା। ଏ ବାବଦରେ ବିଜୟଙ୍କ ଆୟୁଷ୍ମାନ୍ କାର୍ଡରୁ ୨.୧୪ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା। ଏବେ ଦିବ୍ୟାଂଶ୍ରୀର ପ୍ରଥମ ଚେକଅପ୍ ଶେଷ ହୋଇଛି ଓ ସେ ସୁସ୍ଥ ରହିବା ସହ ଖୁସିରେ ଖିଆପିଆ ଓ ଖେଳକୁଦ କରୁଛି। ମା' ଅନିମା ଆୟୁଷ୍ମାନ କାର୍ଡ ତାଙ୍କ ଝିଅକୁ ନୂଆ ଜୀବନ ଦେଇଛି ଓ ଏହି କାର୍ଡ ବାସ୍ତବରେ ଗରିବଗୁରୁବାଙ୍କ ସାହାରା ବୋଲି କହିବା ସହ ଏଥିସକାଶେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ସୂଚନାଯୋଗ୍ୟ ଯେ ଗତ ଏପ୍ରିଲରୁ ଆୟୁଷ୍ମାନ ଭାରତ ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ମିଳିତ ଭାବେ କାର୍ଯ୍ୟକାରୀ ହେବା ଗତ ୨୪ ତାରିଖ ସୁଦ୍ଧା ୫.୮୧ ଲକ୍ଷରୁ ଅଧିକ କାର୍ଡଧାରୀ ବିଭିନ୍ନ ତାଲିକାଭୁକ୍ତ ହସ୍ପିଟାଲରେ ୮.୨୫ ଲକ୍ଷ ଥର ପ୍ରାୟ ୨୨୭୧ କୋଟି ଟଙ୍କା ମୂଲ୍ୟର ଦେୟମୁକ୍ତ ଚିକିତ୍ସା ପାଇସାରିଛନ୍ତି।

## ବେଦାନ୍ତର ନିରାପଦ ପାନୀୟ ଜଳ ସୁବିଧା

# କୋରାପୁଟ ଜିଲ୍ଲାରେ ୩ ହଜାର ଛାତ୍ରଛାତ୍ରୀ ପାଉଛନ୍ତି ଫାଇଦା




> ବିଭିନ୍ନ ବିଦ୍ୟାଳୟରେ ୩୦ ଜଳ ବିଶୋଧନ ୟୁନିଟ୍ ସ୍ଥାପିତ

**ଭୁବନେଶ୍ୱର,୨୫।୧୧(ସଂଚାର ବ୍ୟୁରୋ):** ଦେଶର ପ୍ରମୁଖ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ କୋରାପୁଟ ଜିଲ୍ଲାର କୋଡିଙ୍ଗାମାଳିର ବିଭିନ୍ନ ବିଦ୍ୟାଳୟରେ ୩୦ଟି ଜଳ ବିଶୋଧନ ୟୁନିଟ ସ୍ଥାପନ କରି ସ୍କୁଲ ପିଲାଙ୍କ ପାଇଁ ନିରାପଦ ପାନୀୟ ଜଳ ଉପଲବ୍ଧ କରାଇଛି, ଯାହାର ଫାଇଦା ୩ ହଜାରରୁ ଅଧିକ ଛାତ୍ରଛାତ୍ରୀ ପାଉଛନ୍ତି। ଶିକ୍ଷାନୁଷ୍ଠାନଗୁଡ଼ିକରେ ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତାର ମାନକୁ ସୁଦୃଢ଼ କରିବା ଲାଗି କମ୍ପାନୀର ଫ୍ଲାଗସିପ୍ ୱାଟର, ସାନିଟେସନ ଆଣ୍ଡ ହାଇଜିନ (ୱାଶ) କାର୍ଯ୍ୟକ୍ରମର ଅଂଶବିଶେଷ ଭାବେ ଏହି ପଦକ୍ଷେପ ନିଆଯାଇଛି। ୟୁଏନ୍‌ରାଜୁ ବାଳିକା ଉଚ୍ଚ ବିଦ୍ୟାଳୟରେ ଏହାର ଉଦଘାଟନୀ ଉତ୍ସବରେ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା କହିଛନ୍ତି ଯେ ଏହି ଅଞ୍ଚଳର ବିଦ୍ୟାଳୟଗୁଡ଼ିକ ପାଇଁ ନିରାପଦ ପାନୀୟ ଜଳ ଏକ ଜରୁରୀ ଆବଶ୍ୟକତା, ଯାହା ଛାତ୍ରଛାତ୍ରୀଙ୍କ ଦୈନନ୍ଦିନ ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ସୁନିଶ୍ଚିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ବିଦ୍ୟାଳୟଗୁଡ଼ିକ ଟାଟା ସ୍ୱଚ୍ଛ କମ୍ୟୁନିଟି ୱାଟର ପ୍ୟୁରିଫାୟାର ସହ ସଜ୍ଜିତ ହୋଇଛି, ଯାହା ଉନ୍ନତ ଅଲଟ୍ରା ହାଲୋ ଫାଇବର (ୟୁଏଚଏଫ) ଅଲଟ୍ରା ଫିଲଟ୍ରେସନ ଟେକ୍ନୋଲୋଜିର ବ୍ୟବହାର ପୂର୍ବକ ଜୀବାଣୁ, ବ୍ୟାକ୍ଟେରିଆ ଓ ସିଷ୍ଟ ସମେତ କ୍ଷତିକାରକ ରୋଗ ଜୀବାଣୁକୁ ଅପସାରଣ କରିବା ସହ ଅତ୍ୟାବଶ୍ୟକ ଖଣିଜ ପଦାର୍ଥ ଓ ଜଳର ପ୍ରାକୃତିକ ସ୍ୱାଦ ବଜାୟ ରଖିଛି। ସମ୍ପୂର୍ଣ୍ଣ ଭାବେ ଚାପ ଶକ୍ତି ଉପରେ କାର୍ଯ୍ୟ କରୁଥିବା ଏହି ବିଶୋଧକ ବିନା ବିଦ୍ୟୁତରେ କାର୍ଯ୍ୟ କରିବା ସହ ଜଳ ଅପଚୟକୁ କମ୍ କରିଥାଏ। ଏହା ବହୁ-ପର୍ଯ୍ୟାୟ ପ୍ରକ୍ରିୟା ଫଳପ୍ରଦ ଭାବେ ଲୌହ, ସେଡିମେଣ୍ଟସ୍, କ୍ଲୋରିନ୍ ଓ ଅନ୍ୟାନ୍ୟ କ୍ଷତିକାରକ ସାମଗ୍ରୀକୁ ଛାଣିଥାଏ, ଯାହା ଛାତ୍ରମାନଙ୍କୁ ସ୍ୱଚ୍ଛ ଏବଂ ନିରାପଦ ପାନୀୟ ଜଳ ସୁନିଶ୍ଚିତ କରେ।

# ଆଜି କଂଗ୍ରେସର ସମ୍ବିଧାନ ବଞ୍ଚାଅ ଦିବସ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୨୫।୧୧(ସଂଚାର ବ୍ୟୁରୋ):** ଆସନ୍ତାକାଲି ଦେଶବ୍ୟାପୀ କଂଗ୍ରେସ ପକ୍ଷରୁ 'ସମ୍ବିଧାନ ବଞ୍ଚାଅ ଦିବସ' କାର୍ଯ୍ୟକ୍ରମ ପାଳିତ ହେଉଛି। ଏଆଇସିସିର ମାର୍ଗଦର୍ଶିକା ଅନୁସାରେ ଓଡ଼ିଶାର ସମସ୍ତ ଜିଲ୍ଲା ସଦର ମହକୁମାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏନେଇ ଆଜି ପୂର୍ବାହ୍ନରେ ଏଠାରେ ପିସିସି ଓ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ପକ୍ଷରୁ ରାଜ୍ୟସ୍ତରୀୟ 'ସମ୍ବିଧାନ ବଞ୍ଚାଅ ଦିବସ' ପାଳନ ପାଇଁ ପୂର୍ବାହ୍ନରେ କଂଗ୍ରେସ ଭବନ ପ୍ରେକ୍ଷାଳୟରେ ବରିଷ୍ଠ କଂଗ୍ରେସ ନେତା ତଥା ଆଇନଜୀବୀ ଶିବାନନ୍ଦ ରାୟଙ୍କ ପୌରୋହିତ୍ୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। 'ସମ୍ବିଧାନ ବଞ୍ଚାଅ ଦିବସ' କାର୍ଯ୍ୟକ୍ରମରେ ପିସିସିର ବିଭିନ୍ନ ଛାମୁଆ ସଂଗଠନ, ବିଭାଗ, ପ୍ରକୋଷ୍ଠ ଓ ନେତୃବୃନ୍ଦଙ୍କ ଉଦ୍ୟମରେ ଯୋଗଦେବାକୁ ଥିବା ନେତା ଓ କର୍ମୀଙ୍କ ସଂଖ୍ୟା, ଉପରୋକ୍ତ ପ୍ରସ୍ତୁତି ବୈଠକରେ ଭୁବନେଶ୍ୱର କଂଗ୍ରେସ ଜିଲ୍ଲା ସଭାପତି ପ୍ରକାଶ ଜେନା ଓ ପିସିସିର ଏସ୍‌ସି ବିଭାଗ ଅଧ୍ୟକ୍ଷ ମାନସ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ନିର୍ଦ୍ଧାରଣ କରାଯାଇଥିଲା। ବୈଠକରେ ଶ୍ରୀକାନ୍ତ ଜେନା, ସୁରେଶ ରାଉତରାୟ, ସୁଜିତ୍ ପାଢ଼ୀ, ଡ. ଲଲାଟେନ୍ଦୁ ମହାପାତ୍ର, ଶୁଭେନ୍ଦୁ ମହାନ୍ତି, ପ୍ରକାଶ ଜେନା, ରଞ୍ଜିତ ପାତ୍ର, ଅଶୋକ ଦାସ, ଯଶବନ୍ତ ସିଂହ ଲାଗୁରୀ, ୟାସିର ନୱାଜ୍, ଅରବିନ୍ଦ ଦାସ, ମନୋରଞ୍ଜନ ଦାଶ, ରଜନୀ ମହାନ୍ତି, ଚିନ୍ମୟ ସୁନ୍ଦର ଦାଶ ଯୋଗଦେଇ ବିଭିନ୍ନ ପ୍ରସ୍ତାବ ରଖିଥିଲେ। ଶେଷରେ ମାନସ ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟସୂଚୀ ଅନୁସାରେ, ସକାଳ ସାଢ଼େ ୮ଟାରେ ଏଜି ଛକସ୍ଥିତ ଭାରତରତ୍ନ ବାବାସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ପରେ ପୂର୍ବାହ୍ନ ୧୦ଟାରେ କଂଗ୍ରେସ ଭବନସ୍ଥିତ ଆମ୍ବେଦକର ଓ ଅନ୍ୟ ସମସ୍ତ ମହାମନିଷୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ। ସେହିପରି ପୂର୍ବାହ୍ନ ୧୦.୧୫ରେ କଂଗ୍ରେସ ଭବନଠାରେ ପିସିସି ସଭାପତି ଭକ୍ତଚରଣ ଦାସଙ୍କ ଅଧ୍ୟକ୍ଷତାରେ 'ସମ୍ବିଧାନ ବଞ୍ଚାଅ ଦିବସ' କାର୍ଯ୍ୟକ୍ରମର ଆଲୋଚନା ସଭା ଆୟୋଜିତ ହେବା ପରେ ପୂର୍ବାହ୍ନ ସାଢ଼େ ୧୧ଟାରୁ କଂଗ୍ରେସ ଭବନଠାରୁ ଶୋଭାଯାତ୍ରା ବାହାରି ଉତ୍କଳ ମଣ୍ଡପରେ ପହଞ୍ଚିବ।

# ନିର୍ବାଚନ ସାକ୍ଷରତା କ୍ଲବ୍ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ



**ଭୁବନେଶ୍ୱର,୨୫।୧୧(ସଂଚାର ବ୍ୟୁରୋ):** ନିର୍ବାଚନ ସାକ୍ଷରତା କ୍ଲବ ପକ୍ଷ ସ୍ଥାନୀୟ ବକ୍ସି ଜଗବନ୍ଧୁ ବିଦ୍ୟାଧର (ସ୍ୱୟଂଶାସିତ) ମହାବିଦ୍ୟାଳୟରେ ଏକ ନିର୍ବାଚନୀ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ସ୍ୱତନ୍ତ୍ର ଶାସନ ସଚିବ ସୁଶାନ୍ତ କୁମାର ମିଶ୍ର ମୁଖ୍ୟ ଅତିଥି ଏବଂ ଉପମୁଖ୍ୟ ନିର୍ବାଚନ ଅଧିକାରୀ ଡ. ଲକ୍ଷ୍ମୀପ୍ରସାଦ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଭାରତ ଭଳି ଏକ ବିଶାଳ ଦେଶରେ ଗଣତାନ୍ତ୍ରିକ ବିଧିବ୍ୟବସ୍ଥାର ସଠିକ ସଂସ୍ଥାପନ, ସାମ୍ବିଧାନିକ ସ୍ୱାଧୀନତାର ଉତ୍ତରଦାୟିତ୍ୱ ଆଦି ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ସାମାଜିକ ଗଣମାଧ୍ୟମରେ ବିଭିନ୍ନ ସମୟରେ ବିଶେଷକରି ନୂଆପଡା ଉପନିର୍ବାଚନ ସମୟରେ ପ୍ରକାଶ ପାଇଥିବା ଇଭିଏମ ଓ ନିର୍ବାଚନର ସ୍ୱଚ୍ଛତା, ଭୋଟ୍ ଜାଲିଆତି ଆଦି ବିଭିନ୍ନ ମିଥ୍ୟା ଓ ବିଭ୍ରାନ୍ତିକର ସୂଚନା ସମ୍ବଳିତ ସମସ୍ତ ପ୍ରଶ୍ନର ସରଳ ଓ ସାବଲୀଳ ଉତ୍ତର ଶ୍ରୀ ମିଶ୍ର ଛାତ୍ରଛାତ୍ରୀମାନଙ୍କ ସମ୍ମୁଖରେ ରଖିଥିଲେ। କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ସ୍ମିତା ରଥ, ଇଆରଓ, ଏକାମ୍ର ଏସ ପ୍ରକାଶ କୁମାର ପାତ୍ର, ବକ୍ସି ଜଗବନ୍ଧୁ ବିଦ୍ୟାଧର (ସ୍ୱୟଂଶାସିତ) ମହାବିଦ୍ୟାଳୟର ସହକାରୀ ପ୍ରଫେସର ସବୀନ୍ଦ୍ର ସାମଲ ଓ ଶତାଧିକ ଛାତ୍ରଛାତ୍ରୀ ଯୋଗଦେଇଥିଲେ।

● ୨୦୨୫-୨୬ ଖରିଫ ଫସଲ ପାଇଁ ଧାନ ସଂଗ୍ରହ

# ଆନ୍ତଃ ମନ୍ତ୍ରୀସ୍ତରୀୟ କମିଟି ବୈଠକ ଅନୁଷ୍ଠିତ



**ଭୁବନେଶ୍ୱର,୨୫।୧୧(ସଂଚାର ବ୍ୟୁରୋ):** ୨୦୨୫-୨୬ ଖରିଫ ଫସଲ ପାଇଁ ଧାନ ସଂଗ୍ରହ ଉପରେ ଆନ୍ତଃମନ୍ତ୍ରୀସ୍ତରୀୟ କମିଟି ବୈଠକ ଆଜି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ମଧ୍ୟ ବୈଠକରେ ଉପସ୍ଥିତ ଥିଲେ। ୨୦୨୩-୨୪ ବର୍ଷରେ ୭୩ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ କରାଯାଇଛି। ୨୦୨୪-୨୫ ବର୍ଷରେ ମୋଟ ୯୨ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ କରାଯାଇଛି ଏବଂ ଗତ ବର୍ଷ ୨.୨୬ ଲକ୍ଷ ଟୋକନ୍ ପୁନଃ ବୈଧ କରାଯାଇଥିଲା। ଓଡ଼ିଶା ହେଉଛି ଶୀର୍ଷ ରାଜ୍ୟମାନଙ୍କ ମଧ୍ୟରୁ ଗୋଟିଏ, ଯେଉଁଠାରେ ଚାଷୀମାନେ ୪୮ ଘଣ୍ଟା ମଧ୍ୟରେ ଦ୍ରୁତତମ ଦେୟ ପାଆନ୍ତି। ବୈଠକରେ ନିଷ୍ପତ୍ତି ନିଆଯାଇଛି ଯେ କେବଳ ଯେଉଁ ମିଲରମାନେ ସରକାରଙ୍କ ପାଖରେ କୌଣସି ବକେୟା ରଖି ନାହାଁନ୍ତି, ସେମାନେ ହିଁ ଅଂଶଗ୍ରହଣ କରିବାକୁ ଯୋଗ୍ୟ ହେବେ। ସମସ୍ତ ୩୦ଟି ଜିଲ୍ଲାରେ ଶତପ୍ରତିଶତ ସାଟେଲାଇଟ୍ ଯାଞ୍ଚ ଚାଲିଛି। ଯେହେତୁ ଅଣଧାନ ଚାଷୀଙ୍କୁ ଧାନ ବିକ୍ରି ପାଇଁ ପଞ୍ଜିକରଣ ଅନୁମତି ନାହିଁ, ତେଣୁ ଏପରି ବ୍ୟକ୍ତିଙ୍କୁ କଳା ତାଲିକାଭୁକ୍ତ କରାଯିବ। ମଣ୍ଡିରେ ଚାଷୀଙ୍କ ନିମନ୍ତେ ସମସ୍ତ ବ୍ୟବସ୍ଥା କରାଯାଇଛି, ଯେକୌଣସି ଅଭିଯୋଗର ସମାଧାନ କିମ୍ବା ସହାୟତା ପାଇଁ ଚାଷୀମାନେ ଟୋଲ୍ ଫ୍ରି ନଂ-୧୯୬୭କୁ କଲ୍ କରିପାରିବେ।

# ପ୍ରଥମ ଅଡିଟ୍ ଅଦାଲତ ଉଦ୍‌ଘାଟିତ




**ଭୁବନେଶ୍ୱର,୨୫।୧୧(ସଂଚାର ବ୍ୟୁରୋ):** ପଞ୍ଚମ ଜାତୀୟ ଅଡିଟ ସପ୍ତାହ ପାଳନ ଅବସରରେ ଆଜି ଦେଶର ପ୍ରଥମ ଅଡିଟ ଅଦାଲତ ଓଡ଼ିଶାର ପ୍ରଧାନ ମହାଲେଖାକାର ଅଡିଟ-୧ ସୁବୁ ଆରଙ୍କ ଦ୍ୱାରା ଉଦଘାଟିତ ହୋଇଛି। ଓଡ଼ିଶା ସରକାରଙ୍କ ମହିଳା ଏବଂ ଶିଶୁ ବିକାଶ, ଗୃହ ନିର୍ମାଣ ଓ ନଗର ଉନ୍ନୟନ, ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ, ଅବକାରୀ ଓ ଗ୍ରାମୀଣ ବିକାଶ ପରି ୬ଟି ବିଭାଗ ସହ ଜଡ଼ିତ ଦୀର୍ଘକାଳୀନ ଯାଞ୍ଚ ରିପୋର୍ଟ ପାରାଗୁଡ଼ିକୁ ସମୀକ୍ଷା ଓ ସମ୍ପୃକ୍ତ ବିଭାଗ ଦ୍ୱାରା ତଦାରଖ କରିବା ପାଇଁ ଏକ ଅଡିଟ୍ ଅଦାଲତ ଆୟୋଜିତ ହୋଇଛି। ଏହି ଅଦାଲତକୁ ଉପମହାଲେଖାକାର, ଅଡିଟ ବେନୋଥ ରାକେଶ ନାୟକ ଓ ବିମଲେଶ କୁମାର ସଂଯୋଜନା କରିଥିଲେ। ଏହି ଅଡିଟ୍ ଅଦାଲତର ଉଦ୍ଦେଶ୍ୟ ଥିଲା ସମ୍ପୃକ୍ତ ବିଭାଗ ସହ ଜଡିତ ପୁରୁଣା ଆଇଆର୍ ପାରାଗୁଡ଼ିକୁ ତଦାରଖ କରିବା ପାଇଁ ସମ୍ପୃକ୍ତ ବିଭାଗକୁ ହସ୍ତାନ୍ତର କରିବା, ଯାହାଦ୍ୱାରା ବିଭାଗୀୟ ସ୍ତରରେ ତୁରନ୍ତ ସଂଶୋଧନମୂଳକ ପଦକ୍ଷେପ ନିଆଯାଇପାରିବ। ବିଭାଗଗୁଡ଼ିକୁ ସମୟୋଚିତ କାର୍ଯ୍ୟାନୁଷ୍ଠାନ ସୁନିଶ୍ଚିତ କରିବା, ଆଭ୍ୟନ୍ତରୀଣ ନିୟନ୍ତ୍ରଣକୁ ସୁଦୃଢ଼ କରିବା ଓ ବାକି ଥିବା ଅଡିଟ୍ ପାରାଗୁଡ଼ିକ ଉପରେ ଶୀଘ୍ର କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିବେଦନ କରାଯାଇଛି। ଅଡିଟ୍ ଅଦାଲତ ଆୟୋଜନ ସରକାରଙ୍କ ଅଧିକାରୀମାନଙ୍କ ସକାଶେ ଭାରତର ମହାଲେଖା ନିୟନ୍ତ୍ରକ ଓ ମହା ସମୀକ୍ଷକଙ୍କ ଏକ ନୂତନ ପଦକ୍ଷେପ ଯାହାକି ବର୍ଷ ବର୍ଷ ଧରି ପଡ଼ିରହିଥିବା ପୁରୁଣା ଅଡିଟ ପାରାଗୁଡ଼ିକର ଆଲୋଚନା ମାଧ୍ୟମରେ ସମାଧାନ କରାଯାଇପାରିବ। ନୂତନ ଭାବେ ପ୍ରସ୍ତୁତ କରାଯାଇ ଥିବା ସଫ୍ଟୱାର 'ସିଏଜି-କନେକ୍ଟ' ବିଷୟରେ ମଧ୍ୟ ଅବଗତ କରାଯାଇଛି। ଏହା ହେଉଛି ଏକ ଡିଜିଟାଲ ପ୍ଲାଟଫର୍ମ ଯାହାଦ୍ୱାରା ବିଭାଗଗୁଡ଼ିକୁ ଅନଲାଇନରେ ଅଡିଟ୍ ପାରାଗୁଡ଼ିକର ଅନୁପାଳନ ସମ୍ପର୍କିତ ତଥ୍ୟ ଦାଖଲ କରିବାରେ ସକ୍ଷମ ହେବେ। ଏହା ଦ୍ରୁତ ଯୋଗାଯୋଗ, ସ୍ୱଚ୍ଛତା ଆଣିବା ସହ ସୁଗମ ତଦାରଖକୁ ସୁନିଶ୍ଚିତ କରିବ। ଏହି ନୂତନ ଆପ୍ଲିକେସନ ଅଡିଟ୍ ଅନୁସରଣ ପ୍ରକ୍ରିୟାଗୁଡ଼ିକର ଦକ୍ଷତାକୁ ଉଲ୍ଲେଖନୀୟ ଭାବେ ବୃଦ୍ଧି କରିବ ଓ ଏବେ ଚାଲୁଥିବା ଓସିଏଏମ୍‌ପି ସିଷ୍ଟମର ସ୍ଥାନ ନେବ। ଏଣିକି ପ୍ରତି ମାସ ୨୫ରେ ଅନଲାଇନ ସିଏଜି କନେକ୍ଟ ମାଧ୍ୟମରେ ରାଜ୍ୟର ବିଭିନ୍ନ ବିଭାଗ ଅଡିଟ ପାରା ସମ୍ବନ୍ଧରେ ନିଆଯାଇଥିବା ପଦକ୍ଷେପ ନେଇ ଏଜିଙ୍କୁ ସୂଚନା ଦେଇପାରିବେ। ଏହି ଅଦାଲତରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର ତଥା ଶାସନ ସଚିବ ଅଶ୍ୱତୀ ଏସ୍, ସ୍ୱତନ୍ତ୍ର ଶାସନ ସଚିବ ବିଜୟ କୁମାର ମହାପାତ୍ର, ଗ୍ରାମ୍ୟ ଉନ୍ନୟନ ବିଭାଗର ଶାସନ ସଚିବ ଯାମିନୀ ଷଡ଼ଙ୍ଗୀ ଓ ୬ଟି ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେଇ ଅଡିଟ ପାରାର ତ୍ରୁଟି, ବିଚ୍ୟୁତି ଏହାର ସମାଧାନ ଉପରେ ନିଜର ମତାମତ ଦେଇଥିଲେ। କାର୍ଯ୍ୟକ୍ରମକୁ ପ୍ରଧାନ ମହଲେଖାକାରଙ୍କ ସଚିବ ଶ୍ରୀମନ୍ତ କୁମାର ପଣ୍ଡା, ବରିଷ୍ଠ ଲେଖା ପରୀକ୍ଷା ଅଧିକାରୀ ଉପେନ୍ଦ୍ର ନାରାୟଣ ଦାସ, ସୁକାନ୍ତିପ୍ରଭା ଦାସ, ପ୍ରିୟଦର୍ଶନ କାନୁନଗୋ ପ୍ରମୁଖ ପରିଚାଳନା କରିଥିଲେ।

# ସୁପ୍ରିମକୋର୍ଟରେ ନାହାନ୍ତି ଓଡ଼ିଆ ବିଚାରପତି



**ଭୁବନେଶ୍ୱର,୨୫।୧୧:** ଓଡ଼ିଶା ହାଇକୋର୍ଟରେ ପ୍ରାୟ ୧୫ଟି ବିଚାରପତି ପଦବୀ ଖାଲି ପଡିଥିବାବେଳେ ଦୀର୍ଘବର୍ଷ ଧରି ସୁପ୍ରିମକୋର୍ଟରେ କେହି ଓଡ଼ିଆ ବିଚାରପତି ବା ମୁଖ୍ୟମନ୍ତ୍ରୀ ବିଚାରପତି ନାହାନ୍ତି। ଏହାଛଡ଼ା ଅନ୍ୟ କୌଣସି ରାଜ୍ୟ ହାଇକୋର୍ଟରେ ଏବେ କେହି ଓଡ଼ିଆ ବି ମୁଖ୍ୟ ବିଚାରପତି ଭାବେ କାମ କରୁନାହାନ୍ତି। ଓଡ଼ିଶା ହାଇକୋର୍ଟ ପାଇଁ ୩୪ଟି ମଞ୍ଜୁରୀପ୍ରାପ୍ତ ବିଚାରପତି ପଦବୀ ରହିଛି। ଏଥିରେ ଏବେ ୧୯ଜଣ ବିଚାରପତି କାର୍ଯ୍ୟ କରୁଛନ୍ତି। ଆସନ୍ତାବର୍ଷ ଆଉ କେତେଜଣ ବିଚାରପତି ଅବସର ନେବାକୁ ଯାଉଛନ୍ତି। ରାଜ୍ୟ ହାଇକୋର୍ଟରେ ମାମଲା ସଂଖ୍ୟା ଦୃଷ୍ଟିରୁ ଅଧିକ ସଂଖ୍ୟକ ବିଚାରପତି ନିଯୁକ୍ତିର ଆବଶ୍ୟକତା ଥିବାବେଳେ ଯେତିକିଟି ଅନୁମୋଦିତ ବିଚାରପତି ପଦବୀ ରହିଛି ତାହା ବି ସଂପୂର୍ଣ୍ଣ ଭାବେ ପୂରଣ ହେଇପାରୁ ନାହିଁ। ଏ ପ୍ରସଙ୍ଗରେ ଆଇନ୍‌ଜୀବୀମାନେ ବିଭିନ୍ନ ଫୋରମ୍ ମାଧ୍ୟମରେ ବାରମ୍ବାର ଦୃଷ୍ଟି ଆକର୍ଷଣ କରୁଥିଲେ ମଧ୍ୟ କିଛି ସୁଫଳ ମିଳିପାରୁନାହିଁ। ଗୋଟିଏ ପଟେ ବିଚାରପତି ପଦବୀ ପୂରଣ କ୍ଷେତ୍ରରେ ବିଳମ୍ବ କରାଯାଉଥିବା ବେଳେ ଅନ୍ୟପଟେ ରାଜ୍ୟ ସରକାର ଓଡ଼ିଶା ପ୍ରଶାସନିକ ନ୍ୟାୟାଧିକାର (ସ୍ୟାଟ୍)କୁ ଉଚ୍ଛେଦ କରି ଏଠାରେ ରୁଜୁ ହେଉଥିବା ବିଭିନ୍ନ କିସମର ମାମଲାର ଚାପ ବଢ଼ାଇଛନ୍ତି। ପୂର୍ବରୁ ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ଭାବେ ରଙ୍ଗନାଥ ମିଶ୍ର, ଗୋପାଳ ବଲ୍ଲଭ ପଟ୍ଟନାୟକ, ଦୀପକ ମିଶ୍ରଙ୍କ ଭଳି ବିଚାରପତିମାନେ ଦକ୍ଷତାର ସହ କାମ କରିଛନ୍ତି। ଏମାନେ ସମସ୍ତେ ଓଡ଼ିଆ ଏବଂ ଓଡ଼ିଶା ହାଇକୋର୍ଟ ସମେତ ବିଭିନ୍ନ ହାଇକୋର୍ଟ ଓ ସୁପ୍ରିମକୋର୍ଟରେ କାମ କରିବାର ଅଭିଜ୍ଞତା ରଖିଥିଲେ। ଏମାନଙ୍କ ଛଡ଼ା ଓଡ଼ିଶାର ଆଉ ଅନେକ ବିଚାରପତି ମଧ୍ୟ ସୁପ୍ରିମକୋର୍ଟର ବିଚାରପତି ଭାବେ ନିଷ୍ଠାର ସହ କାର୍ଯ୍ୟ କରିଯାଇଛନ୍ତି। ବିଭିନ୍ନ ରାଜ୍ୟ ହାଇକୋର୍ଟରେ ଆଗରୁ ଅନେକ ଓଡ଼ିଆ ମୁଖ୍ୟ ବିଚାରପତି ଓ ବିଚାରପତି ଭାବେ ସଫଳତାର ସହ କାମ କରିବାର ନଜିର ରହିଛି। କିନ୍ତୁ ଏବେ ଜଣେ ହେଲେ ଓଡ଼ିଆ ସୁପ୍ରିମକୋର୍ଟର ବିଚାରପତି କିମ୍ବା ଅନ୍ୟ ରାଜ୍ୟ ହାଇକୋର୍ଟର ମୁଖ୍ୟ ବିଚାରପତି କିମ୍ବା ବିଚାରପତି ନାହାନ୍ତି। ଓଡ଼ିଶା ହାଇକୋର୍ଟରେ ଖାଲି ପଡିଥିବା ସମସ୍ତ ବିଚାରପତି ପଦବୀ ନୂଆ ବର୍ଷ ପୂର୍ବରୁ ପୂରଣ କରିବା ସହିତ ଦକ୍ଷ ଓ ବରିଷ୍ଠ ଓଡ଼ିଆ ବିଚାରପତିମାନଙ୍କୁ ଅନ୍ୟ ରାଜ୍ୟ ହାଇକୋର୍ଟର ମୁଖ୍ୟ ବିଚାରପତି ଏବଂ ସୁପ୍ରିମକୋର୍ଟର ବିଚାରପତି ଭାବେ ନିଯୁକ୍ତି ଦେବାକୁ ବାରମ୍ବାର ଦାବି ହେଉଛି। ଓଡ଼ିଶା ହାଇକୋର୍ଟରେ ଯେତେ ବିଚାରପତି ପଦବୀ ଖାଲି ପଡିଛି ତାହାକୁ ତୁରନ୍ତ ପୂରଣ କରାଗଲେ ବହୁ ଆଇନ୍‌ଜୀବୀ ଓ ଜିଲ୍ଲା ଜଜ୍ ହାଇକୋର୍ଟ ଜଜ୍ ଭାବେ ନିଯୁକ୍ତି ପାଇପାରନ୍ତେ। ଗୋଟିଏ ପଟେ ବିଚାରପତି ପଦବୀ ବର୍ଷବର୍ଷ ଧରି ଖାଲି ପଡୁଥିବାବେଳେ ଅନ୍ୟପଟେ ମାମଲାର ବୋଝ ବଢ଼ି ଚାଲିଛି। ଜିଲ୍ଲା ସ୍ତରରୁ ମୁନ୍‌ସିଫ୍ ସ୍ତର ପର୍ଯ୍ୟନ୍ତ ବିଭିନ୍ନ ପାହ୍ୟାରେ ବି ଅନେକ ବିଚାରପତି ପଦବୀ ଓଡ଼ିଶାରେ ଖାଲି ରହିଛି। (ତଥ୍ୟ)

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

ବୁଧବାର ୨୬ ନଭେମ୍ବର ୨୦୨୫, ଭୁବନେଶ୍ୱର
Wednesday 26 November 2025, Bhubaneswar



# ଶ୍ରମିକଙ୍କ ପାଇଁ ନୂଆ ଆଶା

ଭାରତରେ ସ୍ୱାଧୀନତାର ୭୫ ବର୍ଷ ପରେ ମଧ୍ୟ ଶ୍ରମ କ୍ଷେତ୍ରରେ ପୁରୁଣା ବ୍ରିଟିଶ ଯୁଗୀୟ ଆଇନଗୁଡ଼ିକ ଚାଲୁଥିଲା। ୨୯ଟି ପୃଥକ୍ ଶ୍ରମ ଆଇନକୁ ଏକାଠି କରି କେନ୍ଦ୍ର ସରକାର ଚାରୋଟି ନୂଆ ଶ୍ରମ ସଂହିତା




ପ୍ରଣୟନ କରିଛନ୍ତି-ମଜୁରୀ ସଂହିତା, ଶିଳ୍ପ ସମ୍ପର୍କ ସଂହିତା, ସାମାଜିକ ସୁରକ୍ଷା ସଂହିତା ଏବଂ ବୃତ୍ତିଗତ ସୁରକ୍ଷା, ସ୍ୱାସ୍ଥ୍ୟ ଓ କାର୍ଯ୍ୟ ପରିବେଶ ସଂହିତା। ଏହି ନୂଆ ଆଇନଗୁଡ଼ିକ ଶ୍ରମିକ, ନିଯୁକ୍ତିଦାତା ଓ ଅର୍ଥନୀତି - ତିନୋଟିଙ୍କ ପାଇଁ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିଛି। ପ୍ରଥମେ ମଜୁରୀ ସଂହିତା ସବୁ ଶ୍ରମିକଙ୍କୁ ସମାନ ଓ ନିର୍ଦ୍ଦିଷ୍ଟ ସମୟରେ ମଜୁରୀ ପ୍ରଦାନକୁ ବାଧ୍ୟତାମୂଳକ କରିଛି। ଏବେ ବୋନସ୍, ପିଏଫ୍, ଗ୍ରାଚୁଇଟି ଆଦି ସବୁ ମହଙ୍ଗା ଭତ୍ତା ସହ ହିସାବ ହେବ ନାହିଁ, ମୌଳିକ ମଜୁରୀ ମୋଟ ମଜୁରୀର ଅତି କମ୍ରେ ୫୦ ପ୍ରତିଶତ ହେବ। ଏହା ଶ୍ରମିକଙ୍କ ପିଏଫ୍ ଓ ଗ୍ରାଚୁଇଟି ରାଶିକୁ ବହୁଗୁଣିତ କରିବ। ସମୟରେ ଦରମା ନ ମିଳିଲେ ଶ୍ରମିକ ଅନଲାଇନ୍ରେ ଅଭିଯୋଗ କରିପାରିବେ ଏବଂ ୩ ଦିନ ଭିତରେ ସମାଧାନ ହେବ। ସାମାଜିକ ସୁରକ୍ଷା ସଂହିତା ଅସଂଗଠିତ ଶ୍ରମିକଙ୍କ ପାଇଁ ସବୁଠାରୁ ବଡ଼ ବରଦାନ। ଓଡ଼ିଶାରେ ପ୍ରାୟ ୯୦ ପ୍ରତିଶତ ଶ୍ରମିକ ଅସଂଗଠିତ କ୍ଷେତ୍ରରେ କାମ କରନ୍ତି। ଏବେ ଗିଗ୍ ୱର୍କର୍ସ, ପ୍ଲାଟଫର୍ମ ୱର୍କର୍ସ (ଯେମିତି ଓଲା-ଉବର ଡ୍ରାଇଭର, ସ୍ୱିଗି-ଜୋମାଟୋ ଡେଲିଭରି ବୟ) ଓ ଘରୋଇ କାମ କର୍ମୀ ସମସ୍ତେ ସାମାଜିକ ସୁରକ୍ଷା ଜାଲରେ ଆସିବେ। ପ୍ରତ୍ୟେକ ଶ୍ରମିକଙ୍କୁ ଏକ ଅଦ୍ୱିତୀୟ ଆଧାର-ଲିଙ୍କଡ୍ ଶ୍ରମିକ ପୋର୍ଟାଲ ନମ୍ବର ମିଳିବ, ଯାହା ଦେଶର ଯେକୌଣସି ସ୍ଥାନରେ ସୁବିଧା ପାଇବାରେ ସାହାଯ୍ୟ କରିବ। ଦୁର୍ଘଟଣା ବୀମା, ମାତୃତ୍ୱ ସୁବିଧା, ପେନସନ୍ ଏବଂ ଅକ୍ଷମତା ଭତ୍ତା ସବୁ ଅସଂଗଠିତ ଶ୍ରମିକଙ୍କୁ ମଧ୍ୟ ମିଳିବ। କାରଖାନା ବନ୍ଦ କରିବା କିମ୍ବା ଛଟେଇ ପୂର୍ବରୁ ସରକାରୀ ଅନୁମତି ନେବାର ନିୟମ ଏବେ ୧୦୦ ଜଣଠାରୁ ବଢ଼ାଇ ୩୦୦ ଜଣ ଶ୍ରମିକ ଥିବା କମ୍ପାନୀକୁ କରାଯାଇଛି। ଏହା ନିବେଶକାରୀଙ୍କ ପାଇଁ ସହଜ ହୋଇଛି ଏବଂ ନୂଆ କାରଖାନା ଖୋଲା ଓ ରୋଜଗାର ସୃଷ୍ଟିରେ ସାହାଯ୍ୟ କରୁଛି। ସେହିପରି ଠିକା ଶ୍ରମିକଙ୍କ ପାଇଁ ସମାନ କାମରେ ସମାନ ଦରମା ଓ ସୁବିଧା ବାଧ୍ୟତାମୂଳକ ହୋଇଛି। ମହିଳା ଶ୍ରମିକଙ୍କ ପାଇଁ ରାତିରେ କାମ କରିବାର ସୁବିଧା ଓ ସୁରକ୍ଷା, ଟ୍ରାନ୍ସଜେଣ୍ଡର ଶ୍ରମିକଙ୍କ ପାଇଁ ସମାନ ଅଧିକାର ଏବଂ ସମସ୍ତ କର୍ମକ୍ଷେତ୍ରରେ ଯୌନ ନିର୍ଯାତନା ବିରୋଧୀ କମିଟି ଗଠନ ଏହି ଆଇନର ବିଶେଷତ୍ୱ। ନିଶ୍ଚିତ ଭାବେ କିଛି ସଂଘ ଏହାକୁ ଶ୍ରମିକ ବିରୋଧୀ ବୋଲି ସମାଲୋଚନା କରୁଛନ୍ତି। କିନ୍ତୁ ଯଦି ଆମେ ଦେଖିବା, ଏହି ଆଇନ୍ ଶ୍ରମିକଙ୍କ ସୁରକ୍ଷା ଓ ସୁବିଧାକୁ ବଢ଼ାଇ ସେମାନଙ୍କୁ ଅଧିକ ସଶକ୍ତ କରୁଛି ଏବଂ ସେହି ଅର୍ଥନୀତିକୁ ଅଧିକ ଗତିଶୀଳ କରୁଛି। ଓଡ଼ିଶା ଭଳି ରାଜ୍ୟରେ ଯେଉଁଠାରେ ଶିଳ୍ପାୟନ ଏବେ ଆରମ୍ଭ ହେଉଛି, ଏହି ନୂଆ ଆଇନ୍ ନିବେଶ ଆକର୍ଷଣ କରି ଲକ୍ଷ ଲକ୍ଷ ନୂଆ ରୋଜଗାର ସୃଷ୍ଟି କରିବ। ଏହା ଏକ ଐତିହାସିକ ପଦକ୍ଷେପ। ଏହି ନୂଆ ଶ୍ରମ ସଂହିତା ଶ୍ରମିକଙ୍କ ଅଧିକାରକୁ ସୁଦୃଢ଼ କରି ଭାରତକୁ ଏକ ସମୃଦ୍ଧ ଓ ନ୍ୟାୟପୂର୍ଣ୍ଣ ଶ୍ରମବଜାର ଦିଗରେ ଆଗେଇ ନେଉଛି। ଏହାକୁ ସଠିକ୍ ଭାବେ କାର୍ଯ୍ୟକାରୀ କରାଗଲେ ଓଡ଼ିଶାର ଯୁବକ-ଯୁବତୀଙ୍କ ଭବିଷ୍ୟତ ଅଧିକ ଉଜ୍ଜ୍ୱଳ ହେବ।

# ପ୍ରଶ୍ୱାସରେ ପଶିବ ବିଷ

ତୁଷାର ରଞ୍ଜନ ସାହୁ

ଶୀତ ଗମ୍ଭୀର ରୂପ ନେଲାଣି। ବିବାହ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ପାଇଁ ବାଣ ଓ ତତ୍‌ଜନିତ ବିଭିନ୍ନ ସାମଗ୍ରୀର ବ୍ୟବହାର ବାୟୁରେ ବିଷାକ୍ତ କଣିକା ସବୁ ଆଚ୍ଛାଦିତ କରିଦେଲାଣି। ଏହିପରି ଏକ ସମୟରେ ଆମ ସମସ୍ତଙ୍କ ପାଇଁ ବିଶୁଦ୍ଧ ପବନ ଟିକିଏ ମୁସ୍କିଲ ହୋଇଗଲାଣି କହିଲେ ଅତ୍ୟୁକ୍ତି ହେବନାହିଁ। କଟକ-ଭୁବନେଶ୍ୱର ଦ୍ୱୈତନଗରୀ ପ୍ରଦୂଷଣର ପାରଦରେ ସବୁଠୁ ଶୀର୍ଷରେ ରହିଛି। ଆମେ ସବୁ ଯେଉଁ ବାଣ ବ୍ୟବହାର କରିଥାଉ ସେଥିରେ କପର, କ୍ୟାଡମିୟମ, ଜିଙ୍କ, ଲିଡ, ମାଗ୍ନେସିୟମ, ସୋଡିୟମ ଆଦି ରାସାୟନିକ (କେମିକାଲ) ବ୍ୟବହାର ହେଉଛି। ଏହି ବାଣ ପୋଡିଲେ ସେଥିରୁ ବାହାରୁଛି ବିଷାକ୍ତ ଅଙ୍ଗାରକାମ୍ଳ (କାର୍ବନ ଡାଇଅକ୍ସାଇଡ଼), ସଲଫର ଡାଇଅକ୍ସାଇଡ଼, ନାଇଟ୍ରୋଜେନ ଡାଇଅକ୍ସାଇଡ଼, କାର୍ବନ ମନୋକ୍ସାଇଡ଼, ହାଇଡ୍ରୋ କାର୍ବନ, ଚାରକୋଲ ବାଷ୍ପ। ଆକାଶରୁ ରଙ୍ଗୀନ କରିବା ପାଇଁ ବାଣରେ ବ୍ୟବହୃତ ରାସାୟନିକ ପଦାର୍ଥରୁ ନିର୍ଗତ ଗ୍ୟାସ କ୍ୟାନସର ଭଳି ଭୟଙ୍କର ରୋଗକୁ ବଢ଼ାଇଥାଏ। ଏସବୁ ବାଷ୍ପ ଧୂଳିକଣା ସହ ମିଶି ବାୟୁମଣ୍ଡଳରେ ଏକ ଅସୁସ୍ଥକର ବାତାବରଣ ସୃଷ୍ଟି କରିଥାଏ।

ଏହାର ପ୍ରଭାବ ଦ୍ୱାରା ଅଙ୍ଗାରକାମ୍ଳ ପରିମାଣ ବାୟୁମଣ୍ଡଳରେ ବଢ଼ିଲେ ମୁଣ୍ଡବ୍ୟଥା ସହ ଧଇଁସଇଁ, ମାନ୍ଦା ଲାଗିପାରେ। କେବଳ ସେତିକି ନୁହେଁ ବେଳେ ବେଳେ ଶରୀରରେ ଆକସ୍ମିକ ପୀଡ଼ା ଅନୁଭବ ହୁଏ। ଅଚାନକ ରକ୍ତଚାପ ବଢ଼ିଯାଏ। ଏମିତିକି କେବେ କେବେ କୋମା, ଆସଫିକ୍ସିଆ, କନଭୁଲସନ ହାତ, ଗୋଡ଼, ଆଙ୍ଗୁଠି ଯେମିତି ନିର୍ଦ୍ଦିଷ୍ଟ ଅବସ୍ଥାରେ ଅଟକିଯାଏ ଆକ୍ରାନ୍ତ କରିପାରେ। କାର୍ବନ ମନୋକ୍ସାଇଡ ଗ୍ୟାସ ଉଭୟ ମଣିଷ, ପଶୁପକ୍ଷୀଙ୍କୁ ପ୍ରଭାବିତ କରେ। ଏହା ରକ୍ତରେ ଅମ୍ଳଜାନ ପ୍ରବାହର କ୍ଷମତାକୁ କମାଇଦିଏ। ଶରୀରର ବିଭିନ୍ନ କୋଷ, ହୃଦୟ, ମସ୍ତିଷ୍କ ସମେତ ବିଭିନ୍ନ ଅଙ୍ଗକୁ ଅମ୍ଳଜାନ ପ୍ରବାହ କମିଯାଏ। ଏଥିରେ ହୃଦ ରୋଗୀଙ୍କ ସ୍ଥିତି ସଙ୍କଟାପନ୍ନ ହୋଇପାରେ। ସଲଫର ଡାଇଅକ୍ସାଇଡ ଗ୍ୟାସ ପୁରା ଶ୍ୱାସକ୍ରିୟାକୁ ପ୍ରଭାବିତ କରିଥାଏ। ବିଶେଷକରି ଫୁସଫୁସକୁ ଆକ୍ରାନ୍ତ ହୁଏ। ଅଚାନକ କାଶ ବଢ଼ିପାରେ। ଛାତିରେ ଯନ୍ତ୍ରଣା ହୁଏ। ଆଜମା ଓ ଶ୍ୱାସଜନିତ ବିଭିନ୍ନ ରୋଗରେ ଆକ୍ରାନ୍ତଙ୍କ ସ୍ଥିତି ସଙ୍କଟାପନ୍ନ ହୋଇପାରେ। ବ୍ଲାକ ପାଉଡର ମଧ୍ୟ ବେଶ କ୍ଷତିକାରକ। ଛାତି ରୋଗ ସହ, ଆଜମା, ଫୁସଫୁସ କ୍ୟାନସର ରୋଗକୁ ଏହା ବଢ଼ାଏ। ଏହା ପରିବେଶକୁ ବ୍ୟାପକ କ୍ଷତାକ୍ତ କରିଥାଏ। ଦେଶରେ ସଡ଼କ ଦୁର୍ଘଟଣା ଓ ହୃଦରୋଗ ପରେ ସର୍ବାଧିକ ମୃତ୍ୟୁ କ୍ରୋନିକ ଅବଷ୍ଟ୍ରକଟିଭ ପଲମୋନାରି ଡିଜିଜ ଯୋଗୁଁ ହେଉଛି। ଏହା ଏକ ଶ୍ୱାସଜନିତ ରୋଗ। ଏଥିରେ ଫୁସଫୁସ କ୍ଷତିଗ୍ରସ୍ତ ହୋଇ ସଙ୍କଟାପନ୍ନ ସ୍ଥିତି ସୃଷ୍ଟି କରେ। ଧୂମପାନ ଓ ବାୟୁ ପ୍ରଦୂଷଣ ଏହାର ପ୍ରମୁଖ କାରଣ। ଧୂଆଁ ଶ୍ୱାସ ରୋଗୀଙ୍କ ପାଇଁ ସବୁବେଳେ ଖରାପ। ଅତ୍ୟଧିକ ନିର୍ମାଣ କାର୍ଯ୍ୟରୁ ନିର୍ଗତ ଧୂଳି, ଗାଡ଼ି ମୋଟର ଧୂଆଁକୁ ମଣିଷ ପ୍ରତିଦିନ ପ୍ରଶ୍ୱାସରେ ଗ୍ରହଣ କରୁଛି। ଏହା ସ୍ୱାସ୍ଥ୍ୟକୁ ଖରାପ କରୁଥିବାବେଳେ ଦୀପାବଳିର ପ୍ରବଳ ଆତସବାଜିକୁ ନିର୍ଗତ ଧୂଆଁ ଆହୁରି ସ୍ୱାସ୍ଥ୍ୟ ବିଗାଡ଼ିବ। ଦୀପାବଳିରେ ସାପବାଣ, ଚାଇନା ଲଙ୍କା ବାଣରୁ ବେଶି ଧୂଆଁ ଓ ପ୍ରଦୂଷଣ ସୃଷ୍ଟି ହୋଇଥାଏ। ସମୟ ଆସିଛି, ଆମକୁ ଚେତିବାକୁ ପଡ଼ିବ। ସେହିପରି ଅନାବଶ୍ୟକ ଶବ୍ଦ ସୃଷ୍ଟି 'ଶବ୍ଦ ପ୍ରଦୂଷଣ'ର ବଡ଼ କାରଣ। ଏନଭାର୍ନମେଣ୍ଟ ପ୍ରୋଟେକ୍ସନ ରୁଲସ୍ - ୧୯୯୯ଅନୁଯାୟୀ ଶବ୍ଦ ସ୍ତର ୧୨୫ ଡେସିବଲ ପର୍ଯ୍ୟନ୍ତ ଦୋଷାବହ ନୁହେଁ। ଅତି ଜୋରରେ ହେଉଥିବା ଶବ୍ଦ ପ୍ରଦୂଷଣ ଶିଶୁ, ବୃଦ୍ଧ, ରୁଗଣ ବ୍ୟକ୍ତିମାନଙ୍କର ବିଶେଷ କ୍ଷତି କରେ। ଉଚ୍ଚ ରକ୍ତଚାପ, ଅତ୍ୟଧିକ ମାନସିକ ଚାପ ବୃଦ୍ଧି ସହ ଏହା ନିଦ୍ରାହୀନତା, ଶ୍ରବଣଶକ୍ତି ହ୍ରାସ ବା ବଧିରତା ପରି ବହୁ ସମସ୍ୟା ସୃଷ୍ଟି କରିଥାଏ। ବଡ଼ ବଡ଼ ସହରରେ ଟ୍ରାଫିକ ବା ଯାନବାହନର ଶବ୍ଦ ଏଭଳି ପ୍ରଦୂଷଣର ଏକ ମୁଖ୍ୟ କାରଣ। ବିଭିନ୍ନ ଶିଳ୍ପସଂସ୍ଥା, କଳକାରଖାନା, ବସ୍, ଟ୍ରକ, ଟ୍ରାକ୍ଟର, ମୋଟର ସାଇକେଲର ଶବ୍ଦ, ଉଡାଜାହାଜ, ଘର ତିଆରି ଶବ୍ଦ, ବାଣ ଫୁଟାଇବା, ଡାକବାଜି ଯନ୍ତ୍ର ଇତ୍ୟାଦି ଏହି ପ୍ରଦୂଷଣ କରିଥାନ୍ତି। ଘର ଭିତରେ ମଧ୍ୟ ରେଡ଼ିଓ, ଟିଭି, ମ୍ୟୁଜିକ ସିଷ୍ଟମ ଜୋରରେ ବଜାଇବା ଦ୍ୱାରା ଶବ୍ଦ ପ୍ରଦୂଷଣ ଘଟିଥାଏ। ଅବଶ୍ୟ ରାସ୍ତାଘାଟ, ଘର ତିଆରି ଶବ୍ଦ ନିର୍ଗମନ ସ୍ତର ଉପରେ ସରକାରୀ କଟକଣା ରହିଛି। କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ବିଭିନ୍ନ ସ୍ଥାନ ପାଇଁ ନିର୍ଦ୍ଦିଷ୍ଟ ଶବ୍ଦ ସ୍ତର ଅନୁମୋଦନ କରିଛନ୍ତି।

ସହରରେ ଗାଡ଼ିମୋଟର ଧୂଆଁ, ରାସ୍ତା ଖୋଳାତଡ଼ା, ନିର୍ମାଣ କାର୍ଯ୍ୟ ବୃଦ୍ଧି ଯୋଗୁଁ ବାୟୁ ପ୍ରଦୂଷଣ ଏବେ ବି ଚିନ୍ତାଜନକ ସ୍ଥିତିରେ ରହିଛି। ଦୀପାବଳି ବା ବିବାହ କିମ୍ବା କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମରେ ମନଇଚ୍ଛା ବାଣ ଫୁଟାଇଲେ ସ୍ଥିତି ଆହୁରି ବିଗିଡ଼ି ଯାଇଥାଏ। ଏହା ଫୁସଫୁସକୁ ଗଭୀର ଭାବେ ପ୍ରଭାବିତ କରିଥାଏ ଯାହାଦ୍ୱାରା ଆଜମା ରୋଗୀଙ୍କ ସମସ୍ୟା ବଢ଼ିଥାଏ। ବାରୁଦ ଗନ୍ଧ ଓ ଧୂଆଁ ଯୋଗୁଁ ଆଖି, କାନ, ଚର୍ମରେ ଯନ୍ତ୍ରଣା, ଅସ୍ୱସ୍ତିକର ଲାଗିପାରେ। ଏହା ଗୃହପାଳିତ ପଶୁ, ପକ୍ଷୀଙ୍କ ପାଇଁ ମଧ୍ୟ ବିପଦ। ଗାଈଗୋରୁ, ବୁଲା କୁକୁର ମଧ୍ୟ ଆମ ପାଇଁ ଯନ୍ତ୍ରଣା ଭୋଗିବେ, ଅସୁସ୍ଥ ହେବେ। ବିଭିନ୍ନ ବାଣର ପ୍ରଚଣ୍ଡ ଶବ୍ଦ ବି ହୃଦଘାତ, ବ୍ରେନ ଷ୍ଟ୍ରୋକର କାରଣ ହୋଇପାରେ। ବିଷାକ୍ତ ଗ୍ୟାସ ଓ ଧୂଆଁ ସହ ପ୍ରଚଣ୍ଡ ଶବ୍ଦ ଗର୍ଭବତୀଙ୍କ ବିପଦ। ଗର୍ଭ ନଷ୍ଟ ହୋଇପାରେ। ନବଜାତ, ଶିଶୁ, ବୟସ୍କଙ୍କ ପାଇଁ ଏହା ଅତି ମାରାତ୍ମକ। ଦୀପାବଳି ବାଣଫୁଟା ପରବର୍ତ୍ତୀ ଆବର୍ଜନା ଆଉ ଏକ ବଡ଼ ସମସ୍ୟା। ତାପଜ ବିଦ୍ୟୁତକେନ୍ଦ୍ର ଗୁଡ଼ିକରେ କୋଇଲା, ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ଆଦି ଜୀବାଶ୍ମ ଇନ୍ଧନକୁ ବ୍ୟବହାର କରି ତାପଶକ୍ତି ଉତ୍ପନ୍ନ କରାଯାଏ। ଜୀବାଶ୍ମ ଇନ୍ଧନ ଦହନ ଯୋଗୁଁ ସେଥିରୁ ଅଙ୍ଗାରକାମ୍ଳ, କାର୍ବନ ମନୋକ୍ସାଇଡ୍, ନାଇଟ୍ରୋଜେନ ଅକସାଇଡ଼, ସଲଫର ଡାଇଅକସାଇଡ଼ ଆଦି ଗ୍ୟାସ ଏବଂ ଅନେକ କ୍ଷୁଦ୍ରକଣିକା ନିର୍ଗତ ହୋଇଥାଏ। ଏସବୁ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ କ୍ଷତିକାରକ। ବାୟୁମଣ୍ଡଳରେ ଏହାକୁ ପରିମାଣ ବୃଦ୍ଧି ପାଇଲେ ଫୁସଫୁସରେ ସମସ୍ୟା, ଚର୍ମରୋଗ ଏବଂ କର୍କଟ ରୋଗର କାରଣ ପାଲଟିଥାଏ। ତାପଜ ବିଦ୍ୟୁତ କେନ୍ଦ୍ରରୁ ନିର୍ଗତ ପାଉଁଶ ଫୁସଫୁସକୁ ଆକ୍ରାନ୍ତ କରିଥାଏ। ପରିବେଶକୁ ପ୍ରଦୂଷିତ କରିଥାଏ। ଏକ ତଥ୍ୟ ମୁତାବକ ଆମ ଓଡ଼ିଶାରେ ଥିବା ସାତଟି ତାପଜ ବିଦ୍ୟୁତ କେନ୍ଦ୍ରରୁ ବାର୍ଷିକ ୨୫ ନିୟୁତ ମେଟ୍ରିକ ଟନ ପାଉଁଶ ନିର୍ଗତ ହେଉଛି। ସେହିପରି ଅଙ୍ଗାରକାମ୍ଳ ହେଉଛି ଗ୍ଲୋବାଲ ୱାର୍ମିଂ ଏବଂ ତଜ୍ଜନିତ ଜଳବାୟୁ ପରିବର୍ତ୍ତନର ମୁଖ୍ୟ କାରଣ। ତେବେ ଜଳ ବିଦ୍ୟୁତ, ଆଣବିକ ବିଦ୍ୟୁତ୍ ସୌର ଶକ୍ତି ଓ ପବନ ଶକ୍ତି ଆଦିର ଉପଯୋଗ ହୋଇପାରିଲେ ପ୍ରଦୂଷଣର ମାତ୍ରା ହ୍ରାସ ପାଇପାରନ୍ତା। ଏକଥା ନୁହେଁ ଯେ, ପ୍ରଦୂଷଣ ବାବଦରେ ଆମେ ଜାଣିନୁ। ଦିଲ୍ଲୀର ଭୟାନକ ପ୍ରଦୂଷଣ ସ୍ଥିତି ଜଳଜଳ ହୋଇ ଦିଶୁଛି। ତଥାପି ଆମର ପରୱା ନାହିଁ। ଅନେକ ଭାବୁଛନ୍ତି, ଆମ ସ୍ଥିତି ଭଲ ଅଛି। ଆମର କିଛି ହେବନି। ଦିନକରେ କ'ଣ ପ୍ରଦୂଷଣ ମାଡ଼ିଯିବ ନା ଆକାଶ ଛିଣ୍ଡି ପଡ଼ିବ। ହେଲେ ମନେରଖିବା ଦରକାର ଆନନ୍ଦ, ଦୁଃଖ ବା ବିପଦର କାରଣ ନ ହେଉ।

ରିଲାକ୍ସ, ଏମ୍ପୋରିୟମ ଲେନ୍, ରାଣୀହାଟ, କଟକ
ମୋବାଇଲ୍: ୯୮୬୧୦୪୭୫୭୫

# ସିଓପି- ୩୦ ସମ୍ମିଳନୀ: ପ୍ରତିଶ୍ରୁତି ଏବଂ କାର୍ଯ୍ୟ ମଧ୍ୟରେ ବ୍ୟବଧାନ



ଅସିତ ମହାନ୍ତି




ବ୍ରାଜିଲରେ ସିଓପି-୩୦ (କନଫରେନ୍ସ ଅଫ୍ ଦି ପାର୍ଟିଜ୍) ଜଳବାୟୁ ସମ୍ମିଳନୀ ଏବେ ଶେଷ ହୋଇଛି। ବର୍ଷ ବର୍ଷ ଧରି, ସମ୍ମିଳନୀ ପରେ ସମ୍ମିଳନୀ, ବିଶ୍ୱର ନେତାମାନେ ଆମ ସମୟର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅସ୍ତିତ୍ୱର ବିପଦ - ଜଳବାୟୁ ପରିବର୍ତ୍ତନ ଉପରେ ଆଲୋଚନା କରିବା ପାଇଁ ଜାତିସଂଘର ବ୍ୟାନର ତଳେ ଏକତ୍ରିତ ହୁଅନ୍ତି। ଏବଂ ତଥାପି, ସଙ୍କଟର ଜରୁରୀତା ସତ୍ତ୍ୱେ, ମାନବତା ସମୟ ସରି ଆସୁଛି ବୋଲି ବୈଜ୍ଞାନିକ ସହମତି ସତ୍ତ୍ୱେ, ଫଳାଫଳଗୁଡ଼ିକ ମୁଖ୍ୟତଃ ବାକଚାତୁରୀ ଭାବରେ ରହିଯାଇଛି। ପ୍ରତିଶ୍ରୁତି ଦିଆଯାଇଛି, ଘୋଷଣା ସ୍ୱାକ୍ଷରିତ ହୋଇଛି, କିନ୍ତୁ ବନ୍ୟା, ମରୁଡ଼ି, ଜଙ୍ଗଲୀ ନିଆଁ ଏବଂ ସମୁଦ୍ର ବୃଦ୍ଧିର ଜୀବନ୍ତ ବାସ୍ତବତା ଅବିରତ ଭାବରେ ଜାରି ରହିଛି। ପ୍ରତିଶ୍ରୁତି ଏବଂ କାର୍ଯ୍ୟ ମଧ୍ୟରେ ବ୍ୟବଧାନ ବିଶ୍ୱ ଜଳବାୟୁ କୂଟନୀତିର ଏକ ନିର୍ଣ୍ଣାୟକ ବୈଶିଷ୍ଟ୍ୟ ପାଲଟିଛି।ଭାରତ ସମେତ ଅନ୍ୟ ଦେଶମାନେ ଜଳବାୟୁ ଯୋଜନା ଦାଖଲ କରିନାହାଁନ୍ତି କାରଣ ସେମାନେ ବୁଝନ୍ତି ଯେ ଯାହା ପ୍ରତିଶ୍ରୁତି ଦିଆଯାଇଥିଲା ତାହା ଅସମ୍ପୂର୍ଣ୍ଣ। କେବଳ ଯୋଜନା କରିବାକୁ ପଡ଼ିବ। ବିକଶିତ ଦେଶଗୁଡ଼ିକ କୌଣସି ନିର୍ଦ୍ଦେଶାବଳୀ ପାଳନ କରିନାହାଁନ୍ତି, ଏବଂ ବିକାଶଶୀଳ ଦେଶଗୁଡ଼ିକୁ ଯେଉଁ ଆର୍ଥିକ ସହାୟତା ଏବଂ ପ୍ରଯୁକ୍ତିବିଦ୍ୟା ଯୋଗାଇବା କଥା ତାହା କାର୍ଯ୍ୟକାରୀ ହେଉନାହିଁ। ତେଣୁ, କେହି ନିଜ ବଜେଟରୁ ଟଙ୍କା ଖର୍ଚ୍ଚ କରିବାକୁ ଚାହୁଁନାହାଁନ୍ତି। କାର୍ବନ ନିର୍ଗମନ ହ୍ରାସ କରିବା ପରିବର୍ତ୍ତେ, ବିକଶିତ ଦେଶଗୁଡ଼ିକ ଏହାକୁ ଆହୁରି ବୃଦ୍ଧି କରିଛନ୍ତି। ୨୦୧୫ ରେ ସ୍ୱାକ୍ଷରିତ ପ୍ୟାରିସ ଚୁକ୍ତିନାମାରେ କ'ଣ ଲେଖାଯାଇଥିଲା? ଏଥିରେ କୁହାଯାଇଛି ଯେ ପ୍ରତି ପାଞ୍ଚ ବର୍ଷରେ ଥରେ ଏହାର ସମୀକ୍ଷା କରାଯିବ। କିନ୍ତୁ, ବର୍ତ୍ତମାନର ପରିସ୍ଥିତି ହେଉଛି ଯେ ପ୍ରତିଶ୍ରୁତି ଦିଆଯାଇଥିବା କାର୍ବନ ହ୍ରାସ ହାସଲ ହୋଇନାହିଁ, ଏବଂ କାର୍ବନ ନିର୍ଗମନ କେବଳ ବୃଦ୍ଧି ପାଉଛି। ଲକ୍ଷ୍ୟ ଥିଲା ୧.୫ ଡିଗ୍ରୀ ସେଲସିୟସ୍ ତାପମାତ୍ରା ହ୍ରାସ କରିବା, କିନ୍ତୁ ତାହା ହାସଲ ହେଉନାହିଁ।

ସମସ୍ୟା କେବଳ ବ୍ୟକ୍ତିଗତ ରାଷ୍ଟ୍ରଗୁଡ଼ିକର ସେମାନଙ୍କର ଲକ୍ଷ୍ୟ ପୂରଣ କରିବାରେ ବିଫଳତା ନୁହେଁ। ଏହା ବ୍ୟବସ୍ଥାଗତ। ବିକଶିତ ଦେଶଗୁଡ଼ିକ, ଯେଉଁମାନେ ଐତିହାସିକ ଭାବରେ ଗ୍ରୀନହାଉସ୍ ଗ୍ୟାସ ନିର୍ଗମନ ପାଇଁ ସର୍ବବୃହତ ଦାୟିତ୍ୱ ବହନ କରନ୍ତି, ସେମାନେ ଏହି ଶିଖର ସମ୍ମିଳନୀରେ ମହାନ ଭାଷଣ ଏବଂ ପ୍ରତିଶ୍ରୁତି ସହିତ ପହଞ୍ଚନ୍ତି, କିନ୍ତୁ ସେମାନଙ୍କର ଘରୋଇ ନୀତିଗୁଡ଼ିକ ଲାଭ-ଚାଳିତ ଶିଳ୍ପ ସହିତ ଜଡିତ ରହିଥାଏ। ଜୀବାଶ୍ମ ଇନ୍ଧନ ନିଗମଗୁଡ଼ିକ ପ୍ରଚୁର ପ୍ରଭାବ ପକାଇବା, ଶକ୍ତି ନୀତି ଗଠନ କରିବା ଏବଂ ଅର୍ଥପୂର୍ଣ୍ଣ ନିୟନ୍ତ୍ରଣ ବିରୁଦ୍ଧରେ ଲବି କରିବା ଜାରି ରଖିଛନ୍ତି। ସରକାରମାନେ ଯେତେବେଳେ ମହତ୍ୱାକାଂକ୍ଷୀ ଲକ୍ଷ୍ୟ ଘୋଷଣା କରନ୍ତି, ସେମାନେ ପ୍ରାୟତଃ କର୍ପୋରେଟ୍ ସ୍ୱାର୍ଥର ଚାପରେ ସେଗୁଡ଼ିକୁ ଦୁର୍ବଳ କରିଦିଅନ୍ତି। ପରିଣାମ ସ୍ୱରୂପ ସମ୍ମିଳନୀର ଏକ ଚକ୍ର ଯାହା ଶିରୋନାମା ସୃଷ୍ଟି କରେ କିନ୍ତୁ ପରିବର୍ତ୍ତନ ସୃଷ୍ଟି କରିବାରେ ବିଫଳ ହୁଏ।

ସଂଯୁକ୍ତ ରାଷ୍ଟ୍ର, ଏହାର ନୈତିକ କର୍ତ୍ତୃତ୍ୱ ସତ୍ତ୍ୱେ, ଅନୁପାଳନକୁ ଲାଗୁ କରିବାରେ ଅସମର୍ଥ ହୋଇଛି। ଏହାର ଜଳବାୟୁ ଢାଞ୍ଚା ସ୍ୱେଚ୍ଛାକୃତ ପ୍ରତିବଦ୍ଧତା ଉପରେ ନିର୍ଭର କରେ, ଏବଂ ସେମାନଙ୍କର ଦାୟିତ୍ୱ ପୂରଣ କରିବାରେ ବିଫଳ ହେଉଥିବା ଦେଶଗୁଡ଼ିକୁ ଦଣ୍ଡିତ କରିବା ପାଇଁ କୌଣସି ବାଧ୍ୟତାମୂଳକ ବ୍ୟବସ୍ଥା ନାହିଁ। ଏହି ଦୁର୍ବଳତା ଶକ୍ତିଶାଳୀ ରାଷ୍ଟ୍ରଗୁଡ଼ିକୁ ଜଳବାୟୁ ଚୁକ୍ତିନାମାକୁ ଚୁକ୍ତିନାମାକୁ ବାଧ୍ୟ କରିବା ପରିବର୍ତ୍ତେ ଜନସମ୍ପର୍କ ଅଭ୍ୟାସ ଭାବରେ ବ୍ୟବହାର କରିବାକୁ ଅନୁମତି ଦେଇଛି। ୨୦୧୫ ରେ ଐତିହାସିକ ଭାବରେ ସମ୍ମାନିତ ପ୍ୟାରିସ ଚୁକ୍ତିନାମାକୁ ପ୍ରମୁଖ ଅର୍ଥନୀତିଗୁଡ଼ିକ ସେମାନଙ୍କର କାର୍ଯ୍ୟଗୁଡ଼ିକୁ ଏହାର ଲକ୍ଷ୍ୟ ସହିତ ସମାନ କରିବାକୁ ମନା କରିବା ଦ୍ୱାରା ଦୁର୍ବଳ କରାଯାଇଛି। ବ୍ରାଜିଲରେ ଉଙ୍ଚ ୩୦ ଶିଖର ସମ୍ମିଳନୀ ପୁଣି ଥରେ ଏହି ବିରୋଧାଭାସକୁ ଉଜ୍ଜ୍ୱଳ କରିଛି: ଲାଭ-ଚାଳିତ ଶାସନର ଜଡ଼ତା ସହିତ ସଂଘର୍ଷର ଜରୁରୀତାର ବାକ୍ୟରମା।ଏହା କହିବା ଭୁଲ ନୁହେଁ ଯେ ପୁଞ୍ଜିବାଦୀ ଦେଶଗୁଡ଼ିକ ଗ୍ରହ ବଞ୍ଚିବା ଅପେକ୍ଷା ଲାଭକୁ ପ୍ରାଥମିକତା ଦେଉଛନ୍ତି। ପୁଞ୍ଜିବାଦ, ଏହାର ପ୍ରକୃତି ଦ୍ୱାରା, ସଂଗ୍ରହ, ପ୍ରତିଯୋଗିତା ଏବଂ ସମ୍ବଳର ଶୋଷଣ ଉପରେ ଗଠିତ। ଅନନ୍ତ ଅଭିବୃଦ୍ଧିର ତର୍କ ମୂଳତଃ ପୃଥିବୀର ପରିସଂସ୍ଥାର ସୀମିତ ସୀମା ସହିତ ବିପରୀତ। ପୁଞ୍ଜିବାଦ ଅଧୀନରେ, ଜଙ୍ଗଲ କାଠ ପାଲଟିଯାଏ, ନଦୀ ଜଳବିଦ୍ୟୁତ୍ ପ୍ରକଳ୍ପରେ ପରିଣତ ହୁଏ, ଏବଂ ଜୀବାଶ୍ମ ଇନ୍ଧନ ଶିଳ୍ପ ପ୍ରସାରର ମେରୁଦଣ୍ଡ ହୋଇ ରହିଥାଏ। 'ସବୁଜ ଅଭିବୃଦ୍ଧି'ର ଭାଷା ମଧ୍ୟ ପ୍ରାୟତଃ ନିଷ୍କାସନ ଅଭ୍ୟାସଗୁଡ଼ିକର ନିରନ୍ତରତାକୁ ଲୁଚାଇ ଦିଏ, ଗଭୀର ସାଂରଚନିକ ସମସ୍ୟାକୁ ସମାଧାନ ନକରି କେବଳ ନୂତନ ପ୍ରଯୁକ୍ତିବିଦ୍ୟା ଉପରେ ବୋଝ ସ୍ଥାନାନ୍ତର କରେ।ତେଣୁ ଜଳବାୟୁ ସଙ୍କଟ କେବଳ ଏକ ପରିବେଶଗତ ସମସ୍ୟା ନୁହେଁ ବରଂ ଏକ ପଦ୍ଧତିଗତ ସମସ୍ୟା। ଯେପର୍ଯ୍ୟନ୍ତ ବ୍ୟବସ୍ଥା ନିଜେ ରୂପାନ୍ତରିତ ନହୁଏ, ଫଳାଫଳ ବିନା ସମ୍ମିଳନୀର ଚକ୍ର ଜାରି ରହିବ। ପୁଞ୍ଜିବାଦୀ ଅର୍ଥନୀତି ଦୀର୍ଘକାଳୀନ ବଞ୍ଚିବା ଅପେକ୍ଷା କ୍ଷଣସ୍ଥାୟୀ ଲାଭକୁ ପ୍ରାଥମିକତା ଦେବ, ଏବଂ ଗରିବତମ ସମ୍ପ୍ରଦାୟ - ଯେଉଁମାନେ ନିର୍ଗମନ ପାଇଁ ସବୁଠାରୁ କମ୍ ଦାୟୀ - ଜଳବାୟୁ ବିପର୍ଯ୍ୟୟର ପ୍ରଭାବ ବହନ କରିବେ। ଦକ୍ଷିଣ ଏସିଆରେ ବନ୍ୟା, ଆଫ୍ରିକାରେ ମରୁଡ଼ି ଏବଂ ଲାଟିନ୍ ଆମେରିକାରେ ଅଗ୍ନିକାଣ୍ଡ ପୃଥକ ଦୁଃଖଦ ଘଟଣା ନୁହେଁ; ଏଗୁଡ଼ିକ ଏକ ବିଶ୍ୱ ବ୍ୟବସ୍ଥାର ଲକ୍ଷଣ ଯାହା ମାନବ ଜୀବନ ଅପେକ୍ଷା ଲାଭ ପରିମାଣକୁ ଅଧିକ ମୂଲ୍ୟ ଦିଏ।

ଏହି ପରିପ୍ରେକ୍ଷୀରେ ସମାଜବାଦ ଏକ ଢାଞ୍ଚା ଭାବରେ ଉଭା ହୁଏ ଯାହା ଚକ୍ରକୁ ଭାଙ୍ଗିପାରେ। ପୁଞ୍ଜିବାଦ ପରି ନୁହେଁ, ସମାଜବାଦ ବ୍ୟକ୍ତିଗତ ଲାଭ ଦ୍ୱାରା ନୁହେଁ ବରଂ ସାମୂହିକ କଲ୍ୟାଣ ଦ୍ୱାରା ପରିଚାଳିତ ହୁଏ। ଏହା ଯୋଜନା, ସମାନତା ଏବଂ ସ୍ଥାୟୀତ୍ୱ ଉପରେ ଗୁରୁତ୍ୱ ଦିଏ। ଜଳବାୟୁ ଶାସନ ପାଇଁ ଏକ ସମାଜବାଦୀ ଆଭିମୁଖ୍ୟ କର୍ପୋରେସନଗୁଡ଼ିକର ଦାବି ଅପେକ୍ଷା ଲୋକଙ୍କ ଏବଂ ଇକୋସିଷ୍ଟମର ଆବଶ୍ୟକତାକୁ ପ୍ରାଥମିକତା ଦେବ। ଏହା ଶକ୍ତି, ଜଳ ଏବଂ ଜଙ୍ଗଲକୁ ସାମଗ୍ରୀ ଭାବରେ ନୁହେଁ ବରଂ ସାମୂହିକ ଭାବରେ ପରିଚାଳନା କରିବାକୁ ସାଧାରଣ ସାମଗ୍ରୀ ଭାବରେ ବ୍ୟବହାର କରିବ। ଏହା ନିଶ୍ଚିତ କରିବା ପାଇଁ ସମ୍ବଳଗୁଡ଼ିକୁ ପୁନଃବଣ୍ଟନ କରିବ ଯେ ପରିବର୍ତ୍ତନର ବୋଝ ଗରିବ ଲୋକଙ୍କ ଉପରେ ଅସମାନ ଭାବରେ ନ ପଡ଼େ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସମାଜବାଦ ତ୍ରୈମାସିକ ଲାଭ ଚକ୍ର ବାହାରେ ଦୀର୍ଘକାଳୀନ ଯୋଜନା ପାଇଁ ଅନୁମତି ଦେବ, ଯାହା ସମାଜକୁ ବିପର୍ଯ୍ୟୟକୁ ଏଡାଇବା ପାଇଁ ଆବଶ୍ୟକ ସାଂରଚନିକ ପରିବର୍ତ୍ତନ କରିବାକୁ ସକ୍ଷମ କରିବ।ଏହାର ଅର୍ଥ ନୁହେଁ ଯେ ସମାଜବାଦ ଏକ ଯାଦୁକରୀ ସମାଧାନ। ଏଥିପାଇଁ ଗଣତାନ୍ତ୍ରିକ ଅଂଶଗ୍ରହଣ, ଦାୟିତ୍ୱ ଏବଂ ନବସୃଜନ ଆବଶ୍ୟକ। କିନ୍ତୁ ଏହାର ଅର୍ଥ ହେଉଛି ଯେ ବ୍ୟବସ୍ଥାର ଯୁକ୍ତି ପରିବର୍ତ୍ତନ ହେବା ଆବଶ୍ୟକ। ଉଙ୍ଚ ୩୦ ଭଳି ସମ୍ମିଳନୀଗୁଡ଼ିକ ଫମ୍ପା ରୀତି ହୋଇ ରହିବ ଯଦି ସେଗୁଡ଼ିକୁ ଆର୍ଥିକ ପ୍ରାଥମିକତାର ପ୍ରକୃତ ପରିବର୍ତ୍ତନ ଦ୍ୱାରା ସମର୍ଥିତ କରାଯାଏ ନାହିଁ। ପୁଞ୍ଜିବାଦର ଧାରରେ ଛିଡ଼ା ହୋଇ ଜଳବାୟୁ ସଙ୍କଟର ସମାଧାନ କରାଯାଇପାରିବ ନାହିଁ; ଏଥିପାଇଁ ଏକ ଆଦର୍ଶ ପରିବର୍ତ୍ତନ ଆବଶ୍ୟକ। ବିକଶିତ ଦେଶଗୁଡ଼ିକୁ କେବଳ ସେମାନଙ୍କର ବର୍ତ୍ତମାନର ନିର୍ଗମନ ପାଇଁ ନୁହେଁ ବରଂ ସେମାନଙ୍କର ଐତିହାସିକ ଦାୟିତ୍ୱ ପାଇଁ ଦାୟୀ ହେବାକୁ ପଡ଼ିବ। ସେମାନଙ୍କୁ ବିକାଶଶୀଳ ରାଷ୍ଟ୍ରଗୁଡ଼ିକୁ ଦାନ ଭାବରେ ନୁହେଁ ବରଂ କ୍ଷତିପୂରଣ ଭାବରେ ଆର୍ଥିକ ଏବଂ ପ୍ରଯୁକ୍ତିବିଦ୍ୟା ସହାୟତା ପ୍ରଦାନ କରିବାକୁ ପଡ଼ିବ। ଏବଂ ସେମାନଙ୍କୁ ସ୍ୱୀକାର କରିବାକୁ ପଡ଼ିବ ଯେ ଜୀବାଶ୍ମ-ଇନ୍ଧନ-ଚାଳିତ ଅଭିବୃଦ୍ଧିର ଯୁଗ ଶେଷ ହୋଇଯାଇଛି।

ପରିସ୍ଥିତିର ଜରୁରୀତାକୁ ଅତ୍ୟଧିକ ବର୍ଣ୍ଣନା କରାଯାଇ ପାରିବ ନାହିଁ। ବୈଜ୍ଞାନିକମାନେ ଚେତାବନୀ ଦେଇଛନ୍ତି ଯେ ବିଶ୍ୱ ଏପରି ଏକ ବିନ୍ଦୁ ପାଖକୁ ଯାଉଛି ଯାହା ପରେ ପୁନରୁଦ୍ଧାର ଅସମ୍ଭବ ହେବ। ମେରୁ ବରଫ ତରଳିବା, ବର୍ଷା ଜଙ୍ଗଲର ପତନ ଏବଂ ସମୁଦ୍ରର ଅମ୍ଳୀକରଣ ଦୂର ବିପଦ ନୁହେଁ; ଏଗୁଡ଼ିକ ଏବେ ପ୍ରଘଟ ହେଉଛି। ପ୍ରତିବର୍ଷ ବିଳମ୍ବ କାର୍ଯ୍ୟକୁ କଷ୍ଟକର କରିଥାଏ। ପ୍ରତ୍ୟେକ ଭଙ୍ଗା ପ୍ରତିଶ୍ରୁତି ସଙ୍କଟକୁ ଆହୁରି ଘନିଷ୍ଠ କରିଥାଏ। ଉଙ୍ଚ ୩୦ ରେ ନେତାମାନେ ଏକାଠି ହୋଇ ପୁରୁଣା ପ୍ରତିଶ୍ରୁତିକୁ ପୁନରାବୃତ୍ତି କରିବା ଏବଂ ନିଜ ବିଫଳତାକୁ ଅଣଦେଖା କରିବା ଏକ ସ୍ପଷ୍ଟ ସ୍ମରଣକାରୀ ଯେ ବର୍ତ୍ତମାନର ବ୍ୟବସ୍ଥା ଆମକୁ ଆବଶ୍ୟକ ପରିବର୍ତ୍ତନ ପ୍ରଦାନ କରିବାରେ ଅସମର୍ଥ।

ଜଳବାୟୁ ସଙ୍କଟ ପୁଞ୍ଜିବାଦର ସଙ୍କଟଠାରୁ ଅବିଚ୍ଛେଦ୍ୟ। ଜାତିସଂଘ ଢାଞ୍ଚା ଅଧୀନରେ ଆୟୋଜିତ ସମ୍ମିଳନୀଗୁଡ଼ିକ ପ୍ରତୀକାତ୍ମକ ଇଙ୍ଗିତରେ ପରିଣତ ହୋଇଛି, ଲାଭ-ଚାଳିତ ରାଷ୍ଟ୍ରଗୁଡ଼ିକରୁ ପ୍ରକୃତ କାର୍ଯ୍ୟକୁ ବାଧ୍ୟ କରିବାରେ ଅକ୍ଷମ। ବିକଶିତ ଦେଶଗୁଡ଼ିକ ଗ୍ରହ ଜଳୁଥିବା ସତ୍ତ୍ୱେ ସେମାନଙ୍କର ଆର୍ଥିକ ସ୍ୱାର୍ଥକୁ ପ୍ରାଥମିକତା ଦେଇ ଚାଲିଛନ୍ତି। ଯେପର୍ଯ୍ୟନ୍ତ ବ୍ୟବସ୍ଥା ନିଜେ ରୂପାନ୍ତରିତ ନହୁଏ, ଏହି ଚକ୍ର ଜାରି ରହିବ। ସମାଜବାଦ ଏକ ସାରକ ବିଚାରଧାରା ଭାବରେ ନୁହେଁ ବରଂ ସାମୂହିକ ବଞ୍ଚିବା ପାଇଁ ଏକ ବ୍ୟବହାରିକ ଢାଞ୍ଚା ଭାବରେ ଆଗକୁ ବଢ଼ିବାର ଏକ ପଥ ପ୍ରଦାନ କରେ। ଲାଭ ଉପରେ ମାନବ କଲ୍ୟାଣ ଏବଂ ପରିବେଶଗତ ସ୍ଥାୟୀତ୍ୱକୁ ରଖି, ସମାଜବାଦ ପ୍ରକୃତ ଜଳବାୟୁ କାର୍ଯ୍ୟ ପାଇଁ ସାଂରଚନିକ ଭିତ୍ତିଭୂମି ପ୍ରଦାନ କରିପାରିବ। ମାନବଜାତି ସମ୍ମୁଖରେ ବିକଳ୍ପ ସ୍ପଷ୍ଟ: ପୁଞ୍ଜିବାଦୀ ଶୋଷଣର ପଥ ଅନୁସରଣ କରି ପରିବେଶଗତ ପତନର ସମ୍ମୁଖୀନ ହେବା, କିମ୍ବା ବ୍ୟବସ୍ଥାଗତ ପରିବର୍ତ୍ତନକୁ ଗ୍ରହଣ କରି ଏକ ସ୍ଥାୟୀ ଭବିଷ୍ୟତ ନିର୍ମାଣ କରିବା। ଉଙ୍ଚ ୩୦ ପୁଣି ଥରେ ଦେଖାଇଛି ଯେ ଭାଷଣବାଜିର ସମୟ ଶେଷ ହୋଇଯାଇଛି। ବର୍ତ୍ତମାନ ଯାହା ଆବଶ୍ୟକ ତାହା ହେଉଛି ବ୍ୟବସ୍ଥାର ପରିବର୍ତ୍ତନ।

ଆବାହକ, ଓଡ଼ିଆ ଭାଷା, ସୁରକ୍ଷା ଅଭିଯାନ
ସୁଜନପୁର, ଯାଜପୁର, ମୋବାଇଲ୍: ୯୪୩୭୨୮୮୦୨୮

# ଅଳିଆଗଦାରେ ତରକାରୀ ଆଇନ



ଯୁଧିଷ୍ଠିର ମହାରଣା

ବର୍ତ୍ତମାନ ବିବାହ ଓ ଭୋଜିଭାତ ଋତୁ ଚାଲିଛି। ବର୍ତ୍ତମାନର ସମୟରେ ନଅ ତିଅଣ ଛଅ ଭଜା ଠାରୁ ଆହୁରି ଲମ୍ବି ଗଲାଣି ଖାଇବା ମେନୁର ତାଲିକା। ଏମିତିରେ ବି ଲୋକମାନଙ୍କ ଖାଦ୍ୟ ରୁଚି ସବୁ ପରିବର୍ତ୍ତନ ହୋଇଗଲାଣି। କହିବାକୁଗଲେ ଦାମୀ, ସୁସ୍ୱାଦୁ ଓ ଆକର୍ଷଣୀୟ ଖାଦ୍ୟ ପଦାର୍ଥ ନକଲେ ଭୋଜିର ମୂଲ୍ୟ ରହିବ ନାହିଁ ବୋଲି ଅନେକ ଲୋକମାନଙ୍କର ଏକ ପ୍ରକାର ଧାରଣା ଥାଏ। କାଁ ଭାଁ କେଉଁଠି ଜଣେ ଭୋଜିରେ ଗାଉଁଲି ଖାଦ୍ୟ ଦେଖିବାକୁ ପାଉଛନ୍ତି। କିନ୍ତୁ ଖାଇବା ଭୋଜି ବ୍ୟବସ୍ଥା ଦିନକୁ ଦିନ ଏତେ ବ୍ୟୟ ବହୁଳ ହେଲାଣି ଯେ 'ଦେଉଳକୁ ମୁଖଶାଳା ବଳି' ପରି ସବୁ ଖର୍ଚ୍ଚ ଠାରୁ ଖାଇବା ପିଇବା ଖର୍ଚ୍ଚ ହିଁ ସବୁଠାରୁ ଉଚାରେ ରହୁଛି। ଗଣମାଧ୍ୟମରେ ଆମେ ଅନେକ ସମୟରେ ଦେଖୁଛୁ ଯେ ସୁସ୍ୱାଦୁ ଓ ଆମିଷ ଖାଦ୍ୟ ପାଇଁ ବିବାହ ବା ଅନ୍ୟ ଭୋଜିରେ ନାନାଦି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି। ଗୋଟିଏ ଗୋଟିଏ ପରିବାର ବିବାହ ଭୋଜି ପାଇଁ ଏପରି ଋଣଗ୍ରସ୍ତ ହୋଇଯାଉଛନ୍ତି ଯେ ସେଥିରୁ ଉଠିବା ପାଇଁ ସେମାନଙ୍କୁ ବର୍ଷ ବର୍ଷ ଲାଗି ଯାଉଛି। କିନ୍ତୁ ବଡ଼ ଆଶ୍ଚର୍ଯ୍ୟର କଥା ବର୍ଷ ବର୍ଷ ଧରି ଆମ ଓଡ଼ିଶାରେ ଏକ ବିଧିବଦ୍ଧ ଆଇନ ଥାଇ ମଧ୍ୟ ତାହା କୌଣସି କାର୍ଯ୍ୟରେ ଲାଗୁନି। ଭୋଜିରେ କେତେ ପ୍ରକାର କ'ଣ କ'ଣ ମେନୁ ତାଲିକା ରହିଲା ତାହା ହେଉଛି ବର୍ତ୍ତମାନ ସମୟର ସବୁଠାରୁ ବଡ଼ ତଥା କଥିତ ଷ୍ଟାଟସ ସିମ୍ବଲ କହିଲେ ଅତ୍ୟୁକ୍ତି ହେବନାହିଁ।

କୌଣସି ଭୋଜିରେ ଅଥବା ହୋଟେଲ, ରେଷ୍ଟୁରାଣ୍ଟ, କ୍ୟାଣ୍ଟିନ୍, କ୍ଲବ ଆଦିରେ ଜଣେ ବ୍ୟକ୍ତିଙ୍କୁ ଦୁଇ ପ୍ରକାରରୁ ଅଧିକ ତରକାରୀ ପରସା ଯାଇପାରିବ ନାହିଁ। ଏ ସଂକ୍ରାନ୍ତରେ ଓଡ଼ିଶା ସରକାରଙ୍କ ସ୍ୱତନ୍ତ୍ର ଆଇନଗତ ବ୍ୟବସ୍ଥା ଥିଲେ ମଧ୍ୟ ଏହାକୁ ସରକାରୀ କଳ ବି ମାନୁନାହିଁ। ସରକାର ଚଳାଉଥିବା ବ୍ୟକ୍ତିବିଶେଷ ଓ ଉଚ୍ଚ ପଦାଧିକାରୀମାନେ ନିଜ ନିଜର ପତିଆରା ପାଇଁ ସ୍ଥଳ ବିଶେଷରେ ୨୦ ପ୍ରକାରରୁ ଅଧିକ ବ୍ୟଞ୍ଜନ ପରିବେଷଣ କରାଉଥିଲେ ମଧ୍ୟ ତାହାକୁ ରୋକାଯାଇ ନଥିବାରୁ ସାଧାରଣ ଲୋକଙ୍କ ଉପରେ ଏହି



ଆଇନଗତ ବ୍ୟବସ୍ଥାର ସାମାନ୍ୟ ପ୍ରଭାବ ପଡୁନାହିଁ। ଅତ୍ୟାବଶ୍ୟକୀୟ ସାମଗ୍ରୀ ଆଇନ ଆଧାରରେ ଭାରତ ସରକାରଙ୍କ କୃଷି ମନ୍ତ୍ରାଳୟ ୧୯୭୨ ମସିହାରେ ଏପରି ଏକ ବ୍ୟବସ୍ଥା ପ୍ରଣୟନ କରିଥିଲେ। ଓଡ଼ିଶା ସରକାର ୧୯୭୩ ମସିହାରେ 'ଓଡ଼ିଶା ଫୁଡ଼ ରେଷ୍ଟ୍ରିକ୍ସନ ଅନ୍ ସର୍ଭିସ ଅଫ୍ ମିଲ୍ସ ବାଇ କ୍ୟାଟରିଙ୍ଗ୍ ଏଷ୍ଟାବ୍ଲିଶମେଣ୍ଟ ଅର୍ଡ଼ର' ଗେଜେଟ ବିଜ୍ଞପ୍ତିରେ ପ୍ରକାଶ କରିଥିଲେ। ଏହି ଆଇନଗତ ବ୍ୟବସ୍ଥା ଅନୁଯାୟୀ ରାଜ୍ୟ ସରକାରଙ୍କ ଦ୍ୱାରା କ୍ଷମତାପ୍ରାପ୍ତ କୌଣସି ଅଧିକାରୀ କିମ୍ବା ଇନ୍ସପେକ୍ଟର ଓ ତଦୁର୍ଦ୍ଧ୍ୱ ପାହ୍ୟାର କୌଣସି ପୋଲିସ୍ ଅଧିକାରୀ ଦୁଇରୁ ଅଧିକ ବ୍ୟଞ୍ଜନ ପରସା ଯାଉଥିବା ଭୋଜି କ୍ଲବ, ହୋଟେଲ, କ୍ୟାଟରିଙ୍ଗ ସଂସ୍ଥା ଆଦି ଉପରେ ଚଢ଼ାଉକରି ରନ୍ଧା ହୋଇଥିବା ସାମଗ୍ରୀ ଓ ରନ୍ଧନପାତ୍ର ଆଦିକୁ ଜବତ କରିବା ସହିତ ବ୍ୟବସ୍ଥାର ଉଲ୍ଲଙ୍ଘନ କରିଥିବା ବ୍ୟକ୍ତିଙ୍କୁ ଜେରା କରିପାରିବେ। କ୍ରିମିନାଲ ପ୍ରୋସିଡିଓର କୋଡ଼ରେ ଥିବା ବିଭିନ୍ନ ଧାରା ଅନୁଯାୟୀ ଖିଲାପକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ହୋଇପାରେ ବୋଲି ଆଇନଗତ ବ୍ୟବସ୍ଥା ଅଛି। କେବଳ ଖାଦ୍ୟ ଯୋଗାଣକାରୀ ସଂସ୍ଥା ନୁହନ୍ତି କୌଣସି ବ୍ୟକ୍ତି ଦୁଇରୁ ଅଧିକ ତରକାରୀ ଖାଇବାକୁ ନେଇପାରିବେ ନାହିଁ। ପ୍ରମୁଖ ଖାଦ୍ୟ ହିସାବରେ ଭାତ, ଡାଲି, ଚପାତି, ପରଟା, ପୁରି, ଲୁଚି ଆଦି ସହିତ ମାଛ, ମାଂସ କିମ୍ବା ପରିବାରରେ ପ୍ରସ୍ତୁତ ଗୋଟିଏ ତରକାରୀ ଏବଂ ତାହାର ସହଯୋଗୀ ଭାବେ ପରିବା, ଅଣ୍ଡା, ମିଠା ଆଦିରେ ତିଆରି ଆଉ ଗୋଟିକୁ ବ୍ୟବହାର କରିପାରିବେ। ତେବେ ଏହି ତରକାରୀ ବ୍ୟତିତ ସୁପ୍, ବିସ୍କୁଟ, ଜାମ୍, ଜୁସ୍, ଭଜା, ପାମ୍ପଡ଼, ଚଟଣୀ, ଖଟା, ରାଇତା, ପିଆଜ, ଘିଅ, ଲହୁଣି, ଦହି, ଛେନା, ଦୁଗ୍ଧ, କଷ୍ଟାଡ଼ ଆଦି ସେବନ କରାଯାଇ ପାରିବ।

ଖାଦ୍ୟ କଟକଣା ପାଇଁ ଆଇନରେ ଏହି ବ୍ୟବସ୍ଥା ଥିବାବେଳେ ଏବେ ସମ୍ଭ୍ରାନ୍ତ ଲୋକ ମାନଙ୍କର ବାହାଘର ଭୋଜିରେ ଆଠ ଦଶପ୍ରକାରର ଆମିଷ ଓ ଅନେକ କିସମର ନିରାମିଶ ବ୍ୟଞ୍ଜନ ପରସା ଯାଉଛି। ଯେଉଁମାନେ ଏହାକୁ ଜଗିବା କଥା ସେମାନେ ଭୋଜିଭାତ ଖାଇବା ସଙ୍ଗେ ସଙ୍ଗେ ସେଠାରେ ଅପ୍ୟାୟିତ ହେଉଥିବା ବିଶିଷ୍ଟ ଅତିଥି ମାନଙ୍କ ନିରାପତ୍ତା କଥା ଦେଖୁଛନ୍ତି। ବିଦେଶରୁ ଆସୁଥିବା କୂଟନୈତିକ ଅତିଥି ମାନଙ୍କୁ ଅପ୍ୟାୟିତ କରିବା ଲାଗି ଆୟୋଜିତ ନୈଶ୍ୟଭୋଜି ପାଇଁ ଏହି ଆଇନଗତ କଟକଣା ଲାଗୁନାହିଁ। ଓଡ଼ିଶା ସରକାର ପାଞ୍ଚ ଟଙ୍କାରେ ସହରକୁ ଆସୁଥିବା ଦୂରଦୂରାନ୍ତର ସାଧାରଣ ଲୋକଙ୍କ ପାଇଁ ପାଞ୍ଚ ଟଙ୍କିଆ ଆହାର ଯୋଜନା ପ୍ରଣୟନ କରିଥିଲେ ବି ଏଥିରେ କିନ୍ତୁ ଅବ୍ୟବସ୍ଥା ଦେଖାଯାଉଛି। ଓଡ଼ିଶା ପରି ଅଭାବୀ ଓ ଗରିବ ରାଜ୍ୟରେ ଦିନରେ ଥରେ ଖାଇବାଟିଏର ସକ୍ଷମ ନଥିବା ଅନେକ ଲୋକ ରହିଥିବାବେଳେ ସରକାରଙ୍କ ପ୍ରଣୀତ ବ୍ୟବସ୍ଥିତ ତରକାରୀ ଆଇନ ଅଳିଆଗଦାରେ ପଡ଼ିଛି। ଇଆଡ଼େ ଭୋଜି ପରଦିନ କୁଢ଼ କୁଢ଼ ବଳିଯାଇଥିବା ବା ଅତିଥିମାନେ ଛାଡ଼ିଥିବା ଅଇଁଠା ଖାଦ୍ୟ ଆବର୍ଜନା ପରିବେଶ ସୃଷ୍ଟି ମଧ୍ୟ କରୁଛି। ପରିବେଶ ପ୍ରଦୂଷଣ ହେଉଥିଲେ ବି ସମସ୍ତେ କିନ୍ତୁ ବେଫିକର। କଥା ହେଉଛି ତଥାକଥିତ ବଡ଼ବଡ଼ିଆ ମାନେ ନିଜ ଆତ୍ମ ସମୀକ୍ଷା ନକଲେ ଇଏ ଏକ ପ୍ରହସନ ହୋଇଯାହା ରହିବ।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୯୪୩୭୧୬୩୫୨୮

### ବିଜେପିକୁ ଚରମ ଚେତାବନୀ ଦେଲେ ମମତା

## ମୋତେ ଆକ୍ରମଣ କଲେ ବିଜେପିର ମୂଳଦୁଆ ହଲାଇଦେବି



ନୂଆଦିଲ୍ଲୀ,୨୫।୧୧: ଯଦି ବିଜେପି ବଙ୍ଗଳାରେ ମୋତେ ଆକ୍ରମଣ କରିବାକୁ ଚେଷ୍ଟା କରେ, ତେବେ ମୁଁ ସାରା ଭାରତରେ ଏହାର ମୂଳଦୁଆ ହଲାଇ ଦେବି। ଏସଆଇଆରକୁ ନେଇ ବିଜେପି ଏବଂ କେନ୍ଦ୍ର ସରକାରଙ୍କୁ କଡ଼ା ହମଲା କରିଛନ୍ତି ମମତା। ସେ କହିଛନ୍ତି ଗୋଟିଏ ଏସଆଇଆର ପୂରଣ କରିବାକୁ ତିନି ବର୍ଷ ସମୟ ଲାଗେ। ଆମେ କେବେ ଏହାକୁ ବିରୋଧ କରିନାହୁଁ। କିନ୍ତୁ ପ୍ରକୃତ ଭୋଟରଙ୍କ ନାମ ଡିଲିଟ୍ କରାଯାଇପାରିବ ନାହିଁ। ସେ ନିର୍ବାଚନ କମିଶନର ଭୂମିକା ଉପରେ ମଧ୍ୟ ପ୍ରଶ୍ନ ଉଠାଇ କହିଥିଲେ ଯେ, ନିର୍ବାଚନ କମିଶନର କାମ ନିରପେକ୍ଷ ରହିବା, ବିଜେପି କମିଶନ ହେବା ନୁହେଁ। ଯଦି ଭୋଟରମାନେ ବେଆଇନ, ତେବେ ୨୦୨୪ରେ ସରକାରଙ୍କୁ ଦିଆଯାଇଥିବା ଭୋଟ ବି ବେଆଇନ। ମତୁଆ ସମ୍ପ୍ରଦାୟକୁ ସମ୍ବୋଧିତ କରି ସେ କହିଥିଲେ, ଆପଣମାନେ ସମସ୍ତେ ପ୍ରକୃତ ଭୋଟର। ଆପଣ ୨୦୧୪ରେ ମୋଦି ସରକାରଙ୍କୁ ଭୋଟ ଦେଇଥିଲେ। ଯଦି ଆପଣ ବେଆଇନ ହୋଇଯାଆନ୍ତି, ତେବେ ସେହି ସରକାର ମଧ୍ୟ ବେଆଇନ ହୋଇଯିବ। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଦାବି କରିଥିଲେ ଯେ, ଏସଆଇଆର ନାମରେ ବଙ୍ଗଳାର ଲୋକଙ୍କୁ ଭୟଭୀତ କରାଯାଉଛି ଏବଂ ଏହି ସମ୍ପୂର୍ଣ୍ଣ କାର୍ଯ୍ୟ ରାଜନୈତିକ ଉଦ୍ଦେଶ୍ୟ ପାଇଁ କରାଯାଉଛି। ସେ କହିଥିଲେ, ବିଜେପି ମୋ ସହିତ ମୋ ଖେଳରେ ଲଢ଼ିପାରିବ ନାହିଁ, ମୋତେ ପରାସ୍ତ କରିପାରିବ ନାହିଁ। ଯଦି ବିଜେପି ବଙ୍ଗଳାରେ ମୋତେ ଆକ୍ରମଣ କରିବାକୁ ଚେଷ୍ଟା କରେ, ତେବେ ମୁଁ ସାରା ଭାରତରେ ଏହାର ମୂଳଦୁଆ ହଲାଇ ଦେବି।

## ଭାରତକୁ ୟୁରାନିୟମ ଯୋଗାଇବ କାନାଡ଼ା

### ୨.୮ ବିଲିୟନ ଡଲାରର ହେବ ୧୦ ବର୍ଷିଆ ଚୁକ୍ତି

ନୂଆଦିଲ୍ଲୀ,୨୫।୧୧: ବିଶ୍ୱ ସ୍ତରରେ ଶକ୍ତି କ୍ଷେତ୍ରରେ ବିଶେଷ କରି ପରମାଣୁ ଶକ୍ତି କ୍ଷେତ୍ରରେ ନିଜର ଛାପ ଛାଡ଼ିବାକୁ ଯାଉଛି ଭାରତ। ଏଥିପାଇଁ ସରକାର କାନାଡା ସହ ୧୦ ବର୍ଷିଆ ଚୁକ୍ତି ସ୍ୱାକ୍ଷର କରିବାକୁ ଯାଉଛନ୍ତି। ଯାହାର ମୂଲ୍ୟ ପ୍ରାୟ ୨.୮ ବିଲିୟନ ଡଲାର ହେବା ନେଇ ଆଶା କରାଯାଉଛି। ଏହି ଚୁକ୍ତି ଅନୁସାରେ କାନାଡା କମ୍ପାନି ଭାରତକୁ ୟୁରାନିୟମ ଯୋଗାଇବ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ଚୁକ୍ତି ଏଭଳି ସମୟରେ ହୋଇଛି, ଯେତେବେଳେ ଆମେରିକାର ଟାରିଫ୍ ଯୋଗୁ ଭାରତ ଏବଂ କାନାଡା ଅର୍ଥନୀତିକୁ କ୍ଷତି ପହଞ୍ଚୁଛି। ସେହିଭଳି ଅନ୍ୟପଟେ, ଚୀନ୍ ପୁଣି ଥରେ ବିଶ୍ୱ ଯୋଗାଣ ଶୃଙ୍ଖଳାରେ ନିଜର ପ୍ରାଧାନ୍ୟ ବିସ୍ତାର କରିବାକୁ ଚେଷ୍ଟା କରୁଛି।

ଗ୍ଲୋବାଲ ଆଣ୍ଡ୍ ମେଲ୍ ପକ୍ଷରୁ ଜାରି ଏକ ରିପୋର୍ଟ ଅନୁସାରେ, କାନାଡାର କାମେକୋ କର୍ପୋରେସନ



ୟୁରାନିୟମ ଯୋଗାଣ କରିବ। ଏହି ଚୁକ୍ତି ଦୁଇ ଦେଶ ମଧ୍ୟରେ ଏକ ବ୍ୟାପକ ପରମାଣୁ ସହଭାଗିତା ପ୍ରୟାସର ଅଂଶ ହୋଇପାରେ। ତେବେ ଏନେଇ ଆନୁଷ୍ଠାନିକ ଭାବରେ ସ୍ପଷ୍ଟ ସୂଚନା ଦିଆଯାଇନାହିଁ। ଭାରତ ସରକାର କହିଛନ୍ତି ଯେ, ଦୁଇ ଦେଶ ଏକ ନୂଆ ବାଣିଜ୍ୟ ଚୁକ୍ତି ପାଇଁ ଅଟକି ରହିଥିବା ଆଲୋଚନାକୁ ପୁନଃ ଆରମ୍ଭ କରିବାକୁ ରାଜି ହୋଇଛନ୍ତି। ଯାହା ଦୁଇ ବର୍ଷ ତଳେ ଏକ କୂଟନୈତିକ ବିବାଦ ପରେ ବନ୍ଦ ହୋଇଯାଇଥିଲା। ପିଏମଓ ପକ୍ଷରୁ ଜାରି ଏକ ବିବୃତ୍ତିରେ କୁହାଯାଇଛି ଯେ, ନେତାମାନେ ଅତ୍ୟନ୍ତ ମହତ୍ୱାକାଂକ୍ଷୀ ବ୍ୟାପକ ଅର୍ଥନୈତିକ ସହଭାଗୀତା ଚୁକ୍ତିନାମା ଉପରେ ଆଲୋଚନା ଆରମ୍ଭ କରିବାକୁ ରାଜି ହୋଇଛନ୍ତି, ଯାହା ୨୦୩୦ ସୁଦ୍ଧା ଦ୍ୱିପାକ୍ଷିକ ବାଣିଜ୍ୟକୁ ୫୦ ବିଲିୟନ ଡଲାରକୁ ଦ୍ୱିଗୁଣିତ କରିବାକୁ ଲକ୍ଷ୍ୟ ରଖିଛି।

### କାନାଡ଼ାରେ ଖଲିସ୍ତାନ ଆତଙ୍କୀଙ୍କ ଉତ୍ପାତ

## ଚିରିଦେଲେ ତ୍ରିରଙ୍ଗା, ଭାରତୀୟ ରାଜନେତାଙ୍କୁ ହତ୍ୟା ଧମକ

ନୂଆଦିଲ୍ଲୀ,୨୫।୧୧: କାନାଡାରେ ଖଲିସ୍ତାନ ସମର୍ଥକଙ୍କ ଉତ୍ପାତ। ହିଂସାତ୍ମକ ସ୍ଲୋଗାନ, ତ୍ରିରଙ୍ଗାକୁ କଲେ ଅପମାନ। ଖଲିସ୍ତାନୀ ଆତଙ୍କବାଦୀ ଗୁରୁପତୱନ୍ତ ସିଂହ ପନ୍ନୁଙ୍କ ନେତୃତ୍ୱରେ ଶିଖ୍ ଫର ଜଷ୍ଟିସ୍ ଅଟାୱାରେ ଏକ ଅନୌପଚାରିକ ଜନମତ ସଂଗ୍ରହ କରିଥିଲା। ହଜାର ହଜାର ଖଲିସ୍ତାନୀ ସମର୍ଥକ ମ୍ୟାକନାବ୍ କମ୍ୟୁନିଟି ସେଣ୍ଟରରେ ଏକାଠି ହୋଇଥିଲେ। ଏହି କାର୍ଯ୍ୟକ୍ରମ ସମୟରେ, ଖଲିସ୍ତାନୀମାନେ ଭାରତୀୟ ତ୍ରିରଙ୍ଗାକୁ ଅପମାନ କରିଥିଲେ। ସେମାନେ ଭାରତୀୟ ରାଜନେତାଙ୍କୁ ଗାଳି ଦେଇଥିଲେ। ସେମାନଙ୍କୁ ହତ୍ୟା କର, ସେମାନଙ୍କୁ ଏବଂ କାଟିଦିଅ ଭଳି ସ୍ଲୋଗାନ ଦେଇଥିଲେ।

ଜନମତ ସଂଗ୍ରହ କରିଥିବା ଏସଏଫଜେକୁ ଭାରତ ସରକାର ୟୁଏପିଏ ଅଧୀନରେ ଏକ ଆତଙ୍କବାଦୀ ସଂଗଠନ ଭାବରେ ଘୋଷଣା କରିଛନ୍ତି। ଜନମତ ସଂଗ୍ରହର ଉଦ୍ଦେଶ୍ୟ ଥିଲା





ପଞ୍ଜାବ ଭାରତରୁ ଅଲଗା ହେବ କି ନାହିଁ ଏବଂ ଖଲିସ୍ତାନର ଦେଶ ପ୍ରତିଷ୍ଠା କରିବ ସେ ବିଷୟରେ ଜନମତ ସଂଗ୍ରହ କରିବା। ଆୟୋଜକମାନେ ଦାବି କରିଛନ୍ତି ଯେ, ୫୩,୦୦୦ରୁ ଅଧିକ ଲୋକ ସେମାନଙ୍କର ଭୋଟ ଦେଇଥିଲେ। ଅଂଶଗ୍ରହଣକାରୀମାନେ ୮୦ ଏବଂ ୯୦ ଦଶକର ଶିଶୁଙ୍କଠାରୁ ଆରମ୍ଭ କରି ବୃଦ୍ଧ ପର୍ଯ୍ୟନ୍ତ ଥିଲେ। ଅଂଶଗ୍ରହଣକାରୀମାନେ ଓଣ୍ଟାରିଓ, ଆଲବର୍ଟା, ବ୍ରିଟିଶ କଲମ୍ବିଆ ଏବଂ କ୍ୟୁବେକ୍ ସମେତ ବିଭିନ୍ନ କାନାଡିଆନ ପ୍ରଦେଶରୁ ଆସିଥିଲେ। ଭୋଟ୍ ସମୟ ଶେଷ ହେବା ପରେ ମଧ୍ୟ ଧାଡ଼ି ଲାଗି ରହିଥିଲା। ଏସଏଫଜେ ଜେନେରାଲ କାଉନସେଲ ଗୁରୁପତୱନ୍ତ ସିଂହ ପନ୍ନୁ ଭିଡିଓ ମାଧ୍ୟମରେ ଭାରତରେ ବିଷ ଓଗାଳିଥିଲେ, ଦାବି କରିଥିଲେ ଯେ, ଏହି ପଦକ୍ଷେପ ଖଲିସ୍ତାନର ସ୍ୱାଧୀନତା ପାଇଁ ଆବଶ୍ୟକ।

ଭୋଟ୍ ଶେଷ ହେବା ପରେ ସବୁଠାରୁ ଲଜ୍ଜାଜନକ ମୁହୂର୍ତ୍ତ ଆସିଥିଲା। ଖଲିସ୍ତାନୀମାନେ ଭାରତୀୟ ପତାକାକୁ ଚିରି ଦେଇଥିଲେ। ଏହି ଦୃଶ୍ୟ ଭିଡିଓରେ କଏଦ ହୋଇଥିଲା, ଯାହା ସୋସିଆଲ ମିଡିଆରେ ଭାଇରାଲ ହେଉଛି। କାର୍ଯ୍ୟକ୍ରମରେ ୧୯୮୫ ଏୟାର ଇଣ୍ଡିଆ ବୋମା ବିସ୍ଫୋରଣ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ସନ୍ତୁଖ ସିଂହ ଖେଲା ମଧ୍ୟ ସାମିଲ ଥିଲେ।

### ଧ୍ୱଜାରୋହଣ ଉତ୍ସବ

## ୪୪ ମିନିଟର ସେହି ଶୁଭ ମୁହୂର୍ତ୍ତ ସ୍ୱତନ୍ତ୍ର

ଅଯୋଧ୍ୟା,୨୫।୧୧: ଅନେକ ଦିନ ପରେ ଆଜି ସେ ଶୁଭ ମୁହୂର୍ତ୍ତ ପହଞ୍ଚିଛି। ଆଜି ପ୍ରଧାନମନ୍ତ୍ରୀ ଅଯୋଧ୍ୟାର ପବିତ୍ର ଶ୍ରୀ ରାମ ଜନ୍ମଭୂମି ମନ୍ଦିରର ଶିଖରରେ ବିଧିବଦ୍ଧ ଭାବରେ ପବିତ୍ର ଧର୍ମଧ୍ୱଜା ଉଡ଼ାଇଛନ୍ତି। ଏହି ପିବିତ୍ର ବାନା ମନ୍ଦିରର ନିର୍ମାଣ କାର୍ଯ୍ୟ ସମାପ୍ତିର ପ୍ରତୀକ ହେବା ସହିତ ଏବଂ ସାଂସ୍କୃତିକ ଉତ୍ସବ ତଥା ଜାତୀୟ ଏକତାର ଏକ ନୂତନ ଅଧ୍ୟାୟର ଆରମ୍ଭ କରିବ। ଜ୍ୟୋତିଷବିଜ୍ଞାନ ଓ ଜ୍ଞାନୀଗୁଣି ପଣ୍ଡିତମାନଙ୍କ କହିବାନୁସାରେ, ରାମମନ୍ଦିର ଉପରେ ଧ୍ୱଜାରୋହଣ ଅଭିଜିତ ମୁହୂର୍ତ୍ତରେ କରାଯାଇଛି। ଯାହାର ସମୟ ସକାଳ ୧୧ଟା ବାଜି ୪୫ ମିନିଟରୁ ୧୨ଟା ୨୯ପର୍ଯ୍ୟନ୍ତ ରହିଥିଲା। ବିଶ୍ୱାସ ରହିଛି ଭଗବାନ ରାମଙ୍କ ଜନ୍ମ ଏହି ଅଭିଜିତ ମୁହୂର୍ତ୍ତରେ ହୋଇଥିଲା। ତେଣୁ ରାମମନ୍ଦିରର ଧ୍ୱଜାରୋହଣ ପାଇଁ ଏହି ସମୟକୁ ନିର୍ଦ୍ଧାରିତ କରାଯାଇଥିଲା। ଆଜି ଫୁରୁଫୁରୁ ହୋଇ ରାମମନ୍ଦିର ଉପରେ ଉଡୁଥିବା ପବିତ୍ର ଧ୍ୱଜା ଦଶ ଫୁଟ ଉଚ୍ଚତା ଏବଂ କୋଡିଏ ଫୁଟ ଲମ୍ବ ବିଶିଷ୍ଟ ରହିଛି। ଏହି ଦକ୍ଷିଣ କୋଣ ତ୍ରିକୋଣୀୟ ପତାକାରେ ଭଗବାନ ଶ୍ରୀରାମଙ୍କ ପ୍ରତିଭା ଏବଂ ବୀରତ୍ୱର ପ୍ରତୀକ ସ୍ୱରୂପ ଏକ ଉଜ୍ଜ୍ୱଳ ସୂର୍ଯ୍ୟର





ପ୍ରତିଛବି ରହିଛି। ଯାହାକି ଭକ୍ତଙ୍କୁ ଖୁବ ଆକୃଷ୍ଟ କରୁଛି। ଏଥିସହିତ ଧର୍ମଧ୍ୱଜାରେ କୋବିଦାରା ଗଛର ପ୍ରତିଛବି ସହିତ ଏକ 'ଓମ୍' ଲେଖାଥିବା ଦେଖିବାକୁ ମିଳୁଛି। ଅଯୋଧ୍ୟାର ସାଧୁସନ୍ଥଙ୍କ କହିବାନୁସାରେ, ତ୍ରେତୟା ଯୁଗରେ ଭଗବାନ ରାମ ଓ ମା' ଜାନକିଙ୍କ ବିବାହ ମାର୍ଗଶିର ମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ହୋଇଥିଲା। ନଭେମ୍ବର ୨୫ ଅର୍ଥାତ ଆଜିର ଦିନରେ ପ୍ରତିବର୍ଷ ବିବାହ ପଞ୍ଚମୀ ଦିନ ସର୍ବାଧିକ ବିବାହ ତିଥି ନିର୍ଦ୍ଧାରିତ ହୋଇଥାଏ। ଏହି ତିଥିକୁ ଖୁବ ଶୁଭ ମନା ଯାଇଥାଏ।

### ଇଥୋପିଆରେ ଆଗ୍ନେୟଗିରି ଉଦ୍‌ଗୀରଣ

## ୪୫୦୦ କିମି ପାର୍ କରି ଭାରତରେ ପହଞ୍ଚିଲା ପାଉଁଶ

ନୂଆଦିଲ୍ଲୀ,୨୫।୧୧: ରବିବାର ଇଥୋପିଆର ହାୟଲି ଅଗ୍ନେୟଗିରିରେ ବଡ଼ ଧରଣର ଉଦଗୀରଣ ହୋଇଛି। ଏହି ଆଗ୍ନେୟ ଉଦଗୀରଣ ଏତେ ପ୍ରଚଣ୍ଡ ଥିଲା ଯେ, ଏଥିରୁ ନିର୍ଗତ ପାଉଁଶ ମିଶ୍ରିତ ଧୂଆଁ ପ୍ରାୟ ୧୪ କିଲୋମିଟର ଆକାଶକୁ ଉଠିଥିଲା। ବଡ଼ କଥା ହେଲା ଏଥିରୁ ନିର୍ଗତ ପାଉଁଶ ଧୂଆଁ ଏବେ ଭାରତ ପହଞ୍ଚିଛି। ଫଳରେ ଅନେକ ବିମାନ ଉଡ଼ାଣ ପ୍ରଭାବିତ ହୋଇଛି। ଏମିତିରେ ଇଥୋପିଆରୁ ଭାରତ ପହଞ୍ଚିଥିବା ପାଉଁଶ ବାଦଲକୁ ନେଇ ପାଣିପାଗ ବିଭାଗ ମଧ୍ୟ



ଆଲର୍ଟ ମୋଡରେ ରହିଛି। ଆଇଏମଡିର ସୂଚନା ଅନୁସାରେ, ଦିଲ୍ଲୀଠାରୁ ୯ ହଜାର କିଲୋମିଟର ଦୂରରେ ହୋଇଥିବା ଆଗ୍ନେୟ ଉଦଗୀରଣ ଯୋଗୁ ଏହି ପାଉଁଶ ପୂର୍ଣ୍ଣ ଧୂଆଁ ଭାରତ ପହଞ୍ଚିଛି। ଫଳରେ ଅନେକାଂଶରେ ବିମାନ ଉଡ଼ାଣ ପ୍ରଭାବିତ ହୋଇଛି। ଦିଲ୍ଲୀ ସହ ଅନେକ ସହର ପ୍ରଭାବିତ ହୋଇଛି। ଅନୁମାନ କରାଯାଉଛି ଯେ, ବର୍ତ୍ତମାନ ଏହି ବାଦଲ ଦିଲ୍ଲୀ, ହରିୟାଣା, ରାଜସ୍ଥାନ ଉପରେ ରହିବ। ପାଣିପାଗ ବିଭାଗ କହିଛି ଏହି ବାଦଲ, ଭାରତରୁ ମଙ୍ଗଳବାର ସନ୍ଧ୍ୟା ଦିଲ୍ଲୀ ଉପରୁ ସାଢ଼େ ୭ଟା ସୁଦ୍ଧା ହଟିଯିବ ଏବଂ କ୍ରମେ ଆଗକୁ ବଢ଼ି ଚୀନ ଆଡ଼କୁ ଗତି କରିବ। ଏହା ଯୋଗୁ ହିମାଳୟ ଏବଂ ସଂଲଗ୍ନ ଅଞ୍ଚଳରେ ସଲଫର ଡାଇଅକ୍ସାଇଡର ମାତ୍ରା ପ୍ରଭାବିତ ହୋଇପାରେ। ଏହି ପାଉଠଶ ଧୂଆଁ ଇଥୋପିଆରୁ ଲୋହିତ ସାଗର, ୟେମେନ, ଓମାନ, ଆରବ ସାଗର ଦେଇ ପଶ୍ଚିମ ଏବଂ ଉତ୍ତର ଭାରତରେ ପହଞ୍ଚିଛି।

## ମଙ୍ଗ ଧରିବାକୁ ଜୋରଦାର ଛକାପଞ୍ଝା



### କର୍ଣ୍ଣାଟକରେ କ୍ଷମତା ଯୁଦ୍ଧ

ବେଙ୍ଗାଲୁରୁ,୨୫।୧୧: କର୍ଣ୍ଣାଟକରେ ନେତୃତ୍ୱ ନେଇ ଚାଲିଥିବା ବିତର୍କ ମଧ୍ୟରେ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ସ୍ପଷ୍ଟ ଭାବରେ କହିଛନ୍ତି ଯେ, ହାଇକମାଣ୍ଡଙ୍କ ଚେତାବନୀ ସତ୍ତ୍ୱେ କଂଗ୍ରେସ ବିଧାୟକମାନେ ଦିଲ୍ଲୀ ଯିବାକୁ ସ୍ୱତନ୍ତ୍ର। ସେମାନେ ନିଜ ଇଛା ଅନୁସାରେ ଦିଲ୍ଲୀ ଯାଇପାରିବେ। କୌଣସି କଟକଣା ନାହିଁ। ସେ ସୂଚିତ କରିଛନ୍ତି, ରାଜ୍ୟର ନେତୃତ୍ୱ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି କେବଳ ଦଳର କେନ୍ଦ୍ରୀୟ ନେତୃତ୍ୱ ହିଁ ନେବେ। ହାଇକମାଣ୍ଡଙ୍କ ନିଷ୍ପତ୍ତି ସମସ୍ତେ ମାନିବେ। କ୍ୟାବିନେଟ ବିସ୍ତାର ବିଷୟରେ ପଚରାଯିବାରୁ ସେ କହିଛନ୍ତି, ଦଳୀୟ ନେତୃତ୍ୱ ଅନୁମୋଦନ କରିବା ମାତ୍ରେ ସରକାର ପରବର୍ତ୍ତୀ ପଦକ୍ଷେପ ନେବେ। ସେ ରାହୁଲ ଗାନ୍ଧୀଙ୍କୁ ଭେଟିବାର କୌଣସି ସମ୍ଭାବନାକୁ ମଧ୍ୟ ଖଣ୍ଡନ କରିଛନ୍ତି।

ଲାଗି ରହିଥିବା ବିବାଦ ମଧ୍ୟରେ ରାଜ୍ୟର ଗୃହମନ୍ତ୍ରୀ ଜମିର ଅହମ୍ମଦ ଖାନ କହିଛନ୍ତି, ସିଦ୍ଧରମୈୟା ୨୦୨୮ ପର୍ଯ୍ୟନ୍ତ ତାଙ୍କର କାର୍ଯ୍ୟକାଳ ପୂରଣ କରିବେ। ଚାଲକେର ବିଧାୟକ ଶିବନ୍ନା ଦର୍ଶାଇ କହିଛନ୍ତି ଯେ, ଏପରି ସମସ୍ତ ପ୍ରସଙ୍ଗକୁ ଦଳୀୟ ହାଇକମାଣ୍ଡଙ୍କ ନିଷ୍ପତ୍ତି ଉପରେ ଛାଡି ଦିଆଯିବା ଉଚିତ୍। କିଛି ନୂତନ ବିଧାୟକ ଦଳୀୟ ପ୍ରକ୍ରିୟା ସହିତ ସମ୍ପୂର୍ଣ୍ଣ ପରିଚିତ ନୁହଁନ୍ତି, ଯାହା ଦ୍ୱନ୍ଦ୍ୱ ସୃଷ୍ଟି କରିପାରେ। ସେ କହିଛନ୍ତି, ନେତା ଯିଏ ହୁଅନ୍ତୁ ନା କାହିଁକି, ସମସ୍ତଙ୍କୁ କେନ୍ଦ୍ରୀୟ ନେତୃତ୍ୱଙ୍କର ନିଷ୍ପତ୍ତି ଗ୍ରହଣ କରିବାକୁ ପଡିବ। ଶିବନ୍ନା ଏହା ମଧ୍ୟ କହିଛନ୍ତି ଯେ, ବିଧାୟକମାନଙ୍କୁ ଏହି ପ୍ରସଙ୍ଗରେ ସାର୍ବଜନୀନ ବିବୃତି ନ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଦିଲ୍ଲୀରେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ୍‌ଗେ ନେତୃତ୍ୱ ବିବାଦ ଉପରେ ମନ୍ତବ୍ୟ ଦେବାକୁ ମନା କରି କହିଛନ୍ତି ଯେ, ଏପରି ପ୍ରସଙ୍ଗଗୁଡ଼ିକ ସାଧାରଣ ବିତର୍କର ବିଷୟ ନୁହେଁ ଏବଂ କେବଳ ନିର୍ଦ୍ଧାରିତ ବୈଠକରେ ଆଲୋଚନା କରାଯାଇଥାଏ। ଉପମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ସିଦ୍ଧରମୈୟାଙ୍କ ବକ୍ତବ୍ୟକୁ ବେଦ ବାକ୍ୟ ବୋଲି କହିଛନ୍ତି। ସେ ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ସହିତ ସମ୍ପୂର୍ଣ୍ଣ ଭାବରେ ଠିଆ ହୋଇଛନ୍ତି ଏବଂ ସରକାର ସେହି ମାର୍ଗଦର୍ଶନରେ କାମ କରୁଛି। ମନ୍ତ୍ରିମଣ୍ଡଳର ସମ୍ଭାବ୍ୟ ପୁନର୍ଗଠନ ପୂର୍ବରୁ ଦିଲ୍ଲୀ ଯାଉଥିବା ବିଧାୟକମାନଙ୍କ ସମ୍ପର୍କରେ ସେ କହିଛନ୍ତି, ଅନେକ ଆଶାୟୀ ପୁନର୍ଗଠନ ପୂର୍ବରୁ ମନ୍ତ୍ରୀ ପଦ ପାଇଁ ଆଶା କରୁଛନ୍ତି। ସେମାନେ ସେମାନଙ୍କର ଭବିଷ୍ୟତ ଗଠନ କରିବାକୁ ଯାଉଛନ୍ତି। ଏଥିରେ କ'ଣ ଭୁଲ ଅଛି କି? କିନ୍ତୁ ଗୋଷ୍ଠୀ ବିବାଦ କିମ୍ବା ଅନୁଶାସନହୀନ ମନ୍ତବ୍ୟକୁ ବରଦାସ୍ତ କରାଯିବ ନାହିଁ।

## 'ସହମତିରେ ବ୍ରେକଅପ୍ ଦୁଷ୍କର୍ମ ନୁହେଁ'

ନୂଆଦିଲ୍ଲୀ,୨୫।୧୧: ସହମତିରେ ବ୍ରେକଅପ ଦୁଷ୍କର୍ମ ନୁହେଁ। ଦୀର୍ଘକାଳୀନ ସହମତି ଭିତ୍ତିକ ଶାରୀରିକ ସମ୍ପର୍କ ଥିଲେ ବି ଦୁଷ୍କର୍ମ କୁହାଯାଇପାରିବନି। ଜଣେ ଓକିଲଙ୍କ ବିରୋଧରେ ହୋଇଥିବା ଦୁଷ୍କର୍ମ ମାମଲାକୁ ରଦ୍ଦ କରିଛନ୍ତି ସୁପ୍ରିମକୋର୍ଟ। ବିଚାରପତି ବି.ଭି. ନାଗାରଥନା ଏବଂ ଆର. ମହାଦେବନଙ୍କ ଖଣ୍ଡପୀଠ କହିଛନ୍ତି ଯେ, ବିଫଳ ସମ୍ପର୍କକୁ ଫୌଜଦାରୀ ଅପରାଧରେ ପରିଣତ କରିବା ପାଇଁ ଆଇନର ଅପବ୍ୟବହାର ଚିନ୍ତାଜନକ। ଏହାକୁ ନିନ୍ଦା କରାଯିବା ଉଚିତ। ଏହା ସହ ଓକିଲଙ୍କ ବିରୋଧରେ ଦାୟର ଏଫଆଇଆର ଏବଂ ଚାର୍ଜସିଟକୁ ରଦ୍ଦ କରିଛନ୍ତି ସର୍ବୋଚ୍ଚ ନ୍ୟାୟାଳୟ।



ବମ୍ବେ ହାଇକୋର୍ଟର ଆଦେଶ ବିରୁଦ୍ଧରେ ଏହି ଆବେଦନ ଦାଖଲ କରାଯାଇଥିଲା। ମାମଲାର ତଥ୍ୟ ଅନୁଯାୟୀ, ଅଭିଯୋଗକାରୀ ଜଣେ ବିବାହିତ ମହିଳା ଯିଏ ବୈବାହିକ ବିବାଦ ଯୋଗୁଁ ମେ ୨୦୨୦ ଠାରୁ ତାଙ୍କ ସ୍ୱାମୀଙ୍କଠାରୁ ପୃଥକ ଭାବରେ ରହୁଥିଲେ। ଜାନୁଆରୀ ୨୭, ୨୦୨୨ରେ ତାଙ୍କ ସ୍ୱାମୀଙ୍କ ବିରୁଦ୍ଧରେ ଭରଣପୋଷଣ ପ୍ରକ୍ରିୟା ପାଇଁ ସେ ଜଣେ ଓକିଲଙ୍କୁ ଭେଟିଥିଲେ। ସମୟ ସହିତ ସେମାନଙ୍କ ମଧ୍ୟରେ ଏକ ଘନିଷ୍ଠ ସମ୍ପର୍କ ଗଢି ଉଠିଥିଲା। ଅଭିଯୋଗକାରୀ ଅଭିଯୋଗ କରିଛନ୍ତି ଯେ, ଓକିଲ ଜଣକ ମହିଳାଙ୍କ ନିକଟରେ ବିବାହ ପ୍ରସ୍ତାବ ଦେଇଥିଲେ। ଆବେଦନକାରୀ ବିବାହ ପ୍ରତିଶ୍ରୁତି ଦେଇ ତାଙ୍କ ସହିତ ଶାରୀରିକ ସମ୍ପର୍କ ସ୍ଥାପନ କରିଥିଲେ। ଏହି ସମ୍ପର୍କ ପ୍ରାୟ ତିନି ବର୍ଷ ଧରି ଚାଲିଥିଲା, ଏହି ସମୟ ମଧ୍ୟରେ ମହିଳା ଅନେକ ଥର ଗର୍ଭବତୀ ହୋଇଥିଲେ ଏବଂ ଗର୍ଭପାତ କରିଥିଲେ। ଅଗଷ୍ଟ ୩୧ ୨୦୨୪ରେ ମହିଳା ଛତ୍ରପତି ସମ୍ଭାଜୀନଗରର ସିଟି ଚୌକ୍ ପୋଲିସ ଷ୍ଟେସନରେ ଏନେଇ କରିଥିଲେ। ମହିଳା ଅଭିଯୋଗ କରିଛନ୍ତି ଯେ, ଆବେଦନକାରୀ ଓକିଲ ତାଙ୍କୁ ବିବାହ କରିବାକୁ ମନା କରିଥିଲେ ଏବଂ ଧମକ ଦେଇଥିଲେ। ସେ ଦାବି କରିଛନ୍ତି ଯେ, ତାଙ୍କର ସମ୍ମତି ବିବାହର ମିଥ୍ୟା ପ୍ରତିଶ୍ରୁତି ଉପରେ ଆଧାରିତ।

## ଅଟୋକୁ ଧକ୍କାଦେଲା ଟ୍ରକ, ୫ ମୃତ





ପାଟନା, ୨୫।୧୧: ବିହାରର ଶେଖପୁରାରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣାରେ ୫ ଜଣଙ୍କର ମୃତ୍ୟୁ ଘଟିଛି। ଏକ ଟ୍ରକ୍ ଅଟୋ ସହିତ ଧକ୍କା ହେବା ଫଳରେ ଏହି ଦୁର୍ଘଟଣା ଘଟିଛି। ଶେଖପୁରା ଥାନା ଅନ୍ତର୍ଗତ ଏକସାରି ବିଘା ନିକଟରେ ଘଟିଛି ଏହି ଦୁର୍ଘଟଣା। ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚିଛି। ଆହତଙ୍କୁ ଚିକିତ୍ସା ପାଇଁ ପାବାପୁରୀ ହସପିଟାଲକୁ ପଠାଯାଇଥିଲା। ଆହତଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡିଛି। ମୃତ୍ୟୁସଂଖ୍ୟା ବୃଦ୍ଧି ପାଇପାରେ ବୋଲି ଅନୁମାନ କରାଯାଉଛି। ସମସ୍ତ ଯାତ୍ରୀ ଏକ ଅଟୋରେ ଯାତ୍ରା କରୁଥିବା ବେଳେ ସାମ୍ନାରୁ ଆସୁଥିବା ଏକ ଟ୍ରକ୍ ସହିତ ଦୁର୍ଘଟଣା ହେବା ଫଳରେ ମା-ପୁଅ ସମେତ ୫ ଜଣଙ୍କ ମୃତ୍ୟୁ ହୋଇଛି। ସ୍ଥାନୀୟ ଲୋକଙ୍କ ଅନୁସାରେ, ଅଟୋରେ ୧୨-୧୩ ଜଣ ଲୋକ ଥିଲେ। ଘଟଣା ପରେ ଟ୍ରକଟିକୁ ଜବତ କରାଯାଇଛି। ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇ ଯାଇଛି। ଦୁର୍ଘଟଣାରେ ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ଦୁର୍ଘଟଣାକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି।

### ଆଫଗାନିସ୍ତାନ ଉପରେ ପାକିସ୍ତାନର ଏୟାରଷ୍ଟ୍ରାଇକ୍

## ୯ ଶିଶୁଙ୍କ ସମେତ ୧୦ ମୃତ



କାବୁଲ,୨୫।୧୧ : ଆଫଗାନିସ୍ତାନ ଉପରେ ପାକିସ୍ତାନର ଏୟାରଷ୍ଟ୍ରାଇକ୍। ଆକ୍ରମଣରେ ୯ ଶିଶୁଙ୍କ ସମେତ ଜଣେ ମହିଳା ପ୍ରାଣ ହରାଇଛନ୍ତି। ପାକିସ୍ତାନୀ ସେନା ଆଫଗାନିସ୍ତାନର ଖୋସ୍ତ ପ୍ରାନ୍ତରେ ଭୟଙ୍କର ଆକ୍ରମଣ କରିଛି। ତାଲିବାନ ଏନେଇ ସ୍ପଷ୍ଟ କରିଛି। ତାଲିବାନ ସରକାରଙ୍କ ମୁଖପାତ୍ର ଜବୀହୁଲ୍ଲାହ ମୁଜିହାଦ ପାକିସ୍ତାନର ଆକ୍ରମଣକୁ ନିନ୍ଦା କରିବା ସହ ଜବାବ ଦିଆଯିବ ବୋଲି ଧମକ ଦେଇଛନ୍ତି। ତାଲିବାନ କହିଛି ଯେ, ଖୋସ୍ତ ପ୍ରାନ୍ତ ବ୍ୟତୀତ ପକ୍ତିକା ପ୍ରାନ୍ତରେ ଏୟାରଷ୍ଟ୍ରାଇକ୍ ହୋଇଛି। ସିରିଏଲ ଆଟାକରେ ଅନେକ ନାଗରିକଙ୍କ ଘର ଧ୍ୱଂସ ହୋଇଯାଇଛି। ଘଟଣାକୁ ନେଇ ପାକିସ୍ତାନ ଏବଂ ଆଫଗାନିସ୍ତାନର ବୈଦେଶିକ ମନ୍ତ୍ରାଳୟ ବିଧିବଦ୍ଧ ଭାବେ କୌଣସି ବୟାନ ଦେଇ ନାହାଁନ୍ତି। ତେବେ ଆକ୍ରମଣ ସେହି ସମୟରେ ହୋଇଛି, ଯେତେବେଳେ ପାକିସ୍ତାନ ପେଶାୱରରେ ବିସ୍ଫୋରଣ ହୋଇଥିଲା। ଯେଉଁଥିରେ ୬ ଜଣ କମାଣ୍ଡୋ ପ୍ରାଣ ହରାଇଥିଲେ। ଏଥିପାଇଁ ପାକ୍ ସରକାର ଆଫଗାନିସ୍ତାନକୁ ଦାୟୀ କରିଥିଲେ। ସୂଚନାଯୋଗ୍ୟ, ଦୀର୍ଘଦିନ ହେବ ଦୁଇ ଦେଶ ମଧ୍ୟରେ ସମ୍ପର୍କ ଖରାପ ରହିଛି। ଅକ୍ଟୋବରରେ ଉଭୟ ଦେଶର ସେନା ମୁହାଁମୁହିଁ ହୋଇଥିଲେ। ଗତକାଲି ପାକିସ୍ତାନର ପେଶାୱର ବିସ୍ଫୋରଣ ହୋଇଥିଲା।

## ସୁରକ୍ଷା ଦୃଷ୍ଟିରୁ ଭାରତ ଗସ୍ତ ବାତିଲ୍ କଲେ ନେତାନ୍ୟାହୁ

ନୂଆଦିଲ୍ଲୀ,୨୫।୧୧: ଆକ୍ରମଣ ଭୟରେ ଭାରତ ଗସ୍ତ ବାତିଲ୍ କଲେ ଇସ୍ରାଏଲୀ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ। ନେତାନ୍ୟାହୁ ତାଙ୍କର ଆଗାମୀ ଭାରତ ଗସ୍ତକୁ ପୁଣି ଥରେ ବାତିଲ୍ କରିଛନ୍ତି। ସେ ଚଳିତ ବର୍ଷ ଡିସେମ୍ବର ମାସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ସାକ୍ଷାତ ପାଇଁ ଭାରତ ଆସିବେ ବୋଲି ଆଶା କରାଯାଉଥିଲା। ହେଲେ ଏବେ ଆସନ୍ତା ବର୍ଷ ସେ ଆସିବାକୁ ଯୋଜନା କରିପାରନ୍ତି ବୋଲି ଚର୍ଚ୍ଚା ହେଉଛି।



ଇସ୍ରାଏଲୀ ଗଣମାଧ୍ୟମ ରିପୋର୍ଟ କରିଛି ଯେ, ନୂଆଦିଲ୍ଲୀରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପରେ ସୁରକ୍ଷା ବିଷୟରେ ଚିନ୍ତା କରି ଡିସେମ୍ବର ୨୦୨୫ ପାଇଁ ଯୋଜନା କରାଯାଇଥିବା ଭାରତ ଯାତ୍ରାକୁ ସ୍ଥଗିତ ରଖାଯାଇଛି। ଦିଲ୍ଲୀର ଲାଲ୍ କିଲ୍ଲାରେ ହୋଇଥିବା ବିସ୍ଫୋରଣ ପରେ ଏବେ ଭାରତ ହାଇ ଆଲର୍ଟରେ ଥିବା ସହ ବିଭିନ୍ନ ସ୍ଥାନରେ ଚଢ଼ଉ କରିବା ଆରମ୍ଭ କରିଛନ୍ତି ସୁରକ୍ଷାକର୍ମୀ। ତେଣୁ ସୁରକ୍ଷା ଦୃଷ୍ଟିରେ ଏବେ ଭାରତ ଆସିବା ଉଚିତ୍ ହେବ ନାହିଁ ବୋଲି ଭାବି ଇସ୍ରାଏଲୀ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଗସ୍ତ ବାତିଲ୍ କରିଛନ୍ତି। ସ୍ଥିତି ସୁଧୁରିବା ପରେ ଆସନ୍ତା ବର୍ଷ ସେ ଭାରତ ଆସିବା ନେଇ ନୂଆ ତାରିଖ ଘୋଷଣା କରିପାରନ୍ତି ବୋଲି ଆଶା କରାଯାଉଛି। ପୂର୍ବରୁ ସୂଚନା ମିଳିଥିଲା ଯେ, ନେତାନ୍ୟାହୁ ବର୍ଷ ଶେଷ ହେବା ପୂର୍ବରୁ ଭାରତ ଗସ୍ତ କରିବେ। ଏହାକୁ ମିଶାଇ ୨୦୨୫ରେ ତୃତୀୟ ଥର ପାଇଁ ଇସ୍ରାଏଲୀ ପ୍ରଧାନମନ୍ତ୍ରୀ ନୂଆଦିଲ୍ଲୀ ଗସ୍ତ ବାତିଲ୍ କରିଛନ୍ତି। ସେପ୍ଟେମ୍ବର ମାସରେ ନେତାନ୍ୟାହୁ ଭାରତ ଗସ୍ତ ବାତିଲ୍ କରିଥିଲେ। ସେପ୍ଟେମ୍ବର ୧୭ ତାରିଖରେ ଇସ୍ରାଏଲରେ ହେବାକୁ ଥିବା ନିର୍ବାଚନ ପ୍ରସ୍ତୁତିରେ ସଂଘର୍ଷ ହୋଇପାରେ ବୋଲି ଦର୍ଶାଇ ସେ ଦିନିକିଆ ଗସ୍ତ ବାତିଲ କରିଥିଲେ। ଏହା ପୂର୍ବରୁ ଏପ୍ରିଲ ମାସରେ ମଧ୍ୟ ସେ ଭାରତ ଗସ୍ତ ବାତିଲ୍ କରିଥିଲେ।

### ଆତଙ୍କୀ ବୁରହାନ ୱାନି ମୃତ୍ୟୁ ମାମଲା

## ବଦଲା ନେବାକୁ ଚାହୁଁଥିଲା ଉମର

ନୂଆଦିଲ୍ଲୀ, ୨୫।୧୧: ଡାକ୍ତରରୁ ଆତ୍ମଘାତୀ ହମଲାକାରୀ ସାଜି ଦିଲ୍ଲୀର ଲାଲକିଲ୍ଲାରେ କାର ବୋମା ବିସ୍ଫୋରଣ କରିଥିବା ଉମର ଉନ ନବି ସମ୍ପର୍କରେ ଆସିଛି ସାଂଘାତିକ ତଥ୍ୟ। ନଭେମ୍ବର ୧୦ରେ ଲାଲକିଲ୍ଲା ନିକଟରେ ଉମର କାର୍ ସହ ନିଜକୁ ବିସ୍ଫୋରଣ କରି ଉଡ଼ାଇ ଦେଇଥିଲା। ଏଥିରେ ୧୫ ଜଣ ପ୍ରାଣ ହରାଇଥିବା ବେଳେ ୩୦ରୁ ଅଧିକ ଆହତ ହୋଇଥିଲେ। ଏହି ଆତଙ୍କବାଦୀ ହମଲାର ତଦନ୍ତ ବେଳେ ସମସ୍ତଙ୍କୁ ଚକିତ କରିବା ଭଳି ତଥ୍ୟ ସୁରକ୍ଷା ଏଜେନ୍ସି ହାତରେ ଲାଗିଛି। ଉମର ସବୁବେଳେ ହ୍ୱାଇଟ କଲାର ଆତଙ୍କୀଙ୍କ ଆଗରେ ନିଜକୁ ଶାସକ ଭାବେ ଚିତ୍ରିତ କରୁଥିଲା। ସେ ହିଁ ଶାସକ ଓ ଲିଡର ବୋଲି ଦର୍ଶାଇ ଚାଲିଥିଲା। ଏଥିସହ ସେ ୨୦୧୬ରେ ସୁରକ୍ଷାକର୍ମୀଙ୍କ ଗୁଳିରେ ନିହତ ହୋଇଥିବା ଆତଙ୍କବାଦୀ ବୁରହାନ ୱାନିର ମୃତ୍ୟୁର ବଦଲା ନେବାକୁ ମଧ୍ୟ ଚାହୁଁଥିଲା ବୋଲି ଜଣାପଡ଼ିଛି। ହ୍ୱାଇଟ କଲାର ଆତଙ୍କୀ ମଡ୍ୟୁଲର ସଦସ୍ୟମାନଙ୍କୁ ଜେରା କରିବା ବେଳେ ସୁରକ୍ଷା ଏଜେନ୍ସି ଅନେକ ପ୍ରକାରର ତଥ୍ୟ ହାସଲ କରିବାକୁ ସକ୍ଷମ ହୋଇଛନ୍ତି।

ଟେରର ମଡ୍ୟୁଲରେ ପ୍ରଥମ ସଦସ୍ୟ ଭାବେ ନିଯୁକ୍ତି ପାଇଥିବା ମୁଜାମିଲ ଶକୀଲକୁ ଜେରା କରିବା ବେଳେ ସୁରକ୍ଷାକର୍ମୀ ଉମର



ସମ୍ପର୍କରେ କିଛି ଅଜଣା ତଥ୍ୟ ହାସଲ କରିଛନ୍ତି। ମୁଜାମିଲ ଫରିଦାବାଦର ଅଲ ଫଲାହ ବିଶ୍ୱବିଦ୍ୟାଳୟରେ ଡାକ୍ତର ଭାବେ କାମ କରୁଥିଲା। ସେ ଜୈଶ-ଇ-ମହମ୍ମଦ ପାଇଁ କାମ କରୁଥିବା ମୌଲବୀ ଇରଫାନ ଅହମଦ ଜରିଆରେ ହ୍ୱାଇଟ କଲାର ଟେରର ମଡ୍ୟୁଲର ପ୍ରଥମ ସଦସ୍ୟ ଭାବେ ସାମିଲ ହୋଇଥିଲା। ସେ ହିଁ ଆତ୍ମଘାତୀ ବୋମା ବିସ୍ଫୋରଣକାରୀ ଉମରର ନାଁ ଏମିର ରହିଥିଲା ବୋଲି କହିଛି। ଗିରଫ ହୋଇଥିବା ଡାକ୍ତର ଶାହୀନ ସୟିଦ ଠାରୁ ମଧ୍ୟ ଜେରା ବେଳେ ଅନେକ ତଥ୍ୟ ମିଳିଛି। ଟେରର ମଡ୍ୟୁଲରେ ସବୁଠାରୀ ଜ୍ଞାନୀ ଥିଲା ଉମର। ସେ ୯ଟି ଭାଷା ଜାଣିଥିବା ବେଳେ ତା'ର ଶିକ୍ଷାଗତ ଯୋଗ୍ୟତା ଓ ଦକ୍ଷତା ଅନ୍ୟ ସଦସ୍ୟମାନଙ୍କ ଠାରୁ ଅଧିକ ରହିଥିଲା। କିଛି ଘଟଣା ଓ ପରିସ୍ଥିତି ଉମର ନବିକୁ ଏତେ ମାତ୍ରାରେ ନିରାଶ କରିଥିଲେ ଯେ, ସିଧା ଆତ୍ମଘାତୀ ହମଲାକାରୀ ବନି ଯାଇଥିଲା ବୋଲି ଗିରଫ ଆତଙ୍କୀ ସଦସ୍ୟମାନେ କହିଛନ୍ତି। ଜମ୍ମୁ-କଶ୍ମୀରରୁ ଧାରା ୩୭୦ ଉଚ୍ଛେଦ ହେବାରୁ ଉମର ସୁରକ୍ଷାକର୍ମୀଙ୍କ ଉପରେ ପୂରା କ୍ଷୁବ୍ଧ ହୋଇଯାଇଥିଲା। ୨୦୨୩ ହରିୟାଣାର ମେୱାତ-ନୁହ ରିଜନରେ ଦେଖା ଯାଇଥିବା ସାଂପ୍ରଦାୟିକ ହିଂସା ଏବଂ ୨୦୨୩ ମାର୍ଚ୍ଚରେ ୨୫ ବର୍ଷୀୟ ନସିର ଓ ୩୫ ବର୍ଷୀୟ ଜୁନେଦଙ୍କୁ ନିର୍ମମ ଭାବେ ତଥାକଥିତ ଗୋ ରକ୍ଷାକାରୀମାନେ ହତ୍ୟା କରିଥିବାରୁ ଉମର ରକ୍ତରେ ନିଆଁ ଲାଗି ଯାଇଥିଲା। ଅଲ ଫଲାହ ବିଶ୍ୱବିଦ୍ୟାଳୟରେ ଥିବା ନିଜ ରୁମରେ ମଧ୍ୟ ଉମର ଉନ ନବି ବିସ୍ଫୋରକ ଓ କେମିକାଲ ପ୍ରତିକ୍ରିୟାର ପରୀକ୍ଷା କରିଥିଲା। ତା' ସୁଟକେସରୁ ପୁଲିସ୍ କିଛି ସେଭଳି ଜିନିଷ ଠାବ କରିଛି।

# ଗୌହାଟୀ ଟେଷ୍ଟ: ମୁସ୍କିଲ ସ୍ଥିତିରେ ଭାରତ



ଗୌହାଟୀ,୨୫।୧୧: ଘରୋଇ ମାଟିରେ ଆଉ ଏକ ଲଜ୍ଜାଜନକ ସିରିଜ ପରାଜୟ ଅଭିମୁଖେ ଟିମ୍ ଇଣ୍ଡିଆ। ଦ୍ୱିତୀୟ ଟେଷ୍ଟର ଚତୁର୍ଥ ଦିନରେ ଦକ୍ଷିଣ ଆଫ୍ରିକା ୫ ୱିକେଟ୍ ହରାଇ ୨୬୦ ରନରେ ପାଳି ସମାପ୍ତି ଘୋଷଣା କରିଛି। ଫଳରେ ଭାରତ ସମ୍ମୁଖରେ ରହିଛି ୫୪୯ ରନର ବିଜୟ ଲକ୍ଷ୍ୟ। ଜବାବରେ ଭାରତ ଚତୁର୍ଥ ଦିନର ଷ୍ଟମ୍ପ ଅପସାରଣ ସୁଦ୍ଧା ୨ ୱିକେଟ୍ ହରାଇ ୨୭ ରନ କରିଛି। କ୍ରିଜରେ ସାଇ ସୁଦର୍ଶନ ୨ ରନ ଓ କୁଲଦୀପ ଯାଦବ ୪ ରନ କରି ଅପରାଜିତ ଅଛନ୍ତି। ପଞ୍ଚମ ଦିନରେ ଭାରତକୁ ଜିତିବା ପାଇଁ ଅସମ୍ଭବ ୫୨୨ ରନ ଦରକାର ଥିବା ବେଳେ ଦକ୍ଷିଣ ଆଫ୍ରିକାକୁ ଦରକାର ୮ ୱିକେଟ୍ ଦରକାର।

ଦକ୍ଷିଣ ଆଫ୍ରିକା ତୃତୀୟ ଦିନର ଅସମାପ୍ତ ଖେଳ ୨୬/୦ରୁ ବ୍ୟାଟିଂ ଆରମ୍ଭ କରିଥିଲା। ରିୟାନ ରିକଲଟନ ଓ ଆଡନ ମାରକ୍ରମ କ୍ରିଜରେ ଥିଲେ। ଦୁଇ ଓପନର ପ୍ରଥମ ୱିକେଟରେ ୫୯ ରନ ଯୋଡ଼ିଥିଲେ। ରିକଲଟନ ୩୫ ରନ ଓ ମାରକ୍ରମ ୨୯ ରନ କରି ଆଉଟ୍ ହୋଇଥିଲେ। ଉଭୟଙ୍କୁ ଜାଡ଼େଜା ପାଭିଲିୟନ ପଠାଇଥିଲେ। ଅଧିନାୟକ ତେମ୍ବା ବାଭୁମା(୩ ରନ)ଙ୍କୁ ଆଉଟ୍ କରିଥିଲେ ୱାଶିଂଟନ ସୁନ୍ଦର। ଲାଗିଲା ଦକ୍ଷିଣ ଆଫ୍ରିକା ଇନିଂସର ଶୀଘ୍ର ସମାପ୍ତି ଘଟିବ। କିନ୍ତୁ ଟ୍ରିଷ୍ଟନ ଷ୍ଟବ୍ସ ଓ ଟୋନି ଡି ଜୋର୍ଜି ଦମଦାର ବ୍ୟାଟିଂ କରି ଭାରତୀୟ ଶିବିରକୁ ନିରାଶ କରିଥିଲେ। ଉଭୟ ଚତୁର୍ଥ ୱିକେଟ୍ ପାଇଁ ୧୦୧ ରନର ଭାଗିଦାରୀ ଯୋଡ଼ିଥିଲେ। ଟୋନି ଡି ଜୋର୍ଜି ୪୯ ରନ କରି ଆଉଟ୍ ହୋଇଥିଲେ। ଷ୍ଟବ୍ସ ଦମଦାର ବ୍ୟାଟିଂ କରି ଶତକ ଆଡ଼କୁ ଅଗ୍ରସର ହୋଇଥିଲେ। ଷ୍ଟବ୍ସ ଆଉଟ୍ ହେବା ପରେ ଦକ୍ଷିଣ ଆଫ୍ରିକା ୫ ୱିକେଟ୍ ହରାଇ ୨୬୦ ରନରେ ପାଳି ସମାପ୍ତି ଘୋଷଣା କରିଛି। ଷ୍ଟବ୍ସ ୯ ଚୌକା ଓ ୧ ଛକା ସହ ୯୪ ରନ କରି ପାଭିଲିୟନ ଫେରିଥିଲେ। ଭାରତ ସମ୍ମୁଖରେ ରହିଛି ୫୪୯ ରନର ବିଜୟ ଲକ୍ଷ୍ୟ। ଭାରତ ଦ୍ୱିତୀୟ ଇନିଂସରେ ମଧ୍ୟ ନିରାଶଜନକ ଆରମ୍ଭ କରିଛି। ଦୁଇ ଓପନର ଯଶସ୍ୱୀ ଜୟସ୍ୱାଲ (୧୩) ଓ କେଏଲ ରାହୁଲ(୬) ପାଭିଲିୟନ ଫେରିଛନ୍ତି। ଶେଷ ଦିନରେ ଭାରତକୁ କୌଣସି ଚମତ୍କାର ଇନିଂସ ହିଁ ପରାଜୟରୁ ବଞ୍ଚାଇ ପାରିବ।

# ଫେବୃଆରୀ ୭ରୁ ଟି-୨୦ ବିଶ୍ୱକପ୍

- ୧୫ରେ ଭାରତ-ପାକିସ୍ତାନ ହାଇଭୋଲଟେଜ୍ ମ୍ୟାଚ୍
- ଭାରତ ଏବଂ ଶ୍ରୀଲଙ୍କା ମିଳିତ ଭାବରେ ଆୟୋଜନ କରିବେ




ନୂଆଦିଲ୍ଲୀ୨୫।୧୧: ଟି-୨୦ ବିଶ୍ୱକପ୍ ୨୦୨୬ର କାର୍ଯ୍ୟସୂଚୀ ଘୋଷଣା କରିଛି ଆଇସିସି। ଫେବୃଆରୀ ୭ରୁ ଟି-୨୦ ବିଶ୍ୱକପ୍ ଆରମ୍ଭ ହେବାକୁ ଯାଉଛି। ତେବେ ଫେବୃଆରୀ ୧୫ରେ ଭାରତ-ପାକିସ୍ତାନ ମଧ୍ୟ ହାଇଭୋଲଟେଜ୍ ମ୍ୟାଚ୍ ହେବ। ଏହି ମ୍ୟାଚ୍ କଲମ୍ବୋରେ ଖେଳାଯିବ। ଟିମ୍ ଇଣ୍ଡିଆ ଆମେରିକା ବିପକ୍ଷରେ ପ୍ରଥମ ମ୍ୟାଚ୍ ଖେଳିବ। ଭାରତୀୟ ଦଳ ଏହାର ଗ୍ରୁପରୁ ଚାରୋଟି ଦଳ ସହିତ ମୁକାବିଲା କରିବ। ଆମେରିକା ଏବଂ ପାକିସ୍ତାନ ବ୍ୟତୀତ, ଟିମ୍ ଇଣ୍ଡିଆ ନେଦରଲାଣ୍ଡ ଏବଂ ନାମିବ୍ୟା ସହିତ ମଧ୍ୟ ମୁକାବିଲା କରିବ।

ଟୁର୍ଣ୍ଣାମେଣ୍ଟର ଉଦଘାଟନୀ ମ୍ୟାଚ୍ ପାକିସ୍ତାନ ଏବଂ ନେଦରଲାଣ୍ଡ ମଧ୍ୟରେ ଖେଳାଯିବ। ଉଭୟ ସେମିଫାଇନାଲ ପାଇଁ ସ୍ଥାନ ମଧ୍ୟ ଚୂଡ଼ାନ୍ତ ହୋଇଛି। ପ୍ରଥମ ସେମିଫାଇନାଲ କୋଲକାତା ଏବଂ ଦ୍ୱିତୀୟ କଲମ୍ବୋରେ ଖେଳାଯିବ। ଭାରତ ଏବଂ ଶ୍ରୀଲଙ୍କା ମିଳିତ ଭାବରେ ଟି-୨୦ ବିଶ୍ୱକପ୍ ଆୟୋଜନ କରିବେ। ଫାଇନାଲ୍ ମାର୍ଚ୍ଚ ୮ ତାରିଖରେ ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଖେଳାଯିବ। ଯଦି ପାକିସ୍ତାନ ଫାଇନାଲରେ ପହଞ୍ଚିଯାଏ, ତେବେ ଟାଇଟଲ୍ ମ୍ୟାଚ୍ କଲମ୍ବୋରେ ଖେଳାଯିବ।

୨୦୨୪ ଟି-୨୦ ବିଶ୍ୱକପ୍ ପରି, ଏଥର ମଧ୍ୟ ବିଶ୍ୱକପ୍‌ରେ ୨୦ଟି ଦଳ ଅଂଶଗ୍ରହଣ କରିବେ। ପୂର୍ବ ସଂସ୍କରଣ ପରି ଆଠଟି ଦଳ ସୁପର ୮ ପର୍ଯ୍ୟାୟ, ତା'ପରେ ସେମିଫାଇନାଲ୍ ଏବଂ ତା'ପରେ ଫାଇନାଲ ଦେଇ ଆଗକୁ ବଢ଼ିବେ। ମୋଟ ଆଠଟି ସ୍ଥାନରେ ବିଶ୍ୱକପ୍ ମ୍ୟାଚ୍ ଖେଳାଯିବ। ଭାରତର ୫ଟି ସହରକୁ ବିଶ୍ୱକପ୍ ଆୟୋଜନ ଅଧିକାର ପ୍ରଦାନ କରାଯାଇଛି। ସେଗୁଡ଼ିକ ହେଲା ଦିଲ୍ଲୀ, କୋଲକାତା, ଚେନ୍ନାଇ, ଅହମ୍ମଦାବାଦ ଏବଂ ମୁମ୍ବାଇ। ଶ୍ରୀଲଙ୍କାର ତିନୋଟି ସହରରେ ହେବ ଏହି ଟି-୨୦ ବିଶ୍ୱକପ୍ ମ୍ୟାଚ୍।

## ଭାରତର କାର୍ଯ୍ୟସୂଚୀ

**ଫେବୃଆରୀ ୭:** ଭାରତ ବନାମ ଆମେରିକା, ମୁମ୍ବାଇ
**ଫେବୃଆରୀ ୧୨:** ଭାରତ ବନାମ ନାମିବ୍ୟା, ଦିଲ୍ଲୀ
**ଫେବୃଆରୀ ୧୫:** ଭାରତ ବନାମ ପାକିସ୍ତାନ, କଲମ୍ବୋ
**ଫେବୃଆରୀ ୧୮:** ଭାରତ ବନାମ ନେଦରଲାଣ୍ଡ, ଅହମ୍ମଦାବାଦ




## ପୌର ଦୁର୍ନୀତି ମାମଲାରେ ଇଡି ସମନ
## ମନ୍ତ୍ରୀଙ୍କ ପୁତ୍ରକୁ ୧୨ ଘଣ୍ଟା ଜେରା

କୋଲକାତା,୨୫।୧୧(ସଂଚାର ବ୍ୟୁରୋ): ୧୨ ଘଣ୍ଟା ଧରି ଚାଲିଲା ଜେରା। ରାଜ୍ୟ ଦମକଳ ମନ୍ତ୍ରୀ ସୁଜିତ ବସୁଙ୍କ ପୁଅ ସମୁଦ୍ର ବସୁ ଶେଷରେ ରାତି ସାଢେ ଦଶଟା ସମୟରେ ଇଡି କାର୍ଯ୍ୟାଳୟ ଛାଡିଥିଲେ। ନିଯୁକ୍ତି ଦୁର୍ନୀତି ମାମଲାର ତଦନ୍ତ ପାଇଁ କେନ୍ଦ୍ରୀୟ ତଦନ୍ତ ସଂସ୍ଥା ତାଙ୍କୁ ସୋମବାର ସକାଳେ ସମନ କରିଥିଲା। ସେ ସମସ୍ତ କାଗଜପତ୍ର ସହିତ ସିଜିଓ କମ୍ପ୍ଲେକ୍ସ ଯାଇଥିଲେ। ଇଡି ସୂତ୍ର ଅନୁଯାୟୀ, ସୋମବାର ସକାଳ ସାଢ଼େ ୧୦ଟାରେ ସୁଜିତଙ୍କ ପୁଅ ସମୁଦ୍ରଙ୍କୁ ପଚରାଉଚରା ଆରମ୍ଭ ହୋଇଥିଲା। ସୂଚନା ମିଳିଛି ଯେ, ନିଯୁକ୍ତି ଦୁର୍ନୀତି ମାମଲାର ତଦନ୍ତ ସମୟରେ ଇଡି ଅନେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଏବଂ ନଗଦ ଜବତ କରିଥିଲା। ଇଡି କାର୍ଯ୍ୟାଳୟରୁ ବାହାରିବା ସମୟରେ ସମୁଦ୍ର ସାମ୍ବାଦିକଙ୍କ ସାମ୍ନା କରିଥିଲେ। କିନ୍ତୁ ସେ କୌଣସି ମତାମତ ଦେଇନଥିଲେ।

### କୃଷି ମଣ୍ଡିର ଗେଟ୍ ସମ୍ମୁଖରେ ଅବୈଧ ଦୋକାନ
## ପାଲଟିଛି ନିଶାଡ଼ିଙ୍କ ଆଡ୍ଡାସ୍ଥଳୀ

କୋଲକାତା,୨୫।୧୧(ସଂଚାର ବ୍ୟୁରୋ): କର୍ମତୀର୍ଥ ଭବନରେ ଦୋକାନ ଥିବା ସତ୍ତ୍ୱେ, ନୂତନ ବଜାର କୃଷି ମଣ୍ଡିର ଗେଟ୍ ସମ୍ମୁଖରେ ବେଆଇନ ଭାବରେ ଦୋକାନ ଖୋଲାଯାଇଛି! ଅନ୍ୟପକ୍ଷରେ କୃଷି ମଣ୍ଡି ଭିତରେ ଅନେକ ଝୁମ୍ପୁଡ଼ି ଘର ନିର୍ମାଣ କରାଯାଇଛି। ସ୍ଥାନୀୟ ବ୍ୟବସାୟୀ ଅଭିଯୋଗ କରିଛନ୍ତି ଯେ, ସନ୍ଧ୍ୟା ପରେ ଏହି ଘରଗୁଡ଼ିକରେ ମଦ୍ୟପାନ ପାର୍ଟି ଅନୁଷ୍ଠିତ ହୁଏ। ସରକାରୀ ଜମି ଦଖଲ କରି ଗୋଟିଏ ପରେ ଗୋଟିଏ ଦୋକାନ କିପରି ସ୍ଥାପନ କରାଯାଇଛି। ଏଥିରେ ବ୍ୟବସାୟୀ ସଂଘର ଭୂମିକା ଉପରେ ପ୍ରଶ୍ନ ଉଠିଛି। ଏହି ଘଟଣା ସମ୍ପର୍କରେ, ନୂତନ ବଜାର ବ୍ୟବସାୟୀ ସଂଘର ସମ୍ପାଦକ ସିଦ୍ଧାର୍ଥ ସରକାର କହିଛନ୍ତି ଯେ, ବ୍ୟବସାୟୀମାନଙ୍କୁ କୃଷି ମଣ୍ଡିର ଗେଟ୍ ସମ୍ମୁଖରୁ ସେମାନଙ୍କର ଦୋକାନ ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ବନ୍ଧନ ବ୍ୟାଙ୍କ ଦାନକଲା ୧୦ ଆମ୍ବୁଲାନ୍ସ



କୋଲକାତା,୨୫।୧୧(ସଂଚାର ବ୍ୟୁରୋ): ବନ୍ଧନ ବ୍ୟାଙ୍କ, ଏହାର ସିଏସ୍ଆର୍ ପଦକ୍ଷେପର ଅଂଶ ସ୍ୱରୂପ, ସାରା ଭାରତରେ ୧୦ଟି ସମ୍ପୂର୍ଣ୍ଣ ସଜ୍ଜିତ ଆମ୍ବୁଲାନ୍ସ ଦାନ କରିଛି, ଯେଉଁଥିରେ ପଶ୍ଚିମବଙ୍ଗର ତିନୋଟି ମଧ୍ୟ ସାମିଲ ଅଛି, ଯାହା ବିଭିନ୍ନ ସମ୍ପ୍ରଦାୟରେ ଜରୁରୀକାଳୀନ ଚିକିତ୍ସା ସୁବିଧାକୁ ସୁଦୃଢ଼ କରିବ ଏବଂ ସ୍ୱାସ୍ଥ୍ୟସେବା ପ୍ରଦାନକୁ ଉନ୍ନତ କରିବ। ବନ୍ଧନ ବ୍ୟାଙ୍କର ଏମ୍‌ଡି ପାର୍ଥ ପ୍ରତିମ ସେନଗୁପ୍ତା କହିଛନ୍ତି, ବନ୍ଧନ ବ୍ୟାଙ୍କରେ ଆମେ ଦୃଢ଼ ଭାବରେ ବିଶ୍ୱାସ କରୁ ଯେ, ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଉପଲବ୍ଧତା ଏକ ମୌଳିକ ଅଧିକାର, ଏକ ସୁବିଧା ନୁହେଁ।

## ରାଜଭବନରେ ଯୋଗ ସଚେତନତା କାର୍ଯ୍ୟକ୍ରମ

କୋଲକାତା,୨୫।୧୧(ସଂଚାର ବ୍ୟୁରୋ): ଇଣ୍ଡିଆନ୍ ଯୋଗ ଆସୋସିଏସନ ପଶ୍ଚିମବଙ୍ଗ ଶାଖା ପକ୍ଷରୁ କୋଲକାତାର ରାଜଭବନ ପରିସରରେ ଏକ ଯୋଗ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଶ୍ଚିମବଙ୍ଗର ରାଜ୍ୟପାଳ ସିଭି ଆନନ୍ଦ ବୋଷଙ୍କ ଉପସ୍ଥିତିରେ ଶତାଧିକ ନାଗରିକ ଏହି ଯୋଗ ସଚେତନତା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

## ମାଙ୍କଡ଼ କାମୁଡ଼ାରେ ୩ ଆହତ

କୋଲକାତା,୨୫।୧୧(ସଂଚାର ବ୍ୟୁରୋ): ମଙ୍ଗଳବାର ସକାଳେ ମହିଷାଦଳ ଥାନା ଅନ୍ତର୍ଗତ ମଧ୍ୟହିଙ୍ଗଲି ଗ୍ରାମରେ ଏକ ପାଗଳ ମାଙ୍କଡ଼ ତିନି ଜଣଙ୍କୁ କାମୁଡ଼ି ଦେଇଥିଲା। ସେମାନଙ୍କୁ ବାସୁଲିଆ ଗ୍ରାମୀଣ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଗୁରୁପଦ ମାଇତି, ବିଷ୍ଣୁ ପ୍ରାମାଣିକ ଏବଂ ଗୌରୀବାଲା ଭୂୟାଁଙ୍କୁ ହସ୍ପିଟାଲରେ ଚିକିତ୍ସା କରାଯାଇଛି। ସକାଳେ ଟ୍ୟୁସନ୍ ଯିବା ସମୟରେ ମାଙ୍କଡ କିଛି ଛାତ୍ରଙ୍କୁ ଗୋଡାଇବାରୁ ସେମାନେ ସାଇକେଲରୁ ପୋଖରୀକୁ ଡେଇଁ ପଡ଼ିଥିବା ଜଣାପଡିଛି। ଧାନ ଅମଳ ଋତୁରେ ଚାଷୀମାନେ ମଧ୍ୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପାଗଳ ମାଙ୍କଡଙ୍କୁ ଉଦ୍ଧାର କରିବା ପାଇଁ ସ୍ଥାନୀୟ ବାସିନ୍ଦାମାନେ ତୁରନ୍ତ ବନ ବିଭାଗକୁ ଖବର ଦେଇଥିଲେ।

## ଟିଏମସିକୁ ବିରୋଧ କରି ଶୁଭେନ୍ଦୁଙ୍କ ପ୍ରତିବାଦ

କୋଲକାତା,୨୫।୧୧(ସଂଚାର ବ୍ୟୁରୋ): ରାଜ୍ୟର ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ ସୋମବାର ଅପରାହ୍ଣରେ ମନ୍ଦିର ବଜାରରେ 'ପରିବର୍ତ୍ତନ ସଂକଳ୍ପ ଯାତ୍ରା'ରେ ଯୋଗଦେଇ ରାଜ୍ୟବ୍ୟାପୀ ଏସ୍ଆଇଆର୍, ଦୁର୍ନୀତି, ହତ୍ୟା ଏବଂ ମହିଳା ବିରୋଧୀ ହିଂସା ସମ୍ପର୍କରେ ତୃଣମୂଳ କଂଗ୍ରେସର ମିଥ୍ୟା ପ୍ରଚାର ଏବଂ ସବୁଠି ବିଜେପି କର୍ମୀଙ୍କ ଉପରେ ଆକ୍ରମଣ ଏବଂ ନିର୍ଯାତନାର ପ୍ରତିବାଦ କରିଥିଲେ। ମନ୍ଦିରବଜାରର ଶିବ ମନ୍ଦିରରେ ପୂଜା କରିବା ପରେ ସେ ସ୍ଥାନୀୟ ପଡ଼ିଆରେ ଏକ ସଭା କରି ଟିଏମସି ଅଭିଯୋଗକୁ ଖଣ୍ଡନ କରିଥିଲେ।

## ପୋଲ ତଳକୁ ଖସିଲା ବସ୍ : ୧୪ ଆହତ

ସୁବର୍ଣ୍ଣପୁର, ୨୫।୧୧(ସଂଚାର ବ୍ୟୁରୋ): ବିନିକା -ଏସ ରାମପୁର ମୁଖ୍ୟରାସ୍ତାର ସିଂଘିଯୁବା ବ୍ରିଜ ଉପରୁ ତଳକୁ ଖସିଲା ବସ। ଫଳରେ ୫ ଜଣ ଯାତ୍ରୀ ଗୁରୁତର ଆହତ ହୋଇଥିବା ବେଳେ ୧୪ ଜଣ ଯାତ୍ରୀ ଆହତ ହୋଇଛନ୍ତି।

ସୂଚନା ଅନୁସାରେ, ଭୁବନେଶ୍ୱରରୁ ଦୀପ୍ତିପୁର (ପଦ୍ମପୁର) ଅଭିମୁଖେ ଯାଉଥିବା ଜୟଭୋଲେ ନାମକ ରାତ୍ରିକାଳୀନ ଘରୋଇ ବସ୍ (ଓଡି୩୧କେ୯୦୯୯ ) ଆଜି ପାହାନ୍ତିଆ ସମୟରେ ଭାରସାମ୍ୟ ହରାଇ ସିଂଘିଯୁବା ପୋଲ ଉପରୁ ତଳକୁ ଖସି ପଡି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସ୍ଥାନୀୟ ଲୋକେ ତୁରନ୍ତ ଆହତ ଯାତ୍ରୀଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଏବଂ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ତୁରନ୍ତ ଅଗ୍ନିଶମ ବାହିନୀ ଏବଂ ଆମ୍ବୁଲାନ୍ସ ପହଞ୍ଚି ଆହତମାନଙ୍କୁ ବିନିକା ଡାକ୍ତରଖାନାକୁ ଆଣିଥିଲେ। ୧୪ ଜଣ ବିନିକା ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଳେ ଗୁରୁତର ଥିବା ଅନ୍ୟ ୫ ଜଣଙ୍କୁ ଅଧିକ ଚିକିତ୍ସା ନିମନ୍ତେ ବୁର୍ଲା ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି। ବିନିକା ଡାକ୍ତରଖାନାରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼ଃ. ନୃପରାଜ ସାହୁ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ନାରାୟଣ ନାୟକ ପହଞ୍ଚି ଗୁରୁତରମାନଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିବା ସହିତ ସମସ୍ତଙ୍କୁ କିପରି ଉତମ ଚିକିତ୍ସା ଯୋଗାଇ ଦିଆଯିବ ସେନେଇ ଜିଲ୍ଲାପାଳ ଶ୍ରୀ ସାହୁ ଗୁରୁତ୍ୱାରୋପ କରିଛନ୍ତି।

## ଜଳିଗଲା ହାଇୱା, ଡ୍ରାଇଭର ସୁରକ୍ଷିତ

କେନ୍ଦୁଝର,୨୫।୧୧(ସଂଚାର ବ୍ୟୁରୋ): ଆଜି କେନ୍ଦୁଝର ଜିଲ୍ଲା ବଡ଼ବିଲ ଭଦ୍ରାସାହି ରାସ୍ତା କଡରେ ହୁତୁହୁତୁ ହୋଇ ଜଳିଯାଇଛି ଏକ ହାଇୱା। ଏଥିରେ କେହି ମୃତାହତ ହୋଇ ନଥିବା ଜଣାପଡ଼ିଛି। ପ୍ରକାଶ ଯେ, ଭଦ୍ରା ସାହି ବିଆରପିଏଲ ଛକ ନିକଟରେ ଏକ ଗାଡ଼ି ଟଣା ଟ୍ରକ ଠିଆ ହେଇଥିଲା। ଏହାର ପଛରେ ଏକ ହାଇୱା ଧକ୍କା ଦେବା ଫଳରେ ଘଟଣାସ୍ଥଳରେ ହାଇୱାରେ ନିଆଁ ଲାଗି ଯାଇଥିଲା। ଖବର ପାଇ ଅଗ୍ନିଶମ ବିଭାଗ କର୍ମଚାରୀ ପହଂଚି ନିଆଁକୁ ଆୟତ କରିଥିଲେ। ବଡବିଲ ପୋଲିସ ଏହାର ଅଧିକ ତଦନ୍ତ ଆରମ୍ଭ କରିଛି।

### ● ନାତିର ମୃତଦେହ ଦେଖି ଆଈ ମୃତ
## ଗୋଟିଏ ଜୁଇରେ ଜଳିଲେ ଆଈ ଓ ନାତି

ବଲାଙ୍ଗୀର,୨୫।୧୧(ସଂଚାର ବ୍ୟୁରୋ): ଆଜି ବଲାଙ୍ଗୀରରେ ହୃଦୟ ବିଦାରକ ଘଟଣା ଘଟିଛି। କୋମଳମତି ନାବାଳକ ନାତିର ମୃତଦେହ ଦେଖି ଆଈ ମୃତ୍ୟୁମୁଖରେ ପଡ଼ିଛନ୍ତି। ଶେଷରେ ଗୋଟିଏ ଜୁଇରେ ଜଳିଲା ଆଈ ଓ ନାତି। ବଲାଙ୍ଗୀର ଆର୍ ଆର୍ କଲୋନୀରେ ଏହି ଘଟଣାରେ ସମସ୍ତେ ଭାବବିହ୍ୱଳ ହୋଇ ପଡ଼ିଛନ୍ତି। ଆଜି ଦୁଇଜଣଙ୍କୁ ଗୋଟିଏ ଜୁଇରେ ଶବ ଦାହ କରାଯାଇଛି।

ନାତି ସୁମନ ଖୁଆସ ଗତକାଲି ଖେଳିବାକୁ ଯାଇ ରାତି ୯ଟା ବେଳେ ଘରକୁ ଫେରିଲା ପରେ ପେଟ ଟାଣି ଅସୁସ୍ଥ ଅନୁଭବ କରିଥିଲା। ତାକୁ ଭୀମଭୋଇ ମେଡିକାଲକୁ ନେଇ ଚିକିତ୍ସା ଦିଆଯାଇଥିଲା। ମେଡିକାଲ ନେଇ ଚିକିତ୍ସା ପରେ ଭଲ ଲଗିଲା ପରେ ରାତି ଦୁଇଟାରେ ଘରକୁ ଆଣିଥିଲେ। ଆଜି ପୁଣି ସକାଳେ ଅସୁସ୍ଥ ଅନୁଭବ କରି ପେଟ ଟାଣିବାରୁ ସୁମନକୁ ମେଡିକାଲ ନେଇଥିଲେ। ସେଠାରେ ତା'ର ମୃତ୍ୟୁ ହୋଇ ଯାଇଥିଲା। ଗୋଟିଏ ବୋଲି ନାତିର ଏହି ଅବସ୍ଥା ଦେଖିବା ପରେ ଭାବବିହ୍ୱଳ ହୋଇ ଆଈ ମର୍ମାହତ ହୋଇପଡ଼ି ପ୍ରାଣ ହରାଇଛନ୍ତି। ବଲାଙ୍ଗୀର ଆର୍‌ଆର୍ କଲୋନୀରେ ଏହି ଘଟଣାରେ ସମସ୍ତେ ଭାବବିହ୍ୱଳ ହୋଇ ପଡ଼ିଛନ୍ତି। ଆଜି ଦୁଇଜଣଙ୍କୁ ଗୋଟିଏ ଜୁଇରେ ଶବଦାହ କରାଯାଇଛି।

## ହାତୀ ଉପଦ୍ରବରୁ ଚାଷୀଙ୍କ ଧାନ ନଷ୍ଟ

ବଲାଙ୍ଗିର,୨୫।୧୧(ସଂଚାର ବ୍ୟୁରୋ): ତୁରେକେଲା ବ୍ଲକର ଚାରପାଣି ଗାଁରେ ହାତୀ ପଲର ଉପଦ୍ରବରେ ଗ୍ରାମବାସୀ ଆତଙ୍କିତ ହୋଇ ରହିଛନ୍ତି। ଗତ ରାତିରେ ଆସିଥିବା ହାତୀ ପଲ ଅନେକ ଚାଷୀଙ୍କ ଧାନକ୍ଷେତକୁ ଭାଙ୍ଗି ନଷ୍ଟ କରିଦେଇଛନ୍ତି। ଚାଷୀ ସାଗ୍ରିଆ, ଦେବାର୍ଚ୍ଚନ ସାଗ୍ରିଆ, ପ୍ରମାନ୍ଦ ଭୋଇ, ଭୋଳ ବଛା ଓ ଅନ୍ୟାନ୍ୟ କୃଷକମାନେ ହାତୀ ଉପଦ୍ରବରେ ଅଧିକ କ୍ଷତି ହୋଇଥିବା ଅଭିଯୋଗ କରିଛନ୍ତି। ଚାଷୀମାନେ କହିଛନ୍ତି ଯେ, ହାତୀମାନେ ଧାନ ଗଛକୁ ଖାଇ ଓ ମାଡ଼ିଦେଇ ବିପୁଳ କ୍ଷତି ସୃଷ୍ଟି କରିଛନ୍ତି। ଜୀବିକାର ମୂଳ ଆଧାର ଥିବା ଧାନକ୍ଷେତ ନଷ୍ଟ ହେବାରୁ ସେମାନେ ଅତ୍ୟନ୍ତ ଚିନ୍ତିତ। ଗ୍ରାମବାସୀ ବନ ବିଭାଗଙ୍କୁ ତତ୍କାଳ କାର୍ଯ୍ୟାନୁଷ୍ଠାନ ଓ କ୍ଷତିପୂରଣ ଦାବି କରିଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କ୍ୟାରିଅର୍...

ପଦକ୍ଷେପ ନେଉଛୁ। ୨ ଲକ୍ଷ କୋଟି ଟଙ୍କାର ପ୍ରକଳ୍ପ ଗ୍ରାଉଣ୍ଡିଂ ମାଧ୍ୟମରେ ଦେଢ଼ ଲକ୍ଷ ଯୁବକଯୁବତୀଙ୍କ ପାଇଁ ନିଯୁକ୍ତି ସୁନିଶ୍ଚିତ କରିଛୁ। ଆମର ଏହି ଉଦ୍ୟମ ଆଗାମୀ ଦିନରେ ମଧ୍ୟ ନିରବଚ୍ଛିନ୍ନ ଭାବେ ଜାରି ରହିବ ବୋଲି ସେ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ ଆମ ସରକାର ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଆପଣାଇଛନ୍ତି। ତେଣୁ ଆପଣମାନେ ଦୁର୍ନୀତିକୁ ବିଷ ମନେ କରି ତା'ଠୁ ଯେତେ ଅଧିକ ସମ୍ଭବ ଦୂରରେ ରହିବା ଉଚିତ। କାରଣ କୌଣସି ପ୍ରତିଭାଶାଳୀ କର୍ମଚାରୀ ପାଇଁ ଦୁର୍ନୀତି ସୁବୁଠାରୁ ବିପଦପୂର୍ଣ୍ଣ। ଏହା ବେଶ୍ ସହଜରେ କର୍ମଚାରୀଙ୍କ ବ୍ୟକ୍ତିତ୍ୱ ସହ କ୍ୟାରିଅରକୁ ଧୀରେ ଧୀରେ ନଷ୍ଟ କରିଦେଇଥାଏ। ତେଣୁ ଏପରି ଏକ ବିପଦଠାରୁ ସେମାନେ ନିଜକୁ ଦୂରେଇ ରଖିବା ବିଧେୟ। ଆପଣମାନଙ୍କ ପ୍ରତ୍ୟେକ ପଦକ୍ଷେପ ଯେପରି ଓଡ଼ିଶା ଓ ରାଜ୍ୟବାସୀଙ୍କ ଉନ୍ନତିରେ ସହାୟକ ହେବ, ତାକୁ ଦୃଷ୍ଟିରେ ରଖି କାମ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ଶ୍ରୀ ମାଝୀ ନବନିଯୁକ୍ତଙ୍କୁ ୪ଟି ପରାମର୍ଶ ଦେଇ କହିଛନ୍ତି ଯେ ଜନସାଧାରଣଙ୍କ ପାଇଁ ସହୃଦୟତାପୂର୍ଣ୍ଣ ଓ ନ୍ୟାୟପୂର୍ଣ୍ଣ ଭାବେ ସେବା ଯୋଗାଇଦେବେ, ନିଜର କାର୍ଯ୍ୟରେ ସବୁବେଳେ ଉତ୍କୃଷ୍ଟତା ବଜାୟ ରଖିବା ପାଇଁ ଚେଷ୍ଟା କରନ୍ତୁ, ସବୁବେଳେ ନିଜର ଜ୍ଞାନର ପରିସୀମାକୁ ବୃଦ୍ଧି କରନ୍ତୁ ଓ ସମୟ ଉପଯୋଗୀ କରନ୍ତୁ ଏବଂ କାର୍ଯ୍ୟ କ୍ଷେତ୍ରରେ ସଚ୍ଚୋଟତା ଓ ସ୍ୱଚ୍ଛତା ବଜାୟ ରଖନ୍ତୁ।

ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ନବନିଯୁକ୍ତଙ୍କୁ ସ୍ୱାଗତ କରି କହିଥିଲେ ଯେ ଆମ ସରକାର ଲୋକଙ୍କ ପାଇଁ କାମ କରୁଛି, ଆପଣମାନେ ଯେଉଁଠି ବି ନିଯୁକ୍ତି ପାଆନ୍ତୁ, ସେଠାକୁ ଯାଇ ଲୋକଙ୍କ ପାଇଁ ଆପଣମାନେ କାମ କରନ୍ତୁ। ଲୋକଙ୍କ ସେବା କରିବା ହେଉଛି ସରକାରୀ କର୍ମଚାରୀ ଓ ଅଧିକାରୀମାନଙ୍କର ଧର୍ମ। କର୍ତ୍ତବ୍ୟ କ୍ଷେତ୍ରରେ ରାଜ୍ୟବାସୀଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ କରିବେ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମତ୍ସ୍ୟ ଓ ପ୍ରାଣିସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ମଧ୍ୟ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ନିଯୁକ୍ତିପତ୍ର ପାଇଥିବା ପ୍ରାର୍ଥୀମାନେ ମୁଖ୍ୟମନ୍ତ୍ରୀଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ସ୍ୱାଗତ କରିଥିବା ବେଳେ ବିଦ୍ୟାଳୟ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଡକ୍ଟର ଏନ୍. ତିରୁମାଲା ନାୟକ ଧନ୍ୟବାଦ ଦେଇଛନ୍ତି।

### ଆଉ ୪୩୫୩...

ପାଇଁ ଲକ୍ଷ୍ୟ ରଖିଥିବା ବେଳେ ସୁନ୍ଦରଗଡରେ ଏନଟିପିସି ସେଲ ପାୱାର କମ୍ପାନୀ ୭୧୦ କୋଟି ନିବେଶରେ ଅକ୍ଷୟ ଶକ୍ତି ଉତ୍ପାଦନ ଶିଳ୍ପ ପ୍ରତିଷ୍ଠା କରିବ। ସେହିପରି ପୁରୀରେ ଶ୍ରୀକ୍ରିଷ୍ଣା ଇଷ୍ଟେଟ ୨୫୦ କୋଟିର ପୁଞ୍ଜି ଖଟାଇ ଏକ ପଞ୍ଚତାରକା ହୋଟେଲ ନିର୍ମାଣ କରିବ। ରଶ୍ମୀ ମେଟାଲର୍ଜିକାଲ ଇଣ୍ଡଷ୍ଟ୍ରି କେନ୍ଦୁଝରରେ ୬୦୦ କୋଟି ନିବେଶ କରି ଇସ୍ପାତ ବେନିଫିକେସନ ପ୍ଲାଣ୍ଟ ପ୍ରତିଷ୍ଠା କରିବ। ଆହୁରି ଖୋର୍ଦ୍ଧାରେ ମାଉଣ୍ଟ ଏଭେରେଷ୍ଟ ବ୍ରିୱେରୀ ପକ୍ଷରୁ ୨୯୯ କୋଟି ନିବେଶ ପୂର୍ବକ ଖାଦ୍ୟ ପ୍ରକ୍ରିୟାକରଣ ଓ ବ୍ରିୱେରୀ ୟୁନିଟ ପ୍ରତିଷ୍ଠା କରାଯିବ।

### ସ୍ୱାର୍ଥ ପୂରଣ...

ଭାଇବୋହୂ ତାଙ୍କ ବିରୋଧରେ କରିଥିବା ଅଭିଯୋଗରୁ ମଧ୍ୟ ସେ ସମୟରେ ବିଜେଡି ସରକାର ତାଙ୍କୁ ସୁରକ୍ଷା ଦେଇଥିଲା। ନିଜର ରାଜନୈତିକ ଭବିଷ୍ୟତର ସୁରକ୍ଷା ପାଇଁ ନବୀନ ପଟ୍ଟନାୟକ ଓ ତାଙ୍କ କାର୍ପେଟଦାରଙ୍କୁ ତେଲ ମାରି ସେ ରାଜ୍ୟସଭା ଯିବା ବେଳେ ବୋଧହୁଏ ତାଙ୍କର ଦଳର ନୀତିନୈତିକତା କଥା ମନେ ପଡୁନଥିଲା ବୋଲି ରାଜନୈତିକ ସମୀକ୍ଷକମାନେ ପ୍ରଶ୍ନ କରିଛନ୍ତି।

ନବୀନଙ୍କ ରାଜନୈତିକ ଜୀବନ କାଳ ମଧ୍ୟରେ ଆରମ୍ଭରୁ ସ୍ୱର୍ଗତଃ ପ୍ୟାରୀମୋହନ ମହାପାତ୍ର ହୁଅନ୍ତୁ ଅବା ବିଜୟ ପଟ୍ଟନାୟକ କିମ୍ବା ଭିକେ ପାଣ୍ଡିଆନ, ସମସ୍ତେ ତାଙ୍କୁ ସରକାର ଓ ଦଳ ଚଳାଇବାରେ ନିଜ ନିଜ ଅଭିଜ୍ଞତା ଅନୁଯାୟୀ ସହଯୋଗ କରିଆସୁଥିଲେ। ଏକଥା କ'ଣ ଦେବାଶିଷ ସାମନ୍ତରାୟଙ୍କୁ ଅଛପା ଥିଲା କି? ଗତ ୨୦୦୦ରେ ସେ କିପରି ଓ କାହା ଦୟାରେ ତିର୍ତ୍ତୋଲରୁ ପ୍ରାର୍ଥୀ ହୋଇଥିଲେ ସେକଥା ବୋଧହୁଏ ସେ ଭୁଲିଯାଇଛନ୍ତି ବୋଲି କିଛି ବରିଷ୍ଠ ରାଜନୈତିକ ସମୀକ୍ଷକ କହିଛନ୍ତି। ବାରବାଟୀ-କଟକ ଆସନରୁ ହାରିଗଲା ପରେ ସେ ତତ୍କାଳୀନ ମେୟରଙ୍କୁ କାମ କରାଇ ଦେଉନଥିଲେ। ଏକଥା ସେତେବେଳର ମେୟର ଓ ଏବର ମେୟର ମଧ୍ୟ ପରୋକ୍ଷରେ ଅଭିଯୋଗ କରୁଥିଲେ।

ଦେବାଶିଷଙ୍କୁ ଯେମିତି ବରିଷ୍ଠ ନାଗରିକ ସେଲ୍‌ର ଦାୟିତ୍ୱ ମିଳିଥିଲା, ସେହିଭଳି ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ, ଅରୁଣ ସାହୁ, ଅନଙ୍ଗ ଉଦୟ ସିଂହଦେଓଙ୍କ ପରି ବରିଷ୍ଠ ନେତାଙ୍କୁ ବିଭିନ୍ନ ସଂଗଠନ ଦାୟିତ୍ୱ ଦିଆଯାଇଛି। ତାଙ୍କୁ ଯେଉଁ ୱିଙ୍ଗର ଦାୟିତ୍ୱ ଦିଆଯାଇଛି, ସେଥିରେ ସେ ଆଜି ପର୍ଯ୍ୟନ୍ତ ଗୋଟିଏ ହେଲେ ବୈଠକ କଲେନାହିଁ। ଏଭଳି ସ୍ଥିତିରେ ସେ ନିଜେ ନିଜ ବିଫଳତାର ଉତ୍ତରଦାୟିତ୍ୱ ନେବା ପରିବର୍ତ୍ତେ ନବୀନ ଓ ତାଙ୍କ କାର୍ଯ୍ୟାଳୟକୁ ଦାୟୀ କରିବାର ଉଦ୍ଦେଶ୍ୟ ଆଉ କିଛି ବୋଲି ଚର୍ଚ୍ଚା ହେଉଛି। କିଛି ରାଜନୈତିକ ସମୀକ୍ଷକଙ୍କ ଆକଳନ କହୁଛି, ଦେବାଶିଷ ରାଜନୈତିକ ପଟ୍ଟ ପରିବର୍ତ୍ତନ ଲକ୍ଷ୍ୟରେ ଅଛନ୍ତି। ଆଉ ସେ ଦିଗରେ ଏହା ତାଙ୍କର ପ୍ରଥମ ପଦକ୍ଷେପ।

### ଶତାବ୍ଦୀର...

ଏବଂ ବୃକ୍ଷ, ରାମରାଜ୍ୟ ଗୌରବର ପ୍ରତୀକ। ଏହି ପତାକା ଏକ ସଂକଳ୍ପ, ଏହି ପତାକା ଏକ ସଫଳତା। ଏହି ପତାକା ସଂଘର୍ଷ ମାଧ୍ୟମରେ ସୃଷ୍ଟିର ଗାଥା। ଏହି ପତାକା ସନ୍ଥମାନଙ୍କ ଆଧ୍ୟାତ୍ମିକ ଅଭ୍ୟାସ ଏବଂ ସମାଜର ଅଂଶଗ୍ରହଣର ଅର୍ଥପୂର୍ଣ୍ଣ ପରିଣାମ।ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ଆସନ୍ତୁ ଆମେ ଏପରି ଏକ ସମାଜ ସୃଷ୍ଟି କରିବା ଯେଉଁଠାରେ ଦାରିଦ୍ର୍ୟ ନ ଥିବ, କେହି ଦୁଃଖୀ କିମ୍ବା ଅସହାୟ ନ ଥିବେ। ଯେଉଁମାନେ କୌଣସି କାରଣରୁ ମନ୍ଦିରକୁ ଆସି ଦୂରରୁ ମନ୍ଦିର ପତାକାକୁ ପ୍ରଣାମ କରିପାରୁ ନଥିବେ, ସେମାନେ ମଧ୍ୟ ସମାନ ପୁଣ୍ୟ ପାଆନ୍ତି। ଏହି ପତାକା ଦୂରରୁ ରାମ ଲଲ୍ଲାଙ୍କ ଜନ୍ମସ୍ଥାନର ଏକ ଝଲକ ପ୍ରଦାନ କରିବ। ଏହା ଆଗାମୀ ଯୁଗ ପାଇଁ ସମସ୍ତ ମାନବଜାତିକୁ ଶ୍ରୀ ରାମଙ୍କ ଆଦେଶ ଏବଂ ପ୍ରେରଣା ପ୍ରଦାନ କରିବ। ଏହି ଅନନ୍ୟ ଅବସରରେ ମୁଁ ବିଶ୍ୱର ଲକ୍ଷ ଲକ୍ଷ ରାମ ଭକ୍ତଙ୍କୁ ମୋର ଶୁଭକାମନା ଜଣାଉଛି ବୋଲି ମୋଦି କହିଛନ୍ତି।

ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ରାମ ମନ୍ଦିର ନିର୍ମାଣରେ ଯୋଗଦାନ ଦେଇଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ଧନ୍ୟବାଦ। ପ୍ରତ୍ୟେକ ଶ୍ରମିକ ଏବଂ ସ୍ଥପତିଙ୍କୁ ଅଭିନନ୍ଦନ। ଯେତେବେଳେ ଶ୍ରୀରାମ ଅଯୋଧ୍ୟାରୁ ବନବାସରେ ଯାଇଥିଲେ, ସେ ରାଜକୁମାର ରାମ ଥିଲେ; ଯେତେବେଳେ ସେ ଫେରିଥିଲେ, ସେ ମର୍ଯ୍ୟାଦା ପୁରୁଷୋତ୍ତମ ଭାବରେ ଫେରି ଆସିଥିଲେ। ଏକ ବିକଶିତ ଭାରତ ନିର୍ମାଣ ପାଇଁ ସମାଜର ଏହି ସାମୂହିକ ଶକ୍ତିର ଆବଶ୍ୟକତା ଅଛି। ରାମ ମନ୍ଦିରର ଦିବ୍ୟ ପ୍ରାଙ୍ଗଣ ଭାରତର ସାମୂହିକ ଶକ୍ତିର ଚେତନାର ସ୍ଥାନ ହୋଇପଡୁଛି। ଏଠାରେ, ସପ୍ତସ୍ଥଳୀ ନିର୍ମାଣ କରାଯାଇଛି - ନିଷାଦ ରାଜ ଏବଂ ମାତା ଶବରୀଙ୍କ ମନ୍ଦିର। ଏଠାରେ, ଗୋଟିଏ ସ୍ଥାନରେ ମହର୍ଷି ବଶିଷ୍ଠ, ମାତା ଅହଲ୍ୟା, ମହର୍ଷି ଅଗସ୍ତ୍ୟ, ସନ୍ଥ ତୁଳସୀଦାସ, ମହର୍ଷି ବିଶ୍ୱାମିତ୍ର ଅଛନ୍ତି।

### ଏବେ ସମୃଦ୍ଧି...

ପରେ ଏକ ଜନସଭାକୁ ସମ୍ବୋଧିତ କରି ଶ୍ରୀ ପ୍ରଧାନ କହିଛନ୍ତି ଯେ ଆମେ ସର୍ଦ୍ଦାର ପଟେଲଙ୍କ ଏକତାକୁ ସମ୍ମାନ ଜଣାଇବା ସମୟରେ ଆମର ସମ୍ବଲପୁର ଓ ଓଡ଼ିଶାର ଭବିଷ୍ୟତ ପାଇଁ ଥିବା ଆମର ଦାୟିତ୍ୱକୁ ଭୁଲିବା ଉଚିତ ନୁହେଁ। ଗାନ୍ଧୀଜୀଙ୍କ ବିଚାରରେ ସମ୍ବଲପୁରକୁ ସ୍ୱଚ୍ଛ ଓ ସୁସ୍ଥ ପରିବେଶରେ ପରିଣତ କରିବା ପାଇଁ ଅଧିକ ଦାୟିତ୍ୱ ନେବା। ଗ୍ରାମାଞ୍ଚଳରେ ଆମେ ପୋଷଣକୁ ପ୍ରାଧାନ୍ୟ ଦେଇ ନବଜାତ ଶିଶୁଙ୍କଠାରୁ ଆରମ୍ଭ କରି ସବୁ ପିଲାଙ୍କ ଯତ୍ନ ନେବା ପାଇଁ ଗୋଟିଏ ଗୋଟିଏ ପାଦ ଆଗକୁ ବଢ଼ାଇବା। ଏଠାରେ ଖେଳକୁ ପ୍ରୋତ୍ସାହନ ଦେବା ସହ କ୍ରୀଡ଼ା ଭିତ୍ତିଭୂମିର ବିକାଶ କରିବାକୁ ଶ୍ରୀ ପ୍ରଧାନ କହିଛନ୍ତି।

ସେ କହିଛନ୍ତି ଯେ ସର୍ଦ୍ଦାର ପଟେଲଙ୍କ ସ୍ମୃତିରେ ଆୟୋଜିତ ଏହି 'ଏକତା ପଦଯାତ୍ରା' ଦେଶର ଐକ୍ୟ, ସମତା ଓ ସାମାଜିକ ସଦ୍‌ଭାବନାର ଏକ ଜୀବନ୍ତ ପ୍ରଦର୍ଶନ। ଏହା ଆମକୁ ତାଙ୍କର କଠୋର ପରିଶ୍ରମ, ନିଷ୍ଠାପରତା ଓ ଅଖଣ୍ଡ ଭାରତ ଗଠନ ପାଇଁ ଅତୁଳନୀୟ ଅବଦାନକୁ ମନେ ପକାଇ ଦେଉଛି। ସର୍ଦ୍ଦାର ପଟେଲଙ୍କ ଅସୀମ ସାହସ, ଅଦମ୍ୟ ରାଜନୈତିକ ଇଚ୍ଛାଶକ୍ତି ଓ ନିର୍ଣ୍ଣାୟକ ନେତୃତ୍ୱ କାରଣରୁ ଆମ ଦେଶ ଆଜି ବିକାଶର ମାର୍ଗରେ ଅଗ୍ରସର ହେଉଛି। ଗୁଜରାଟରେ ପଟେଲଙ୍କ ପୃଥିବୀର ସର୍ବୋଚ୍ଚ ପ୍ରତିମୂର୍ତ୍ତି 'ଷ୍ଟାଚ୍ୟୁ ଅଫ୍ ୟୁନିଟି' ପ୍ରତିଷ୍ଠା କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ମହାପୁରୁଷଙ୍କୁ ରାଷ୍ଟ୍ର ପକ୍ଷରୁ ସର୍ବୋତ୍ତମ ଶ୍ରଦ୍ଧାଞ୍ଜଳି ଦେଇଥିବା ଶ୍ରୀ ପ୍ରଧାନ କହିଛନ୍ତି। ଏହି ଅବସରରେ ଓଡ଼ିଶା ଭାଷାଭିତ୍ତିକ ରାଜ୍ୟ ଗଠନରେ ବାମଣ୍ଡା ରାଜା ସାର୍ ବାସୁଦେବ ସୁଢଳଦେବ, ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଭଳି ବରପୁତ୍ରଙ୍କ ଯୋଗଦାନକୁ କେନ୍ଦ୍ରମନ୍ତ୍ରୀ ମନେ ପକାଇଥିଲେ।

ଏକତା ପଦଯାତ୍ରା ସମୟରେ ଶ୍ରୀ ପ୍ରଧାନ ଜେଲ୍ ଛକଠାରେ ଓଡ଼ିଶାର ବୀର ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତି ଓ ନେଲସନ୍ ମାଣ୍ଡେଲା ଛକଠାରେ ଥିବା ଶହୀଦ ସ୍ତମ୍ଭରେ ବୀର ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ଓ ଗ୍ରାମୀଣ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକ, ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର ଉପସ୍ଥିତ ଥିଲେ।

### ଭିଜିଲାନ୍ସ ଜାଲରେ...

ଟଙ୍କା ଲାଞ୍ଚ ନେଇ କାମ କରିଦେବାକୁ ରାଜି ହୋଇଥିଲେ। ତେବେ ଇତିମଧ୍ୟରେ ଜମି ମାଲିକ ଜଣଙ୍କ ଏନେଇ ଭିଜିଲାନ୍ସରେ ଅଭିଯୋଗ କରିବା ପରେ ଭିଜିଲାନ୍ସ କର୍ମଚାରୀମାନେ ଏକ ଯୋଜନା ପ୍ରସ୍ତୁତ କରିଥିଲେ। ଏହି ଯୋଜନା ଅନୁସାରେ, ଆଜି ସେମାନେ ଜମି ମାଲିକ ଲାଞ୍ଚ ଦେବା ସମୟରେ ସେଠାରେ ପ୍ରସ୍ତୁତ ହୋଇ ରହିଥିଲେ। ଶ୍ରୀ ବେହେରା ଲାଞ୍ଚ ଟଙ୍କା ଗ୍ରହଣ କରିବା ସମୟରେ ସେମାନେ ତାଙ୍କୁ ମାଡ଼ିବସିଥିଲେ। ଏଥିସହ ସେମାନେ ପ୍ରମାଣ ସ୍ୱରୂପ ଉକ୍ତ ଲାଞ୍ଚ ଟଙ୍କା ବି ଜବତ କରିଛନ୍ତି। ପରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ସନ୍ଦେହରେ ଶ୍ରୀ ବେହେରାଙ୍କ ସହ ଜଡ଼ିତ ଦୁଇଟି ସ୍ଥାନରେ ଏକକାଳୀନ ଚଢ଼ାଉ ଜାରି ରହିଥିବା ଜଣାପଡ଼ିଛି।

### ନବୀନଙ୍କ ବିରୁଦ୍ଧରେ...

ପକାଇବା ସହ ଦଳୀୟ ନେତୃତ୍ୱ ବିରୁଦ୍ଧରେ ଆଲୋଚନା ଚଳାଇଥିଲେ। ଦଳ ହାରିବା ନେଇ ନବୀନଙ୍କ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରିବାକୁ ବି ସେମାନେ ପଛାଇ ନଥିଲେ। ହେଲେ ଏମାନଙ୍କ ଅବସ୍ଥା ବି ବରିଷ୍ଠଙ୍କ ଭଳି ହୋଇଥିଲା। ମେଳି ନାଁରେ ରାଜ୍ୟ ବାହାରେ ମଉଜମସ୍ତି କରି ଫେରିବା ପରେ ଯିଏ ଯାହା ବାଟରେ ଚାଲିଯାଇଥିଲେ। ଏମାନଙ୍କୁ ଉସ୍‌କାଇ ମେଳି କରିଥିବା ମାମଲତକାର ଯୁବ ନେତା ବି ଆଉ ଧରାଛୁଆଁ ଦେଇନଥିଲେ।

ସେହିଭଳି ସଂସଦରେ ୱାକଫ୍ ବିଲ୍‌କୁ ହଠାତ୍ ବିଜେଡି ସମର୍ଥନ ଦେବାକୁ ନେଇ ମଧ୍ୟ ଦଳ ଭିତରେ ଅସନ୍ତୋଷ ସୃଷ୍ଟି ହୋଇଥିଲା। ଅବସ୍ଥା ଏଭଳି ହୋଇଥିଲା ଯେ ଗୋଟିଏ ଅସନ୍ତୁଷ୍ଟ ଗୋଷ୍ଠୀ ନବୀନ ନିବାସ ଭିତରେ ପଶି ହୋହଲ୍ଲା କରିବାକୁ ବି ପଛାଇ ନଥିଲେ। ବର୍ତ୍ତମାନ ଉପସଭାପତି ପଦ ଛାଡ଼ିଥିବା ସାଂସଦ ଦେବାଶିଷ ସାମନ୍ତରାୟ ମଧ୍ୟ ସେତେବେଳେ ଖୋଲାଖୋଲି ଭାବେ ଅସନ୍ତୋଷ ପ୍ରକାଶ କରିଥିଲେ। ହେଲେ ପରବର୍ତ୍ତୀ ସମୟରେ ସବୁ ଥଣ୍ଡା ପଡ଼ିଥିଲା। ଦେବାଶିଷ କିମ୍ବା ଅନ୍ୟତମ ଅସନ୍ତୁଷ୍ଟ ସାଂସଦ ମୁନ୍ନା ଖାଁଙ୍କ ସପକ୍ଷରେ କେହି ବି ବାହାରିନଥିଲେ। ଏବେ ନୂଆପଡ଼ା ଉପନିର୍ବାଚନ ପରେ ପୁଣିଥରେ ଅସନ୍ତୋଷ ସାମ୍ନାକୁ ଆସିଛି। ଦଳୀୟ ନେତୃତ୍ୱକୁ ତେରଛା ବାଣ ମାରି ବରିଷ୍ଠ ନେତ୍ରୀ ଶ୍ରୀମୟୀ ମିଶ୍ର ଦଳରୁ ନିଲମ୍ବିତ ହୋଇଛନ୍ତି। ତାଙ୍କ ସ୍ୱରରେ ଆଉ କିଛି ନେତ୍ରୀ ବି ସ୍ୱର ମିଳାଉଛନ୍ତି। ମଉକା ଦେଖି ଦେବାଶିଷ ପୁଣିଥରେ ନିଜର ଅସନ୍ତୋଷ ପ୍ରକାଶ କରିଥିବା ବେଳେ ତାଙ୍କ ସପକ୍ଷରେ ବାହାରିଛନ୍ତି ପୂର୍ବତନ ବିଧାୟକ ଭୂପିନ୍ଦର ସିଂହ। କିନ୍ତୁ ଦଳ ଭିତରେ ଅସନ୍ତୋଷ ରହୁଥିଲେ ମଧ୍ୟ ନବୀନଙ୍କ ବିରୁଦ୍ଧରେ ମେଳି କରି ତା'ର ନେତୃତ୍ୱ ନେବାକୁ କେହି ବି ସାହସ କରିପାରୁନାହାନ୍ତି। ଅଧିକାଂଶ ଅସନ୍ତୁଷ୍ଟଙ୍କ ନଜର ଏବେ ଆସନ୍ତା ବର୍ଷ ଏପ୍ରିଲ ମାସରେ ହେବାକୁ ଥିବା ରାଜ୍ୟସଭା ନିର୍ବାଚନ ଉପରେ ରହିଛି। ତେଣୁ ମୋଟାମୋଟି ଭାବେ ଅଦିନିଆ ଲଘୁଚାପ ଭଳି ବିଜେଡି ଭିତରେ ଅସନ୍ତୋଷର ଝଡ଼ ବାରମ୍ବାର ଉଠୁଥିଲେ ମଧ୍ୟ ନେତୃତ୍ୱ ସଙ୍କଟରୁ ତାହା ଦାନା ବାନ୍ଧିପାରୁନଥିବା ରାଜନୈତିକ ବିଶ୍ଲେଷକମାନେ ମତ ଦେଉଛନ୍ତି।

### ଦୁର୍ଘଟଣାରେ...

ସୂରଜ ହୋଇଥିବା ବେଳେ ଅନ୍ୟ ଜଣେ ଲୋଇସିଂହା ଅଞ୍ଚଳର ବୋଲି ଜଣାପଡ଼ିଛି। କିନ୍ତୁ ତାଙ୍କ ନାମ ଜଣାପଡ଼ିନାହିଁ। ଖବର ପାଇ ଘଟଣାସ୍ଥଳରେ ଲୋଇସିଂହା ପୁଲିସ୍ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବାଇକ୍ ଦୁଇଟିକୁ ଜବତ କରିବା ସହ ଘଟଣାର ତଦନ୍ତ ଚଳାଇଛି। ଏଥିସହ ତିନି ଯୁବକଙ୍କ ମୃତଦେହର ବ୍ୟବଚ୍ଛେଦ ବ୍ୟବସ୍ଥା କରାଯାଇଛି। ପରେ ମୃତଦେହ ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯିବ ବୋଲି ପୁଲିସ୍ ପକ୍ଷରୁ କୁହାଯାଇଛି।

ସେହିପରି ଅନ୍ୟ ଦୁର୍ଘଟଣାଟି ଆଜି ଭୋର୍ ସମୟରେ କଟକ ଟାଙ୍ଗୀଠାରେ ଘଟିଛି। କେଉଁଝରରୁ ଭୁବନେଶ୍ୱର ଆଡ଼କୁ କେତେକ ଖଣି ଶ୍ରମିକଙ୍କୁ ନେଇ ଦ୍ରୁତ ଗତିରେ ଯାଉଥିବା ଏକ ବୋଲେରୋଟି ଭାରସାମ୍ୟ ହରାଇ ଡିଭାଇଡର୍ ଡେଇଁ ଅପର ପଟରୁ ଆସୁଥିବା ଏକ କଣ୍ଟେନର୍ ସହ ପିଟି ହୋଇଯାଇଥିଲା। ଉକ୍ତ କଣ୍ଟେନର୍‌ଟି ଭୁବନେଶ୍ୱରରୁ ଚଣ୍ଡିଖୋଲ ଅଭିମୁଖେ ଯାଉଥିବା ସମୟରେ ଏଭଳି ଅଘଟଣର ଶିକାର ହୋଇଥିଲା। ଏହି ଭୟଙ୍କର ଦୁର୍ଘଟଣାରେ ଘଟଣାସ୍ଥଳରେ ହିଁ ବୋଲେରୋରେ ଥିବା ଶ୍ରମିକଙ୍କ ମଧ୍ୟରୁ ୨ ଜଣ ଓ ଚାଳକଙ୍କର ମୃତ୍ୟୁ ଘଟିଥିଲା। ଏହାଛଡ଼ା ଅନ୍ୟ ଦୁଇ ଜଣ ଶ୍ରମିକ ଗୁରୁତର ଭାବେ ଆହତ ହୋଇଥିଲେ। ସେମାନଙ୍କୁ କଟକ ବଡ଼ ମେଡିକାଲ୍‌କୁ ନିଆଯାଇଥିବା ବେଳେ ରିପୋର୍ଟ ଲେଖାଯିବା ବେଳକୁ ସେମାନଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାପଡ଼ିଛି। ଦୁର୍ଘଟଣାର ଭୟାବହତା ଏତେ ଅଧିକ ଥିଲା ଯେ ଅଗ୍ନିଶମ ବାହିନୀ କର୍ମଚାରୀମାନେ କଟର୍ ସହାୟତା କାଟି ୩ ଶ୍ରମିକଙ୍କ ମୃତଦେହ ବାହାରକୁ ବାହାର କରିଥିଲେ। ମୃତକଙ୍କ ମଧ୍ୟରେ ୨ ଜଣ ଶ୍ରମିକ ଓ ଗାଡ଼ିର ଚାଳକ ଅଛନ୍ତି। ମୃତାହତଙ୍କ ପରିଚୟ ମିଳିପାରିନାହିଁ। ଅନ୍ୟପକ୍ଷରେ କଣ୍ଟେନର୍‌ଟି ସାମାନ୍ୟ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଏହାର ଚାଳକ ଓ ହେଲ୍‌ପର୍ ଉଭୟଙ୍କର କୌଣସି କ୍ଷତି ହୋଇନାହିଁ। ଖବର ପାଇ ଟାଙ୍ଗୀ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଉଭୟ ଗାଡ଼ିକୁ ଜବତ କରିବା ସହ ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି।

## ବୃଦ୍ଧି ପାଉଛି ନକଲି ଔଷଧ ବିକ୍ରି

# କୋମାରେ ଜିଲ୍ଲା ଭେଷଜ ନିୟନ୍ତ୍ରକ

- ଅସ୍ତରଙ୍ଗ ଓ କାକଟପୁର ଅଞ୍ଚଳରେ ମାଳ ମାଳ ଜାଲିଆତି
- ଚାକିରିରେ ଥିବା ଫାର୍ମାସିଷ୍ଟ ନାଁରେ ଚାଲିଛି ଲାଇସେନ୍ସ
- ଅନଭିଜ୍ଞ ବ୍ୟକ୍ତି ଗାଁ ଗାଁରେ ମେଡିସିନ ବ୍ୟବସାୟୀ

**କାକଟପୁର/ଅସ୍ତରଙ୍ଗ,୨୫।୧୧ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ବ୍ଲକ ଅଂଚଳର ବିଭିନ୍ନ ଗାଁରେ ମାଳ ମାଳ ଅନଭିଜ୍ଞ ଯୁବକ ଖୋଲିଛନ୍ତି ଔଷଧ ଦୋକାନ। ଏହି ଦୋକାନ ଗୁଡିକ ସରକାରୀ ଜାଗା, ଚାକିରି କରିଥିବା ବ୍ୟକ୍ତିଙ୍କ ନାଁରେ ଲାଇସେନ୍ସ ଥିବା ବେଳେ ଅନଭିଜ୍ଞ ଦୋକାନରେ ବସି ରୋଗୀଙ୍କୁ ଔଷଧ ଦେବା, କିଛି ଦୋକାନୀଙ୍କ ଲାଇସେନ୍ସ ନବୀକରଣ ହୋଇନଥିବା ସୂଚନା ମିଳୁଛି।

ଅପରପକ୍ଷେ କାକଟପୁର, ବାଙ୍ଗୁରିଗାଁ, ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ବାହାରେ ମାଳ ମାଳ ଔଷଧ ଦୋକାନ ରହିଥିବା ବେଳେ ଭେଷଜ ବିଭାଗ ନିୟମ ଉଲ୍ଲଘଂନ କରି ଔଷଧ ବ୍ୟବସାୟ କରୁଛନ୍ତି। ସବୁଠାରୁ



ବଡ଼ କଥା ହେଉଛି, ଔଷଧ ବିକ୍ରୟ କରିବା ପାଇଁ ଲାଇସେନ୍ସ ନିମିତ୍ତ ଯେଉଁ ଫାର୍ମାସିଷ୍ଟଙ୍କ ଦାଖଲ କରାଯାଇଛି, କିଛି ଫାର୍ମାସିଷ୍ଟ ସରକାରୀ ଚାକିରୀ କରିଥିବା ଚର୍ଚ୍ଚା ହେଉଛି।

କାକଟପୁର ବ୍ଲକ ଅଂଚଳର କାକଟପୁର, ରସୁଲପୁର, ଲତାହରଣ, ପାଟପୁର, କୁଣ୍ଢେଇ, ଓଥକା, କଟକଣା ସମେତ ବିଭିନ୍ନ ସ୍ଥାନ ସେହିପରି ଅସ୍ତରଙ୍ଗ ବ୍ଲକ ଅଂଚଳର ନୂଆଗଡ, ଅସ୍ତରଙ୍ଗ, ଆଳସାହି, ନଗର, ଖଣ୍ଡାସାହି, କେନ୍ଦ୍ରାପଟି, ସରିପୁର, କଣମଣ, ପାଟଳଦା ଆଦି ସ୍ଥାନ ଗୁଡିକରେ ଏଭଳି ଜାଲିଆତି ହୋଇ ଔଷଧ ଦୋକାନ ଖୋଲିଥିବା ବେଳେ ପୁରୀ ଜିଲ୍ଲା ଭେଷଜ ବିଭାଗ ନିଦାବିଷ୍ଣୁ ସାଜିଥିବା କୁହାଯାଇଛି।

ଜିଲ୍ଲା ଭେଷଜ ବିଭାଗ ନିୟନ୍ତ୍ରଣରେ ଔଷଧ ଦୋକାନ ଗୁଡିକ ରହୁନଥିବାରୁ ଦୋକାନଗୁଡିକରେ ନକଲି ଔଷଧ ବିକ୍ରି ହେଉଥିବା ସାଧାରଣ ଆଲୋଚନା ହେଉଛି। ଜିଲ୍ଲା ଭେଷଜ ବିଭାଗର ଅଧିକାରୀମାନେ ସବୁ ଜାଣି ମୋଟା ଅଙ୍କର ଅର୍ଥ ପାଇ ପକେଟ ଗରମ କରୁଛନ୍ତି। ପୁରୀ ଜିଲ୍ଲା ଜିଲ୍ଲାପାଳ ଓ ସ୍ୱାସ୍ଥ୍ୟ ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀ ଦୃଷ୍ଟି ନ ଦେଲେ ନକଲି ଓ ବେଆଇନ ଭାବେ ଖୋଲିଥିବା ଔଷଧ ଦୋକାନ ଗୁଡିକ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସେବାକୁ ବିପର୍ଯ୍ୟସ୍ତ କରିବାର ସମ୍ଭାବନାକୁ ଏଡାଇ ଦିଆଯାଇନପାରେ।

- ଦ୍ୱିତୀୟ ଦିନରେ ଜିଲ୍ଲାପାଳଙ୍କ ଗସ୍ତ

## ସ୍ୱାସ୍ଥ୍ୟ ଓ ପୋଷଣ କାର୍ଯ୍ୟକ୍ରମର କଲେ ସମୀକ୍ଷା



**ଛତ୍ରପୁର,୨୫।୧୧ (ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ ଦ୍ୱିତୀୟ ଦିନରେ ଗଞ୍ଜାମ ବ୍ଲକରେ ଗସ୍ତ କରି ସ୍ୱାସ୍ଥ୍ୟ ସେବା ସହିତ ସାଧାରଣ ଉନ୍ନୟନ କାର୍ଯ୍ୟକ୍ରମଗୁଡ଼ିକର ସ୍ଥଳୀୟ ସମୀକ୍ଷା କରିଛନ୍ତି। ଗତ କାଲି ବ୍ଲକର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ସ୍ଥାନୀୟ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଥିବା ବେଳେ, ଆଜି ସେ ଗଞ୍ଜାମ ଏନଏସି ଅଞ୍ଚଳକୁ ଗସ୍ତ କରିଛନ୍ତି। ଏହି ଅବସରରେ ସେ ଗଞ୍ଜାମ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପରିଦର୍ଶନ କରି ନିର୍ମାଣାଧୀନ ନୂଆ କୋଠାଗୁଡ଼ିକର ପ୍ରଗତି ସମୀକ୍ଷା କରିଥିଲେ ଏବଂ ସେଠାରେ ଚିକିତ୍ସା ପାଇଁ ଆସୁଥିବା ରୋଗୀମାନଙ୍କ ସହ କଥା ହୋଇ ସ୍ୱାସ୍ଥ୍ୟ ସେବା ସମ୍ପର୍କରେ ପଚାରି ବୁଝିବା ସହ ସେବାର ଗୁଣମାନ ବିଷୟରେ ମତାମତ ମଧ ନେଇଥିଲେ।

ସେହିପରି, ଗଞ୍ଜାମ ଏନଏସି ଅଧୀନ ୱାର୍ଡ ନଂ ୭ରେ ଅବସ୍ଥିତ ଏକ ଅଙ୍ଗନବାଡ଼ି କେନ୍ଦ୍ରକୁ ଯାଇ ସେ ଭିଏଚ୍ଏସ୍ଏନ୍ଡି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ତାହାସହିତ ପୋଷଣ ଟ୍ରାକର ଆପ୍ ମାଧମରେ ପିଲାମାନଙ୍କ ସ୍ୱାସ୍ଥ୍ୟ ଓ ପୋଷଣ ସମ୍ବନ୍ଧୀୟ ତଥ୍ୟକୁ ସ୍ୱୟଂ ନିରୀକ୍ଷଣ କରି ପୋଷଣ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବାକୁ ପରାମର୍ଶ ଦେଇଥିଲେ। ଏହା ସହିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିବା ମୃତକ କର୍ମଚାରୀ ଦିବାକର ଗୌଡ଼ଙ୍କ ଗଞ୍ଜାମ ସହର ଗୌଡ଼ସାହି ସ୍ଥିତ ବାସଭବନକୁ ଯାଇ ସେ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ମୃତକଙ୍କ ପରିବାରକୁ ସାନ୍ତ୍ୱନା ଦେବା ସହ ସମ୍ଭବ ସମସ୍ତ ସରକାରୀ ସହଯୋଗ ମିଳିବାକୁ ଆଶ୍ୱାସନ ମଧ ପ୍ରଦାନ କରିଥିଲେ।

## ଦୁର୍ବିସହ ଜୀବନ ଜିଉଥିବା ୪ ଶିଶୁଙ୍କୁ ଉଦ୍ଧାର କଲା ପ୍ରଶାସନ

**ପାରାଦୀପ,୨୫।୧୧ (ସଂଚାର ବ୍ୟୁରୋ):** ନା ଥିଲା ସାହାରା, ନା ଥିଲା ସହାୟତା। ଜନ୍ମ କଲା ମା' ତିନି ବର୍ଷ ହେବ ଚାରି ଛୁଆଙ୍କୁ ଛାଡି ଅନ୍ୟ କାହା ସହ ଚାଲିଗଲା। ଆଉ ବାପା ଧୀରେ ଧୀରେ ରୋଗଗ୍ରସ୍ତ ହୋଇ ପରିବାରର ବୋଝ ମୁଣ୍ଡାଇବାକୁ ଅସମର୍ଥ ସାଜିଲା। ଶେଷ ଆଶା ସାଜିଥିବା ବାପା କୁନି କୁନି ଛୁଆ ଚାରିଟାକୁ ଛାଡି କାମ ଅନ୍ୱେଷଣରେ ଯାଇଥିବା କହୁଥିବା ବେଳେ ଦୁର୍ବିସହ ଅବସ୍ଥାରେ ଜୀବନ ନିର୍ବାହ କରୁଥିବା ପିଲାଙ୍କ ପାଖରେ ଆଜି ପହଁଞ୍ଚିଛି ପ୍ରଶାସନ।



ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ ତରଜଙ୍ଗା ପଞ୍ଚାୟତ କୋଟକଣା ଗ୍ରାମରେ ଥିବା ଏକ ଅନୁସୁଚିତ ଜନଜାତି ପଡାରେ ଶିବ ସିଂ ଓ ବୈଶାଖୀ ସିଂ ରୁହନ୍ତି। ୧୦ ବର୍ଷ ମଧରେ ସେମାନେ ଜନ୍ମ କରିଛନ୍ତି ୬ଟି ସନ୍ତାନ। ଦୀର୍ଘ ତିନି ବର୍ଷ ତଳେ ସଭା ସାନ ପୁଅକୁ କୋଳରେ ଧରି ମା' ଚାଲିଗଲା ଅନ୍ୟ ଜଣେ ପୁରୁଷ ସହ। ଆଉ ସେଇଠୁ ଏହି ହସ ଖୁସିର ସଂସାରରେ ଘୋଟିଗଲା ଅମାଅନ୍ଧାର। ବାପା ଶିବ ସିଂ ଧୀରେ ଧୀରେ ରୋଗଗ୍ରସ୍ତ ହୋଇ ପଡିଲେ। ମୂଳ ଲାଗିଲେ ଚୁଲି ଜଳୁଥିବା ଏହି ପରିବାରକୁ ରୋଗୀଣା ଅବସ୍ଥାରେ ପୋଷିବାକୁ ଅସମର୍ଥ ସାଜି ସେ ମଧ ଚାଲିଗଲେ ଅଜଣା ସ୍ଥାନକୁ। ଚାରି ଛୁଆ ତିନିଜଣ ଝିଅ ଓ ଜଣେ ପୁଅ। ସମସ୍ତଙ୍କର ବୟସ ୬ରୁ ୧୨ ବର୍ଷ ମଧରେ। ଶୈଶବକୁ ଭଲ ଭାବେ ବୁଝି ନଥିବା ଏହି କୋମଳମତି ପିଲାମାନେ ବେଳେ ଖାଇଲେ ଦୁଇ ବେଳା ଉପବାସ ରହୁଥିଲେ। ଦୁଃଖ ସହି ନପାରି ସାଇ ପଡ଼ିଶା ଯିଏ ଯାହା ପାଇଲା ମୁଠେ ଖାଇବାକୁ ଦେଲା, ସେଥିରେ ଏମାନେ ପେଟ ପୂରାଇ ନିଜ ଭାଗ୍ୟକୁ ଆଦରି ଶୋଇ ପଡୁଥିଲେ। ଆଜି ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ସେମାନଙ୍କୁ ଉଦ୍ଧାର କରାଯାଇ ନିଆଯାଇଥିବା ବେଳେ ସେମାନଙ୍କୁ ସ୍ୱଧାର ଗୃହରେ ରଖାଯିବ ବୋଲି ଜଣାପଡିଛି।

ଦୀପ ତଳ ଅନ୍ଧାର ପରି ପ୍ରଶାସନ ହାତ ପାଖରେ ଦୀର୍ଘ ଦିନ ହେବ ଏମାନେ ଏଭଳି ଅଭିଶପ୍ତ ଜୀବନ କାଟୁଥିବା ବେଳେ କିଭଳି ଏମାନେ ଏକ ସୁନ୍ଦର ଜୀବନ ବିତାଇ ପାରିବେ ତାହା ପ୍ରଶାସନନ ଦାୟିତ୍ୱ ନେବା ଆବଶ୍ୟକ।

## ବିଜେପି ମହିଳା ମୋର୍ଚ୍ଚା ରେସରେ ଆଗୁଆ ଦୀପ୍ତିରେଖା



**ଯାଜପୁର,୨୫।୧୧ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ବିଜେପି ମହିଳା ମୋର୍ଚ୍ଚାର ସଭାନେତ୍ରୀ ପଦକୁ ନେଇ ଏବେ ଜିଲ୍ଲାରେ ଚର୍ଚ୍ଚା ତେଜିତ ହେବାରୁ ଦଳୀୟ କର୍ମୀମାନଙ୍କ ମଧରେ ନୂଆ ଉତ୍ସାହ ସୃଷ୍ଟି ହୋଇଛି। ଏହି ପଦ ପାଇଁ ଦୀପ୍ତି ରେଖା ମିଶ୍ରଙ୍କ ନାଁ ପ୍ରମୁଖ ଭାବେ ଆଗକୁ ଆସୁଛି। ଦୀପ୍ତି ରେଖା, ଭାରତୀୟ ଜନତା ପାର୍ଟିର ଜିଲ୍ଲା ଉପସଭାପତି ଭାବେ ଦଳରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଆସୁଛନ୍ତି। ଗତ ସାଧାରଣ ନିର୍ବାଚନରେ ସେ ସୁକିନ୍ଦା ପ୍ରଭାରୀ ଭାବେ ଦାୟିତ୍ୱ ତୁଲାଇ ସଂଗଠନକୁ ସୁଦୃଢ଼ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ପାଳନ କରିଥିଲେ। ପାର୍ଟି କର୍ମୀମାନଙ୍କ ମତାମତ ଅନୁଯାୟୀ, ଯଦି ଦୀପ୍ତି ରେଖାଙ୍କୁ ଯାଜପୁର ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀର ଦାୟିତ୍ୱ ଦିଆଯାଏ, ତେବେ ଜିଲ୍ଲାରେ ବିଜେପି ଅଧିକ ସୁଦୃଢ଼, ସଙ୍ଗଠିତ ଓ ସଶକ୍ତ ହେବ ବୋଲି ବିଶ୍ୱାସ ବ୍ୟକ୍ତ କରାଯାଉଛି।ନୂଆ ସରକାର ଗଠନ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ରାଜ୍ୟର ନୂଆ ଶାସନ "ମୋହନ ସରକାର" ଦ୍ୱାରା ଜନକଲ୍ୟାଣମୂଖୀ ଯୋଜନାମାନଙ୍କୁ ତଳସ୍ତରରେ ପହଁଚାଇବାକୁ ଯେଉଁ ପ୍ରୟାସ ହେଉଛି, ସେଠାରେ ଦୀପ୍ତି ରେଖାଙ୍କ ପରି ଦକ୍ଷ ଓ କାର୍ଯ୍ୟକ୍ଷମ ନେତୃତ୍ୱର ଆବଶ୍ୟକତା ଅଧିକ ଅନୁଭୂତ ହେଉଛି। ଯାଜପୁର ଜିଲ୍ଲାର ମହିଳା ଶକ୍ତିକୁ ସଙ୍ଗଠିତ କରିବା, ସରକାରୀ ଯୋଜନାର ଲାଭ ସାଧାରଣ ମହିଳାମାନଙ୍କ ନିକଟକୁ ନେଇଯିବା ଓ ଦଳକୁ ତଳସ୍ତରରେ ଅଧିକ ସଚଳ କରିବାରେ ଦୀପ୍ତି ରେଖାଙ୍କ ଭୂମିକା ଏବେ ପ୍ରତ୍ୟାଶା ଦେଖାଯାଉଛି।

ଦଳୀୟ ମହଲରେ ଚର୍ଚ୍ଚା- ଯାଜପୁରରେ ଦୀପ୍ତି ରେଖାଙ୍କ ନେତୃତ୍ୱ ଆସିଲେ, ବିଜେପି ମହିଳା ମୋର୍ଚ୍ଚା ନୂଆ ଦିଗରେ ଯିବ।

## ନିଖୋଜ ଯୁବକଙ୍କ ମୃତଦେହ କୁଆଖାଇରୁ ଉଦ୍ଧାର

**ବାଲିଅନ୍ତା,୨୫।୧୧ (ସଂଚାର ବ୍ୟୁରୋ):** ବାଲକାଟି ଫାଣ୍ଡି ଅଧୀନ ହୀରାପୁର ସ୍ଥିତ ଚଉଷଠୀ ଯୋଗିନୀ ପୀଠକୁ ବୁଲିବାକୁ ଆସି ୩ ଦିନ ତଳେ ନିଖୋଜ ଯୁବକ ରୋଷନ ପୂଜାରୀଙ୍କ (୨୨) ମୃତଦେହ କୁଆଖାଇ ନଦୀରୁ ମିଳିଛି। ଆଜି ସକାଳେ ସ୍ଥାନୀୟ ଉମାଦେଇ ବ୍ରହ୍ମପୁର ପଞ୍ଚାୟତ ଅଧୀନ ଗଡ଼ କଣ୍ଟୁରିଆ ସ୍ଥିତ କୁଆଖାଇ ନଦୀରେ ଏକ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକ ବାଲିଅନ୍ତା ଥାନାକୁ ଫୋନକରି ଜଣାଇଥିଲେ। ଖବର ପାଇ ବାଲିଅନ୍ତା ଅଗ୍ନିଶମ ବାହିନୀ ପହଞ୍ଚି ଶବ ଉପରକୁ ଆଣିଥିଲେ।ଖବର ପାଇ ବାଲକାଟି ଫାଣ୍ଡି ପୁଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ନେଇ କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲା। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ସୂଚନା ଅନୁସାରେ ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ଥାନା ଅଧୀନ ଇନ୍ଦିରାନଗର ଗ୍ରାମର ବାବୁଲାଲ ପତ୍ନୀ ଓ ପୁଅ ରୋଷନ ସହ ଚନ୍ଦକା ଥାନା ଅଧୀନ ଗୋଠପାଟଣା ଅଞ୍ଚଳରେ ସଂପର୍କୀୟଙ୍କ ଘରେ ରହୁ ଥିଲେ। ସେଠାରୁ ୨୩ ତାରିଖରେ ଚଉଷଠୀ ଯୋଗିନୀ ପୀଠ ବୁଲିବାକୁ ଆସିଥିଲେ। ସେଦିନ ଉପ ମୁଖ୍ୟମନ୍ତ୍ରୀ ପୀଠ ପରିଦର୍ଶନରେ ଆସିଥିବାରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି ଥିଲା। ପୁଲିସ ସୂଚନା ଅନୁସାରେ ରୋଷନ ମାନସିକ ବିକାଗ୍ରସ୍ତ ଥିଲେ। ବାପା ମାଆ ମନ୍ଦିରକୁ ପୂଜା କରିବାକୁ ଯାଇଥିଲେ। ରୋଷନ ବାହାରେ ବୁଲାବୁଲି କରିବା ଭିତରେ ଏକୁଟିଆ ଚାଲି ଚାଲି ନଦୀ ଆଡ଼କୁ ପଳାଇ ଯାଇଥିଲା । ଏନେଇ ଥାନାରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ବାଣପୁର ପୁଲିସ ପକ୍ଷରୁ ଆମ ପୁଲିସ ବୈଠକ ଓ ସାଇବର ସୁରକ୍ଷା ସଚେତନତା ଅଭିଯାନ



**ଖୋର୍ଦ୍ଧା,୨୫।୧୧ (ସଂଚାର ବ୍ୟୁରୋ):** ବାଣପୁର ପୋଲିସ ପକ୍ଷରୁ ବାଣପୁରର ଶୁଭ ମଙ୍ଗଳା କଲ୍ୟାଣ ମଣ୍ଡପରେ ଆମ ପୋଲିସ ବୈଠକ ଏବଂ ସାଇବର ସୁରକ୍ଷା ସଚେତନତା ଅଭିଯାନ ଆୟୋଜନ କରାଯାଇଥିଲା। ୧୦୦ରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଏସପି, ଖୋର୍ଦ୍ଧା ବିବେକାନନ୍ଦ ଶର୍ମା ଏହି ଅବସରରେ ଯୋଗଦେଇ ଅଂଶଗ୍ରହଣକାରୀମାନଙ୍କୁ ବିଭିନ୍ନ ପ୍ରକାରର ସାଇବର ଅପରାଧ, ଅନଲାଇନ୍ ଠକେଇ ନିବାରଣ ଏବଂ ସୁରକ୍ଷିତ ଡିଜିଟାଲ୍ ଅଭ୍ୟାସ ବିଷୟରେ ସଚେତନ କରିଥିଲେ। ଶ୍ରୀ ଶର୍ମା ଫିସିଂ ପ୍ରୟାସ, ଠକେଇ ଫୋନ୍ କଲ୍ ଏବଂ ସୋସିଆଲ ମିଡିଆର ଅପବ୍ୟବହାର ବିରୁଦ୍ଧରେ ସତର୍କ ରହିବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ।

ଏହି ଅବସରରେ, ସେ ଅଂଶଗ୍ରହଣକାରୀ ମାନଙ୍କୁ ବରିଷ୍ଠ ନାଗରିକ ପରିଚୟପତ୍ର ବଣ୍ଟନ କରିଥିଲେ, ଯାହାର ଲକ୍ଷ୍ୟ ଥିଲା ସେମାନଙ୍କର ସୁରକ୍ଷା ବୃଦ୍ଧି କରିବା ଏବଂ ପୋଲିସ ସହାୟତା ସେବାକୁ ଉତ୍ତମ ଭାବରେ ପହଞ୍ଚାଇବା। ଖୋର୍ଦ୍ଧା ପୋଲିସ ଏକ ସାଇବର-ସଚେତନ ଏବଂ ଡିଜିଟାଲ୍ ସୁରକ୍ଷିତ ସମ୍ପ୍ରଦାୟ ଗଠନ ପାଇଁ ସେମାନଙ୍କର ପ୍ରତିବଦ୍ଧତାକୁ ପୁନଃପ୍ରକାଶ କରିଥିଲା।

## ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ପୁତ୍ର ବିୟୋଗ



**ବ୍ରହ୍ମପୁର,୨୫।୧୧ (ସଂଚାର ବ୍ୟୁରୋ):** ବିଶିଷ୍ଟ ସ୍ୱାଧନତା ସଂଗ୍ରାମୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିନାୟକ ଆଚାର୍ଯ୍ୟଙ୍କ କନିଷ୍ଠ ପୁତ୍ର ଶିଶିର କୁମାର ଆଚାର୍ଯ୍ୟଙ୍କ ବ୍ରହ୍ମପୁର ଶଙ୍କରପୁର ସାହି ସ୍ଥିତ ନିଜ ବାସଭବନରେ ୬୯ ବର୍ଷ ବୟସରେ ଦେହାନ୍ତ ଘଟିଛି। ଆଜି ସକାଳେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଏମକେସିଜିରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଛନ୍ତି। ହୃଦଘାତରେ ତାଙ୍କର ମୃତ୍ୟୁ ଘଟିଥିବା ତାଙ୍କ ପୁତୁରା ସୁଜୟ ଆଚାର୍ଯ୍ୟ ସୂଚନା ଦେଇଥିଲେ। ଫାଷ୍ଟ ଗେଟ୍ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଶେଷ ସମୟରେ ତାଙ୍କ ନିକଟରେ ପୁଅ, ଝିଅ, ପୁତୁରା, ଝିଆରୀଙ୍କ ସମେତ ପରିବାର ବର୍ଗ ଉପସ୍ଥିତ ଥିଲେ। ସ୍ୱର୍ଗତ ଶିଶିର ଆଚାର୍ଯ୍ୟ ତାଙ୍କ ବାପାଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସମାଜସେବା କ୍ଷେତ୍ରରେ ନିଜକୁ ନିୟୋଜିତ କରିଥିଲେ। ସ୍ଥାନୀୟ ଅଞ୍ଚଳର ଜଣେ ପ୍ରତିଷ୍ଠିତ ବ୍ୟକ୍ତି ଥିଲେ। ପୂର୍ବରୁ ସେ ଗଂଜାମ ଜିଲ୍ଲା କଂଗ୍ରେସ କମିଟିର ଜଣେ ସକ୍ରିୟ ସଦସ୍ୟ ଭାବେ କାର୍ଯ୍ୟ କରିଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଜିଲ୍ଲା ଇ-ପାଠାଗାରକୁ ସଫଳତାର ଶ୍ରେୟ ଦେଲେ ସୁମନ ଶ୍ରୀ




**ଫୁଲବାଣୀ,୨୫।୧୧ (ସଂଚାର ବ୍ୟୁରୋ):** ଗତକାଲି ପ୍ରକାଶ ପାଇଛି ଓଏଫ୍ଏସ-୨୦୨୩ ପରୀକ୍ଷା ଫଳ। ଏଥିରେ ଫୁଲବାଣୀ ଦାଦପାଜୁ ଅଞ୍ଚଳର ଶ୍ରୀ ସୀମାଞ୍ଚଳ ସାହୁ ଓ ନମିତା ରାଣୀ ସାହୁଙ୍କ ସୁପୁତ୍ରୀ ସୁମନ ଶ୍ରୀ ରାଜ୍ୟରେ ୫୨ତମ ସ୍ଥାନ ଅଳଙ୍କୃତ କରି ସୁନାମ ଆଣିଛନ୍ତି। ସୁମନ ନିଜ ସଫଳତାର ଶ୍ରେୟ ଜିଲ୍ଲା ଇ-ପାଠାଗାର, କନ୍ଧମାଳକୁ ପ୍ରଥମେ ପ୍ରଦାନ କରିଛନ୍ତି । ଦୀର୍ଘ ଅଢେଇ ବର୍ଷ ଧରି ନିରନ୍ତର ଭାବେ ବିନା କୋଚିଙ୍ଗ ରେ ଇ-ପାଠାଗାର କୁ ନିୟମିତ ଉପଯୋଗ କରି ସେ ସଫଳତା ହାସଲ କରିଛନ୍ତି। ଗତ ଏକ ମାସ ତଳେ ଇ - ପାଠାଗାର କୁ ଉପଯୋଗ କରି ଶ୍ରୀନିବାସ ଷଡ଼ଙ୍ଗୀ ଓଡ଼ିଶା ପ୍ରଶାସନିକ ସେବାରେ ୭୨ ତମ ସ୍ଥାନ ହାସଲ କରିଥିଲେ । ପରିଚାଳନା ଦାୟିତ୍ୱରେ ଥିବା ଲାଇବ୍ରେରିୟାନ ଶିବ ସୁନ୍ଦର ସାହୁ କହିଛନ୍ତି ଇ-ପାଠାଗାରକୁ ପ୍ରତିଦିନ ୧୦୦ରୁ ଉର୍ଦ୍ଧ ଚାକିରି ଆଶାୟୀ ଛାତ୍ରଛାତ୍ରୀ ଆସୁଛନ୍ତି । ୨୦୧୯ ମାସ ଫେବୃୟାରୀ ୧୦ ତାରିଖ ପ୍ରତିଷ୍ଠା ପରଠାରୁ ଏଯାବତ୍ ୧୬୦ରୁ ଉର୍ଦ୍ଧ୍ୱ କନ୍ଧମାଳ ଯୁବ ପିଢ଼ି ବିଭିନ୍ନ ପରତିଯୋଗିତାମୂଳକ ପରୀକ୍ଷାରେ କୃତକାର୍ଯ୍ୟ ହାସଲ କରିଆସୁଛନ୍ତି। ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଗଦାଧର ପାତ୍ର ସୁମନଙ୍କୁ ଶୁଭେଚ୍ଛା ଜଣାଇବା ସହ ଆଗାମୀ ଦିନରେ ଇ-ପାଠାଗାରରେ ପ୍ରତିଯୋଗିତା ମୂଳକ ପରୀକ୍ଷା ପାଇଁ ଅଧିକ ସୁବିଧା ସୁଯୋଗ ଯୋଗାଇ ଜନଜାତି ବହୁଳ କନ୍ଧମାଳ ଜିଲ୍ଲା ରେ ଶୈକ୍ଷିକ ପରିବେଶ ଆଉ ଯୁବ ବେକାରୀ ହ୍ରାସରେ ଯୁଗାନ୍ତକାରୀ ପଦକ୍ଷେପ ଆଣିବାର ଯୋଜନା ରହିଛି ବୋଲି ପରିପ୍ରକାଶ କରିଥିଲେ।

## ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରେ ଆଦର୍ଶ ଯୁବ ଗ୍ରାମସଭା



**ନବରଙ୍ଗପୁର, ୨୫।୧୧ (ସଂଚାର ବ୍ୟୁରୋ):** ସ୍ଥାନୀୟ ହିର୍ଲି ସ୍ଥିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରେ ଆଦର୍ଶ ଯୁବ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ମୁଖ୍ୟ ଅତିଥି ଭାବରେ ହିତେଶ କୁମାର ବର୍ମା ଅଧକ୍ଷ, କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ନବରଙ୍ଗପୁର ଓ ସଭାପତି ରୂପେ ସୁଭାଷିନୀ ସାହୁ ଅଧକ୍ଷ, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ସମ୍ମାନୀତ ଅତିଥି ରୂପେ ଜୟପ୍ରକାଶ ସାହୁ ଯୋଗଦେଇଥିଲେ। ବିଦ୍ୟାଳୟର ସାମାଜିକ ବିଜ୍ଞାନର ଶିକ୍ଷକ ଶ୍ରୀରାମ ଶାସ୍ତ୍ରୀ ଗ୍ରାମସଭାର ମୁଖ୍ୟ ଲକ୍ଷ୍ୟ ଏବଂ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ବିଷୟରେ ସମସ୍ତଙ୍କୁ ବୁଝାଇଥିଲେ। ଏହି ସଭାରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଭିନୟ କରି ଗ୍ରାମ ସଭା ବିଷୟରେ ବୁଝାଇଥିଲେ। ବିଚାରପତି ଭାବେ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ନବରଙ୍ଗପୁରର ସାମାଜିକ ବିଜ୍ଞାନ ଶିକ୍ଷକ ରାଜେନ୍ଦ୍ର କୁମାର ସିଂ ଯାଦବ ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନ ହିର୍ଲିର ସାମାଜିକ ବିଜ୍ଞାନର ଶିକ୍ଷକ ବିଦ୍ୟାଧର ଦିଶାରୀ ଯୋଗ ଦେଇଥିଲେ। ବିଦ୍ୟାଳୟର ଅଧକ୍ଷା ସୁଭାଷିନୀ ସାହୁଙ୍କ ପ୍ରଚେଷ୍ଟାରେ ପ୍ରଥମ ଥର ଏଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଛାତ୍ରଛାତ୍ରୀମାନେ ଉତ୍ସାହର ସହ ଗ୍ରାମସଭାକୁ ପରିବେଷଣ କରିଥିଲେ। ଏହି ସଭାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ମାନେ ସହଯୋଗ କରି ସଫଳ କରିଥିଲେ।

## ତାଲୁକା ଆଇନସେବା କମିଟି ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା

**ହିଞ୍ଜିଳିକାଟୁ,୨୫।୧୧ (ସଂଚାର ବ୍ୟୁରୋ):** ହିଞ୍ଜିଳିକାଟୁ ତାଲୁକା ଆଇନସେବା କମିଟି ପକ୍ଷରୁ ସିଭିଲ କୋର୍ଟ ପରିସରରେ ବ୍ଲକ ଓ ମୁନିସିପାଲିଟିରେ ଥିବା ବିଦ୍ୟାଳୟର ସପ୍ତମରୁ ଦଶମ ଶ୍ରେଣୀ ୬୯ ଛାତ୍ରଛାତ୍ରୀଙ୍କୁ ନେଇ ଚିତ୍ରାଙ୍କନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। କମିଟି ଅଧ୍ୟକ୍ଷା ତଥା ସବଜଜ ସଂଗୀତା ମଲ୍ଲିକ,ଜେଏମଏଫସି ବିଚାରପତି ବନଜା ମହାନ୍ତି ଉପସ୍ଥିତଥିଲା ବେଳେ ଓକିଲ ସଂଘର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।



## 'ନୃତ୍ୟମ'ର ବାର୍ଷିକ ଉତ୍ସବ ପାଳିତ




**ହିଞ୍ଜିଳିକାଟୁ,୨୫।୧୧ (ସଂଚାର ବ୍ୟୁରୋ):** ହିଞ୍ଜିଳିକାଟୁ ସହରରେ ଶୈଶବ ମାନଙ୍କୁ ନେଇ ଗଢ଼ିଉଠିଥିବା ନୃତ୍ୟମର ବାର୍ଷିକ ଉତ୍ସବ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି । ଅତିଥି ଭାବେ ପୌରପରିଷଦର ଅଧ୍ୟକ୍ଷ ସୁବାଷ ପୋଲାଇ, ଡ଼ ଗଜେନ୍ଦ୍ର ପଣ୍ଡା, ଗୁରୁ ଜ୍ୟୋତି ରାଉତ, ଗୁରୁ ଜୟନ୍ତ ଆଚାର୍ଯ୍ୟ, ନିର୍ଦ୍ଦେଶକ ଟିନା ମାହମାନୀ, ଦିଲୀପ ପାଣି, ଅଭିନେତା ଚୌଧୁରୀ ଜୟପ୍ରକାଶ ଦାସ, ଆଶୁତୋଷ ପଟ୍ଟନାୟକ, ସବ୍ୟସାଚୀ ମହାପାତ୍ର ଅନୁଷ୍ଠାନର ସଭାପତି ନୀଳମଣି ପଟ୍ଟନାୟକ, ଉପଦେଷ୍ଟା ଦ୍ୱିତୀକୃଷ୍ଣ ସାବତ, ଗଂଜାମ ଜିଲ୍ଲାର ବେଶ ପରିଚିତ କମେଡି ଷ୍ଟାର ମଧୁ ଓ ପ୍ରୀତି ଉପସ୍ଥିତ ରହି ଲୋକ କଳା, ସଂସ୍କୃତି କିଭଳି ଜାତୀୟ ସ୍ତରରେ ସୁନାମ ଅର୍ଜନ କରିବ ମତ ରଖିଥିଲେ । ନୃତ୍ୟମ ଅନୁଷ୍ଠାନ ଇତି ଭିତରେ ବର୍ଷର ସଂଘର୍ଷ ବିତାଇ ସମାଜରେ ଏକ ଅଗ୍ରଣୀ ଅନୁଷ୍ଠାନ ରୂପେ ପରିଚିତ ହୋଇପାରିଛି ନୃତ୍ୟମ୍। ପ୍ରତ୍ୟେକ ବର୍ଷ ଭିନ୍ନ ଭିନ୍ନ ରାଜ୍ୟରେ ଏହା ଅୟୋଜନ ହୋଇଆସୁଥିବା ବେଳେ ଜାତୀୟସ୍ତର ପିଲ୍ମ ଫେଷ୍ଟିଭାଲରେ ମନୋନୀତ ହୋଇଛି। ସେଇଭଳି ଗଞ୍ଜାମ ଜିଲ୍ଲାର କଳାର ଏକୁଟିଆଳ ଭାବେ ପରିଚିତ ନୃତ୍ୟମ୍ କଳା ଗବେଷଣା କେନ୍ଦ୍ର ଅନେକ କଳାକାର ସୃଷ୍ଟି କରି ଗଞ୍ଜାମ ଜିଲ୍ଲା ପାଇଁ ଗର୍ବ ଆଣିଥିବା ନେଇ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି।

## ଟାଟା ଏସ୍ ଜବତ, ଗାଈ ଉଦ୍ଧାର

**ବାଲିଅନ୍ତା,୨୫।୧୧ (ସଂଚାର ବ୍ୟୁରୋ):** ଗତକାଲି ବାଲିଅନ୍ତା ଥାନା ପ୍ରତାପରୁଦ୍ରପୁର ପଞ୍ଚାୟତ ଅଧୀନ ନୁଆସାହି ୬ ନମ୍ବର ୱାର୍ଡର ରବି ମଲ୍ଲିକ ଓ ଡମେଇ ମଲ୍ଲିକଙ୍କର ୨ଟି ଗାଈଙ୍କୁ ସାହେବ୍ନଗର ବସ୍ତିର ୩ ଜଣ ଯୁବକ ୨ଟି ଟାଟା ଏସ ଗାଡ଼ିରେ ଲୁଟ କରି ନେଉଥିବା ବେଳେ ଗ୍ରାମବାସୀ ଗୋଟିଏ ଟାଟା ଏସ ଅଟକାଇବାରେ ସଫଳ ହୋଇଥିଲେ। ଏହା ସହିତ ବେଲ ଖାଁ ନାମକ ଜଣେ ଲୁଟେରାକୁ କାବୁ କରି ନେଇଥିଲେ । ହେଲେ ଅନ୍ୟ ୨ ଲୁଟେରା ବବୁଲୁ ଖାଁ ଓ ଇମ୍ରାନ ଆଉ ଏକ ଟାଟା ଏସରେ ଆଉ ଗୋଟିଏ ଗାଈ ନେଇ ପଳାଇ ଥିଲେ । ପୁଲିସ ଅନ୍ୟ ୨ ଲୁଟେରା ସମେତ ଟାଟା ଏସ ଜବତ କରିବାରେ ବିଫଳ ହୋଇଛି । ବେଲକୁ ବାଲିଅନ୍ତା ଥାନା ଅଧିକାରୀଙ୍କୁ ହସ୍ତାନ୍ତର କରାଯାଇଛି ।

# ଅବହେଳିତ ଅବସ୍ଥାରେ ସୁନ୍ଦରୀ କୁସୁମା

### ପ୍ରଶାସନର ଦୃଷ୍ଟି ପଡ଼ିବ କେବେ?



**ଯାଜପୁର,୨୫।୧୧ (ସଂଚାର ବ୍ୟୁରୋ):** ବର୍ଷ ବର୍ଷ ଧରି ଯାଜପୁରର ଗୌରବ ବହିଥିବା କୁସୁମା ପର୍ଯ୍ୟଟନ ସ୍ଥଳୀ ଏବେ ଅବହେଳାର ଦଶାକୁ ପହଞ୍ଚି ନିଜ ନାମଟିକୁ ସାରିବାକୁ ଯାଉଛି। କେବେ ସୁନ୍ଦରୀ ପୁଷ୍କରିଣୀ, ବିଭିନ୍ନ ପ୍ରକାର ଫୁଲ ଗଛରେ ସଜାହୋଇ, ଆକର୍ଷଣୀୟ ପଥପ୍ରାନ୍ତ ଆଉ ସେହି କୁସୁମା ଏବେ ଭଙ୍ଗା ବେଞ୍ଚ, ଅନିୟମିତ ସଫାସୁତୁରା ଓ ପ୍ରଶାସନୀୟ ଅନ୍ଧତାର ଶିକାର ହୋଇ ପଡ଼ିଛି। ସ୍ଥାନୀୟ ବାସିନ୍ଦାଙ୍କ ଅସନ୍ତୋଷ ଏବେ ଚୂଡ଼ାନ୍ତ ସ୍ଥାନକୁ ଛୁଇଁଛି। ଜଣେ ବୃଦ୍ଧ ଦୁଃଖ କ୍ଷୋଭରେ କହିଛନ୍ତି କୁସୁମା କେବେ ଯାଜପୁରର ଗୌରବ ଥିଲା, ଏବେ ଆଖିରେ ଲୁହ ନେଇ ଦେଖୁଛୁ। ଆମେ କିଛିଥର ଅଭିଯୋଗ କଲେ ମଧ କାହାର କାନକୁ କିଛି ଶୁଭୁନି।

ପର୍ଯ୍ୟଟନ ସ୍ଥଳୀର ଦୁର୍ଦ୍ଦଶା-ଚାରିକଡେ ଅବ୍ୟବସ୍ଥା। ଅନିୟମିତ ସଫା ସୁତୁରା, କୋଣ କୋଣରେ ଧୁଳିଆ, ମଳିଆ ଅବସ୍ଥା। ଅପର୍ଯ୍ୟାପ୍ତ ବତି ସଜ୍ଜା ସନ୍ଧ୍ୟା ପରେ କିଛି ଜଳୁଛି କିଛି ଅନ୍ଧକାରରେ। ଯାତ୍ରୀ ସୁବିଧାର କ୍ରମଶଃ ଅଭାବ ପର୍ଯ୍ୟଟକମାନେ ଫେରିବାକୁ ବାଧ ହେଉଛନ୍ତି। ଏହାକୁ ଦେଖି ସ୍ଥାନୀୟ ଲୋକମାନେ ମଧ ଟିପ୍ପଣୀ କରୁଛନ୍ତି - ପର୍ଯ୍ୟଟନରେ ଉନ୍ନତି କହୁଥିବା ସରକାର କୁସୁମାକୁ ଦେଖିଲେ ହିଁ ଲଜ୍ଜା ପାଇବା ଦରକାର। ସେଲ୍ଫି ପଏଣ୍ଟରେ ମଧ ଅବହେଳାର ଛାୟା କୁସୁମା ପୁଷ୍କରିଣୀ ପାଖରେ ଥିବା ୧୦ଟି ସେଲ୍ଫି ପଏଣ୍ଟରୁ ୨ଟିର ଛତା ବହୁଦିନ ହେବ ଚିରିଯାଇଛି, ଯାହା ସ୍ଥଳୀର ଶୌଭାକୁ ଭାରି ପ୍ରଭାବିତ କରୁଛି। ଏହା ସହିତ ସ୍ଥାନୀୟ ଲୋକମାନଙ୍କ ଅଭିଯୋଗ କୋଟି କୋଟି ଟଙ୍କାରେ ଯାଜପୁର ସୌନ୍ଦର୍ଯ୍ୟୀକରଣ ହେଉଥିବା ସମୟରେ, କୁସୁମାର ଏହି ଦୁର୍ଦ୍ଦଶା ସରକାରକୁ ବଦନାମ୍ କରିବାକୁ ପ୍ରଯାପ୍ତ। ପୌରପରିଷଦର ପ୍ରତିକ୍ରିୟା ବିବାଦ ସୃଷ୍ଟି କରିଛି।

ଏନେଇ ପୌରପରିଷଦର ଚେୟାରମ୍ୟାନଙ୍କୁ ଯୋଗାଯୋଗ କରିବାରୁ "ମୁଁ ବୁଝିକି କହିବି" ବୋଲି କହି ଫୋନ୍ ରଖିଦେଇଥିଲେ। ପରେ ଅଧିକାରୀଙ୍କ ସହ କଥାହେବାରେ ମଧ ସଠିକ୍ ଉତ୍ତର ମିଳିନି। ଏନେଇ ପୌର ନିର୍ବାହୀ ଅଧିକାରୀ କହିଥିଲେ- "ଭାଇସ୍ ଚେୟାରମ୍ୟାନଙ୍କ ସହ କଥା ହେବାକୁ।" ଏହି ଅବସ୍ଥାକୁ ନେଇ ସହର ବାସୀ କହିଛନ୍ତି- ଏହି ରାସ୍ତାରେ ହିଁ ମହାରଥି, ମନ୍ତ୍ରୀ, ଅଧିକାରୀ ସମସ୍ତେ ଯାଆନ୍ତି... ତେବେ କୁସୁମାର ଅବସ୍ଥା କାହିଁକି କାହାର ଦୃଷ୍ଟିରେ ପଡୁନାହିଁ ? ପ୍ରଶାସନଙ୍କ ନିରବତାକୁ ନେଇ ତୀବ୍ର କ୍ଷୋଭ ପ୍ରକାଶିତ।

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ଆବିର୍ଭାବ - ୧୯୫୦
ତିରୋଧାନ - ୨୦ ଡିସେମ୍ବର ୨୦୨୦

ଚାହୁଁ ଚାହୁଁ ପାଞ୍ଚ ବର୍ଷ ପୁରିଗଲା ହେଲେ ଆଜି ବି ଲାଗୁନି ତୁ ଆମ ପାଖରେ ନାହୁଁ ବୋଲି। ଯେଉଁଠି ଥା ଭଲରେ ଥା। ପ୍ରଭୁ ଜଗନ୍ନାଥ ଅମର ଆତ୍ମାକୁ ସଦଗତି ଦିଅନ୍ତୁ।

-: **ଶୋକସନ୍ତପ୍ତ ପରିବାର** :-

**ସ୍ୱାମୀ-** ସୁରେନ୍ଦ୍ର ନାଥ କର, **ଝିଅ-** ବବି, ଜଲି, କୁନି, ନାଣ୍ଡି, ବିଣା, ଗୁଣ୍ଡରୁ, **ନାତି ନାତୁଣୀ-** ଆୟେଷା, ତଥାସ୍ତୁ, ମାମୁଲୁ, ଶ୍ରଦ୍ଧା, ଜୟ, ଗୁଗୁଲ, ପ୍ରୀତିଶା ଓ ପରିବାର ବର୍ଗ।

'ସମୃଦ୍ଧ ଓଡ଼ିଶା ୨୦୩୬ କନ୍‌କ୍ଲେଭ୍'କୁ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

# ଭୁବନେଶ୍ୱର ହେବ ମେଗା ଟେକ୍-ସିଟି

- ଏବେ ରାଜ୍ୟରେ ଆରମ୍ଭ ହୋଇଛି ପ୍ରକୃତ ଶିଳ୍ପ ବିପ୍ଳବ
- ୧୦ ବର୍ଷରେ ଓଡ଼ିଶା ଅର୍ଥନୀତି ୫୦୦ ବିଲିଅନ ଡଲାର ଛୁଇଁବ
- ସରକାର-ଶିଳ୍ପ ସଂସ୍ଥା ଉଦ୍ୟମରେ ଓଡ଼ିଶାରେ ସମୃଦ୍ଧି ଆସିବ



**ଭୁବନେଶ୍ୱର,୨୫।୧୧(ସଂଚାର ବ୍ୟୁରୋ):** ଉତ୍କଳ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ୟୁସିସିଆଇଏଲ୍) ପକ୍ଷରୁ ଅନୁଷ୍ଠିତ 'ସମୃଦ୍ଧ ଓଡ଼ିଶା ୨୦୩୬ କନ୍‌କ୍ଲେଭ୍'କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରି ଏବେ ଓଡ଼ିଶାରେ ପ୍ରକୃତ ଶିଳ୍ପ ବିପ୍ଳବ ଆରମ୍ଭ ହୋଇଛି, ଯାହା ରାଜ୍ୟର ଦଶା ଓ ଦିଶାକୁ ନିଶ୍ଚିତ ପରିବର୍ତ୍ତନ କରିବ ବୋଲି କହିଛନ୍ତି। ସମୃଦ୍ଧ ଓଡ଼ିଶାର ରୋଡମ୍ୟାପ୍ ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟର ଅର୍ଥନୀତି ଏବେ ପ୍ରାୟ ୧୨୦ ବିଲିୟନ ଡଲାର ରହିଛି। ୨୦୩୬ ସୁଦ୍ଧା ୫୦୦ ବିଲିୟନ ଡଲାର କରିବାକୁ ହେଲେ, ଆମକୁ ଆସନ୍ତା ୧୦-୧୧ ବର୍ଷ ଭିତରେ ପ୍ରାୟ ୫ ଗୁଣ ଅଭିବୃଦ୍ଧି ହାସଲ କରିବାକୁ ପଡ଼ିବ। ଏଥିପାଇଁ ଆମେ ଭିତ୍ତିଭୂମି, ଶିଳ୍ପ ଓ ସ୍କିଲ୍ ଡେଭ୍‌ଲପ୍‌ମେଣ୍ଟ ଉପରେ ଫୋକସ୍ କରିଛୁ। ଆପଣମାନେ ଜାଣନ୍ତି, ବର୍ତ୍ତମାନ ସୁଦ୍ଧା ୨ ଲକ୍ଷ କୋଟି ଟଙ୍କାର ପୁଞ୍ଜି ବିନିଯୋଗ କରାଯାଇ ୮୪ଟି ଶିଳ୍ପର ଶିଳାନ୍ୟାସ ହୋଇଛି ଓ ଏହାଦ୍ୱାରା ୧ ଲକ୍ଷ ୬୪ ହଜାର ନିଯୁକ୍ତି ସୁନିଶ୍ଚିତ କରାଯାଇପାରିଛି।

ବେଦାନ୍ତ ଗ୍ରୁପ, ଆଦାନୀ, ଜେ.ଏସ୍.ଡବ୍ଲ୍ୟୁ, ଇଣ୍ଡିଆନ ଅଏଲ୍, ଜୋହୋ ଗ୍ରୁପ୍ ପକ୍ଷରୁ ଲକ୍ଷ ଲକ୍ଷ କୋଟି ଟଙ୍କାର ଇନ୍‌ଭେଷ୍ଟମେଣ୍ଟ ବର୍ତ୍ତମାନ ପାଇପଲାଇନ୍‌ରେ ଅଛି। ଟେକ୍ସଟାଇଲ୍, ଗ୍ରୀନ୍ ଏନର୍ଜି କ୍ଷେତ୍ରରେ ମଧ୍ୟ ଇନ୍‌ଭେଷ୍ଟମେଣ୍ଟ ଆସୁଛି। ଭିତ୍ତିଭୂମି କ୍ଷେତ୍ରରେ ମଧ୍ୟ ରୋଡ୍, ରେଲ୍‌ୱେ, ପୋର୍ଟ ଓ ଏୟାରପୋର୍ଟ ସବୁ କ୍ଷେତ୍ରର ଭିତ୍ତିଭୂମିକୁ କେନ୍ଦ୍ର ଓ ରାଜ୍ୟର ଡବଲ୍ ଇଞ୍ଜିନ୍ ସରକାର ବ୍ୟାପକ ଭାବେ ସୁଦୃଢ଼ କରୁଛନ୍ତି। ଏ କ୍ଷେତ୍ରରେ ୟୁସିସିଆଇଏଲ୍ ଭଳି ଶିଳ୍ପସଂଘ ସହଯୋଗର ହାତ ବଢ଼ାଇଛନ୍ତି। ସରକାର ଓ ଶିଳ୍ପ ସଂସ୍ଥାଙ୍କ ମିଳିତ ଉଦ୍ୟମରେ ଓଡ଼ିଶାରେ ସମୃଦ୍ଧି ଆସିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ ଭୁବନେଶ୍ୱର ସହରକୁ ରାଜ୍ୟର ଏକ ଟେକ୍ନୋଲୋଜି ହବ୍‌ରେ ପରିଣତ କରିବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ଭୁବନେଶ୍ୱରରେ ଫିନ୍‌ଟେକ୍, ଇନ୍‌ସିଓର୍‌ଟେକ୍ କମ୍ପାନୀ ପ୍ରତିଷ୍ଠା କରାଯାଉଛି। ବଡ଼ ବଡ଼ ଆଇଟି କମ୍ପାନୀ ସହ ଦୁଇଟି ସେମିକଣ୍ଡକ୍ଟର ଶିଳ୍ପ ମଧ୍ୟ ପ୍ରତିଷ୍ଠା କରାଯାଇଛି। କ୍ୟାପିଟାଲ ରିଜିଅନ୍ ରିଙ୍ଗ୍ ରୋଡ୍ ଯୋଗୁଁ କଟକ-ଭୁବନେଶ୍ୱର ଟ୍ୱିନ୍ ସିଟିର ବ୍ୟାପକ ସମ୍ପ୍ରସାରଣ ହେବ। ଭୁବନେଶ୍ୱରକୁ ଦେଶର ଇଷ୍ଟର୍ଣ୍ଣ ରିଜିଅନ୍‌ରେ ଏକ ମେଗା ଟେକ୍-ସିଟି ଭାବେ ବିକଶିତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି ଯେ ବର୍ଷେ ମଧ୍ୟରେ ରାଜ୍ୟରେ ସରକାର ଜନସାଧାରଣଙ୍କ ପ୍ରିୟଭାଜନ ହୋଇ ଏକ ଉତ୍କୃଷ୍ଟ ସମ୍ଭାବନାର ରାଜ୍ୟ ଭାବେ ବିକଶିତ କରିଛନ୍ତି। ଯୁବଶକ୍ତିକୁ ନିଯୁକ୍ତି, ଶିଳ୍ପର ମାନବୃଦ୍ଧି ଆଦି ଆଜି ଓଡ଼ିଶାକୁ ଏକ ସମୃଦ୍ଧ ରାଜ୍ୟ ରୂପେ ବିକଶିତ କରିବାରେ ସହଯୋଗ କରୁଛି। ମୁଖ୍ୟମନ୍ତ୍ରୀଙ୍କ ପ୍ରଚେଷ୍ଟାରେ ଆଜି ରାଜ୍ୟରେ ଶିଳ୍ପ ବିପ୍ଳବ ଆରମ୍ଭ ହୋଇଛି।

କାର୍ଯ୍ୟକ୍ରମରେ ୟୁସିସିଆଇଏଲ୍ ପକ୍ଷରୁ ପ୍ରସ୍ତୁତ 'ସମୃଦ୍ଧ ଓଡ଼ିଶା ୨୦୩୬' ସ୍ମରଣିକାକୁ ମୁଖ୍ୟମନ୍ତ୍ରୀ ଉନ୍ମୋଚନ କରିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ୟୁସିସିଆଇଏଲ୍‌ର ପ୍ରେସିଡେଣ୍ଟ ଡ. ପ୍ରବୋଧ ମହାନ୍ତି, ସମୃଦ୍ଧ ଓଡ଼ିଶା ୨୦୩୬ ଆୟୋଜନ କମିଟିର ଚେୟାରମ୍ୟାନ୍ ଡ. ବ୍ରହ୍ମା ମିଶ୍ର, ଡିଆରଡିଓ ଡିଜି, ଇଲେକ୍ଟ୍ରୋନିକ୍ସ ଆଣ୍ଡ କମ୍ୟୁନିକେସନ ସିଷ୍ଟମ ଡଃ. ବି.କେ ଦାସ, ଏମ୍.ଜି.ଏମ୍‌ମିନେରାଲ ଲିମିଟେଡର ସିଏମ୍‌ଡି ଏବଂ ୟୁସିସିଆଇଏଲ୍‌ର ଅତିରିକ୍ତ ନିର୍ଦ୍ଦେଶକ ପଙ୍କଜ ଲୋଚନ ମହାନ୍ତି, ଏସାର୍ ମିନ୍‌ମେଟ୍ ଲିମିଟେଡର ଏମ୍‌ଡି ତଥା ୟୁସିସିଆଇଏଲ୍‌ର ଅତିରିକ୍ତ ନିର୍ଦ୍ଦେଶକ ଶଶୀ ଶେଖର ମହାନ୍ତି, ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ୍(କର୍ପୋରେଟ୍ ଆଫାୟାର୍ସ)ର ପ୍ରେସିଡେଣ୍ଟ ତଥା ୟୁସିସିଆଇଏଲ୍‌ର ଅତିରିକ୍ତ ନିର୍ଦ୍ଦେଶକ ଅର୍ଦ୍ଧେନ୍ଦୁ ମହାପାତ୍ର ଓ ବିଭିନ୍ନ ସଂସ୍ଥାର ବିଶିଷ୍ଟ ଶିଳ୍ପପତି ଉପସ୍ଥିତ ଥିଲେ।

## ଏମଭି-୭୨ରେ ୩ ଶିଶୁଙ୍କୁ ଦୁଷ୍କର୍ମ

ଅଭିଯୁକ୍ତ ଅଟକ, ଚାଲିଛି ଛାନଭିନ



**ମାଲକାନଗିରି,୨୫।୧୧ (ସଂଚାର ବ୍ୟୁରୋ):** ମାଲକାନଗିରି ଜିଲ୍ଲା ଏମଭି-୭୯ ଥାନା ଅନ୍ତର୍ଗତ ଏମଭି-୭୨ ଅଞ୍ଚଳରେ ଏକ ଲଜ୍ଜାଜନକ ଘଟଣା ଘଟିଯାଇଛି। ଜଣେ ୪୭ ବର୍ଷୀୟ ବ୍ୟକ୍ତି ୩ ଜଣ ନାବାଳିକାଙ୍କୁ ବାରମ୍ବାର ଦୁଷ୍କର୍ମ କରିବା ଘଟଣା ସାମ୍ନାକୁ ଆସିଛି। ଅଭିଯୁକ୍ତ ପଡ଼ୋଶୀ ଘରର ୩ଜଣ ନାବାଳିକାଙ୍କୁ ଚକଲେଟ ଓ କୁରକୁରି ଦେବାର ପ୍ରଲୋଭନ ଦେଖାଇ ନିଜ ଘରକୁ ଡାକିଥିଲା। ଘରେ କେହି ନଥିବାରୁ ଘରକୁ ଖେଳିବାକୁ ପ୍ରଥମେ ଶିଶୁମାନଙ୍କୁ କହିଥିଲା। ଏହାପରେ ସେମାନଙ୍କୁ ଚକଲେଟ୍ ଓ କୁରକୁରି ଖାଇବାକୁ ଦେଉଥିଲା। ତା'ପରେ ଘୃଣ୍ୟ କାମ କରିଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତର ଅସଲ ଉଦ୍ଦେଶ୍ୟ ସଂପର୍କରେ ଅଜ୍ଞ ଥିବା କୁନି ଶିଶୁମାନେ ଘର ଭିତରେ କାମ କରୁଥିବା ବେଳେ ଅଭିଯୁକ୍ତ ଭିତରପଟୁ ଘରକୁ ବନ୍ଦ କରିଦେଉଥିଲା। ଏହାପରେ ଆରମ୍ଭ ହୋଇଯାଉଥିଲା ଶିଶୁମାନଙ୍କ ଶାରୀରିକ ନିର୍ଯାତନା। ଶିଶୁମାନଙ୍କୁ ଦୁଷ୍କର୍ମ କରିଥିଲା। ୩ଜଣ ଶିଶୁଙ୍କ ବୟସ ୫ରୁ ୭ ବର୍ଷ ମଧ୍ୟରେ ହେବ। ଅପରାହ୍ନ ୪ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ନର ରାକ୍ଷସର ଏପରି ନାରକୀୟ କାଣ୍ଡ ଘର ଭିତରେ ଚାଲିଥିଲେ ମଧ୍ୟ ବାହାର ଲୋକ କେହି ଜାଣି ପାରିନଥିଲେ। ଅଭିଯୁକ୍ତର ଘର ବାଡ଼ିରେ କୌଣସି ଘର ନଥିବାରୁ ଘଟଣା ସଂପର୍କରେ କେହି ସୁରାକ ପାଇପାରି ନଥିଲେ। ଘଟଣା ସଂପର୍କରେ ଘରେ ନ କହିବାକୁ ଅଭିଯୁକ୍ତ ୩ଜଣ ଶିଶୁଙ୍କୁ ଧମକାଇଥିଲା। ଫଳରେ ସେମାନେ ଆଉ ଘରେ ଘଟଣା ସଂପର୍କରେ କହିପାରିନଥିଲେ। ତେବେ ସୋମବାର ଜଣେ ପୀଡ଼ିତା ପରିସ୍ରା କରିବାରେ କଷ୍ଟ ଅନୁଭବ କରିବାରୁ ଘରେ ସବୁ କଥା କହିଥିଲା। ଏହାପରେ ଘଟଣା ସଂପର୍କରେ ପରିବାର ଲୋକ ଜାଣିପାରିଥିଲେ। ଆଜି ୩ ପୀଡ଼ିତାଙ୍କ ପରିବାର ଏମଭି-୭୯ ଥାନାକୁ ଯାଇ ଲିଖିତ ଅଭିଯୋଗ କରିଥିଲେ। ତେବେ ଘଟଣା ସଂପର୍କରେ ପୁଲିସ ନିକଟରେ ଅଭିଯୋଗ ହେବା ପରେ ଥାନା ଅଧିକାରୀ ଚନ୍ଦ୍ରକାନ୍ତ ତାଣ୍ଡି ଘଟଣାସ୍ଥଳରେ ଛାନଭିନ ଆରମ୍ଭ କରିଛନ୍ତି। ମଙ୍ଗଳବାର ମଧ୍ୟାହ୍ନରେ ଏମଭି-୧୨୬ ଜଙ୍ଗଲରେ ଅଭିଯୁକ୍ତ ଲୁଚିଥିବା ବେଳେ ତାକୁ ପୁଲିସ କାବୁ କରି ଥାନାରେ ଅଟକ ରଖି ପଚରା ଉଚରା କରୁଥିବା ଜଣାପଡ଼ିଛି। ଅଭିଯୁକ୍ତ ଆନ୍ଧ୍ରରେ ଜଣେ ଠିକାଦାର ପାଖରେ ରହି କାମ କରୁଛି।

## ଓଡ଼ିଶା କୃଷି ଶିଳ୍ପ ନିଗମ ମୁଖ୍ୟ କାର୍ଯ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ



**ଭୁବନେଶ୍ୱର,୨୫।୧୧(ସଂଚାର ବ୍ୟୁରୋ):** ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଦ୍ୱାରା ଓଡ଼ିଶା କୃଷି ଶିଳ୍ପ ନିଗମର ନୂତନ ମୁଖ୍ୟ କାର୍ଯ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଭୁବନେଶ୍ୱର ସତ୍ୟନଗର ସ୍ଥିତ ପ୍ଲଟ ନମ୍ବର ୯୫ ରେ ଅବସ୍ଥିତ ଓଡ଼ିଶା କୃଷି ଶିଳ୍ପ ନିଗମର ନୂତନ କାର୍ଯ୍ୟାଳୟ ଏକ ମହତ୍ୱାକାଂକ୍ଷୀ ପ୍ରକଳ୍ପ ଯାହା ହିତାଧିକାରୀଙ୍କ ସମ୍ପୃକ୍ତି, ପ୍ରଗତିଶୀଳ କାର୍ଯ୍ୟକ୍ରମ ଏବଂ ସରକାରୀ ଯୋଜନା ସମନ୍ୱିତ ରଣନୈତିକ ବିକାଶ ପାଇଁ ଏକ କେନ୍ଦ୍ର ଭାବରେ କାର୍ଯ୍ୟ କରିବ। ଏହି ପଦକ୍ଷେପ ରାଜ୍ୟବ୍ୟାପୀ କୃଷି ପଦ୍ଧତିକୁ ଉନ୍ନତ କରିବା ପାଇଁ ଡିଜାଇନ୍ କରାଯାଇଥିବା ଭିତ୍ତିଭୂମିରେ ଏକ ଗୁରୁତ୍ୱପୂର୍ଣ୍ଣ ନିବେଶ ଅଟେ। ୧୬୫୦୦ ବର୍ଗମିଟରରୁ ଅଧିକ କ୍ଷେତ୍ରଫଳ ବିଶିଷ୍ଟ ୧.୪୬ ଏକର ଜମିରେ ୮୩.୭୭ କୋଟି ଟଙ୍କା ପ୍ରକଳ୍ପ ମୂଲ୍ୟରେ ନିର୍ମିତ ହେବାକୁ ଥିବା ଏହି ପ୍ରକଳ୍ପ ଦୁଇଟି ମୁଖ୍ୟ ବ୍ଲକ ସହିତ ୫ ମହଲା ବିଶିଷ୍ଟ ଅତ୍ୟାଧୁନିକ ଭିତ୍ତିଭୂମି ହେବ। କୃଷି ଭବନ ଭଳି ଏହାର ମଧ୍ୟ ଡିଜାଇନ ରହିବ। ଉପସ୍ଥିତ ଜନସାଧାରଣଙ୍କୁ ସମ୍ବୋଧିତ କରି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଥିଲେ ଯେ, ସରକାର ଅଧିକ ଉତ୍ପାଦନକାରୀ ଉନ୍ନତ କୃଷି ଉପକରଣ, ଜୈବ-ସାର ଏବଂ ପଶୁ ଖାଦ୍ୟ ଗ୍ରହଣ, କୃଷକ ଶିକ୍ଷା, ବୈଷୟିକ ତାଲିମ ଏବଂ ସରକାରୀ କାର୍ଯ୍ୟକ୍ରମ ପ୍ରଦର୍ଶନକୁ ପ୍ରୋତ୍ସାହିତ କରୁଛନ୍ତି। ସ୍ଥାୟୀ ଜଳସେଚନ ପଦକ୍ଷେପ ମାଧ୍ୟମରେ ଜଳସେଚନ କ୍ଷମତା ବୃଦ୍ଧିକରି ଚାଷୀଙ୍କୁ ଅଧିକ ସଶକ୍ତ କରୁଛନ୍ତି। କୃଷକ ସମ୍ପ୍ରଦାୟକୁ କୃଷି ଯନ୍ତ୍ରପାତି, ଉପକରଣ ଏବଂ ଅନ୍ୟାନ୍ୟ କୃଷି ଇନପୁଟ୍ ଯେପରିକି ସାର ଏବଂ କୀଟନାଶକର ସବସିଡି ବିକ୍ରୟ, ପ୍ରମାଣିତ ଜଳସେଚନ ସମାଧାନ ପ୍ରଣାଳୀ ଆଦି ବିଷୟରେ ଅବଗତ କରାଇବା ଓଡ଼ିଶା କୃଷି ଶିଳ୍ପ ନିଗମର ନିର୍ଦ୍ଦେଶ ଏବଂ ଲକ୍ଷ୍ୟ ରହିଛି ବୋଲି କୃଷି ସଚିବ ଡ଼ ଅରବିନ୍ଦ କୁମାର ପାଢ଼ୀ କହିଛନ୍ତି। ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ କୃଷି ନିର୍ଦ୍ଦେଶକ ଶୁଭମ ସକ୍ସେନା, ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ନିର୍ଦ୍ଦେଶକ ସୁବ୍ରତ କୁମାର ପଣ୍ଡା, ଉଦ୍ୟାନ କୃଷି ନିର୍ଦ୍ଦେଶକ କାଲୁଙ୍ଗେ ଗୋରଖ ୱାମନ, କୃଷି ଅଧିକାରୀମାନେ ଉପସ୍ଥିତ ଥିଲେ।

● ଅନୁପ୍ରବେଶକାରୀଙ୍କ ତଥ୍ୟ ଦିଅନ୍ତୁ ସରକାର

## ୩ ସପ୍ତାହ ସମୟ ଦେଲେ ହାଇକୋର୍ଟ



**କଟକ,୨୫।୧୧(ସଂଚାର ବ୍ୟୁରୋ):** ରାଜ୍ୟରେ କେତେ ସଂଖ୍ୟକ ଅନୁପ୍ରବେଶକାରୀ ଅଛନ୍ତି? ସେମାନଙ୍କୁ ଚିହ୍ନଟ ଏବଂ ଦେଶାନ୍ତର କରିବା ନେଇ ସରକାରୀ ଭାବେ କି ପଦକ୍ଷେପ ନିଆଯାଇଛି? ଏସବୁ ଉପରେ ସ୍ପଷ୍ଟୀକରଣ ଲୋଡ଼ିଛନ୍ତି ହାଇକୋର୍ଟ। ଆଉ ଏହାର ଜବାବ ରଖିବା ଲାଗି ରାଜ୍ୟ ସରକାର ମାଗିଥିବା ୩ ସପ୍ତାହ ସମୟକୁ ମଧ୍ୟ ହାଇକୋର୍ଟ ଅନୁମତି ଦେଇଛନ୍ତି। ସୂଚାଥାଉ କି, ରାଜ୍ୟରେ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରିବା ସହ ସେମାନଙ୍କୁ ଦେଶାନ୍ତର କରିବାଲାଗି ଏକ ଟାସ୍କ ଫୋର୍ସ ଗଠନ କରାଯାଉ ବୋଲି ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାୟର କରିଥିଲେ ଆଇନଜୀବୀ ଶିବ ଶଙ୍କର ମହାନ୍ତି। ଉକ୍ତ ଆବେଦନର ପ୍ରାରମ୍ଭିକ ଶୁଣାଣି ହୋଇଥିବା ବେଳେ ଏ ସଂକ୍ରାନ୍ତରେ ତଥ୍ୟ ଲୋଡିଛନ୍ତି ହାଇକୋର୍ଟ। ୩ ସପ୍ତାହ ମଧ୍ୟରେ ସମସ୍ତ ତଥ୍ୟକୁ ସତ୍ୟପାଠ ଜରିଆରେ ଦାଖଲ କରିବାଲାଗି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ରାଜ୍ୟସ୍ତରୀୟ ଆଦିବାସୀ ଆରୋଗ୍ୟକାରୀ ସାକ୍ଷାତକାର ଉଦ୍‌ଘାଟିତ

## 'ଆଦିବାସୀଙ୍କ ଚିକିତ୍ସା ପଦ୍ଧତିର ସଂରକ୍ଷଣ ଆବଶ୍ୟକ'




**ଭୁବନେଶ୍ୱର, ୨୫।୧୧(ସଂଚାର ବ୍ୟୁରୋ):** ଆଜି ରାଜ୍ୟସ୍ତରୀୟ ଆଦିବାସୀ ଆରୋଗ୍ୟକାରୀ ସାକ୍ଷାତକାର ୨୦୨୫ ଭୁବନେଶ୍ୱରସ୍ଥିତ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଉଦଘାଟନ ହୋଇଯାଇଛି। ଏହି ଅବସରରେ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗର ଆୟୁକ୍ତ ତଥା ଶାସନ ସଚିବ ବି. ପରମେଶ୍ୱରନ୍, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ପୂର୍ବତନ ନିର୍ଦ୍ଦେଶକ ତଥା ଜନଜାତି ବିଶେଷଜ୍ଞ ପ୍ରଫେସର ଡ଼ଃ ଏ.ବି ଓତା, ପତଞ୍ଜଳି ଗବେଷଣା ପ୍ରତିଷ୍ଠାନର ମୁଖ୍ୟ ଡ଼ଃ ବେଦ ପ୍ରିୟା ଆର୍ଯ୍ୟା, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ନିର୍ଦ୍ଦେଶକ ସୁଧାକର ଶବର, ଉପନିର୍ଦ୍ଦେଶକ ସନ୍ତୋଷ କୁମାର ରଥ ପ୍ରମୁଖ ଉପସ୍ଥିତ ଥିଲେ। ଆୟୁକ୍ତ ତଥା ଶାସନ ସଚିବ ବି. ପରମେଶ୍ୱରନ୍ ଉପସ୍ଥିତ ରହି ଆଦିବାସୀ ଜ୍ଞାନ ପ୍ରଣାଳୀ ଏବଂ ପାରମ୍ପରିକ ପରମ୍ପରାକୁ ସଂରକ୍ଷିତ କରିବା, ଏହାକୁ କିପରି ଆଗକୁ ବଢ଼ାଯିବ ସେ ନେଇ ଆଲୋଚନା କରିଥିଲେ।

ପୀତବାସ ପଣ୍ଡା ହତ୍ୟା ମାମଲା

## ବିକ୍ରମ ପଣ୍ଡା ଓ ମଦନଙ୍କ ଜାମିନ ଆବେଦନ ଖାରଜ



**ବ୍ରହ୍ମପୁର ୨୫।୧୧(ସଂଚାର ବ୍ୟୁରୋ):** ଆଇନଜୀବୀ ପୀତବାସ ପଣ୍ଡା ହତ୍ୟାକାଣ୍ଡ ମାମଲାରେ ବିକ୍ରମ ପଣ୍ଡା ଓ ମଦନ ଦଳେଇଙ୍କ ଜାମିନ ଆବେଦନ ଖାରଜ ହୋଇଛି। ଜାମିନ ଆବେଦନ ଖାରଜ କରିଛନ୍ତି ବ୍ରହ୍ମପୁର ଏସଡିଜେଏମ୍ କୋର୍ଟ। ଏହାକୁ ଚ୍ୟାଲେଞ୍ଜ କରି ଜିଲ୍ଲା ଜଜ୍‌ଙ୍କ କୋର୍ଟରେ ଆବେଦନ କରାଯାଇଥିବା ବିକ୍ରମ ପଣ୍ଡାଙ୍କ ଓକିଲ ଦୀପକ ପଟ୍ଟନାୟକ ସୂଚନା ଦେଇଛନ୍ତି।

ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ବୈଦ୍ୟନାଥପୁର ଥାନା ପୋଲିସ ମୋଟ୍ ୧୬ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏହି ୧୬ ଜଣଙ୍କ ମଧ୍ୟରେ ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା, ପୂର୍ବତନ ମେୟର ଶିବଶଙ୍କର ଦାଶ, ବିଜେଡି ନେତା ମଦନ ଦଳେଇ, କର୍ପୋରେଟର ମଳୟ ବିଷୋୟୀ ମଧ୍ୟ ରହିଛନ୍ତି। ସେପଟେ ୮ ଅଭିଯୁକ୍ତଙ୍କର ଟିଆଇ ପରେଡ୍ ସରିଛି। ବ୍ରହ୍ମପୁର ମଣ୍ଡଳ କାରାଗାରରେ ଅଭିଯୁକ୍ତ ମାନଙ୍କର ହୋଇଥିଲା ଟିଆଇ ପରେଡ୍। ପୀତବାସ ପଣ୍ଡା ହତ୍ୟା ମାମଲାରେ ମୋଟ୍ ୧୬ ଅଭିଯୁକ୍ତ ଗିରଫ ହୋଇ ଜେଲ୍ରେ ଅଛନ୍ତି। ସାର୍ପସୁଟର କୁରୁପତି ଭୂୟାଁ ଓ ଟିଣ୍ଟୁ ପ୍ରଧାନ, ବିହାରର ଶିଶୁପାଳ ପାସୱାନ ଓ କୁନ୍ଦନ କୁମାର, ଷଡଯନ୍ତ୍ରକାରୀଙ୍କ ମୁଖ୍ୟ ସହଯୋଗୀ ଉମା ବିଷୋୟୀ, ଯୋଗୀ ରାଉତ, ସୀମାଞ୍ଚଳ ନାୟକ ଏବଂ ବିପିନ ସ୍ୱାଇଁଙ୍କର ଟିଆଇ ପରେଡ୍ କରିବାକୁ ଅନୁମତି ଦେବାକୁ ମାମଲାର ତଦନ୍ତ ଅଧିକାରୀ ତଥା ବ୍ରହ୍ମପୁର ଟାଉନ ଏସଡିପିଓ କୋର୍ଟକୁ ଅନୁମତି ମାଗିଥିଲେ। କୋର୍ଟ ପକ୍ଷରୁ ଅନୁମତି ମିଳିବା ପରେ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଅଭିଯୁକ୍ତଙ୍କର ଟିଆଇ ପରେଡ୍ ହୋଇଥିଲା ।

## କୋଟିଆରେ ଆନ୍ଧ୍ର ଅଧିକାରୀଙ୍କୁ ବିରୋଧ

**କୋରାପୁଟ, ୨୫।୧୧(ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା କୋଟିଆରେ ଆନ୍ଧ୍ର ଅଧିକାରୀଙ୍କୁ ବିରୋଧ। ଆଜି ଆନ୍ଧ୍ର ସରକାରଙ୍କ ୩ ଜଣ ଅଧିକାରୀ କୋଟିଆ ପଞ୍ଚାୟତର ହରମାଣ୍ଡାଙ୍ଗିରେ ପଶି କୃଷି ଓ ଜୀବନଜୀବିକା ମିଶନ ଉପରେ ସର୍ଭେ କରୁଥିଲେ। ଲୋକଙ୍କୁ ଏକାଠି କରି ବୁଝାଉଥିବା ବେଳେ ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଥିଲେ କୋଟିଆ ଥାନା ପୋଲିସ, ପଟାଙ୍ଗି ବିଡିଓ ଓ ତହସିଲଦାର। ଆନ୍ଧ୍ରର ୩ ଅଧିକାରୀଙ୍କୁ ତାଗିଦ୍ କରିବା ପରେ ସେମାନେ ଫେରିଯାଇଥିଲେ।
ଏହା ପ୍ରଥମ ଘଟଣା ନୁହେଁ। ବାରମ୍ବାର ଆନ୍ଧ୍ର ସରକାରଙ୍କ ଅଧିକାରୀ ଆସି ବିବାଦୀୟ କୋଟିଆରେ ପଶି ଲୋକଙ୍କୁ ସରକାରୀ ଯୋଜନା ବିଷୟରେ ବୁଝାଉଥିବା ଖବର ଆସିଛି। କିଛି ଦିନ ତଳେ ଆନ୍ଧ୍ର ଅଧିକାରୀ ନେରେଡିୱାଲସା ଆସି ଆନ୍ଧ୍ରର କିଛି ସରକାରୀ ଯୋଜନା ବିଷୟରେ ଲୋକଙ୍କୁ ଏକାଠି କରି ବୁଝାଇଥିଲେ। ତେବେ ପୁଲିସ ଓ ପ୍ରଶାସନିକ ଅଧିକାରୀ ବିରୋଧ କରିବା ପରେ ଫେରିଯାଇଥିଲେ। ଆଜି ଅନୁରୂପ ଘଟଣା ଘଟିଛି। କୋଟିଆ ପିଛା ଛାଡୁନି ଆନ୍ଧ୍ର। ବାରମ୍ବାର ବାରଣ ସତ୍ତ୍ୱେ ଗଳାବାଟ ଦେଇ ଅନୁପ୍ରବେଶ କରୁଛନ୍ତି ଆନ୍ଧ୍ର ଅଧିକାରୀ। ନିକଟରେ କୋଟିଆର ତଳଗଞ୍ଜେଇ ପଦର ଗାଁରେ ଆନ୍ଧ୍ରର ସ୍ୱାସ୍ଥ୍ୟ ଟିମ ପହଞ୍ଚି ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଛି। ସାଲୁର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ଭ୍ରାମ୍ୟମାଣ ଭ୍ୟାନ ତଳଗଞ୍ଜେଇ ପଦର ଗାଁରେ ପହଞ୍ଚି ସ୍ୱାସ୍ଥ୍ୟସେବା ଆରମ୍ଭ କରିଥିଲା। ଘଟଣାସ୍ଥଳରେ ପଟାଙ୍ଗି ବ୍ଲକ ପ୍ରଶାସନ ପହଞ୍ଚି ଆନ୍ଧ୍ର ଅଧିକାରୀଙ୍କୁ ତାଗିଦ କରିବା ସହିତ ତୁରନ୍ତ ଜାଗା ଛାଡି ଚାଲିଯିବା ପାଇଁ କହିଥିଲେ। ପରେ ଅଧାରୁ ସ୍ୱାସ୍ଥ୍ୟସେବା ବନ୍ଦ କରି ଆନ୍ଧ୍ର ସ୍ୱାସ୍ଥ୍ୟ ଟିମ ଫେରି ଯାଇଥିଲେ। ଆଦିବାସୀ ଆନ୍ଦୋଳନ ନେତା ବିର୍ସା ମୁଣ୍ଡାଙ୍କ ଜନ୍ମବାର୍ଷିକୀ ଅବସରରେ ଆଦିବାସୀ ମେଳା ଆୟୋଜନ କରିଥିଲା ଆନ୍ଧ୍ର। ଆନ୍ଧ୍ରର ଗୁଣବତ୍ତା ସାମଗ୍ରୀ ଗୁଡ଼ିକୁ କିଣିବା ନିମନ୍ତେ ଲୋକଙ୍କୁ କଲେ ସଚେତନ। କୋଟିଆର ସୀମାନ୍ତ ଗ୍ରାମ ନେରେଡିୱାଲାସାର ସାପ୍ତାହିକ ହାଟରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

## କଳିକେଶ ଜାତୀୟ ରାଇଫଲ ସଂଘର ସଭାପତି

ଓଡିଶା ରାଇଫଲ ସଂଘ ପକ୍ଷରୁ ଅଭିନନ୍ଦନ



**ଭୁବନେଶ୍ୱର,୨୫।୧୧(ସଂଚାର ବ୍ୟୁରୋ):** କଳିକେଶ ନାରାୟଣ ସିଂହ ଦେଓ ଭାରତୀୟ ଜାତୀୟ ରାଇଫଲ୍ ସଂଘର ସଭାପତି ଭାବରେ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ନିର୍ବାଚିତ ହେବାକୁ ଯାଉଛନ୍ତି। ଯାହା ସଂଗଠନର ନେତୃତ୍ୱ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। କଳିକେଶଙ୍କ ଏହି ବିଜୟ ପାଇଁ ଓଡିଶା ରାଇଫଲ ସଂଘ ତରଫରୁ ଅଭିନନ୍ଦନ ଜଣାଯାଇଛି। ଶ୍ରୀ ସିଂହ ଦେଓଙ୍କ କାର୍ଯ୍ୟଶୈଳୀ ଏବଂ ତାଙ୍କର ପ୍ରତିବଦ୍ଧତା ଯୋଗୁଁ ତାଙ୍କୁ ଏହି ବିଜୟ ମିଳିଛି ବୋଲି ସମସ୍ତ ବନ୍ଧୁକ ଚାଳନାର କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି। ଭାରତୀୟ ଶୁଟିଂ ଜଗତକୁ ଆହୁରି ସୁଦୃଢ଼ କରିବା, ଶୁଟରମାନଙ୍କ ପାଇଁ ଉନ୍ନତ ସୁବିଧା ଏବଂ ପ୍ରଶିକ୍ଷଣ ବୃଦ୍ଧି ପାଇଁ ତାଙ୍କ ନେତୃତ୍ୱ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ଆଶା ବ୍ୟକ୍ତ କରାଯାଇଛି। ଓଡିଶା ରାଇଫଲ ସଂଘ ତରଫରୁ କଳିକେଶଙ୍କର ଏହି ସଫଳତା ପାଇଁ ଅଭିନନ୍ଦନ ଜଣାଯାଇଛି। ଏହା ଓଡିଶା ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ସମ୍ପାଦକ ଡ. ହରି ପ୍ରସାଦ ପଟ୍ଟନାୟକ ପ୍ରକାଶ କରିଛନ୍ତି।

ପ୍ରମୁଖ ଶାସନ ସଚିବଙ୍କୁ ଭେଟିଲେ ଅଏଲ୍ ଇଣ୍ଡିଆ ଟିମ୍

## ବର୍ଜ୍ୟରୁ ସମ୍ପଦ ସୃଷ୍ଟି ଉପରେ ଗୁରୁତ୍ୱ




**ଭୁବନେଶ୍ୱର, ୨୫।୧୧(ସଂଚାର ବ୍ୟୁରୋ):** ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢୀଙ୍କୁ ଆଜି ଅଏଲ ଇଣ୍ଡିଆର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଡ. ରଞ୍ଜିତ ରଥ, ସିଜିଏମ୍ ଶାନ୍ତନୁ କୁମାର ସାଇକିଆ, ଓଜିଇଏଲ୍ ରାଜୀବ କୁମାର ତାମୁଲି ଏବଂ କମ୍ପାନୀର ଅନ୍ୟମାନଙ୍କ ନେତୃତ୍ୱରେ ଆସିଥିବା ଏକ ପ୍ରତିନିଧି ସାକ୍ଷାତ କରିଛନ୍ତି। ଖାରବେଳ ଭବନରେ ଏହି ସାକ୍ଷାତ ଅବସରରେ ସମଗ୍ର ଓଡ଼ିଶାରେ ବିକଶିତ ହେଉଥିବା ଛଅଟି କମ୍ପ୍ରେସଡ୍ ବାୟୋ-ଗ୍ୟାସ୍ (ସିବିଜି) ପ୍ଲାଣ୍ଟର ଅଗ୍ରଗତି ଉପରେ ଏହି ଦଳ ଆଲୋଚନା କରିଥିଲେ। ଏହି ବୈଠକରେ ପ୍ରକଳ୍ପର ସମୟସୀମା, କାର୍ଯ୍ୟକ୍ଷମ କରିବା ପାଇଁ ପ୍ରସ୍ତୁତି ଏବଂ ନିୟମିତ ସାମଗ୍ରୀ ଯୋଗାଣ ସୁନିଶ୍ଚିତ କରିବା ପାଇଁ ପୌର ବର୍ଜ୍ୟ ପ୍ରଣାଳୀ ସହିତ ଏକୀକରଣ ଉପରେ ଆଲୋଚନା କରାଯାଇଥିଲା। ଶ୍ରୀମତି ପାଢୀ ସରକାରଙ୍କ ଆଭିମୁଖ୍ୟ ସଂକ୍ରାନ୍ତରେ ଆଲୋକପାତ କରିଥିଲେ। ଅଏଲ ଇଣ୍ଡିଆ ପ୍ରତିନିଧି ଦଳ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିବାରେ ଆତ୍ମବିଶ୍ୱାସ ବ୍ୟକ୍ତ କରିଥିଲେ ଏବଂ ବିଭାଗ ସହିତ ଘନିଷ୍ଠ ସହଭାଗିତା ପାଇଁ ଏହାର ପ୍ରତିବଦ୍ଧତାକୁ ଦୋହରାଇଥିଲେ।

## ୩ ଡକାୟତଙ୍କୁ ବାନ୍ଧିଲା ପୁଲିସ

● ଚାପଡ଼, ମଦ, କାର, ବାଇକ୍ ଜବତ

**ଅନୁଗୁଳ,୨୫।୧୧(ସଂଚାର ବ୍ୟୁରୋ):** ଖୋର୍ଦ୍ଧାରୁ ଆସି ଅନୁଗୁଳରେ ଚଳାଇଥିଲେ ଡକାୟତି ଯୋଜନା। ଖବର ପାଇ ମାଡ଼ି ବସିଲା ଅନୁଗୁଳ ଥାନା ପୁଲିସ। ଅନୁଗୁଳ ସହର ନିକଟସ୍ଥ ତୁରଙ୍ଗ ପଡ଼ିଆ ନିକଟରେ ଡକାୟତି ଯୋଜନା କରୁଥିବା ବେଳେ ରେଡ୍ କରିଥିଲା ପୁଲିସ। ୩ ଜଣକୁ କାବୁ କରିଛି ପୁଲିସ। ସେମାନଙ୍କ ନିକଟରୁ ଗୋଟିଏ ବନ୍ଧୁକ ସହ ପ୍ରାୟ ୩୦ ଗ୍ରାମ ଡ୍ରଗସ ଜବତ ହୋଇଛି। ଏହାଛଡ଼ା ସେମାନଙ୍କ ନିକଟରୁ ଗୋଟେ ଚାପଡ, ୩ଟି ମଦ ବୋତଲ, ଏକ କାର, ୨ଟି ମୋଟର ସାଇକେଲ ମଧ୍ଯ ଜବତ ହୋଇଛି। ଧରାପଡ଼ିଥିବା ତିନି ଡକାୟତଙ୍କ ମଧ୍ୟରୁ ଖୋର୍ଦ୍ଧାରୁ ଦୁଇ ଜଣ ଭୁବନେଶ୍ୱରରୁ ଜଣେ ଥିବା ଜଣାଯାଇଛି। ଅପରପକ୍ଷରେ ଅନ୍ୟ ଦୁଇ ଅଭିଯୁକ୍ତ ଫେରାର ହୋଇଯାଇଥିବା ସୂଚନା ମିଳିଛି।

● ଦିନକ ପରେ ଓଡ଼ିଶା ଆସିବେ ରାଷ୍ଟ୍ରପତି

## ଚାଲିଛି ଜୋରଦାର ପ୍ରସ୍ତୁତି



**ଭୁବନେଶ୍ୱର,୨୫।୧୧(ସଂଚାର ବ୍ୟୁରୋ):** ଆସନ୍ତା ୨୭ ତାରିଖରେ ଓଡ଼ିଶା ଆସିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ରାଷ୍ଟ୍ରପତିଙ୍କ ସୁରକ୍ଷା ପାଇଁ କମିଶନରେଟ ପୁଲିସ ପକ୍ଷରୁ ଚାଲିଛି ଜୋରଦାର ପ୍ରସ୍ତୁତି। କମିସନରେଟ ପୁଲିସର ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ବିଧାନସଭା ସୁରକ୍ଷା ସହ ରାଷ୍ଟ୍ରପତିଙ୍କ ସୁରକ୍ଷା ନେଇ ମଧ୍ୟ ଆଲୋଚନା ହୋଇଛି। ୨୭ ତାରିଖ ଅପରାହ୍ନ ୨ଟାରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ ରାଷ୍ଟ୍ରପତି। ରାଜଭବନରେ ରାତ୍ରି ଯାପନ କରି ୨୮ ତାରିଖରେ ବିଧାନସଭା କାର୍ଯ୍ୟକ୍ରମରେ ଯୋଗଦେବେ। ତେଣୁ ବିଧାନସଭା ପରିସରରେ ୩୩ ପ୍ଲାଟୁନ ଫୋର୍ସ ମୁତୟନ ହେବେ। ରାଷ୍ଟ୍ରପତିଙ୍କ ପାଇଁ ଅଧିକ ୨୫ ପ୍ଲାଟୁନ ଫୋର୍ସ ନିୟୋଜିତ ହେବେ। ୧୫୦ରୁ ଅଧିକ ଅଫିସରଙ୍କୁ ମୁତୟନ କରାଯିବ।

● ୧୨ ହଜାର ଟଙ୍କା ଲାଞ୍ଚ ନେଉଥିଲେ

## ଗିରଫ ହେଲେ ସହକାରୀ ରାଜସ୍ୱ ନୀରୀକ୍ଷକ

**କେନ୍ଦ୍ରାପଡା,୨୫।୧୧(ସଂଚାର ବ୍ୟୁରୋ):** ଚାଷ ଜମିକୁ ଘରବାଡି ଜମିରେ ପରିବର୍ତ୍ତନ କରିବା ପାଇଁ ଜଣେ ବ୍ୟକ୍ତିଙ୍କଠାରୁ ୧୨ ହଜାର ଟଙ୍କା ଲାଞ୍ଚ ନେବା ବେଳେ କେନ୍ଦ୍ରାପଡ଼ା ବ୍ଲକ ନିକିରାଇ ଆରଆଇ ସର୍କଲର ଏଆରଆଇ ଅଭିମନ୍ୟୁ ବେହେରା ଭିଜିଲାନ୍ସ ହାତରେ ଧରା ପଡିଛନ୍ତି। ଡେରାବିଶ ବ୍ଲକର ଜଣେ ବ୍ୟକ୍ତି ନିଜ ଚାଷ ଜମିକୁ ଘରବାଡି ଜମିରେ ପରିଣତ କରିବା ପାଇଁ ତହସିଲଦାରଙ୍କ କାର୍ଯ୍ୟାଳୟରେ ଆବେଦନ କରିଥିଲେ। ସମସ୍ତ କାଗଜ ଯାଞ୍ଚ ପରେ ଏଆରଆଇ ଶ୍ରୀ ବେହେରା ଜମି ମାଲିକଙ୍କୁ କାର୍ଯ୍ୟାଳୟକୁ ଡକାଇଥିଲେ। ଏଥିପାଇଁ ୧୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। କିନ୍ତୁ ଜମି ମାଲିକ ଶ୍ରୀ ବେହେରା ୧୫ ହଜାରରୁ ୧୨ ହଜାର ଟଙ୍କା ଦେବା ପାଇଁ କହିଥିଲେ। ଜମି ମାଲିକ ଏ ସଂକ୍ରାନ୍ତରେ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଫଳରେ ମଙ୍ଗଳବାର ଏଆରଆଇ କାର୍ଯ୍ୟାଳୟରେ ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଧରିଥିଲେ।

## ଧାର୍ଯ୍ୟ ଦରଠାରୁ ଅଧିକ ଶୁଳ୍କ ନେଇଛି ଟାଟା ପାୱାର

- ଟାଟା ଓ ଗ୍ରୀଡକୋର କାର୍ଯ୍ୟଦକ୍ଷତା ସମୀକ୍ଷା ରିପୋର୍ଟ
- ଗ୍ରୀଡକୋ ଲାଭ କରିଛି ୩୪୭.୩୭ କୋଟି ଟଙ୍କା
- ବିଦ୍ୟୁତ୍ ମୂଲ୍ୟ ବୃଦ୍ଧି ସମ୍ଭାବନା କ୍ଷୀଣ: ଶକ୍ତି ସମୀକ୍ଷକ

**ଭୁବନେଶ୍ୱର,୨୫।୧୧(ସଂଚାର ବ୍ୟୁରୋ):** ଓଡିଶା ବିଦ୍ୟୁତ ସେବାରେ ନିୟୋଜିତ ଥିବା ୪ଟି ବିତରଣ କମ୍ପାନୀ ଯଥା ଟିପିସିଓଡ଼ିଏଲ, ଟିପିଡବ୍ଲୁଓଡ଼ିଏଲ, ଟିପିଏସଓଡ଼ିଏଲ ଓ ଟିପିଏନଓଡ଼ିଏଲର ପରିଚାଳନା ଗତ ୫ ବର୍ଷ ଧରି ଟାଟା ପାୱାର କରୁଥିବା ବେଳେ ଏହାର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ ଉଠାଇ ଓଡିଶା ବିଦ୍ୟୁତ ନିୟାମକ ଆୟୋଗ (ଓଇଆରସି) ନିଜଆଡୁ ଏକ ମାମଲା ଆରମ୍ଭ କରିଥିଲେ। ନଭେମ୍ବର ୩୦ ମଧ୍ୟରେ ଓଡିଶା ବିଦ୍ୟୁତ କମ୍ପାନୀଗୁଡିକ ୨୦୨୬-୨୭ ବର୍ଷର ଟାରିଫ ନିର୍ଣ୍ଣୟ ପାଇଁ ନିଜ ନିଜର ବାର୍ଷିକ ରାଜସ୍ୱ ଆବଶ୍ୟକତା ଦରଖାସ୍ତ ଓଇଆରସିରେ ଦାଖଲ କରିବେ।

ଜନଶୁଣାଣି ମାଧ୍ୟମରେ ଆୟୋଗ ସେଗୁଡିକୁ ଫଇସଲା ଟାରିଫ ଧାର୍ଯ୍ୟ କରିବେ। ଓଇଆରସି ଅଧିନିୟମ ଅନୁସାରେ ଆସନ୍ତାବର୍ଷ ୨୦୨୬-୨୭ ପାଇଁ ବିଦ୍ୟୁତମୂଲ୍ୟ ନିର୍ଣ୍ଣୟ ପୂର୍ବରୁ ଆୟୋଗ ବିଦ୍ୟୁତ କମ୍ପାନୀଗୁଡିକର କାର୍ଯ୍ୟଦକ୍ଷତା ସମୀକ୍ଷା କରି ଅଂଶୀଦାର ମାନଙ୍କର ଅବଗତି ପାଇଁ ପ୍ରକାଶ କରିବେ। ଆୟୋଗ ଟାଟାର ୪ଟି ବିତରଣ କମ୍ପାନୀ ଓ ଗ୍ରୀଡକୋର କାର୍ଯ୍ୟଦକ୍ଷତା ସମୀକ୍ଷା ରିପୋର୍ଟ ଗତ ସପ୍ତାହରେ ପ୍ରକାଶ କରିଥିବା ବେଳେ ଓପିଟିସିଏଲ, ଏସଏଲଡ଼ିସି, ଓଏଚପିସି ଓ ଓପିଜିସିର ଏପର୍ଯ୍ୟନ୍ତ ପ୍ରକାଶ କରିନାହାନ୍ତି।

ଓଇଆରସି ପ୍ରକାଶ କରିଥିବା ସମୀକ୍ଷା ରିପୋର୍ଟ ଅନୁସାରେ ୨୦୨୪-୨୫ ପାଇଁ ୩୦୭୯୫ ନିୟୁତ ୟୁନିଟ ବିଦ୍ୟୁତକୁ ୟୁନିଟ ପିଛା ହାରାହାରି ଟାରିଫ ୫ ଟଙ୍କା ୬୭ ପଇସା ହିସାବରେ ବିକ୍ରୟ କରି ୧୭୪୬୧ କୋଟିଟଙ୍କା ରାଜସ୍ୱ ଅଦାୟ କରିବା ପାଇଁ ଟାଟାକୁ ମଞ୍ଜୁର କରିଥିଲେ। କିନ୍ତୁ ଟାଟା ୨୯୫୭୯ ନିୟୁତ ୟୁନିଟ ଉପଭୋକ୍ତାଙ୍କୁ ବିକ୍ରିକରି ୟୁନିଟ ପିଛା ହାରାହାରି ୬ ଟଙ୍କା ୩ ପଇସା ହିସାବରେ ୧୭୮୩୬ କୋଟିଟଙ୍କା ଆଦାୟ କରିଛନ୍ତି, ଯାହା ଆୟୋଗ ଅନୁମୋଦନ କରିଥିବା ହାରାହାରି ଟାରିଫ ଠାରୁ ୩୬ ପଇସା ଅଧିକ। ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର କହିଛନ୍ତି ଯେ, ଯେହେତୁ ୨୦୨୪-୨୫ରେ ଗ୍ରୀଡକୋର ବ୍ୟବସାୟିକ ଲାଭ ୩୪୭ କୋଟି ଟଙ୍କା ହୋଇଛି ଏବଂ ଟାଟା ବିତରଣ କମ୍ପାନୀ ଗୁଡିକ ଓଇଆରସି ଧାର୍ଯ୍ୟ କରିଥିବା ହାରାହାରି ଟାରିଫ ଠାରୁ ୟୁନିଟ ପିଛା ୩୬ ପଇସା ହିସାବରେ ଉପଭୋକ୍ତାଙ୍କ ଠାରୁ ଅଧିକ ୧୦୬୫ କୋଟି ଟଙ୍କା ଅଦାୟ କରିଛନ୍ତି। ତେଣୁ ଆସନ୍ତା ବର୍ଷ ପାଇଁ ଖୁଚୁରା ବିଦ୍ୟୁତ ମୂଲ୍ୟ ବୃଦ୍ଧିହେବା ସମ୍ଭାବନା ଖୁବ କମ ରହିଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ୭୭ ଲକ୍ଷ ନୂଆ ନିଯୁକ୍ତି ସୃଷ୍ଟି କରିବ ଲେବର କୋଡ୍



ନୂଆଦିଲ୍ଲୀ,୨୫।୧୧: ଭାରତ ସରକାରଙ୍କ ଦ୍ୱାରା ନିକଟରେ ଲାଗୁ ହୋଇଥିବା ଚାରୋଟି ନୂଆ ଶ୍ରମ ସଂହିତା ମଧ୍ୟମ ଅବଧିରେ ନିଯୁକ୍ତି ଏବଂ ଅର୍ଥନୀତିକୁ ବଡ଼ ପ୍ରୋତ୍ସାହନ ଦେବ ବୋଲି SBI ରିସର୍ଚ୍ଚ ତା'ର 'ଇକୋର୍‌ୟାପ୍' ରିପୋର୍ଟରେ

## ଏସବିଆଇ ରିସର୍ଚ୍ଚ

ପ୍ରକାଶ କରିଛି। ମଙ୍ଗଳବାର ପ୍ରକାଶିତ ଏହି ରିପୋର୍ଟ ଅନୁଯାୟୀ, ନୂଆ ଶ୍ରମ ସଂହିତା ଲାଗୁ ହେବା ଦ୍ୱାରା ଆଗାମୀ ବର୍ଷଗୁଡ଼ିକରେ ପ୍ରାୟ ୭୭ ଲକ୍ଷ ନୂଆ ନିଯୁକ୍ତି ସୃଷ୍ଟି ହେବାର ଆଶା କରାଯାଉଛି। ଏହା ବେକାରୀ ହାରକୁ ପ୍ରାୟ ୧.୩% ହ୍ରାସ କରିବାର ସମ୍ଭାବନା ଅଛି। ଏହି ସମୟରେ ଦେଶରେ ଉପଭୋକ୍ତା ଖର୍ଚ୍ଚରେ ପ୍ରାୟ ୭୫,୦୦୦ କୋଟି ଟଙ୍କାର ବୃଦ୍ଧି ହେବାର ଆକଳନ କରାଯାଇଛି। ଏହି କୋଡ୍ସଗୁଡ଼ିକ ଶ୍ରମିକଙ୍କ କାର୍ଯ୍ୟକୁ ଆନୁଷ୍ଠାନିକ କରିବାରେ ଅତିକମ୍ ରେ ୧୫% ବୃଦ୍ଧି ଘଟାଇବ। ବର୍ତ୍ତମାନ ୬୦.୪% ଥିବା ଆନୁଷ୍ଠାନିକ ଶ୍ରମିକଙ୍କ ଅଂଶଧନ ବୃଦ୍ଧି ପାଇ ୭୫.୫% ରେ ପହଞ୍ଚିବ। SBI ରିସର୍ଚ୍ଚ କହିଛି ଯେ ଅବସରକାଳୀନ ସୁବିଧା ବୃଦ୍ଧି ପାଉଥିବାରୁ କର୍ମଚାରୀଙ୍କ ମାସିକ ହାତରେ ମିଳୁଥିବା ଦରମା କମିପାରେ। କାରଣ ନୂଆ ମଜୁରୀ କୋଡ୍ ଅନୁଯାୟୀ, ମୂଳ ବେତନ 'କଷ୍ଟ ଟୁ କମ୍ପାନୀ'ର ଅତିକମ୍ ରେ ୫୦% ହେବା ବାଧ୍ୟତାମୂଳକ।

## ଆଜିର ସୁନା ଦର



ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୨୫,୧୩୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୧୪,୭୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୨୫,୧୩୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୧୪,୭୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧ ୧,୨୫,୧୩୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୧୪,୭୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୨୫,୨୮୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୧୪,୮୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୨୫,୬୭୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୧୫,୨୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୨୫,୧୩୦ ଓ ୧,୧୪,୭୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୬୩,୦୦୦ ଟଙ୍କା ହୋଇଛି।

# ଅପରେସନ ସିନ୍ଦୂର ପରେ ବଢ଼ିଲା ବ୍ରହ୍ମୋସର ଡିମାଣ୍ଡ

ନୂଆଦିଲ୍ଲୀ, ୨୫।୧୧: ଅପରେସନ ସିନ୍ଦୂରରେ ଭାରତର ବ୍ରହ୍ମୋସ ସୁପରସୋନିକ କ୍ରୁଜ୍ ମିସାଇଲ୍ ଧ୍ୱାଂଶଲୀଳା ଦେଖିଥିଲା ସାରା ବିଶ୍ୱ। ଏହାପର ଠାରୁ ପଡ଼ୋଶୀମାନଙ୍କ ମଧ୍ୟରେ ଏହି ମିସାଇଲ୍ କିଣିବାକୁ ଆଗ୍ରହ ବଢ଼ି ଯାଇଛି। ଆଉ ଏବେ ଭାରତ ୪୫୦ ମିଲିଅନ ଡଲାରର ବ୍ରହ୍ମୋସ ମିସାଇଲ୍ ରପ୍ତାନୀ କରିବାକୁ ଯାଉଛି। ଖୁବଶୀଘ୍ର ଏନେଇ ଡିଲ୍ ହୋଇପାରେ। ଏନେଇ ପ୍ରତିରକ୍ଷା ସୂତ୍ରରୁ ତଥ୍ୟ ନେଇ ରିପୋର୍ଟ ପ୍ରକାଶ କରିଛି ଖବର ସରବରାହ ସଂସ୍ଥା ଏଏନ୍ଆଇ। ରିପୋର୍ଟ ଅନୁସାରେ, ଏହି ଡିଲ୍ ବର୍ତ୍ତମାନ ଚୂଡ଼ାନ୍ତ ପର୍ଯ୍ୟାୟରେ ରହିଛି। ଏହି ଡିଲ୍ ପରେ ଆହୁରି କିଛି ଦେଶ ମିସାଇଲ୍ କିଣିବାକୁ ଆଗ୍ର ପ୍ରକାଶ କରିପାରନ୍ତି ବୋଲି ପ୍ରତିରକ୍ଷା ବିଭାଗର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଅଧିକାରୀ କହିଛନ୍ତି ଯେ ଅପରେସନ ସିନ୍ଦୂରରେ ବ୍ୟବହାର ହୋଇଥିବା ବ୍ରହ୍ମୋସ ମିସାଇଲ ଯେଉଁଭଳି ଭାବେ ନିର୍ଦ୍ଦିଷ୍ଟ ଟାର୍ଗେଟକୁ ମାଡ଼ କଲା, ସେଥିରେ ଭାରତର ବନ୍ଧୁ ରାଷ୍ଟ୍ରମାନେ ଆକୃଷ୍ଟ ହୋଇଛନ୍ତି। ସେମାନେ ଏହାକୁ କିଣିବାକୁ ଇଚ୍ଛା ପ୍ରକାଶ କରୁଛନ୍ତି। ସୂଚନା ଥାଉକି ଏପ୍ରିଲ ୨୨ ତାରିଖରେ ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣାରେ ଭାରତ କାର୍ଯ୍ୟାନୁଷ୍ଠାନ ନେଇ ଅପରେସନ ସିନ୍ଦୂର କରିଥିଲା। ଏହି ଅଭିଯାନରେ ମେ ୭




## ୪୫୦ ମିଲିଅନ ଡଲାରର ଡିଲ୍

ତାରିଖରେ ପାକିସ୍ତାନର ଆତଙ୍କବାଦୀ ଆଡ୍ଡା ଉପରେ ବ୍ରହ୍ମସୋ ମିସାଇଲ୍ରେ ଆକ୍ରମଣ କରିଥିଲା ଭାରତ। ଏଥିରେ କେବଳ ଟାର୍ଗେଟ୍ କରାଯାଇଥିବା ଏରିଆ ହିଁ ନଷ୍ଟ ହୋଇଥିଲା। ଭାରତ-ରୁଷର ମିଳିତ ଉଦ୍ୟମରେ ତିଆରି ହୋଇଥିବା ବ୍ରହ୍ମୋସ ମିଶାଇଲ୍ ସମ୍ପ୍ରତି ଦୁବାଇ ଏୟାର ଶୋ'ରେ ମଧ୍ୟ ପ୍ରଦର୍ଶିତ ହୋଇଥିଲା। ଏହା ମଧ୍ୟ କିଛି ରାଷ୍ଟ୍ରକୁ ଆକୃଷ୍ଟ କରିଛି। ଅପରେସନ ସିନ୍ଦୂର ପରେ ସୀମା ସଂଘର୍ଷ ପରେ, ପ୍ରତିରକ୍ଷା ମନ୍ତ୍ରଣାଳୟ ଭାରତୀୟ ନୌସେନା ପାଇଁ ମଧ୍ୟ ବ୍ରହ୍ମୋସ ଅର୍ଡର ଦେଇଥିଲା। ନୌସେନା ଏହାର ବୀର-ଶ୍ରେଣୀୟ ଯୁଦ୍ଧଜାହାଜରେ ଏହି କ୍ଷେପଣାସ୍ତ୍ରକୁ ନିୟୋଜିତ କରିବାକୁ ଯୋଜନା କରୁଛି। ଯେତେବେଳେ ଆଇଏଏଫ ଏହାକୁ ରୁଷିଆରୁ ଅଣାଯାଇଥିବା ଏସୟୁ-୩୦ ଏମକେଆଇ ଯୁଦ୍ଧ ଜାହାଜରେ ଖଞ୍ଜିବାକୁ ଯୋଜନା କରୁଛି।

# ଶ୍ରମ ସଂହିତାରୁ ୪୦ କୋଟି ଲୋକ ଫାଇଦା ପାଇବେ

ନୂଆଦିଲ୍ଲୀ, ୨୫।୧୧: କେନ୍ଦ୍ର ସରକାର ଲାଗୁ କରିଥିବା ଶ୍ରମ ସଂହିତା ଦ୍ୱାରା ଦେଶର ୪୦ କୋଟି ଶ୍ରମିକ ଉପକୃତ ହେବେ ବୋଲି କେନ୍ଦ୍ରୀୟ ଶ୍ରମିକ ସଂଗଠନ ମହାସଂଘ (କନ୍‌ସେଣ୍ଟ୍) ପକ୍ଷରୁ କୁହାଯାଇଛି। ଏକ ପ୍ରେସ୍ ବିବୃତ୍ତିରେ କନ୍‌ସେଣ୍ଟ୍ ପକ୍ଷରୁ କୁହାଯାଇଛି ଯେ ପ୍ରଥମ ଥର ପାଇଁ ଦେଶରେ ଅଣସଂଗଠିତ ଶ୍ରମିକ, ପ୍ରବାସୀ ଶ୍ରମିକ, ଗିଗ୍ ଓ ପ୍ଲାଟଫର୍ମ କର୍ମଚାରୀଙ୍କୁ ଏକ ଦୃଢ଼ ସାମାଜିକ ସୁରକ୍ଷା ବ୍ୟବସ୍ଥା ଅଧୀନରେ ସାମିଲ କରାଯାଇଛି। ସେମାନଙ୍କୁ ଇଏସ୍ଆଇସି, ପେନ୍‌ସନ୍ ଆଧାରିତ ଲାଭ, ଦିବ୍ୟାଙ୍ଗ ସହାୟତା, ମାତୃତ୍ୱ ସୁରକ୍ଷା ଓ କଲ୍ୟାଣ ଯୋଜନାର ପୋର୍ଟେବିଲିଟି ଆଦି ପାଇଁ ଆଇନଗତ ଅଧିକାର ମିଳିବ।

ନୂଆ ଶ୍ରମ ସଂହିତାରେ ନିଯୁକ୍ତିପତ୍ର ଦେବା ବାଧ୍ୟତାମୂଳକ କରାଯାଇଥିବା ବେଳେ ସମାନ କାର୍ଯ୍ୟ ପାଇଁ ସମାନ ପାଉଣା ଲାଗୁ



କରାଯାଇଛି। ଏହା ଦ୍ୱାରା ନିଯୁକ୍ତିରେ ମନମାନି, ଲିଙ୍ଗଗତ ବିଭେଦ, ଶୋଷଣ ଓ ବିନା ରେକର୍ଡରେ ଚାକିରି ଦେବା ଯୁଗ ସମ୍ପୂର୍ଣ୍ଣ ଶେଷ ହୋଇଯିବ ବୋଲି କନ୍‌ସେଣ୍ଟ୍ ପକ୍ଷରୁ କୁହାଯାଇଛି। ଶ୍ରମ ସଂହିତାକୁ ପ୍ରସ୍ତୁତ କରିବା ଲାଗି କେନ୍ଦ୍ର ସରକାର ସବୁ ରାଜ୍ୟ, ଉଦ୍ୟୋଗ, ଶ୍ରମିକ ସଂଗଠନ ଓ ବିଶେଷଜ୍ଞମାନଙ୍କ ସହ ଆଲୋଚନା କରିଥିଲେ। ସେମାନଙ୍କ ମତାମତକୁ ଆଇନରେ ସାମିଲ କରାଯାଇଛି। ତେଣୁ ଏହି ସଂସ୍କାରକୁ ଭଲ ଭାବେ ବୁଝିବା ସହ ସକାରାତ୍ମକ ଦୃଷ୍ଟିକୋଣ ରଖିବାକୁ କନ୍‌ସେଣ୍ଟ୍ ପକ୍ଷରୁ ସବୁ ଶ୍ରମିକ, ଶ୍ରମିକ ସଂଗଠନ, ନିଯୁକ୍ତିଦାତା ଓ ଯୁବବର୍ଗଙ୍କୁ ଆହ୍ୱାନ ଦିଆଯାଇଛି। ଶ୍ରମିକମାନଙ୍କ ପାଖରେ ପ୍ରକୃତ ସତ ପହଞ୍ଚାଇବା ଓ ଲୋକମାନଙ୍କୁ ଚାରି ଶ୍ରମ ସଂହିତା ସମ୍ପର୍କରେ ବୁଝାଇବା ଲାଗି କାର୍ଯ୍ୟକ୍ରମ ଆୟୋଜନ କରିବାକୁ କନ୍‌ସେଣ୍ଟ ଶ୍ରମିକ ସଂଗଠନଗୁଡ଼ିକୁ ଅପିଲ୍ କରିଛି।

## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପେଟ୍ରୋଲ ଓ ଡିଜେଲ ମୂଲ୍ୟ ପରିବର୍ତ୍ତନ ହୋଇଛି। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ହେଲେ ଭୁବନେଶ୍ୱରରେ କମିଛି ପେଟ୍ରୋଲ ଏବଂ ଡିଜେଲ ଦାମ୍। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୬ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୭୪ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୯ ପଇସା ରହିଛି।



# ଖସୁଛି ବିଟ୍‌କଏନ, କ୍ଷତିରେ ଦୁନିଆର ସବୁଠୁ ବଡ଼ କ୍ରିପ୍ଟୋ

ନୂଆଦିଲ୍ଲୀ, ୨୫।୧୧: ଦୁନିଆର ସବୁଠୁ ବଡ଼ କ୍ରିପ୍ଟୋକରେନ୍ସୀ ବିଟ୍‌କଏନ, ତିନି ବର୍ଷର ସବୁଠୁ ବଡ଼ ମାସିକ ହ୍ରାସର ସାମ୍ନା କରୁଛି। ନଭେମ୍ବରରେ ଏପର୍ଯ୍ୟନ୍ତ ଏହି ଡିଜିଟାଲ ଟୋକନରେ ୨୧ ପ୍ରତିଶତରୁ ଅଧିକର ହ୍ରାସ ହୋଇସାରିଲାଣି। ଏହା ପୂର୍ବରୁ ୨୦୨୨ ଜୁନ୍‌ରେ ବିଟ୍‌କଏନରେ ୨୦ ପ୍ରତିଶତରୁ ଅଧିକ ହ୍ରାସ ଦେଖିବାକୁ ମିଳିଥିଲା। ଏହାର ଅର୍ଥ ବିଟକଏନ ଉପରେ ନିବେଶକଙ୍କୁ ୨୨, ୭୦୦ ଡଲାର ବା ୨୦ ଲକ୍ଷ ଟଙ୍କାରୁ ଅଧିକ କ୍ଷତି ହୋଇଥିବାର ଦେଖିବାକୁ ମିଳିଛି। ଏହି ହ୍ରାସ ମୁଖ୍ୟତଃ ଲଗାତାର ନଗଦ ବଢ଼ାଇବା ଏବଂ ଅନ୍ୟତ୍ର ନିବେଶ ଯୋଗୁ ଏହା କାରଣ ପାଲଟିଛି। ଅନେକ ପ୍ରମୁଖ ଅଲ୍ଟକଏନ ମଧ୍ୟ ହ୍ରାସ ପାଇଛି। ଯାହାକୁ କ୍ରିପ୍ଟୋ ମାର୍କେଟରେ ଆପାତତଃ ମାନ୍ଦା ଆହୁରି ଅଧିକ ଗଭୀର ହୋଇଛି। ପିଆଇ୪୨ର ସହ ପ୍ରତିଷ୍ଠାତା ଏବଂ ସିଇଓ ଅବିନାଶ ଶେଖର କହିଛନ୍ତି, କ୍ରିପ୍ଟୋ ବଜାରରେ ଏକ ବଡ଼ ସଙ୍କଟ ଏବଂ ନିର୍ଦ୍ଦିଷ୍ଟ ସୁଧାର ସଙ୍କେତ ମଧ୍ୟରେ ସନ୍ତୁଳନ କରିବାକୁ ଚେଷ୍ଟା କରୁଛି। କଏନଗେକ୍‌କୋର ତଥ୍ୟ ଅନୁଯାୟୀ, ଅକ୍ଟୋବର ଆରମ୍ଭରୁ ବିଟକଏନ୍ ଦ୍ରୁତ ଗତିରେ ହ୍ରାସ ପାଇଛି। ଏହା ୧୨୬,୦୦୦ ଡଲାରର ସର୍ବୋଚ୍ଚ ସ୍ତରରୁ ୮୨ ହଜାର ଡଲାରକୁ ଖସିଆସିଛି। ବିଶ୍ଳେଷକଙ୍କ ଅନୁସାରେ, ଦୀର୍ଘକାଳୀନ ନିବେଶକମାନେ କ୍ଷତିରୁ ବର୍ତ୍ତିବା ପାଇଁ ଏହି ମାସରେ ପ୍ରାୟ ୮ ଲକ୍ଷ ବିଟ୍‌କଏନ୍ ବିକ୍ରି କରିଛନ୍ତି। ଯାହା ୨୦୨୪ ଜାନୁଆରୀ ପରଠାରୁ ସବୁଠାରୁ ବଡ଼। ଆହୁରି ମଧ୍ୟ ଟେକ୍ନୋଲୋଜି ଷ୍ଟକ୍ ଏବଂ ଅନ୍ୟ ସମ୍ପତ୍ତିରେ ହ୍ରାସକୁ ପ୍ରତିଫଳିତ କରୁଛି। ସେହିଭଳି ବ୍ୟାପକ ଅର୍ଥନୈତିକ ଚିନ୍ତା, ଟ୍ରମ୍ପଙ୍କ ଅପ୍ରତ୍ୟାଶିତ ବାଣିଜ୍ୟ ଯୁଦ୍ଧ ଏବଂ ଏଆଇ କମ୍ପାନୀଗୁଡ଼ିକର ମୂଲ୍ୟ ବୃଦ୍ଧି ଏହା ଉପରେ ପ୍ରଭାବ ପକାଇଛି।



### ସ୍କାମ୍ କଲ୍ ବିରୋଧରେ ଟ୍ରାଇର ଆକ୍ସନ

## ୨୧ ଲକ୍ଷ ଜାଲ୍ ଫୋନ ନମ୍ବର ବ୍ଲକ୍, ୧ ଲକ୍ଷ ସଂସ୍ଥା କଳା ତାଲିକାଭୁକ୍ତ




ନୂଆଦିଲ୍ଲୀ,୨୫/୧୧: ଭାରତୀୟ ଟେଲିକମ ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ) ସ୍ପାମ୍ ଏବଂ ଠକେଇ ପାଇଁ ଉଦ୍ଦିଷ୍ଟ ଟେଲିକମ କଲ୍ ଗୁଡ଼ିକ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। ଏ ଦିଗରେ ଗତ ବର୍ଷକରେ ୨୧ ଲକ୍ଷ ଜାଲ୍ ନମ୍ବର ବ୍ଲକ କରାଯାଇଛି। ୧ ଲକ୍ଷ ସଂସ୍ଥାକୁ କଳାତାଲିକାଭୁକ୍ତ କରାଯାଇଥିବା ଟେଲିକମ୍ ମନ୍ତ୍ରଣାଳୟ ପକ୍ଷରୁ ସୋମବାର ସୂଚନା ମିଳିଛି। ଲୋକଙ୍କ ଅଭିଯୋଗ ଆଧାରରେ ଏଭଳି କାର୍ଯ୍ୟାନୁଷ୍ଠାନ ହୋଇଛି। ଟେଲିକମ ସେବାର ଅପବ୍ୟବହାର ରୋକିବା ଦିଗରେ ଲୋକମାନେ ଅଧିକ ସଂଖ୍ୟାରେ ଟ୍ରାଇ ଡିଏନ୍‌ଡି ଆପ୍‌ରେ ରିପୋର୍ଟ କରିବାକୁ ପରାମର୍ଶ ଦେଇଛି ନିୟାମକ। ଟ୍ରାଇ କହିଛି, ଅନେକ ୟୁଜର ଭାବୁଛନ୍ତି ଟେଲିଫୋନରେ କୌଣସି ନମ୍ବରକୁ ବ୍ଲକ କରିଦେବା ହିଁ ସର୍ବଶ୍ରେଷ୍ଠ କାମ। ଏଭଳି ବ୍ଲକ ଦ୍ୱାରା ନିର୍ଦ୍ଦିଷ୍ଟ ଡିଭାଇସରେ ନମ୍ବର ଦେଖାଯାଇ ନ ଥାଏ। ମାତ୍ର ସାଇବର ଅପରାଧୀମାନେ ଅନ୍ୟ ଲୋକଙ୍କୁ ସହଜରେ ଟାର୍ଗେଟ କରିପାରିବେ। ସ୍ପାମ୍ କଲ୍ ଏବଂ ଏସ୍ଏମ୍ଏସ ରିପୋର୍ଟ କରାଗଲେ ଟେଲିକମ ସେବା ଯୋଗାଣକାରୀ ଫ୍ରଡରେ ଲିପ୍ତ ଥିବା କୌଣସି ନମ୍ବରକୁ ସ୍ଥାୟୀ ଭାବେ ବାତିଲ କରିବା ସହଜ ହୋଇଥାଏ। ଗତ ବର୍ଷ ବୃହତ ସଂଖ୍ୟାରେ ଲୋକମାନେ ଡିଏନ୍ଡି ଆପ୍ରେ ରିପୋର୍ଟ କରିବା ଯୋଗୁ ବ୍ୟାପକ ଭାବେ କାର୍ଯ୍ୟାନୁଷ୍ଠାନ ନେଇଥିଲା ଟ୍ରାଇ। ଟେଲିକମ୍ ଇକୋସିଷ୍ଟମକୁ ସୁରକ୍ଷିତ ଏବଂ ଭରସାଯୋଗ୍ୟ କରିବାକୁ ହେଲେ ଅଂଶୀଦାରଙ୍କ ସହଯୋଗ ଲୋଡ଼ା ରହିଛି। ଏଭଳି ସ୍ଥିତିରେ ଟ୍ରାଇ ଡିଏନ୍‌ଡି ଆପ୍କୁ ବହୁଳ ଭାବେ ଡାଉନ୍‌ଲୋଡ କରିବା ଏବଂ କୌଣସି ନମ୍ବରକୁ କେବଳ ବ୍ଲକ ନ କରି ଏହାକୁ ରିପୋର୍ଟ କରିବାକୁ ପରାମର୍ଶ ଦିଆଯାଇଛି। ମୋବାଇଲ କଲ୍, ମେସେଜ ଏବଂ ସୋସିଆଲ ମିଡିଆରେ ବ୍ୟକ୍ତିଗତ କିମ୍ବା ବ୍ୟାଙ୍କିଙ୍ଗ ସମ୍ପର୍କିତ ତଥ୍ୟ ସେୟାର ନ କରିବାକୁ ପରାମର୍ଶ ଦେଇଛି ଟ୍ରାଇ। ସେହିଭଳି ସନ୍ଦେହଜନକ କଲ୍ ପାଇଲେ ଏହାକୁ ତ୍ୱରିତ ଭାବେ କାଟିଦେବା ଲାଗି ମଧ୍ୟ ପରାମର୍ଶରେ କୁହାଯାଇଛି। ସାଇବର ଅପରାଧ କ୍ଷେତ୍ରରେ ଜାତୀୟ ହେଲ୍ପଲାଇନ ୧୯୩୦ରେ ରିପୋର୍ଟ କରାଯାଇପାରିବ। ସେହିଭଳି ସାଇବର କ୍ରାଇମ୍ ଡଟ୍ ଜିଓଭି ଡଟ୍ ଇନ୍‌ରେ ମଧ୍ୟ ରିପୋର୍ଟ କରାଯାଇପାରିବ। ଏହାବାଦ ସଂଚାର ସାଥୀର ଚାକ୍ଷୁ ଫିଚରରେ ଟେଲିକମ ଠକେଇକୁ ମଧ୍ୟ ରିପୋର୍ଟ କରାଯାଇପାରିବ। ବରିଷ୍ଠ ନାଗରିକ, ମହିଳା ଏବଂ ଅନ୍ୟ ୟୁଜରଙ୍କୁ ସାଇବର ଠକେଇରୁ ଦୂରେଇ ରଖିବା ଦିଗରେ ନିରନ୍ତର ସଚେତନତା ସୃଷ୍ଟି କରୁଛି ଟ୍ରାଇ। ନିରନ୍ତର ରିପୋର୍ଟ, ଟେକ୍ନୋଲୋଜି ଭିତ୍ତିକ ମନିଟରିଂ, ଅନୁପାଳନ ସ୍ପାମ୍ ଏବଂ ଫ୍ରଡ୍ ରୋକିବାରେ ସହାୟକ ହେବ ବୋଲି ଟ୍ରାଇ ଆଶାବାଦୀ ରହିଛି।

## ଭାରତୀୟ ପରିବାର ବିୟୁଟି ପ୍ରଡକ୍ଟରେ କରୁଛନ୍ତି ଅଧିକ ଖର୍ଚ୍ଚ

ନୂଆଦିଲ୍ଲୀ, ୨୫।୧୧: ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦର ଏକ ନୂତନ ରିପୋର୍ଟ ଅନୁଯାୟୀ, ଭାରତରେ ଖର୍ଚ୍ଚ ଢାଞ୍ଚା ପରିବର୍ତ୍ତନ ହେଉଛି। ପରିବାରଗୁଡ଼ିକ ଆଉ କେବଳ ଦୈନନ୍ଦିନ ଆବଶ୍ୟକୀୟ ଜିନିଷପତ୍ର ଉପରେ ଖର୍ଚ୍ଚ କରୁନାହାନ୍ତି, ବରଂ ସେମାନଙ୍କର ସମ୍ପତ୍ତି ବୃଦ୍ଧି କରୁଥିବା ଜିନିଷଗୁଡ଼ିକ ଉପରେ ଅଧିକ ଧ୍ୟାନ ଦେଉଛନ୍ତି। ରିପୋର୍ଟ ଦର୍ଶାଉଛି ଯେ, ବ୍ୟକ୍ତିଗତ ସାମଗ୍ରୀ (ଯେପରିକି ସୌନ୍ଦର୍ଯ୍ୟ ଉତ୍ପାଦ ଏବଂ ଆନୁଷଙ୍ଗିକ ସାମଗ୍ରୀ) ଏବଂ ରୋଷେଇ ଏବଂ ଘରୋଇ ଉପକରଣ (ଯେପରିକି ମିକ୍ସର ଏବଂ ଟୋଷ୍ଟର)ରେ ଏବେ ଅଧିକ ଖର୍ଚ୍ଚ ହେଉଛି। ପୋଷାକ ଏବଂ ଜୋତା ପରି ପାରମ୍ପରିକ ଆବଶ୍ୟକତା ଅପେକ୍ଷା ଏସବୁକୁ ପ୍ରାଥମିକତା ଦିଆଯାଉଛି । ଏହି ପରିବର୍ତ୍ତନ ଏବେ ଦେଶର ସବୁଠାରୁ ଗରିବ ଥିବା ୪୦% ପରିବାର ମଧ୍ୟରେ କରାଯାଉଛି।

## ଭାରତୀୟ କମ୍ପାନୀମାନଙ୍କୁ ଆଫଗାନିସ୍ତାନର ସ୍ପେଶାଲ ଅଫର ସୁନା ଖଣି କଲେ ମିଳିବ ୫ ବର୍ଷ ଟ୍ୟାକ୍ସ ରିହାତି

ନୂଆଦିଲ୍ଲୀ ୨୫।୧୧: ଆଫଗାନିସ୍ତାନର ଉଦ୍ୟୋଗ ଓ ବାଣିଜ୍ୟ ମନ୍ତ୍ରୀ ଅଲହାଜ ନରୁଦ୍ଦୀନ ଅଜିଜି ବିଭିନ୍ନ କ୍ଷେତ୍ରରେ ନିବେଶ ଆହ୍ୱାନ କରିଛନ୍ତି। ସେ କହିଛନ୍ତି ତାଙ୍କ ସରକାର ସୁନା ଖନନ ସମେତ ନୂଆ କ୍ଷେତ୍ରରେ ନିବେଶ କରୁଥିବା କମ୍ପାନୀଙ୍କୁ ୫ ବର୍ଷ ପର୍ଯ୍ୟନ୍ତ ଟ୍ୟାକ୍ସ ରିହାତି ଦେବାକୁ ପ୍ରସ୍ତୁତ। 'ଆସୋଚେମ' ଦ୍ୱାରା ଆୟୋଜିତ ଏକ ଆଲୋଚନା ଚକ୍ରରେ ଅଜିଜି କହିଛନ୍ତି ଯେ ପାକିସ୍ତାନ ସହିତ ଉତ୍ତେଜନା ବାଣିଜ୍ୟରେ ବାଧା ସୃଷ୍ଟି କରୁଛି। ତେବେ ଅଫଗାନିସ୍ତାନରେ ଅପାର ସମ୍ଭାବନା ଥିବାର ମନ୍ତ୍ରୀ କହିଛନ୍ତି। ଏଠାରେ ପ୍ରତିଯୋଗୀ ନଥିବା ବେଳେ ଶୁଳ୍କ ରିହାତି ମଧ୍ୟ ଦିଆଯିବ ଓ ଆମେ ଜମି ମଧ୍ୟ ଦେଇ ପାରିବୁ ବୋଲି କହିଛନ୍ତି। ଅଜିଜି କହିଛନ୍ତି ଯେ ଯଦି ଭାରତୀୟ କମ୍ପାନୀ ନିବେଶ ପାଇଁ ମେସିନାରୀ ଆମଦାନୀ କରନ୍ତି ତେବେ ଆଫଗାନୀସ୍ତାନ ମାତ୍ର ୧% ଶୁଳ୍କ ଲଗାଇବ। ଅଜିଜି କହିଛନ୍ତି ଯେ ସୁନା ଖଣି କରିବା ପାଇଁ ନିଶ୍ଚିତ ରୂପେ ଟେକ୍ନୋଲଜି, ପ୍ରଫେସନାଲ କମ୍ପାନୀ ଓ ପ୍ରଫେସନାଲଙ୍କ ଆବଶ୍ୟକତା ପଡିବ। ଏଣୁ ଆମେ ଆପଣଙ୍କୁ ଅନୁରୋଧ କରୁଛୁ ଆପଣ ଆରମ୍ଭରେ ଆପଣଙ୍କ ଟିମ୍ ପଠାନ୍ତୁ, ସେମାନେ ବିଶେଷ ଗବେଷଣା କରିବେ, ଏକ୍ସପ୍ଲୋରେସନ କରିବେ ଓ କାମ ଆରମ୍ଭ କରିବେ। ତେବେ ଆମର ଗୋଟିଏ ସର୍ତ୍ତ ରହିବ, ତାହା ହେଉଛି ପ୍ରସଂସ୍କରଣ ଆମ ଦେଶରେ ହେବ ଯାହା ଦ୍ୱାରା ରୋଜଗାର ସୃଜନ ହୋଇ ପାରିବ।

# ମାଣବସା ଗୁରୁବାର ପାଇଁ ବଜାର ଗହଳି



**କାକଟପୁର/ଅସ୍ତରଙ୍ଗ, ୨୫।୧୧ (ସଂଚାର ବ୍ୟୁରୋ):** ରାତି ପାହିଲେ ମାର୍ଗଶିର ମାସର ଗୁରୁବାର। ଧନଦାତ୍ରୀ ମା 'ଲକ୍ଷ୍ମୀଙ୍କ ଆରାଧନା ପାଇଁ ଆରମ୍ଭ ହୋଇଯାଇଛି ଲକ୍ଷ୍ମୀ ପୂଜା ପାଇଁ ପ୍ରସ୍ତୁତି। ଏଥିପାଇଁ ପୁରୀ ଜିଲ୍ଲା ଅସ୍ତରଙ୍ଗ ମୁଖ୍ୟ ବଜାର ସମେତ ମଙ୍ଗଳବାର ସାପ୍ତାହିକ ହାଟ ରେ ପୂଜା ସାମଗ୍ରୀ ଦୋକାନ ରେ ଭିଡ଼। ପୂଜାରେ ଲାଗୁଥିବା ବିଭିନ୍ନ ସାମଗ୍ରୀ ଆଣି ବ୍ୟବସାୟୀ ମାନେ ପସରା ଖୋଲିବା ଶହ ବିକ୍ରି ମଧ କରିଲେଣି। ଧାନ କେଣ୍ଡା ରୁ ଆରମ୍ଭ କରି ଦୁବ, ବରକୋଳି ପତ୍ର, ପର୍ଯ୍ୟନ୍ତ ସବୁ ପ୍ରକାର ପୂଜା ସଜ ବିକ୍ରି ହେଉଛି। ଅସ୍ତରଙ୍ଗ ବ୍ଲକ ଅସ୍ତରଙ୍ଗ ମୁଖ୍ୟ ବଜାର ରେ ମାର୍ଗଶିର ଗୁରୁବାର ପାଇଁ ନୂଆ ଧାନ, ଚାଉଳ ଦୋକାନ ବସିଛି। ମା ଲକ୍ଷ୍ମୀ ଙ୍କ ପୂଜାରେ ଲାଗୁଥିବା ଜିନିଷ ଆଣି ବିକ୍ରି କରୁଛନ୍ତି। ପୂଜାରେ ଲାଗୁଥିବା ବିଭିନ୍ନ ପ୍ରକାର ସାମଗ୍ରୀ ଧାନ କେଣ୍ଡା, ନୂଆ ଧାନ, ଅରୁଆ ଚାଉଳ, ପଦ୍ମ ଫୁଲ, ଖଣ୍ଡ ହଳଦୀ, ଗଣ୍ଠା, କଦଳୀ ପତ୍ର, ଆମ୍ବ ପତ୍ର, ବରକୋଳି ପତ୍ର, ଦୁବ ଘାସ, ଅଖଣ୍ଡ ଗୁଆ, କୋଶା ଫଳ, ହରିଡ଼ା, ଝୁଣା, ଗଙ୍ଗା ଜଳ, କଉଡ଼ି, ଗୋଟା ବିରି, ଗେଣ୍ଡୁ ଫୁଲ, ଆଖୁ, କରମଙ୍ଗା, ପେଣ୍ଡା ଧାନ ଭଳି ଅନେକ ଜିନିଷ ବିକ୍ରି ହେଉଛି। ଏହା ବ୍ୟତୀତ ମାଣବସା ପୂଜାରେ ଆବଶ୍ୟକ ହେଉଥିବା ଶୋର, ମାଣ, ପିଢ଼ା, ଖଟୁଲି, ମୁରୁଜ, ଝୋଟି ପକାଇବା ଛାଞ୍ଚ ମଧ କିଣିବାକୁ ଗ୍ରାହକଙ୍କ ଭିଡ଼ ଦେଖିବାକୁ ମିଳୁଛି। ମା 'ଲକ୍ଷ୍ମୀ ଙ୍କ ପୂଜାରେ ଏହି ସମସ୍ତ ସାମଗ୍ରୀ ଜରୁରୀ ଥିବାରୁ ଲୋକମାନେ ଏହାକୁ କିଣୁଛନ୍ତି। ବ୍ୟବସାୟୀ ମାନେ ବିଭିନ୍ନ ସ୍ଥାନରୁ ବିଭିନ୍ନ ସାମଗ୍ରୀ ସଂଗ୍ରହ କରି ଗୁରୁବାର ପାଇଁ ଅସ୍ତରଙ୍ଗ ରେ ପସରା ଖୋଲିଛନ୍ତି। ଯେହେତୁ ମାର୍ଗଶିର ମାସ ମା 'ଲକ୍ଷ୍ମୀ ଙ୍କ ପୂଜା। ଏହି ମାସରେ ମା ଙ୍କୁ ଆରାଧନା କଲେ ଗୃହକୁ ଲକ୍ଷ୍ମୀ ସନ୍ତୁଷ୍ଟ ହୁଅନ୍ତି ବୋଲି ବିଶ୍ୱାସ ରହିଛି। ତେଣୁ ଗୁରୁବାର ପୂଜା ହେତୁ ମଙ୍ଗଳବାର ସାପ୍ତାହିକ ହାଟ ଓ ବଜାର ବେଶ ଭିଡ଼ ଦେଖିବାକୁ ମିଳିଥିଲା।

# ସତ୍ୟସାଇ ବାବାଙ୍କ ୧୦୦ତମ ଜନ୍ମୋତ୍ସବ

**ପଟ୍ଟାମୁଣ୍ଡାଇ, ୨୫।୧୧ (ସଂଚାର ବ୍ୟୁରୋ):** ସତ୍ୟସାଇ ବାବାଙ୍କ ୧୦୦ତମ ଜନ୍ମ ମହୋତ୍ସବ ନିମପୁର ଶାସନ ସମିତି ଆନୁକୂଲ୍ୟରେ ସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଗତ ୧୬ ତାରିଖରେ ଆହ୍ୱାନ ହସ୍ପିଟାଲ ସଫେଇ, ରୋଗୀମାନଙ୍କୁ ଫଳ ବଣ୍ଟନ ସହ ବାବା ଫଟୋ, ବିଭୁତି ପ୍ରଦାନ କରାଯାଇଥିଲା । ୧୭ ଓ ୧୮ ତାରିଖରେ ଏସ ଆର ପି ରୋଗୀ ମାନଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା। ୧୯ତାରିଖ ଶକ୍ତି ସ୍ୱରୂପିଣୀ ଦିବସରେ ଭଗବାନଙ୍କ ପାଲିଙ୍କି ଯାତ୍ରା ଓ ବିଭିନ୍ନ ବିଦ୍ୟାଳୟ ଛାତ୍ରଛାତ୍ରୀ ଓ ମହିଳାଙ୍କ ମଧରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ପୁରସ୍କାର ବିତରଣ କରାଯାଇଥିଲା । ୨୦ତାରିଖରେ ବ୍ରତକଳ୍ପ ପୂଜା, ୨୧ତାରିଖରେ ବନ୍ଧପଡା, ଦୋଷିଆ, ଶାସନ ପଂଚାୟତର ୧୨୦ଜଣ ହିତାଧିକାରୀଙ୍କୁ କମ୍ବଳ ବଣ୍ଟନ କଟାଯାଇଥିଲା । ୨୩ତାରିଖରେ ସୁପ୍ରଭାତଂ,ନଗର ସଂକ୍ରିତନ ଓ ପ୍ରଶାନ୍ତି ଧ୍ୱଜା ଉତ୍ତୋଳନ, ଷୋଡଶ ଉପଚାର ପୂଜା, ଭଜନ ସତସଂଗ, ସାଂସ୍କୃତିକ କାର୍ଯ୍ୟକ୍ରମ, ଅମୃତ କଳସ ପ୍ରଦାନ, ୧୦୦ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା ଓ ଅପରାହ୍ନରେ ନିଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଥିଲା ।

# କାମରେ ଆସୁନି ଆବର୍ଜନା ଗୃହ

## ଗଛ ଲତାରେ ଲୁଚିବାକୁ ବସିଲାଣି

**ବାଲିପାଟଣା, ୨୫।୧୧ (ସଂଚାର ବ୍ୟୁରୋ):** ରାଜ୍ୟ ସରକାର ଗ୍ରାମ ଅଞ୍ଚଳ ପରିବେଶକୁ ସ୍ୱଚ୍ଛ ଓ ପରିଷ୍କାର ରଖିବା ପାଇଁ ଜୈବ ବିଘଟନ ଗୃହ ନିର୍ମାଣ କରିଥିଲେ କିନ୍ତୁ ଏହି ଗୃହ ଏବେ ସାଧାରଣ ଲୋକଙ୍କ କାମରେ ଆସିବା ପରିବର୍ତ୍ତେ ଅସାମାଜିକ ଯୁବକଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ସରକାର ମହତ୍ତ୍ୱ ଉଦ୍ଦେଶ୍ୟ ରଖି ନିର୍ମାଣ କରିଥିବା ଡମ୍ପିଙ୍ଗ ଗୃହକୁ ଯିବା ପାଇଁ କୌଣସି ବାଟ ନଥିବା ବେଳେ ଏହାର ଚତୁର୍ପାର୍ଶ୍ୱରେ ଅନା ବନା ଗଛ ମାଡ଼ିଗଲାଣି। ବାଲିପାଟଣା ବ୍ଲକ ଅଧୀନ ପମ୍ପାଲୋ ଗ୍ରାମପଞ୍ଚାୟତର ବିଭିନ୍ନ ଅଞ୍ଚଳରେ ପ୍ରାୟ ୧୦ଟି ଏହି ଡମ୍ପିଙ୍ଗ ଗୃହ ନିର୍ମିତ ହୋଇଛି। ୨୦୨୨ ମସିହାରେ ୨ଲକ୍ଷ ୨୦ ହଜାର ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ଜୈବ ବିଘଟନ ଗୃହ ଗୁଡ଼ିକ ଲୋକଙ୍କ କାମରେ ଆସୁନାହିଁ।

ସେପଟେ ଅଞ୍ଚଳରେ ଅଳିଆ ଆବର୍ଜନା ସଫା ନହେବାରୁ ସମସ୍ୟା ଏବେ ଉତ୍କଟ ରୂପ ଧାରଣ କରିଛି। ପମ୍ପାଲୋ ଗ୍ରାମପଞ୍ଚାୟତ ୧୯ଟି ରାଜସ୍ୱ ଗ୍ରାମ ରହିଥିବା ବେଳେ ୮୦୦୦ ହଜାରରୁ ଊର୍ଦ୍ଧ୍ୱ ଲୋକେ ରହୁଛନ୍ତି। ପ୍ରତିଦିନ ଶହଶହ ସଂଖ୍ୟାରେ ପଲିଥିନ ଜରି, ଅନାବଶ୍ୟକ ସାମଗ୍ରୀ, କାଗଜ, ପ୍ଲାଷ୍ଟିକ ବୋତଲ, ଡେଲିଭରୀ ହେଉଥିବା ଖାଦ୍ୟ ବକେଟ୍ ଏବେ ନାଳ, ରାସ୍ତା ଉପରେ ପଡ଼ି ରହୁଛି। ସରକାର ଏହି ଅଳିଆ ଗୁଡ଼ିକୁ ସଂଗ୍ରହ କରିବା ପାଇଁ ଦୁଇଟି ଅଳିଆ ବୋହିବା ଟ୍ରଲି ଗାଡି ପ୍ରଦାନ କରିଥିଲେ କିନ୍ତୁ ଏପର୍ଯ୍ୟନ୍ତ କୌଣସି କାମରେ ନଲାଗି ପଞ୍ଚାୟତରେ ଖତ ଖାଉଛି।

ସରକାରଙ୍କ ନିୟମ ଅନୁଯାୟୀ ମହିଳା ମଣ୍ଡଳ ମାନଙ୍କୁ ଆବର୍ଜନା ସଫାର ଦାୟିତ୍ୱ ନିର୍ବାହ



କରିବାକୁ ଉଲ୍ଲେଖ ଥିବା ବେଳେ ଏ ପର୍ଯ୍ୟନ୍ତ ସେମିତି କିଛି ନିର୍ଦ୍ଦେଶ ଦିଆଯାଇନାହିଁ। ସେପଟେ ଦୁଇଟି ଅଳିଆ ବୋହିବା ଟ୍ରଲି ଚଳାଇବା ପାଇଁ କେହି ନାହାନ୍ତି। ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ସହ ପୁନର୍ବାର କିପରି କାର୍ଯ୍ୟକାରୀ ହେବ ସେଥିପାଇଁ ସ୍ଥାନୀୟ ଅଞ୍ଚଳର ଲୋକେ ଦାବି କରିଛନ୍ତି।

### ଆୟୁଷ ଡାକ୍ତରଙ୍କ ଆନ୍ଦୋଳନସ୍ଥଳରେ ନରସିଂହ

# ଡାକ୍ତରଙ୍କ ଦାବି ଯୁକ୍ତିଯୁକ୍ତ, ସରକାର କରନ୍ତୁ ପୂରଣ



**ବଲାଙ୍ଗିର, ୨୫।୧୧ (ସଂଚାର ବ୍ୟୁରୋ):** ରାଜ୍ୟର ଆୟୁଷ ଡାକ୍ତର ଦିର୍ଘ ବର୍ଷ ହେଲା ଆନ୍ଦୋଳନ କରୁଛନ୍ତି। ରାଜ୍ୟର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ତାଙ୍କର ସେବା ଓ ସେଥି ପାଇଁ ଦରକାର ହେଉଥିବା ଆନୁସଙ୍ଗିକ ବ୍ୟବସ୍ଥା ଉପରେ ସରକାର କ୍ରମାଗତ ଅବହେଳା ଜାରି ରଖିଛି। ଏମିତି ବି ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଓଡ଼ିଶା ରାଜ୍ୟ ବହୁତ ପଛୁଆ। ଯଦି ଆୟୁଷ ଡାକ୍ତରଙ୍କ ପ୍ରତି ଏପରି ଅବହେଳା ଜାରି ରହେ ତେବେ ସ୍ୱାସ୍ଥ୍ୟସେବା ଅବସ୍ଥା ଖରାପ ଆଡକୁ ଗତି କରିବ। ସରକାର ଏଥି ପ୍ରତି ସମ୍ବେଦନଶିଳ ହୁଅନ୍ତୁ। ଡାକ୍ତରଙ୍କ ଦାବି ଯୁକ୍ତିଯୁକ୍ତ ଅଟେ। ସେ ସବୁକୁ ଶିଘ୍ର ପୂରଣ କରନ୍ତୁ ବୋଲି ଆଜି ସ୍ଥାନୀୟ ସରକାରୀ ଆୟୁର୍ବେଦ ମହାବିଦ୍ୟାଳୟ ସମ୍ମୁଖରେ ସରକାରୀ ଆୟୁଷ ଡାକ୍ତରଙ୍କ ଆନ୍ଦୋଳନ ସ୍ଥଳରେ ପହଞ୍ଚି ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ନିଜ ବକ୍ତବ୍ୟରେ କହିଛନ୍ତି।

ଗତ ସରକାରର ବିଧାନସଭା ଚାଲିଥିବା ବେଳେ ମଧ ଏମାନେ ଏହି ଦାବି ଗୁଡିକୁ ନେଇ ଭୁବନେଶ୍ୱରରେ ଆନ୍ଦୋଳନରତ ଥିଲେ। ତତ୍କାଳିକ ଶାସନ ସଚିବ ଆନ୍ଦୋଳନ ସ୍ଥଳିକୁ ଯାଇ ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏପରି କି ବର୍ତ୍ତମାନର ସ୍ୱାସ୍ଥ୍ୟ ମନ୍ତ୍ରୀ ସେ ସମୟର ଲୋଇସିଂହା ବିଧାୟକ ବିଧାନସଭା ଭିତରେ ଏମାନଙ୍କ ସମସ୍ତ ଦାବିକୁ ଯୁକ୍ତିଯୁକ୍ତ କହିବା ସହ ସେସବୁ ପୂରଣ ପାଇଁ ତତ୍କାଳିନ ସରକାରଙ୍କୁ ଅନୁରୋଧ କରିଥିଲେ। ଯେହେତୁ ସରକାର ଗୋଟିଏ ନିରନ୍ତର ପ୍ରକ୍ରିୟା ତେଣୁ ଡାକ୍ତରଙ୍କ ସମସ୍ତ ଦାବି ପୁରଣ କରି ସ୍ୱାସ୍ଥ୍ୟସେବାରେ ସୁଧାର ଆଣିବା ନିହାତି ଦରକାର ବୋଲି ଶ୍ରୀ ମିଶ୍ର କହିଛନ୍ତି।

ଏଥିସହିତ ଆୟୁର୍ବେଦ ଚିକିତ୍ସା ବର୍ତ୍ତମାନ ସାରା ଦେଶ, ରାଜ୍ୟ ତଥା ଗ୍ରାମାଞ୍ଚଳମାନଙ୍କରେ ବେଶ ଆଦୃତ ହେବା ଦେଖାଯାଉଛି। ଅନେକ ଛାତ୍ର ଛାତ୍ରୀ ଆୟୁର୍ବେଦ ଚିକିତ୍ସା ଉପରେ ପାଠ ପଢ଼ିବା ତଥା ଗବେଷଣା କରିବା ପାଇଁ ଉତ୍ସାହ ଦେଖାଉଛନ୍ତି। ତେଣୁ ରାଜ୍ୟସରକାର ଏକ ଆୟୁର୍ବେଦ ବିଶ୍ୱ ବିଦ୍ୟାଳୟ ସ୍ଥାପନ କରନ୍ତୁ ବୋଲି ପୂର୍ବତନ ଆଇନ ମନ୍ତ୍ରୀ ଶ୍ରୀ ମିଶ୍ର ଦାବି କରିଛନ୍ତି।

# ନର୍ଲାରେ ଏକତା ପଦଯାତ୍ରା



**ନର୍ଲା, ୨୫।୧୧ (ସଂଚାର ବ୍ୟୁରୋ):** ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ତଥା ରାଷ୍ଟ୍ରୀୟ ଏକତା ଦିବସ ଏବଂ ପଦଯାତ୍ରା ନର୍ଲା ବ୍ଲକ ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ୧୫୦ ମିଟରର ଜାତୀୟ ପତାକାକୁ ସାମୁହିକ ଭାବରେ ଧରି ପଦଯାତ୍ରୀ ଦଳ ନର୍ଲା ହାଇସ୍କୁଲ ପଡ଼ିଆ ଠାରୁ ବାହାରି ବ୍ଲକ ପରିସରରେ ପହଞ୍ଚିଥିଲେ। ନର୍ଲା ବିଡିଓ ବିପିନ ବିହାରୀ ଦୀପଙ୍କ ଅଧକ୍ଷତାରେ ଏନେଇ ଆୟୋଜିତ ସଭାରେ କଳାହାଣ୍ଡି ସାଂସଦ ମାଳବିକା ଦେବୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଏଥିରେ କଳାହାଣ୍ଡି ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ, ଉପ ଜିଲ୍ଲାପାଳ ତଥା ଏଡିଏମ ତନ୍ମୟ ଦରୱାନ, ଜିଲ୍ଲା ଓ ବ୍ଲକ ସ୍ତରୀୟ ଅଧିକାରୀ ବୃନ୍ଦ ଉପସ୍ଥିତ ଥିଲେ। ଯାଦବ ସମାଜର ଯୁବ ନେତୃତ୍ୱ ପ୍ରସୁନ୍ କୁମାର ଜାଲ (ରଞ୍ଜନ), ବିଜେପି ଜିଲ୍ଲା ସଭାପତି ଯୁଗଳ କିଶୋର ପୋଢ଼, ଉପସଭାପତି ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅନିରୁଦ୍ଧ ପଧାନ, ବରିଷ୍ଠ ନେତା ମନ୍ମୟ ଚାନ୍ଦ, ସରୋଜ ବୁଦ୍ଧିଆ, ବିଷ୍ଣୁ ବଡ଼ପଣ୍ଡା ପ୍ରମୁଖ ସାଂସଦଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିବା ସହ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଯାଦବ ଏକତା ମଞ୍ଚର ସାଧାରଣ ସଭା ଓ ନୂତନ କର୍ମକର୍ତ୍ତା ଚୟନ



**କଳାହାଣ୍ଡି, ୨୫।୧୧ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା-କଲମପୁର ବ୍ଲକ ମଣ୍ଡଳ ଧାନମଣ୍ଡି ପରିସରରେ ଯାଦବ ଏକତା ମଞ୍ଚ ତରଫରୁ ଶ୍ରୀଧର ବାଗଙ୍କ ସଭାପତିତ୍ୱରେ ଏକ ସଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ମୁଖ୍ୟଅତିଥି ଭାବେ ଅଶ୍ୱିନ ତାଣ୍ଡି, ମୁଖ୍ୟବକ୍ତା ଭାବେ ପୂର୍ବତନ ଜିଲ୍ଲା ସଭାପତି ଡମ୍ବରୁଧର ଲହଜଲ, ସମ୍ମାନୀତ ଅତିଥି ଭାବେ ଟିକଚନ ନାଗ ଓ ଡାକେଶ୍ୱର୍ ଲହଜଲ ମଞ୍ଚରେ ମଞ୍ଚାସିନ ରହିଥିଲେ। ଏହି ଅବସରରେ ଯାଦବ ସଂଗଠନକୁ ସୁଦୃଢ଼ କରିବା ପାଇଁ ବ୍ଲକସ୍ତରିୟ ଯାଦବ ଏକତା ମଞ୍ଚ ପାଇଁ ନୂତନ କମିଟି ଗଠନ କରାଯାଇଥିଲା। ସର୍ବ ସମ୍ମତିକ୍ରମେ ବ୍ଲକ ଯାଦବ ଏକତା ମଞ୍ଚର ସଭାପତି ଭାବରେ ବିଶ୍ୱନାଥ ବଗର୍ତ୍ତି, ଉପ-ସଭାପତି ଭାବେ ଲୋଚନ ନାଗ ଓ ଅଭିମନ୍ୟୁ ବାଗ, ସମ୍ପାଦକ ଭାବରେ କିଶୋର ଚନ୍ଦ୍ର ହଂସ, ସହ ସମ୍ପାଦକ ସୁଧୀର ରଞ୍ଜନ ବାଗ, କୋଷାଧକ୍ଷ ଭାବେ ସୋମନାଥ ରାଉତ ଓ ବ୍ଲକ ଯାଦବ ଏକତା ମଞ୍ଚର ଯୁବ ସଭାପତି ଭାବରେ ଭୁଜବଳ କରୁଆଁଙ୍କୁ ସର୍ବ ସମ୍ମତି କ୍ରମେ ମନୋନୀତ କରାଯାଇଥିଲା। ସେହିଭଳି ଆଞ୍ଚଳିକ ଉପଦେଷ୍ଟା ମଣ୍ଡଳୀରେ ଦେପୁର ଗ୍ରାମ ପଞ୍ଚାୟତରୁ ଚନ୍ଦ୍ରହାସ୍ୟ ବଚ୍ଛା, କଲମପୁରରୁ ଦୟାନିଧି ନାଗ, ପଣ୍ଡିଗାଁରୁ କୃଷ୍ଣଚନ୍ଦ୍ର ବାଗ, ବୋଦେଲବନ୍ଧ ପିତାମ୍ବର ଖର୍ସେଲ, ବିଜମାର ଚନ୍ଦ୍ରଭାନୁ ଗହିର, ବଡ଼କୁଟୁ ସଦାନନ୍ଦ ଚନ୍ଦନ ଓ ଅନିରୁଦ୍ଧ ନାଗ, ମିନଗୁରରୁ ଚକ୍ରଧର ନାଗ, ମଣ୍ଡଳ ହରେଶ୍ୱର ଗହିର, ନୂଆଗାଁ ଦୁର୍ଗା ପ୍ରସାଦ ଧଙ୍ଗଡା ମାଝୀ, କୋଟଗାଁ ଗୋପାଳ ବାଗଙ୍କୁ ମନୋନୀତ କରାଯାଇଛି। ଏହି ଅବସରରେ ବ୍ଲକ ସ୍ତରୀୟ ମହିଳା ଯାଦବ ଏକତା ମଞ୍ଚର କମିଟି ମଧ ଗଠନ କରାଯାଇଥିଲା। କମିଟିର ସଭାନେତ୍ରୀ ଭାବେ ନିବେଦିତା ହଂସ, ସମ୍ପାଦିକା ମମତା ଗୋପାଳ, କୋଷାଧକ୍ଷ ସବିତା ବାଗଙ୍କୁ ସର୍ବ ସମ୍ମତି କ୍ରମେ ମନୋନୀତ କରାଯାଇଥିଲା। ନବ ନିର୍ବାଚିତ କମିଟିର ସମସ୍ତ ସଦସ୍ୟ ସଦସ୍ୟାଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା।

# ରାଜ୍ୟସ୍ତରୀୟ ଭାରତ ସ୍କାଉଟ ଗାଇଡ଼ 'ଉଡାନ' କ୍ୟାମ୍ପରେ ଯାଜପୁରର ସଫଳତା



**ଯାଜପୁର ରୋଡ଼, ୨୫।୧୧ (ସଂଚାର ବ୍ୟୁରୋ):** ରାଜ୍ୟସ୍ତରୀୟ ଭାରତ ସ୍କାଉଟ ଗାଇଡ଼ 'ଉଡାନ' ୫ ଦିବସୀୟ ଶିବିର ଭୁବନେଶ୍ୱର ଠାରେ ଉଦ୍‌ଯାପିତ ହୋଇଯାଇଛି। ଏହି ଶିବିରରେ କୋରେଇ ନିର୍ବାଚନ ମଣ୍ଡଳୀର ତଣ୍ଡରା ସ୍ଥିତ ପ୍ରୟାସ ବିଦ୍ୟାମନ୍ଦିର ୧୮ ଜଣ ଛାତ୍ରୀ, ଛାତ୍ର ସ୍କାଉଟ ମାଷ୍ଟର ଶ୍ରୀମନ୍ତ କୁମାର ରଏ, ଗାଇଡ଼ କ୍ୟାପଟେନ ବିଜୟ ଲକ୍ଷ୍ମୀ ନାୟଙ୍କ ତତ୍ତ୍ୱାବଧାନରେ ଯୋଗ ଦେଇଥିଲେ । ଉକ୍ତ ୫ ଦିନିଆ ଶିବିରରେ ସମୁଦାୟ ୨୫ଟି ଜିଲାରୁ ୭୫୦ ପ୍ରତିନିଧି ଯୋଗଦେଇଥିଲେ। ସେମାନଙ୍କ ମଧରେ ପ୍ରୟାସ ବିଦ୍ୟାମନ୍ଦିର ଛାତ୍ରୀଛାତ୍ର ମାନେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରି ଶିକ୍ଷାନୁଷ୍ଠାନ ଓ ଅଂଚଳ ପାଇଁ ଗୌରବ ଆଣିଛନ୍ତି । ସ୍କାଉଟ ଗାଇଡ଼ର ସର୍ବଭାରତୀୟ ଉପସଭାପତି ତଥା ରାଜ୍ୟ ମୁଖ୍ୟ କମିଶନର ଡ଼ଃ କାଳିପ୍ରସାଦ ମିଶ୍ରଙ୍କ ସଭାପତିତ୍ୱରେ ବିଭିନ୍ନ ଦିବସରେ ଭୁବନେଶ୍ୱର ବିଧାୟକ ବାବୁ ସିଂ, ଶିକ୍ଷା ବିଭାଗର ଉଚ୍ଚ ଅଧିକାରୀ ଶ୍ରୀମତୀ ଶୁଭଶ୍ରୀ ନନ୍ଦ, ଦେବେନ୍ଦ୍ର କୋରକରା ଓ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଅତିଥିଭାବେ ଯୋଗଦେଇଥିଲେ।

# ନାବାଳକର ଝୁଲନ୍ତା ମୃତଦେହ ଉଦ୍ଧାର

**ବୈଶିଙ୍ଗା, ୨୫।୧୧ (ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ପୁରୁଣିଆ ପଂଚାୟତ ଅଧୀନ ଟିକାୟତପୁର ଗ୍ରାମର ଜୈନେକ ନାବାଳକର ସନ୍ଦେହ ଜନକ ଅବସ୍ଥାରେ ମୃତଦେହ ଉଦ୍ଧାର ହୋଇଛି। ମୃତକ ନାବାଳକଙ୍କ ନାମ ଅବିନାଶ ସିଂ (୧୬) ବୋଲି ବୈଶିଙ୍ଗା ପୁଲିସ ପ୍ରାଥମିକ ତଦନ୍ତ ରୁ ଜାଣିବାକୁ ପାଇଛି। ସୂଚନା ମୁତାବକ ଅବିନାଶ ସିଂଙ୍କ ପିତା ମାତୃ ସିଂ ଙ୍କ ଘର ବେତନଟୀ ଥାନା ଅଧୀନ ଦାନ୍ତିଆମୁହାଁ ଅଞ୍ଚଳର ହୋଇଥିବା ବେଳେ ତାଙ୍କର ବହୁ ବର୍ଷ ପୂର୍ବେ ମୃତ୍ୟୁ ଘଟିଥିଲା।ପରେ ମାତୃ ଙ୍କ ପତ୍ନୀ ତାଙ୍କର ପୁଅ ଅବିନାଶ ଏବଂ ଝିଅକୁ ଛୋଟ ବେଳୁ ତାଙ୍କ ଟିକାୟତପୁର ମାମୁଁ ଘରେ ଛାଡି ଭୁବନେଶ୍ୱର ପଳାଇଥିଲେ। ଉଭୟ ଭାଈ ଭଉଣୀ ମାମୁଁ ଘରେ ବହୁ କଷ୍ଟରେ ବଡ଼ ହୋଇଛନ୍ତି। ତେବେ ମଙ୍ଗଳବାର ସକାଳୁ ପାଖ ପଡୋଶୀ ଅବିନାଶଙ୍କ ଝୁଲନ୍ତା ମୃତଦେହ ଦେଖି ବୈଶିଙ୍ଗା ଥାନାକୁ ସୂଚନା ଦେଇଥିଲେ। ଖବର ପାଇ ବୈଶିଙ୍ଗା ଥାନାର ଇନ୍ସପେକ୍ଟର ପ୍ରଦୀପ ଦୁବେ ଘଟଣାସ୍ଥଳରେ ପହଂଚି ମୃତଦେହ ଜବଦ କରିବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ତେବେ ବୈଶିଙ୍ଗା ପୁଲିସ ପକ୍ଷରୁ ଘଟଣାର ଅଧିକ ତଦନ୍ତ ଜାରିରହିଥିବା ବେଳେ ଶବ ବ୍ୟେବଛେଦ ରିପୋର୍ଟ ଆସିଲେ ଘଟଣାର ପ୍ରକୃତ କାରଣ ଜଣାପଡିବ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି।

# ଧର୍ମଶାଳାରେ ଏକତା ପଦଯାତ୍ରା



**ଯାଜପୁର, ୨୫।୧୧ (ସଂଚାର ବ୍ୟୁରୋ):** ଭାରତର ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନ ଅବସରରେ ଆଜି ଯାଜପୁର ଜିଲ୍ଲାର ଧର୍ମଶାଳା ବ୍ଲକରେ ଭବ୍ୟ "ଏକତା ପଦଯାତ୍ରା" ଆୟୋଜିତ ହେଲା। ଏକତା ଓ ଜାତୀୟ ସମରସଜ୍ଞାର ସନ୍ଦେଶ ବାହିଥିବା ଏହି ପଦଯାତ୍ରାଟି ନାକପୋଲ ଛକରୁ ଆରମ୍ଭ ହୋଇ କାଏମା ପଡିଆରେ ସମାପ୍ତ ହେଲା। ପଦଯାତ୍ରାର ଶୁଭାରମ୍ଭ କରିଥିଲେ ଯାଜପୁର ସାଂସଦ ଡା. ରବୀନ୍ଦ୍ର ନାରାୟଣ ବେହେରା। ସହିତ ଉପସ୍ଥିତ ଥିଲେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ଜିଲ୍ଲାପାଳ ଅମ୍ବର କୁମାର କର, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶିତିକଣ୍ଠ କାନୁନଗୋ ପ୍ରମୁଖ। କାଏମା ପଡିଆରେ ଆୟୋଜିତ ସଭାରେ ବିଧାୟକ ମାନ୍ୟବର ହିମାଂଶୁ ଶେଖର ସାହୁ କହିଲେ -ଏହି ପବିତ୍ର ଅବସରରେ ଏକତା ପଦଯାତ୍ରା ରେ ଆପଣମାନଙ୍କ ସମ୍ମୁଖରେ ଉପସ୍ଥିତ ହେବା ଆମ ପାଇଁ ଗର୍ବର ବିଷୟ। ସମାଜର ସମସ୍ତ ଶ୍ରେଣୀକୁ ଏକତାର ସୂତ୍ରରେ ବାନ୍ଧିବା ଏହା ହିଁ ଆଜିର ପଦଯାତ୍ରାର ମୂଳ ବାର୍ତ୍ତା। ଜିଲ୍ଲାପାଳ ଅମ୍ବର କୁମାର କର କହିଥିଲେ ସର୍ଦ୍ଦାର ପଟେଲଙ୍କ ଜନ୍ମଦିନକୁ ନେଇ ଜିଲ୍ଲାରେ ୩୧ ଅକ୍ଟୋବରରୁ ଚାଲୁଥିବା ଏକତା କାର୍ଯ୍ୟକ୍ରମ ଆଜି ଧର୍ମଶାଳାରେ ଅଧିକ ଉତ୍ସାହ ସହ ପାଳିତ ହେଉଛି। ଛୋଟ ଛାତ୍ରଛାତ୍ରୀଙ୍କ ପଦଯାତ୍ରାରେ ଭାଗ ନେବା ଦେଖି ଦେଶପ୍ରେମର ଭାବ ଚିତ୍ରସ୍ପଷ୍ଟ। ଏକତା ପଦଯାତ୍ରା ଅବସରରେ ସାଂସ୍କୃତିକ ଦଳମାନଙ୍କ ଦ୍ୱାରା ଆକର୍ଷଣୀୟ ପ୍ରଦର୍ଶନ ହୋଇଯାଇଛି। ବିଭିନ୍ନ ଷ୍କୁଲ,ବିଦ୍ୟାଳୟ ସ୍ତରୀୟ ବକ୍ତୃତା ଓ ସ୍ଲୋଗାନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା।

# ଲାଠି ମାଡ଼ରେ ଯୁବକଙ୍କ ମୃତ୍ୟୁ, ଅଭିଯୁକ୍ତ ଗିରଫ

**କଳିଙ୍ଗନଗର, ୨୫।୧୧ (ସଂଚାର ବ୍ୟୁରୋ):** ଦାନଗଦୀ ବ୍ଲକ ଅନ୍ତର୍ଗତ ପଙ୍କପାଳ ଗ୍ରାମରେ ଘଟିଥିବା ଲାଠି ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ଘଟଣାକୁ ନେଇ ଜଖପୁରା ଥାନାରେ ମାମଲା ରୁଜୁ ହୋଇଛି। ମୃତକଙ୍କ ପରିବାର ପକ୍ଷରୁ ଦାଖଲ ହୋଇଥିବା ଅଭିଯୋଗ ଅନୁସାରେ, ଅଟଳ ବିହାରୀ ସେଠି (୨୮), ଗ୍ରାମ– ରେଖିଦେଇପୁର, ଥାନା ଜେନାପୁର, ୧୮ ନଭେମ୍ବର ପ୍ରଭାତ ସମୟରେ ଅକରା ଦଳେଇଙ୍କୁ ଲାଠିରେ ମାରି ଗୁରୁତର ଆହତ କରିଥିଲେ। ଘଟଣା ସନ୍ଦର୍ଭରେ ମୃତକଙ୍କ ମା' ସ୍ୱାତୀ ଅରତି ଦଳେଇ (୬୫) ୧୯ ନଭେମ୍ବର ବେଳୁକୁ ଜଖପୁରା ଥାନାରେ ରିପୋର୍ଟ କରିଥିଲେ। ଏହି ଘଟଣାକୁ ଆଧାର କରି ଜଖପୁରା ଥାନାରେ କେସ୍ ନମ୍ବର ୧୭୧ , ଧାରା–୧୦୩(୧) ଭାରତୀୟ ନ୍ୟାୟ ସଂହିତା ଅନ୍ତର୍ଗତ ମାମଲା ରୁଜୁ କରାଯାଇଛି।ଘଟଣାସ୍ଥଳରୁ ଭୌତିକ ସୂତ୍ର, ବ୍ୟବହୃତ ଲାଠି, ଅଭିଯୁକ୍ତଙ୍କ ଜୈବିକ ନମୁନା ଓ ପରିଧାନ ବସ୍ତ୍ର ଜବତ କରାଯାଇଛି।୨୩ ନଭେମ୍ବର ଦୁପୂର ୧୨.୩୦ରେ ଅଭିଯୁକ୍ତ ଅଟଳ ବିହାରୀ ସେଠିଙ୍କୁ ପୋଲିସ ଗିରଫ କରି ଆଜି କୋର୍ଟକୁ ଫର୍ୱାର୍ଡ କରିଛି। ପୋଲିସ ପକ୍ଷରୁ ଜଣାପଡ଼ିଛି ଯେ ମାମଲାର ତଦନ୍ତ ସକ୍ରିୟ ଭାବେ ଚାଲିଛି।

# ବ୍ଲକସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ମେଳା

**ବାଲିକୁଦା, ୨୫।୧୧ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକର ଗରାମ ପଞ୍ଚାୟତ ଅଧୀନ ରେ ଥିବା ଦଧିବାବନ ଜୀୟୁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକ ସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହୋଇଯାଇଛି । ଏହି ମେଳା କୁ ବାଲିକୁଦା ଏରସମା ନିର୍ବାଚନମଣ୍ଡଳୀର ମାନ୍ୟବର ବିଧାୟକ ସାରଦା ପ୍ରସାଦ ଜେନା ମୁଖ୍ୟ ଅତିଥି ଭାବେ ଏବଂ ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଉପାଧକ୍ଷ ପ୍ରିୟମ୍ବଦା ପାଲଉରୀ, ଜିଲ୍ଲା ପରିଷଦ ଜୋନ୍ ନଂ ୧– ଡଲି ପଣ୍ଡା,ଗରାମ ପଞ୍ଚାୟତ ସରପଞ୍ଚ ଲକ୍ଷ୍ମୀଧର ମଲ୍ଲିକୀ,ଗରାମ



ପଞ୍ଚାୟତ ସମିତି ସଭ୍ୟ ରାକେଶ କୁମାର ମଲ୍ଲିକୀ ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀଯୁକ୍ତ ବିଶ୍ୱମ୍ବର ମଲ୍ଲିକୀ ପ୍ରମୁଖ ଯୋଗଦେଇ ପ୍ରଦ୍ୟୁପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ମେଳାକୁ ଉଦ୍‌ଘାଟନ କରିଥିଲେ। ଏହି ମେଳା ଅବସରରେ ଏକ ସଭା ର ଆୟୋଜନ କରାଯାଇଥିଲା। ସଭାରେ ସଭାପତିତ୍ୱ ମଣ୍ଡଳ ଶିକ୍ଷାଧିକାରୀ ବିଶ୍ୱମ୍ବର ମଲ୍ଲିକୀ କରିଥିଲେ। ଏହି ବାଲ ବୈଜ୍ଞାନିକ ପ୍ରଦର୍ଶନୀ ମେଳାରେ ୧୪୮ଟି ବିଭିନ୍ନ ବିଦ୍ୟାଳୟର ୨୫୦ରୁ ଉର୍ଦ୍ଧ ପ୍ରକଳ୍ପ ବାଲ ବୈଜ୍ଞାନିକ ମାନଙ୍କ ଦ୍ୱାରା ପ୍ରଦର୍ଶନ କରାଯାଇଥିଲା। ଏହି ମେଳାର ପ୍ରଦର୍ଶିତ ଶ୍ରେଷ୍ଠ ମାନ୍ୟତା ପ୍ରକଳ୍ପ ଆଣିଥିବା ବାଲ ବୈଜ୍ଞାନିକ ମାନଙ୍କୁ ଉପସ୍ଥିତ ଆମନ୍ତ୍ରିତ ଅତିଥି ମାନେ ମାନପତ୍ର ଏବଂ ପୁଷ୍ପ ଗୁଚ୍ଛ ଦେଇ ଉଦଯାପନୀ ଉତ୍ସବରେ ସାମ୍ମାନୀତ କରିଥିଲେ।

# ବ୍ୟାପକ ପୋଚ ଓ ଚୋରା ଦେଶୀ ମଦ ଜବତ



**ବୈଶିଙ୍ଗା, ୨୫।୧୧ (ସଂଚାର ବ୍ୟୁରୋ):** ବେତନଟୀ ଅବକାରୀ ଥାନା ଅଧୀନରେ ବ୍ୟାପକ ଭାବେ ଚୋରା ଦେଶି ଓ ବିଦେଶୀ ତଥା ନକଲି ମଦର ବ୍ୟାପକ କାରବାର ଚାଲିଛି। ଅବକାରୀ ବିଭାଗ ନିକଟରେ ଚଢ଼ାଉ କରି ବ୍ୟାପକ ପରିମାଣର ପୋଚ ଓ ଦେଶି ରନ୍ଧାମଦ ଜବତ କରି ନଷ୍ଟ କରୁଛି ତଥାପି ଚୋରା ବ୍ୟବସାୟୀ ମାନେ କ୍ଷତି ସହିବାପରେ ମଧ ପୁଣି ସେହି ବ୍ୟବସାୟକୁ ଆପଣେଇ ନେଇଛନ୍ତି। ମଙ୍ଗଳବାର ବିଶେଷସୂତ୍ରରୁ ଖବର ପାଇ ଜିଲା ଅବକାରୀ ଅଧିକ୍ଷକ ପ୍ରଶାନ୍ତ କୁମାର କହଁର ବେତନଟୀ ଅବକାରୀ ଅଧିକାରୀଙ୍କୁ ଅବଗତ କରାଇଥିଲେ। ବେତନଟୀ ଅବକାରୀ ଅଧିକାରୀ ପ୍ରଦୀପ ବେହେରା ଖୁଣ୍ଟା ଅଧିକାରୀ କୃଷ୍ଣଚନ୍ଦ୍ର ସେଠୀ, ଉଦଳା ଏଏସଆଇ ଏସ ରବୀନ୍ଦ୍ର ରେଡିଙ୍କ ସମେତ ବିଭାଗୀୟ କର୍ମଚାରୀ ମାନଙ୍କ ସହିତ ବଡ଼ସାହି ଥାନା ଅଧୀନ ଚହଲାପଦା ନିକଟସ୍ଥ ଜଙ୍ଗଲରୁ ରନ୍ଧା ଚାଲିଥିବା ଦେଶିମଦ ସମେତ ୩୨୦ଲିଟର ଦେଶି ମଦ ଓ ମଦ ତିଆରି ନିମନ୍ତେ ପ୍ରସ୍ତୁତ ଥିବା ୩୨ଶହ କେଜି ପୋଚ ଜବତ କରିବା ସହ ନଷ୍ଟ କରିଥିଲେ। ସେହିପରି ବଡ଼ସାହି ଥାନା ଅଧୀନ କମଳାଶୋଳ ରେ ଚଢ଼ାଉ କରି ୪୨ଶହ କେଜି ପୋଚ ଓ ୪୭୦ଲିଟର ରନ୍ଧା ମଦ ଜବତ କରି ନଷ୍ଟ କରିଥିବା ଜଣାଯାଇଛି। ଏତଦ ବ୍ୟତିତ ଚୋରା ମଦ ପ୍ରସ୍ତୁତ ହେଉଥିବା ସରଞ୍ଜାମକୁ ମଧ ନଷ୍ଟ କରିଥିବା ଜଣାଯାଇଛି।

# ଦେବୀ ନାସିରେ ଭାସୁଛି ମୃତ ଅଲିଭ ରିଡେଲ

**କାକଟପୁର/ଅସ୍ତରଙ୍ଗ, ୨୫।୧୧ (ସଂଚାର ବ୍ୟୁରୋ):** ବିରଳ ଅଲିଭି ରିଡଲେ କଇଁଛଙ୍କ ସୁରକ୍ଷା ପାଇଁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ବ୍ୟାପକ ପ୍ରଚାର କରାଯାଉଥିଲେ ବି କାର୍ଯ୍ୟ କ୍ଷେତ୍ରରେ କିନ୍ତୁ ସ୍ଥିତି ସମ୍ପୂର୍ଣ୍ଣ ଓଲଟାଦେଖିବାକୁ ମିଳୁଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଂଚଳରେ ମତ୍ସ୍ୟବିଭାଗ ପାଖରେ ଆବଶ୍ୟକ ଟ୍ରଲର ନଥିବା ବେଳେ ଚଳିତ ବର୍ଷ ବନବିଭାଗ ତରଫରୁ ପାଟ୍ରୋଲିଂ କାରଯାଉ ନଥିବା ଜଣାଯାଇଛି। ଏଭଳି ସ୍ଥିତିରେ ପାଟ୍ରୋଲିଂ କୋହଳ ଓ ମନମାନୀ ହେତୁ ଶହ ଶହ ଟ୍ରଲର ଦେବୀ ନଦୀରେ ବେଆଇନ ଭାବେ ନିଷିଦ୍ଧାଞ୍ଚଳରେ ଯାତାୟାତ ଓ ମାଛମାରୁଥିବା ଦେଖା ଯାଇଛି। ଯାହାକି ଅଲିଭରିଡେଲ କଇଁଛ ମାନେ ମୃତ୍ୟୁ ମୁଖରେ ପଡୁଛନ୍ତି। ଯାହାକି ଅସ୍ତରଙ୍ଗ ନିକଟସ୍ଥ ଦେବୀ ନଦୀ ପାର୍ଶ୍ୱ ବର୍ତ୍ତୀ ନୂଆଗଡ ଜେଠି ନିକଟରେ ମୃତ କଇଁଛ ଭାସୁଥିବାର ଦେଖିବାକୁ ମିଳିଛି। କିନ୍ତୁ ବନ ବିଭାଗ କର୍ମଚାରୀମାନେ ଯାହା ଚର୍ଚ୍ଚା ହେଉଛି ମୃତ କଇଁଛ ତଥ୍ୟ ଗୋପନ ରଖିବା ପାଇଁ ଦେବୀ ନାସିରେ କଇଁଛଙ୍କ ମୃତ ଦେହ ପୋତୁଥିବା ଯାହା ସାମାଜିକ ଗଣ ମାଧ୍ୟମରେ ଘୁରି ବୁଲୁଛି। ଅସ୍ତରଙ୍ଗ ବନ୍ୟ ପ୍ରାଣୀ ବନାଞ୍ଚଳରେ ଥିବା କର୍ମଚାରୀ ଙ୍କ ଅବହେଳା ଯୋଗୁଁ ଏକୁଡ଼ି ଶାଳ ପାଲଟିଥିବା ଦେବୀ ନଦୀ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଆଗାମୀ ଭବିଷ୍ୟତରେ କଇଁଛ ପାଇଁ ସ୍ମଶାନ ପାଲଟିବା ଆଶଙ୍କା କରାଯାଉଛି।

# ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଓ ବିଜ୍ଞାନ ମେଳା ?

**କନ୍ଧମାଳ, ୨୫।୧୧ (ସଂଚାର ବ୍ୟୁରୋ):** ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନରେ ବ୍ଲକ ସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଓ ବିଜ୍ଞାନମେଳା କନ୍ଧମାଳ ଜିଲ୍ଲାର ଖଜୁରୀପଡ଼ା ବ୍ଲକ ସ୍ଥାନୀୟ ପିଏମ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ, ଖଜୁରୀପଡ଼ା ଠାରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ବିନୋଦ ବିହାରୀ ଦିଗାଲ ଙ୍କ ଅଧକ୍ଷତାରେ ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି ।



ଉକ୍ତ ଉତ୍ସବରେ ଖଜୁରୀପଡ଼ା ପଞ୍ଚାୟତ ସମିତି ଅଧକ୍ଷା ସୁଶ୍ରୀ ଅନିମା କହଁର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ସମ୍ମାନୀତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଶ୍ରୀମତୀ ମନୋରଞ୍ଜନୀ ଯାନୀ,ଏବିଓ ଶ୍ରୀମତୀ ଜ୍ୟୋସ୍ନାରାଣୀ ମଲିକ, ଶ୍ରୀ ନାର୍ସୁ କହଁର, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ କୈଳାସ ଚନ୍ଦ୍ର ତ୍ରିପାଠୀ, ବିଦ୍ୟାଳୟ ପୂର୍ବତନ ଶିକ୍ଷକ ତଥା ଶିକ୍ଷାବିତ ଶ୍ରୀ ପଙ୍କଜ ପ୍ରଧାନ, ବିଦ୍ୟାଳୟ ସଭାପତି ଶ୍ରୀ ଅଜୟ ସାହୁ ଯୋଗଦେଇ ଥିଲେ । ବାଲ୍ ପ୍ରଦର୍ଶନୀ ରୁ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଆନୁକୁଲ୍ୟରେ ୦୭ ଗୋଟି ଉପ ବିଷୟରୁ ୦୭ ଗୋଟି ଶ୍ରେଷ୍ଠ ପ୍ରକଳ୍ପ ଚୟନ କରାଯାଇ ଶ୍ରେଷ୍ଠ ୦୭ ଜଣ କୁନି ବୈଜ୍ଞାନିକ, ବିଜ୍ଞାନ ମେଳା କନିଷ୍ଠ ବର୍ଗରୁ ଶ୍ରେଷ୍ଠ ୦୧ ଜଣ ଏବଂ ବରିଷ୍ଠ ବର୍ଗରୁ ଶ୍ରେଷ୍ଠ ୦୧ ଜଣଙ୍କୁ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ ନିମନ୍ତେ ଚୟନ କରାଯିବା ସହିତ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସମସ୍ତ ଅଂଶଗ୍ରହଣକାରୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସଂସ୍କୃତ ଶିକ୍ଷକ ମିଥୁନ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିବା ବେଳେ ସହ ଶିକ୍ଷକ ଜତିନ୍ଦ୍ରନାଥ ମାଝି ମଞ୍ଚ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ୧୩୦ ଟି ପ୍ରକଳ୍ପ ସହ ପ୍ରାୟ ୧୩୫ ଛାତ୍ରଛାତ୍ରୀ ଓ ୫୦ ଜଣ ଗାଇଡ ଶିକ୍ଷକ/ଶିକ୍ଷୟିତ୍ରୀ ଯୋଗଦେଇ ଥିଲେ। ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ସମସ୍ତ କର୍ମଚାରୀ ଓ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।




# ସ୍ୱାସ୍ଥ୍ୟ ପାଇଁ ସର୍ବୋତ୍ତମ ପୋଦିନା ଚା

ଗାଁ ହେଉ ଅବା ସହର ସବୁଠି ସମସ୍ତେ ଚା' ପିଇବାକୁ ଖୁବ୍ ଭଲ ପାଇଥାନ୍ତି। ଚା' ପିଇଦେଲେ ଫ୍ରେସ୍ ଅନୁଭବ ହୋଇଥାଏ। ଅନେକ ଚା ପ୍ରେମୀ ଥିବାବେଳେ ଅଧିକାଂଶ ଲୋକଙ୍କୁ ଚା ବିଲକୁଲ ପସନ୍ଦ ହୋଇନଥାଏ। ଗଳି ଗଳିରେ ଚା' ଷ୍ଟଲ ନିଶ୍ଚିନ୍ତ ଦେଖିବାକୁ ମିଳିଥାଏ। ବିଶେଷ କରି ସକାଳ ସମୟରେ ଚା' ଷ୍ଟଲରେ ଅଧିକ ଭିଡ଼ ଜମିଥାଏ। ବର୍ଷା ହେବା ମାତ୍ରେ ସ୍ନାକ୍ସ ସହିତ ଚା' ପିଇବାକୁ ଖୁବ୍ ପସନ୍ଦ କରିଥାନ୍ତି ଲୋକମାନେ। ଅନେକ ଲୋକ ଅନେକ ପ୍ରକାରର ଚା' ବର୍ତ୍ତମାନ ସମୟରେ ପିଉଛନ୍ତି। ଯେମିତିକି ନାଲି ଚା', ଧଳା ଚା', ତୁଳସୀ ଚା', ପୋଦିନା ଚା' ଏବଂ ଗ୍ରୀନ୍ ଟି। ବର୍ତ୍ତମାନ ସମୟର ଯୁବପିଢ଼ିଙ୍କୁ ଏହି ଚା'ର ନିଶା ଜୋରଦାରରେ ଘାରିଛି। ସେହି ସବୁ ଚା' ମଧ୍ୟରୁ ଆମେ ଆଜି ପୋଦିନା ଚା'ର ଖୁବ୍ ନିଆରା।

ମୌସୁମୀର ଝିପିଝିପି ବର୍ଷା, ମାଟିର ସୁସ୍ୱାଦୁ ବାସ୍ନାକୁ ଗରମ ଚା'ର କପ୍ ଏହି ତିନୋଟି ଏକାଠି ହେଲେ ପାଗ ଆହୁରି ସୁନ୍ଦର ହୋଇଯାଏ। କିନ୍ତୁ ଯଦି ଏହି ଚା'ରେ ପୁଦିନା ପତ୍ର ମିଶାଉଛନ୍ତି। ତେବେ ଏହା କେବଳ ସ୍ୱାଦକୁ ବଢ଼ାଇ ନଥାଏ ବରଂ ଏହା ଅନେକ ସ୍ୱାସ୍ଥ୍ୟଗତ ଲାଭ ପ୍ରଦାନ କରିଥାଏ।

ଏହାରି ମଧ୍ୟରେ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କହିଛନ୍ତି ଯେ, ବିଶେଷକରି ମୌସୁମୀରେ, ପୋଦିନା ଚା ପିଇବା ଦ୍ୱାରା ଆମେ ଅନେକ ଋତୁକାଳୀନ ରୋଗରୁ ରକ୍ଷା ପାଇପାରିବେ। ତେବେ ଏହା ଅନ୍ୟ କେଉଁ କେଉଁ ସବୁ ରୋଗ ସମସ୍ୟାରୁ ମୁକ୍ତି ଦେଇଥାଏ ଆସନ୍ତୁ ପ୍ରଥମେ ଏହାର ଉପକାରୀ ଗୁଣ ସମ୍ପର୍କରେ ଜାଣିବା।

ଔଷଧିୟ ଗୁଣରେ ପରିପୂର୍ଣ୍ଣ ପୋଦିନାକୁ ସେବନ କରି ଆପଣ ନିଜକୁ ଅନେକ ରୋଗରୁ ରକ୍ଷା କରିପାରିବେ। ଏମିତିରେ ତ' ଆମେ ପୋଦିନାକୁ ଚଟଣି ଆକାରରେ ବ୍ୟବହାର କରିଥାଉ। ପୋଦିନା ପତ୍ର ଖାଇବା ସ୍ୱାସ୍ଥ୍ୟ ପାଇଁ ଅନେକ ଉପାୟରେ ଲାଭଦାୟକ ହୋଇଥାଏ। ଏଥିରେ ମୁଖ୍ୟତଃ ୨ଟି ଭିଟାମିନ୍ ଥାଏ। ଗୋଟିଏ ହେଉଛି ଭିଟାମିନ୍ C ଏବଂ ଦ୍ୱିତୀୟଟି ହେଉଛି ଭିଟାମିନ୍ A। ଏହି ଦୁଇଟି ଭିଟାମିନ୍ ବ୍ୟତୀତ ପୋଦିନା ପତ୍ରରେ ପୋଟାସିୟମ୍, ଆଇରନ୍, କ୍ୟାଲସିୟମ୍, ଆଣ୍ଟି-ଭାଇରାଲ୍, ଆଣ୍ଟି-ମାଇକ୍ରୋବାୟଲ୍, ଆଣ୍ଟିଅକ୍ସିଡାଣ୍ଟ ଏବଂ ଥିଏମାଇନ୍ ଭଳି ଉପାଦାନ ଭରପୁର ମାତ୍ରାରେ ରହିଛି । ସେଥିପାଇଁ ଆପଣ ଯେକୌଣସି ପ୍ରକାରର ସମସ୍ୟା ଥିଲେ ମଧ୍ୟ ପୋଦିନା ପତ୍ର ଖାଇପାରିବେ। ଏହା ବ୍ୟତୀତ ପେଟ ଜନିତ ସମସ୍ୟା ପାଇଁ ଏହା ବହୁତ ପ୍ରଭାବଶାଳୀ ହୋଇଥାଏ। ପୋଦିନାରେ ଆଣ୍ଟିଅକ୍ସିଡାଣ୍ଟ ଏବଂ ଭିଟାମିନ୍ ସି ଥିବାରୁ ରୋଗ ପ୍ରତିରୋଧକ ଶକ୍ତିକୁ ବଢାଇଥାଏ। ଥଣ୍ଡା ଏବଂ ଜ୍ୱର ପାଇଁ ପୋଦିନା ପତ୍ର ଚା' ବେଷ୍ଟ ହୋଇଥାଏ। ଆପଣଙ୍କର ମୁଣ୍ଡବିନ୍ଧା ହେଉଛି କି? ଯଦି ହଁ ତେବେ ଆଜି ହିଁ ଏହାର ବ୍ୟବହାର କରନ୍ତୁ। ଯାହା ପିଇବା ଦ୍ୱାରା ଚୁଟକିରେ ମୁଣ୍ଡବିନ୍ଧା ଭଳି ସମସ୍ୟା ଦୂର ହୋଇଥାଏ। ଏହା ପିଇବା ଦ୍ୱାରା ଚର୍ମ ଜନିତ ସମସ୍ୟାଠାରୁ ମଧ୍ୟ ମୁକ୍ତି ଦେଇଥାଏ। ସାଇନସ୍ କିମ୍ବା ଆଲର୍ଜି ସମସ୍ୟା ଥିବା ଲୋକଙ୍କ ପାଇଁ ପୁଦିନା ଚା ବହୁତ ଲାଭଦାୟକ। ସହଜରେ ନିଶ୍ୱାସ ନେବାରେ ସାହାଯ୍ୟ କରିଥାଏ।





# ଏହିସବୁ ରୋଗ ଭଲ କରେ ହଳଦୀ

ହଳଦୀରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଏଥିରେ କୁର୍‌କୁମିନ୍ ନାମକ ଏକ ତତ୍ତ୍ୱ ରହିଛି, ଯାହା ଆମ ଶରୀର ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ। ଏହି ତତ୍ତ୍ୱ ଶରୀରରେ ଥଣ୍ଡା କମାଇବାରେ କେତେକାଂଶରେ ସାହାଯ୍ୟ କରେ। ବିଶେଷଭାବରେ ଶରୀରରେ ଥଣ୍ଡା ସୃଷ୍ଟି କରୁଥିବା କୋଷଗୁଡ଼ିକୁ ଏହା ନଷ୍ଟ କରିଦିଏ, ଯାହା ଦ୍ୱାରା ଆମେ ଏଭଳି ସମସ୍ୟାରୁ କେତେକାଂଶରେ ଉପଶମ ଲାଭ କରିଥାଉ। ଉଷୁମ କ୍ଷୀର ସହ ହଳଦୀ, ଗୋଲମରିଚ, ଅଳେଇଚ ଆଦି ମିଶାଇ ପିଇପାରନ୍ତି। ସବୁଠାରୁ ଖାସ୍ କଥା ହେଲା ହଳଦୀ ଶରୀରରେ ଇନ୍‌ସୁଲିନ୍‌କୁ ନିୟନ୍ତ୍ରଣରେ ରଖେ। ହଳଦୀ ଖାଇବା ଦ୍ୱାରା ଏହା ଆମ ଶରୀରର ମାଂସପେଶୀ ଶକ୍ତ ରହିଥାଏ ବୋଲି ଟୋକିଓ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେରୁ ଜାଣିପାରିଛନ୍ତି। ଏହା ମଧ୍ୟ ମସ୍ତିଷ୍କର କାର୍ଯ୍ୟଧାରାକୁ ଆହୁରି ସକ୍ରିୟ କରେ। ଉକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ଏହି ସର୍ଭେ ରିପୋର୍ଟରେ ପୁଣି ଉଲ୍ଲେଖ କରାଯାଇଛି ଯେ ସ୍ମରଣ ଶକ୍ତିକୁ ବୃଦ୍ଧି କରିବାରେ ହଳଦୀ ମଧ୍ୟ ସାହାଯ୍ୟ କରେ।



# ମହିଳାମାନେ ପୁଶ୍ ଅପସ୍

ପୁଶ୍ ଅପସ୍। ଏଭଳି ଏକ ଏକ୍ସରସାଇଜ୍ ଯାହା ସମ୍ପୂର୍ଣ୍ଣ ବଡି ସିଷ୍ଟମକୁ ରିବୁଟ୍ କରିଦିଏ। ଏହି ଏକ୍ସରସାଇଜ୍ କରିବା ଦ୍ୱାରା ବହୁ ସ୍ୱାସ୍ଥ୍ୟଗତ ଲାଭ ମିଳିଥାଏ। ଉଭୟ ପୁରୁଷ ଓ ମହିଳା ଏହି ବ୍ୟାୟାମ କରୁଛନ୍ତି। ଏଥିପାଇଁ ନା ଜିମ୍ ଯିବାକୁ ପଡ଼ିବ ନା କୌଣସି ଉପକରଣର ଆବଶ୍ୟକ ପଡ଼ିବ। ଏବେ ପ୍ରଶ୍ନ ଉଠୁଛି ଏହି ବ୍ୟାୟାମ ମହିଳାମାନେ କରିବା ଉଚିତ କି ନାହିଁ? ଏଭଳି କରିବା ଦ୍ୱାରା ମହିଳାମାନଙ୍କୁ କଣ ଲାଭ ମିଳେ ? କେତେ ଥର ଏହି ବ୍ୟାୟାମ କରିବା ଉଚିତ? ଘର ଯାକର ତାମଝାମ୍ ଓ ଅଫିସର ଚାପ ଭିତରେ ମହିଳାମାନଙ୍କୁ ନିଜ ପାଇଁ ସମୟ ମିଳେ ନାହିଁ। ସେମାନେ ଜିମ୍ ଯାଇପାରନ୍ତି ନାହିଁ। ତେଣୁ ନିଜକୁ ଫିଟ୍ ରଖିବାକୁ ମହିଳାଙ୍କ ପାଇଁ ପୁଶ୍ ଅପସ୍ ସବୁଠୁ ସହଜ ଏବଂ ପ୍ରଭାବୀ ଏକ୍ସରସାଇଜ୍। ଏହା ମହିଳାଙ୍କ ଆତ୍ମବିଶ୍ୱାସ ଉପରେ ବି ପ୍ରଭାବ ପକାଏ। ତେବେ ପ୍ରଶ୍ନ ଉଠୁଛି ପୁଶ୍ ଅପସ୍ ସବୁ ବର୍ଗର ମହିଳା କରିପାରିବେ କି ନାହିଁ ? ପୁଶ୍ ଅପସ୍ ମହିଳାଙ୍କ ମାଂସପେଶୀକୁ ମଜବୁତ କରେ। ଏହା ଏକ କମ୍ପାଉଣ୍ଡ ଏକ୍ସରସାଇଜ୍। ଅର୍ଥାତ୍ ଏକାସଙ୍ଗରେ ଏକାଧିକ ମାଂସପେଶୀ କାମ କରେ। କାନ୍ଧ, ଛାତି, ଟ୍ରାଇସେପ୍ସ, କୋର୍, ପିଠି ଏବଂ ହିପ୍ସ ଉପରେ ଏହାର ପ୍ରଭାବ ପଡେ। ଏହାଦ୍ୱାରା ମହିଳାଙ୍କୁ ଅଧିକ ଓଜନ ଉଠାଇବା ଆବଶ୍ୟକ ନାହିଁ କେବଳ ନିଜ ଶରୀରର ଓଜନ ଉଠାଇବାକୁ ପଡ଼ିବ। ଏହାଦ୍ୱାରା ପେଟରୁ ମୋଟାପଣ କମିଯାଏ। ଫ୍ୟାଟ୍ ବର୍ଣ୍ଣିଂ ହୁଏ। ପ୍ରତିଦିନ ୫ ରୁ ୧୦ ପୁଶ୍ ଅପସ୍ କରିବା ଉଚିତ୍। ଧୀରେ ଧୀରେ ଏହାକୁ ବଢାଇ ୧୫ ରୁ ୨୦ ଥର କରିବା ଉଚିତ୍ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ଅଧିକ ସମୟ ଅଫିସ୍‌ରେ ବସିବା ଯୋଗୁଁ ବ୍ୟାକ୍ ପେନ୍ ହୁଏ। ପୁଶ୍ ଅପସ୍ କରିବା ଦ୍ୱାରା ଏହି ସମସ୍ୟା ଦୂର ହୁଏ। ସ୍ପାଇନ୍ ସପୋର୍ଟ ବଢେ।

# ଡାଇବେଟିସ୍ ପାଇଁ କ୍ଷତିକାରକ ଗ୍ରୀନ ମଟର



ଶୀତ ଋତୁରେ
ବଜାରରେ ଗ୍ରୀନ୍ ମଟର
ବହୁଳ ଭାବରେ ବିକ୍ରି ହୁଏ।
ଲୋକମାନେ ଏହି ଋତୁରେ ଏହାକୁ
ପ୍ରଚୁର ପରିମାଣରେ ଖାଇଥାନ୍ତି। ଗ୍ରୀନ୍
ମଟରରୁ ତିଆରି ପରଟା, ତରକାରୀ ଏବଂ ଚାଟ୍
ଶରୀରରେ ପୁଷ୍ଟିସାର ମଧ୍ୟ ବୃଦ୍ଧି କରେ। ଗ୍ରୀନ୍ ମଟର
ଭିଟାମିନ୍ ଏ, ଡ଼, ଡି ଏବଂ 'ସି'ରେ ଭରପୂର। ଏହାକୁ
ଖାଇବା ଦ୍ୱାରା ଶରୀରକୁ ଅନେକ ଲାଭ ମିଳିଥାଏ। ତଥାପି, ଏହା
କିଛି ଲୋକଙ୍କ ପାଇଁ ଅତ୍ୟନ୍ତ ବିପଦପୂର୍ଣ୍ଣ ହୋଇପାରେ। ତେବେ ଆସନ୍ତୁ
ଜାଣିବା କିଏ ଏହାକୁ ଖାଇବାରୁ ଦୂରେଇ ରହିବା ଉଚିତ।

**ଡାଇରିଆ ରୋଗୀ:** ଅତ୍ୟଧିକ ମଟର ଖାଇବା ଦ୍ୱାରା ଡାଇରିଆ
ହୋଇପାରେ। ଏହାକୁ ଅତ୍ୟଧିକ ଖାଇବା ଦ୍ୱାରା ଡାଇରିଆ ହେବାର ସମ୍ଭାବନା
ବଢ଼ିପାରେ। ଏଥିରେ ପ୍ରୋଟିନ୍ ପରିମାଣ ଅଧିକ ଥାଏ। ତେଣୁ, ବ୍ରାଉନ୍ ରାଇସ୍ ଏବଂ ସୋୟା
ପରି ଖାଦ୍ୟ ସହିତ ଗ୍ରୀନ୍ ମଟର ଖାଇବା ଦ୍ୱାରା ପେଟର ଶକ୍ତି ବୃଦ୍ଧି ପାଏ, ଯାହା ମଟରର ପାର୍ଶ୍ୱ
ପ୍ରତିକ୍ରିୟାକୁ ହ୍ରାସ କରିପାରେ।

**ମଟର ଓଜନ ବୃଦ୍ଧି କରେ:** ଗ୍ରୀନ୍ ମଟର ଖାଇବା ଦ୍ୱାରା ଶରୀରରେ ଚର୍ବି ବୃଦ୍ଧି ହୋଇପାରେ।
ମଟରରେ ଥିବା ପ୍ରୋଟିନ୍ ଏବଂ କାର୍ବୋହାଇଡ୍ରେଟ୍ ଆପଣଙ୍କ ଓଜନ ଏବଂ ମେଦବହୁଳତା ବୃଦ୍ଧି କରିପାରେ। ତେଣୁ
ଗ୍ରୀନ୍ ମଟରକୁ ଭଲ ଭାବରେ ରାନ୍ଧନ୍ତୁ। ଏହା ସହିତ ଗ୍ରୀନ୍ ମଟରକୁ ରାନ୍ଧିବା ପୂର୍ବରୁ କିଛି ସମୟ ପାଇଁ ଭିଜାଇ ରଖନ୍ତୁ।

**ଗ୍ୟାସ ଏବଂ ଏସିଡିଟି ବୃଦ୍ଧି କରେ:** ଗ୍ରୀନ୍ ମଟରରେ କାର୍ବୋହାଇଡ୍ରେଟ୍ ଅଧିକ ଥାଏ। ଯାହା ହଜମକୁ ପ୍ରଭାବିତ କରିପାରେ
ଏବଂ ଗ୍ୟାସ୍, ପେଟ ଫୁଲିବା କିମ୍ବା ପେଟ ଯନ୍ତ୍ରଣା ସୃଷ୍ଟି କରିପାରେ। ଗ୍ୟାଷ୍ଟ୍ରିକ୍ ସମସ୍ୟା ଥିବା ଲୋକମାନେ ମଟର ଖାଇବାରୁ
ଦୂରେଇ ରହିବା ଉଚିତ। ଏଗୁଡ଼ିକ ସହଜରେ ହଜମ ହୁଏ ନାହିଁ, ଏବଂ ଏଥିରେ ଥିବା କାର୍ବୋହାଇଡ୍ରେଟ୍ ପେଟରେ ଗ୍ୟାସ କରିପାରେ
ଯାହା ଫଳରେ ଗମ୍ଭୀର ଏସିଡିଟି ହୁଏ।

**ୟୁରିକ୍ ଏସିଡ୍ ରୋଗୀ:** ଯଦି ଆପଣଙ୍କର ୟୁରିକ୍ ଏସିଡ୍ ଅଛି ତେବେ ଗ୍ରୀନ୍ ମଟର ଖାଇବାରୁ ଦୂରେଇ ରୁହନ୍ତୁ। ଗ୍ରୀନ୍ ମଟରରେ ଅଧିକ ପ୍ୟୁରିନ୍
ପରିମାଣ କିଡ଼ନୀରେ ଷ୍ଟୋନ୍ ହେବାର ଆଶଙ୍କା ବଢ଼ାଇପାରେ। ଯଦି ଆପଣଙ୍କର ପୂର୍ବରୁ କିଡ଼ନୀରେ ଷ୍ଟୋନ୍ ଅଛି, ତେବେ ମଟର ଖାଇବାରୁ ଦୂରେଇ ରୁହନ୍ତୁ।

**ଡାଇବେଟିସ ରୋଗୀ:** ମଟରରେ ସୁଗାର ଏବଂ କାର୍ବୋହାଇଡ୍ରେଟ୍ ଥାଏ, ଯାହା ରକ୍ତରେ ସୁଗାର ଲେବଲ ବୃଦ୍ଧି କରିପାରେ। ତେଣୁ, ଡାଇବେଟିସ
ରୋଗୀମାନେ ଏହାକୁ ସୀମିତ ପରିମାଣରେ ଖାଇବା ଉଚିତ।



# ଜୁମ୍ବା କରନ୍ତୁ, ରୁହନ୍ତୁ ଫିଟ୍

ଶରୀରକୁ ସୁସ୍ଥ ରଖିବା ପାଇଁ ବ୍ୟାୟାମ ଅତ୍ୟନ୍ତ ଜରୁରୀ। କିନ୍ତୁ ବାସ୍ତବରେ ବ୍ୟସ୍ତବହୁଳ ସମାଜରେ ଏହା ସମସ୍ତଙ୍କ ପକ୍ଷରେ ସମ୍ଭବ ହୋଇପାରୁ ନାହିଁ। ଅର୍ଥ ଉପାର୍ଜନକୁ ଅଧିକ ଗୁରୁତ୍ୱ ପ୍ରଦାନ କରିବା ଦିଗରେ ଯୁବପିଢ଼ି ଦିନରାତି କାମ କରୁଛନ୍ତି। ଫଳରେ ଦିନକୁ ଦିନ ବଦଳୁଥିବା ଜୀବନଶୈଳୀରେ ନିଜ ପ୍ରତି ଧ୍ୟାନ ଦେଇପାରୁ ନଥିବାରୁ ଲୋକଙ୍କ ମଧ୍ୟରେ ଅବସାଦ, ଉଚ୍ଚ ରକ୍ତଚାପ, ମଧୁମେହ, ମେଦ ବହୁଳତା ଓ ନିଦ୍ରାହୀନତା ପରି ସମସ୍ୟା ବଢ଼ିବାରେ ଲାଗିଛି। ଏଥିରୁ ମୁକ୍ତି ପାଇବା ପାଇଁ ବ୍ୟାୟାମ ବ୍ୟତୀତ ଜୁମ୍ବା ଏକ ଭଲ ଉପାୟ।

୧୯୯୦ ମସିହାରେ କଲମ୍ବୋର ଆଲବେଟୋ ନାମକ ଜଣେ ନୃତ୍ୟଶିଳ୍ପୀ ଫିଟ୍‌ନେସ୍ କାର୍ଯ୍ୟକ୍ରମ ଭାବେ ଆରମ୍ଭ କରିଥିଲେ 'ଜୁମ୍ବା ଡ୍ୟାନ୍ସ'। ଜୁମ୍ବା ଶବ୍ଦର କୌଣସି ନିର୍ଦ୍ଦିଷ୍ଟ ଅର୍ଥ ନଥିଲେ ମଧ୍ୟ ଜୁମ୍ବା ରିଦିମରୁ ଏହାର ସୃଷ୍ଟି। କାର୍ଡିଓ ଏବଂ ଲାଟିନ୍ ଡ୍ୟାନ୍ସର ଏକ ମିଳିତ ରୂପ ହେଉଛି ଜୁମ୍ବା। ବିଶ୍ୱ ସ୍ତରରେ ଏହାର ଲୋକପ୍ରିୟତା ବେଶ୍ ଅଧିକ ରହିଛି। ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଏହାର ଲୋକପ୍ରିୟତା ଅଧିକ ରହିଥିବା ବେଳେ ଓଡ଼ିଶାରେ ମଧ୍ୟ ଏହାର ଚାହିଦା ବଢ଼ିବାରେ ଲାଗିଛି। ସଂଗୀତ ଓ ନୃତ୍ୟ ପ୍ରତି ରୁଚି ରଖୁଥିବା ଯୁବପିଢ଼ି ଜୁମ୍ବା ଡ୍ୟାନ୍ସକୁ ବେଶ୍ ପସନ୍ଦ କରୁଛନ୍ତି। ଟ୍ରେନିଂ ସମୟରେ, ରିଦିମ୍, କାର୍ଡିଓ, ବିଭିନ୍ନ ଅନ୍ତର୍ଜାତୀୟ ନୃତ୍ୟ ଶୈଳୀ ସମ୍ପର୍କରେ ତାଲିମ୍ ନେବାକୁ ପଡ଼େ। ଏଥି ମଧ୍ୟରେ ସାଲସା, ସାମ୍ବା, ବେଲି, ଟାଙ୍ଗୋ, ଫ୍ଲେମିଂକୋ ,ହିପ୍ ପପ୍ ନୃତ୍ୟ ଆଦିକୁ ସାମିଲ କରାଯାଇଛି। ବ୍ୟାୟାମ କଲେ ସାଧାରଣ ଭାବେ ୨୦୦ରୁ ୩୦୦ କ୍ୟାଲୋରୀ ଖର୍ଚ୍ଚ ହେଉଥିବା ବେଳେ ମାତ୍ର ଏକ ଘଣ୍ଟାରେ ଜୁମ୍ବା ଡ୍ୟାନ୍ସରେ ୫୦୦ରୁ ୭୦୦ କ୍ୟାଲୋରୀ ପର୍ଯ୍ୟନ୍ତ ଖର୍ଚ୍ଚ ହୋଇଥାଏ। ଏହାଦ୍ୱାରା ଶୀଘ୍ର ଓଜନ ହ୍ରାସ ହେବା ସହ ଅବସାଦ ଦୂର ହୁଏ ଏବଂ ଉଚ୍ଚ ରକ୍ତଚାପ ନିୟନ୍ତ୍ରଣ ହୋଇପାରେ। ଯୋଗ ମନୁଷ୍ୟ ଜୀବନ ପାଇଁ ଅପରିହାର୍ଯ୍ୟ। ଦିନକୁ ଆମେ ୪୫ ମିନିଟ୍ ଜୁମ୍ବା ଡ୍ୟାନ୍ସ କରିବା ଦ୍ୱାରା ଶରୀରକୁ ବହୁତ ଫାଇଦା ମିଳିଥାଏ। ଖାଦ୍ୟପେୟରେ ଅନିୟମିତତା ଓ କର୍ମକ୍ଷେତ୍ରରେ ଚାପ ଯୋଗୁଁ ଲୋକେ ନିଜ ଶରୀରର ଯତ୍ନ ନେବାକୁ ଭୁଲି ଯାଇଥାନ୍ତି। ତେଣୁ ଫିଟ୍ ରହିବା ପାଇଁ ଏବେ ଯୁବପିଢ଼ିଙ୍କ ଏକମାତ୍ର ମନ୍ତ୍ର ହେଉଛି ଜିମ୍ ଯାଇ ସୁସ୍ଥ ରହିବା। ଏହା ଶୀଘ୍ର ଓଜନ କମାଇବାରେ ସାହାଯ୍ୟ କରିଥାଏ ଏବଂ ଖାଦ୍ୟ ହଜମ କରିବାରେ ମଧ୍ୟ ସାହାଯ୍ୟ କରିଥାଏ। ଏହାଦ୍ୱାରା ଜଣେ ଯେ କେବଳ ଶାରୀରିକ ସ୍ତରରେ ସୁସ୍ଥ ରହେ ତାହା ନୁହେଁ ମାନସିକ ସ୍ତରରେ ଜଣେ ଖୁସି ଅନୁଭବ କରିଥାଏ। ଯଦି ଜଣେ ଜୁମ୍ବା ଶିଖିଛି ତା'ଙ୍କୁ ନାଚିବାରେ କୌଣସି ଅସୁବିଧା ହୁଏ ନାହିଁ।

**ଫାଇଦା:** ଅବସାଦ ଦୂର କରେ। ଖାଦ୍ୟ ହଜମ କରେ। ଶୀଘ୍ର ଓଜନ କମାଏ। ଉଚ୍ଚ ରକ୍ତଚାପ ନିୟନ୍ତ୍ରଣ କରେ। ମନ ଖୁସି ରଖେ। ଶରୀର ଫୁଟ୍ ରହିଥାଏ।

## ସିମନବାଡ଼ି ସାପ୍ତାହିକ ହାଟର ଦ୍ୱିତୀୟ ପାଳି: ଗ୍ରାହକଙ୍କ ଭିଡ଼

ଦାରିଙ୍ଗବାଡ଼ି,୨୫।୧୨(ସଂଚାର ବ୍ୟୁରୋ): କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ସିମନବାଡ଼ି ପଞ୍ଚାୟତରେ ସାପ୍ତାହିକ ହାଟର ଦିତୀୟପାଳିରେ ଗ୍ରାହକଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି। ଉକ୍ତ ହାଟରେ ସ୍ଥାନୀୟ ବ୍ୟବସାୟୀ, ପନିପରିବା ଚାଷୀଙ୍କ ଉପସ୍ଥିତି ରହିଥିବା ବେଳେ ପଡୋଶୀ ରାଇକିଆ ବ୍ଲକରୁ ଏକାଧିକ ମହିଳା ଚାଷୀ ନିଜ ପନିପରିବା, ଆଳୁ, ପିଆଜ, ରଶୁଣ, ଲଙ୍କା ଭଳି ସାମଗ୍ରୀ ଆଣି ହାଟରେ ଭଲ ବିକ୍ରି କରିଛନ୍ତି। ସେହିପରି ଗଞ୍ଜାମ ସୋରଡ଼ା ଓ ସ୍ଥାନୀୟ ମାଛ, ଶୁଖୁଆ ବ୍ୟବସାୟୀମାନେ ମଧ୍ୟ ବିଭିନ୍ନ ପ୍ରକାର ମାଛ, ଶୁଖୁଆ ଆଣି ଲୋକଙ୍କୁ ବଜାର ଦରଠାରୁ କମ୍ ଦରରେ ଖୁଚୁରା ବିକ୍ରି କରୁଥିବା ଜଣାପଡ଼ିଛି। ସେହିପରି କୃଷକଙ୍କ ପାଇଁ ବିଭିନ୍ନ ସାମଗ୍ରୀକୁ ବ୍ୟବସାୟୀମାନେ ବିକ୍ରିପାଇଁ ଆଣିଥିବା ଜଣାପଡ଼ିଛି ଗତ ମଙ୍ଗଳବାର ଏହି ହାଟ ଆରମ୍ଭ ହୋଇଥିବା ବେଳେ ଚଳିତ ଥର ଭଲ ବ୍ୟବସାୟୀ ହୋଇଥିବା ସହ ବଜାରରେ ରହିଥିବା ବିଭିନ୍ନ ଦୋକାନରେ ମଧ୍ୟ ଭିଡ଼ ଦେଖିବାକୁ ମିଳିଥିଲା। ଉକ୍ତ ହାଟରେ ସିମନବାଡ଼ି ସମେତ ଶ୍ରାନିକେତା, ପର୍ଡ଼ାମାହା, କିରିକୁଟି, ତିଲୋରୀ, ବୁଢ଼ାଗୁଡ଼ା, ଗୁମିକିଆ, ପକାରୀ ଆଦି ଅଞ୍ଚଳରୁ ଲୋକଙ୍କ ଭିଡ଼ ଜମିଥିଲା।

## ଜାତୀୟ ବହୁଭାଷୀ ନାଟକ ମହୋତ୍ସବର ୪ର୍ଥ ସନ୍ଧ୍ୟା
## ଦର୍ଶକଙ୍କ ମନମୋହିଲା ଜାମସେଦପୁରର ନାଟକ 'କନ୍ୟାଦାନ'



ବାରିପଦା,୨୫।୧୨(ସଂଚାର ବ୍ୟୁରୋ): ସ୍ଥାନୀୟ ସହିଦ ସ୍ମୃତି ଭବନରେ ରୂପାନ୍ତର ଅନୁଷ୍ଠାନ ଆନୁକୂଲ୍ୟରେ ୬ ଦିନିଆ ଜାତୀୟ ବହୁଭାଷୀ ନାଟକ ମହୋତ୍ସବର ୪ର୍ଥ ସନ୍ଧ୍ୟାରେ ପାଥ, ଜାମସେଦପୁର ପ୍ରଯୋଜିତ ହିନ୍ଦୀ ନାଟକ 'କନ୍ୟାଦାନ' ମଞ୍ଚସ୍ଥ ହୋଇଯାଇଛି। ବିଜୟ ତେନ୍ଦୁଲକରଙ୍କ ରଚିତ ଓ ମହମ୍ମଦ ନାଜିମଙ୍କ ନିର୍ଦ୍ଦେଶିତ ନାଟକରେ ଛବି ଦାସ, ସବା, ସୁମନ ନାୟକ, ଆଶୁତୋଷ ସିଂହ, ଆଦିଲ ଖାନ ଓ ମହମ୍ମଦ ନିଜାମ ପ୍ରମୁଖ ଅଭିନୟ କରିଥିବା ବେଳେ ସଂଗୀତରେ ଦୀପକ ସିଂହ, ଆଲୋକରେଖୁରସିଦ ଆଲାମ, ମଞ୍ଚସଜ୍ଜା ରେ ରୁପେଶ ପ୍ରସାଦ, ମଞ୍ଚ ପରିଚାଳନାରେ ଏଲ ଶଙ୍କର ରାଓ ସହାୟତା କରିଥିଲେ। କଳାକାରମାନଙ୍କ ଜୀବନ୍ତ ଅଭିନୟ ଦର୍ଶକଙ୍କୁ ବିମୋହିତ କରିଥିଲା । ଆଜି ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାନ୍ୟବର ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ବାରିପଦାରେ ଜାତୀୟ ନାଟକ ମହୋତ୍ସବର ପରିକଳ୍ପନା କରିଥିବା ରୂପାନ୍ତର ଅନୁଷ୍ଠାନର ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ମୁଖ୍ୟ ବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ଡଃ ବିଜୟ କୁମାର ଅଗ୍ରୱାଲ ଉପସ୍ଥିତ ରହି ନାଟ୍ୟ ମହୋତ୍ସବର ସଫଳତା କାମନା କରିଥିଲେ। ମହୋତ୍ସବର ସଭାପତି ନଗରପାଳ କୃଷ୍ଣାନନ୍ଦ ମହାନ୍ତି ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ସଂସ୍ଥାର ନିର୍ଦ୍ଦେଶକ ପରେଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ମନୋଜ ଜେନା ମଞ୍ଚ ପରିଚାଳନା କରିଥିଲେ । ଆଜି ସକାଳେ ପ୍ରଥମେ ଯୋଗାସନ ଓ ପରେପରେ ସାହିତ୍ୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଆସନ୍ତାକାଲି ଇଣ୍ଡିଜିନିଆସ ପିପଲ ଆର୍ଟ ଏଣ୍ଡ କଲଚର ସୋସାଇଟି, ଝାଡ଼ଖଣ୍ଡ ପ୍ରଯୋଜିତ ସାନ୍ତାଳୀ ନାଟକ 'ବାଲତା ଗୁରୁ' ପରିବେଷିତ ହେବ ବୋଲି ମହୋତ୍ସବର ନାଟ୍ୟ ସମ୍ପାଦକ ସତ୍ୟନାରାୟଣ ଦାସ ଜଣାଇଛନ୍ତି ।

## ସ୍ତ୍ରୀ ଆତ୍ମହତ୍ୟା ମାମଲାରେ ସ୍ୱାମୀକୁ ଜେଲଦଣ୍ଡ

ବାରିପଦା,୨୫।୧୨(ସଂଚାର ବ୍ୟୁରୋ): ଆଜି ମଙ୍ଗଳବାର ଏକ ପାରିବାରିକ ଗଣ୍ଡଗୋଳ ଏବଂ ଆତ୍ମହତ୍ୟା ମାମଲାର ବିଚାରକରି ମାନ୍ୟବର ଅତିରିକ୍ତ ଜିଲ୍ଲା ଓ ଦୌରାଜଜ (ଦ୍ୱିତୀୟ) ସୁମନ କୁମାର ମିଶ୍ର ଅଭିଯୁକ୍ତ ସ୍ୱାମୀ ମୟୁରଭଞ୍ଜ ଜିଲ୍ଲା ବାରିପଦା ସଦର ଥାନା ଅନ୍ତର୍ଗତ ଗୁଞ୍ଜୁସାହି ଗ୍ରାମର ପ୍ରଧାନ ସୋରେନ (୪୦) କୁ ଦଫା ୪୯୮(ଏ) ଅନୁଯାୟୀ ଏକ ବର୍ଷ ସଶ୍ରମ କାରାଦଣ୍ଡ ସମେତ ଦୁଇ ହଜାର ଟଙ୍କା ଜୋରିମାନା ଅନାଦେୟ ଅଧିକ ଦୁଇ ମାସ ସଶ୍ରମ କାରାଦଣ୍ଡ ରେ ଦଣ୍ଡିତ କରିଛନ୍ତି। ମାମଲାର ବିବରାଣୀରୁ ପ୍ରକାଶ ଯେ ଅଭିଯୁକ୍ତ ପ୍ରଧାନ ସୋରେନ ୨୦୦୫ ମସିହାରେ ବଡ଼ଡାକଇ ଗ୍ରାମର ସୁହାଗି ହେମ୍ବ୍ରମ ଙ୍କୁ ବୈଦିକ ରୀତିନୀତି ଅନୁସାରେ ବିବାହ କରିଥିଲେ। ବିବାହର କିଛିଦିନ ପରେ ସ୍ତ୍ରୀ ସୁହାଗି ଙ୍କୁ ସ୍ୱାମୀ ଏବଂ ଶ୍ୱଶୁର ଘର ଲୋକେ ନିର୍ଯ୍ୟାତନା ଦେବା ଆରମ୍ଭ କରିଦେଲେ। ଗତ ୨୬-୮-୨୦୧୮ ରିଖ ଦିନ ପରିବାର ର ସମସ୍ତ ସଦସ୍ୟ ସୁହାଗି ଙ୍କୁ ନାନାଦି ଗାଳିଗୁଲଜ କରିଥିଲେ। ଏହି ପ୍ରକାର ନିର୍ଯ୍ୟାତନା ବିଭିନ୍ନ ସମୟରେ ସୁହାଗି ଙ୍କ ଉପରେ ଦେବାରୁ ସିଏ ନିଜର ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥିଲେ। ଏ ବାବଦରେ ସୁହାଗି ଙ୍କ ବାପଘର ପକ୍ଷରୁ ୩୧-୮-୨୦୧୮ ରିଖ ବାରିପଦା ସଦର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ମୁତାବକ ଥାନାରେ କେସ ନମ୍ବର ୮୨/୩୧-୮-୨୦୧୮ ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ସ୍ୱାମୀ ପ୍ରଧାନ ସୋରେନ କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା।

## ବାତ୍ୟା ଆସୁଥିବାରୁ ଚିନ୍ତାରେ ଚାଷୀ

● ପାଚିଲା ଧାନରେ ମହି ଦେବ କି



କଣାସ,୨୫।୧୨(ସଂଚାର ବ୍ୟୁରୋ): ପୁରୀ ଜିଲ୍ଲାର କଣାସ ବ୍ଲକ ଚିଲିକା ଉପକୂଳରେ ଅବସ୍ଥାପିତ ହୋଇଥିବାବେଳେ ଏହା ଖାଲୁଆ ଅଞ୍ଚଳଭାବେ ପରିଚିତ। ଏଠାରେ ବେଙ୍ଗ ମୁତିଲେ ପାଣି ଜମି ରହେ ବୋଲି ପ୍ରବାଦ ଅଛି। କଣାସ ବ୍ଲକର ଅଣି ଭାଗ ଲୋକ ଚାଷ ଉପରେ ନିର୍ଭର କରନ୍ତି। ପ୍ରତିବର୍ଷ ବନ୍ୟା ଓ ମରୁଡ଼ି ଦାଉ ସାଧୁଥିବାରୁ କଣାସ ବ୍ଲକର ଚାଷୀମାନଙ୍କ ମେରୁଦଣ୍ଡ ଭାଙ୍ଗିପଡ଼ିଛି। ପ୍ରତିବର୍ଷ ଫସଲ କ୍ଷତିଗ୍ରସ୍ତ ହେଉଥିବାରୁ ଅନେକ ଚାଷୀ ପରିବାର ପ୍ରତିପୋଷଣ ପାଇଁ ଦାଦନ ଶ୍ରମିକ ଭାବେ ବାହାର ରାଜ୍ୟକୁ ଯାଇ ନିର୍ଯ୍ୟାତିତ ହେଉଥିବା ଧେନିଦିନ ଘଟଣା ହୋଇପଡ଼ିଛି। ବର୍ତ୍ତମାନ ଶାରଦ ଧାନ ଫସଲ ଜମି ପାଚି ଆସିଥିବାବେଳେ ସାମୁଦ୍ରିକ ବାତ୍ୟା ଆସୁଥିବା ବିଭିନ୍ନ ସମ୍ବାଦ ପତ୍ର ଏବଂ ବୈଦ୍ୟୁତିକ ଗଣମାଧ୍ୟମରେ ପ୍ରଚାର କରାଯାଉଥିବାରୁ କଣାସ ଅଞ୍ଚଳର ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଯଦି ଲଘୁଚାପ ଜନିତ ବର୍ଷା ହୋଇଯାଏ ପାଚିଲା ଧାନ ଜମିରେ ମହି ଦେବ ବୋଲି ଚାଷୀମାନେ କହୁଛନ୍ତି।

## ସିଂଘିଯୁବାରେ ବସ ଦୁର୍ଘଟଣା-୧୪ ଯାତ୍ରୀ ଆହତ



ସୁବର୍ଣ୍ଣପୁର,୨୫।୧୨(ସଂଚାର ବ୍ୟୁରୋ): ଆଜି ସକାଳ ଭୋର୍ ୫ ଟା ବେଳେ ଭୁବନେଶ୍ୱର ରୁ ସୁବର୍ଣ୍ଣପୁର ଦେଇ ବରଗଡ଼ ପଦମପୁର ଆସୁଥିବା ଏକ ବେସରକାରୀ ବସ ଜୟଭୋଲେ ଓ ଡି ୩୧ କେ ୯୦୧୯ ବିନିକା ସିଂହିଜୁବା ବ୍ରିଜ ରେ ଓଲଟି ପଡ଼ି ଥିବାରୁ ବହୁ ଯାତ୍ରୀ ଗୁରୁତର ଆହତ ହେଇଥିବା ଖବର ମିଳିଛି। ଖବର ପାଇ ବିନିକା ଅଗ୍ନିଶମ ବିଭାଗ ଅଧିକାରୀ ତେଜରାଜ ସାହୁ ଓ ରାମପୁର ଅଧିକାରୀ ରଘୁ ବାଘ୍ ଙ୍କ ଅଗ୍ନିଶମ ବିଭାଗ ଟିମ୍ ଓ ବିନିକା ଭାରପ୍ରାପ୍ତ ଥାନା ଅଧିକାରୀ ଶ୍ରୀ ସତ୍ୟ ନାରାୟଣ ପଧାନ ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚି ପାଞ୍ଚ ଜଣ ମହିଳା ଓ ୯ ଜଣ ପୁରୁଷ ଯାତ୍ରୀ ସମୁଦାୟ ୧୪ ଜଣ ଯାତ୍ରୀଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ବିନିକା ମେଡିକାଲ୍ କୁ ପହଞ୍ଚାଇ ଥିବା ଜଣାପଡ଼ିଛି। ଏହି ଖବର ପାଇ ସକାଳ ୬ ଟା ବେଳେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼. ନୃପରାଜ ସାହୁ ଓ ଏସପି ନାରାୟଣ ନାୟକ ବିନିକା ମେଡିକାଲ୍ କୁ ତୁରନ୍ତ ପହଞ୍ଚି ଆହତ ରୋଗୀ ଙ୍କ ପ୍ରାଥମିକ ଚିକିତ୍ସା ପରେ ଆବଶ୍ୟକ କିଛି ରୋଗୀ ଙ୍କ ଉଚ୍ଚ ଚିକିତ୍ସା ପାଇଁ ମଧ୍ୟ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଙ୍କ ସହ ଆଲୋଚନା କରି ସମସ୍ତ ବ୍ୟବସ୍ଥା କରାଇଥିବା ଜଣାପଡ଼ିଛି। ତୁରନ୍ତ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ପହଞ୍ଚି ଆହତ ରୋଗୀଙ୍କୁ ଭେଟି ସାହସ ପ୍ରଦାନ ଓ ଚିକିତ୍ସା ଉପରେ ତତ୍ୱାବଧାନ କରି ଥିବାରୁ ତାଙ୍କ ମହାନତା ଓ ମାନବିକତା କୁ ଜିଲ୍ଲାର ବୁଦ୍ଧିଜିବୀ ମହଲ ରେ ଆଜି ପ୍ରଶଂସା କରା ଯାଇଛି। ପ୍ରକାଶ ଯେ ଆଜିର ଘନ କୁହୁଡ଼ି ଯୋଗୁଁ ଏହି ବସ୍ ଟି ଦୁର୍ଘଟଣା ଘଟିଥିବା ଜଣା ଯାଇଛି। ଖବର ରୁ ପ୍ରକାଶ ଯେ ବସ୍ ର ୪୦ ଜଣ ଯାତ୍ରୀ ଙ୍କ ମଧ୍ୟ ରୁ ୧୪ ଜଣ ଆହତ ହୋଇଥିଲେ। ଗୁରୁତର ୭ ଜଣ ଙ୍କୁ ବୁର୍ଲା ଡାକ୍ତରଖାନା କୁ ସ୍ଥାନାନ୍ତର କରାଯାଇଥିବା ବେଳେ ଜଣେ ଆହତ ଙ୍କୁ ସୁବର୍ଣ୍ଣପୁର ମୁଖ୍ୟ ଡାକ୍ତର ଖାନା ରେ ଚିକିତ୍ସା କରାଯାଉଛି। ବାକି ୬ ଜଣ ଆହତ ଙ୍କୁ ପ୍ରାଥମିକ ଚିକିତ୍ସା ପରେ ବିନିକା ମେଡିକାଲ୍ ରୁ ନିଜ ନିଜ ଘର କୁ ଆମ୍ବୁଲାନ୍ସ ରେ ପଠେଇ ଦିଆ ଯାଇଥିବା ଖବର ମିଳିଛି ।

## ଜିଲ୍ଲାସ୍ତରୀୟ ଧାନ କ୍ରୟ କମିଟି ବୈଠକ ଅନୁଷ୍ଠିତ

### ୫ ତାରିଖରୁ ଜିଲ୍ଲାରେ ହେବ ଧାନ କିଣା



ବଲାଙ୍ଗିର,୨୫।୧୨(ସଂଚାର ବ୍ୟୁରୋ): ବଲାଙ୍ଗିର ଜିଲ୍ଲାରେ ବିପଣନ ଋତୁ ୨୦୨୫-୨୬ ଖରିଫ ପାଇଁ ଜିଲ୍ଲାସ୍ତରୀୟ ଧାନ କ୍ରୟ କମିଟି ବୈଠକ ଜିଲ୍ଲାପରିଷଦ ସ୍ଥିତ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଗୌରବ୍ ଶିବାଜୀ ଈସାଲୱାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବଲାଙ୍ଗିର ଲୋକସଭା ସାଂସଦ ସଙ୍ଗୀତା କୁମାରୀ ସିଂଦେଓ, ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି, ଟିଟିଲାଗଡ଼ ବିଧାୟକ ନବୀନ କୁମାର ଜୈନ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ମୁଖ୍ୟ ଉନ୍ନୟନ ଓ ନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ ତରଣୀ ସୁନା, ବିଧାୟକ ଲୋଇସିଂହାଙ୍କ ପ୍ରତିନିଧି, ବିଧାୟକ ପାଟଣାଗଡ଼ଙ୍କ ପ୍ରତିନିଧି, ବିଧାୟକ କଣ୍ଟାବାଞ୍ଜିଙ୍କ ପ୍ରତିନିଧି, ଉପଜିଲ୍ଲାପାଳ ବଲାଙ୍ଗିର ଆଲୋକ କୁମାର ପଟେଲ, ଉପଜିଲ୍ଲାପାଳ ପାଟଣାଗଡ଼ ସୁନିଲ କୁମାର ମେହେର, ଟିଟିଲାଗଡ଼ ଉପଜିଲ୍ଲାପାଳ ପଦ୍ମନାଭ ସାମନ୍ତରାୟ, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ରଞ୍ଜନ ପଣ୍ଡା ଉପସ୍ଥିତ ଥିଲେ। ଆସନ୍ତା ଡିସେମ୍ବର ୫ ତାରିଖରୁ ପର୍ଯ୍ୟାୟକ୍ରମେ ୧୦୫୦୩୧ ପଞ୍ଜୀକୃତ ଚାଷୀ ମାନଙ୍କ ଠାରୁ ୧୭୬ ଗୋଟି ମଣ୍ଡି ମାଧ୍ୟମରେ (୧୫୮ ପେକ୍ସ ଏବଂ ୧୮ ଏସଏଚଜି) ୨, ୪୭, ୦୦୦ କୁଇଣ୍ଟାଲ ଧାନ ସଂଗ୍ରହ କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଜିଲ୍ଲାପାଳ ଚାଷୀମାନଙ୍କ ସୁବିଧା ପାଇଁ ମଣ୍ଡି ରେ ପର୍ଯ୍ୟାପ୍ତ ସୁବିଧା, ଶୀଘ୍ର ଧାନ ଉଠିବା ପାଇଁ ନିଆଯାଉଥିବା ପଦକ୍ଷେପ ଓ ଚୋରା ଚାଲାଣ ହେଉଥିବା ଧାନ ଗାଡ଼ିକୁ ଜବତ କରିବା ସହ ଗତଥର ମଣ୍ଡିରେ ଉପୁଜିଥିବା ବିଭିନ୍ନ ସମସ୍ୟାର ପୁନରାବୃତ୍ତି ନଘଟିବା, ଚାଷୀମାନେ ଯେପରି କଟଣି ଛଟଣୀର ଶିକାର ନହେବେ ସେଥିପ୍ରତି ବିଶେଷ ଧ୍ୟାନ ଦେବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ବାବା ବୈଦ୍ୟନାଥ ଦେବଙ୍କ ୩୫ ତମ ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ପ୍ରସ୍ତୁତି ବୈଠକ

କଣାସ,୨୫।୧୨(ସଂଚାର ବ୍ୟୁରୋ): କଣାସ ଅଞ୍ଚଳର ଆରାଧ୍ୟ ଠାକୁର ବଡାସ ଗ୍ରାମପଞ୍ଚାୟତର ବଡାସ ଗ୍ରାମରେ ପ୍ରତିଷ୍ଠିତ ବାବା ବୈଦ୍ୟନାଥ ଦେବଙ୍କ ପୀଠରେ ଆଜି ୩୫ ତମ ବିଶ୍ୱ ଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେବା ପାଇଁ ଟ୍ରଷ୍ଟ ସଭାପତି ହାଡ଼ିବନ୍ଧୁ ପାଢ଼ୀଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ୟଠିତ ହୋଇଯାଇଛି। ସର୍ବ ପ୍ରଥମେ ଗତବର୍ଷର ବିଶ୍ୱଶାନ୍ତି ମହାଯଜ୍ଞ ସମ୍ପର୍କରେ କଣସୁବିଧା ଅସୁବିଧା ହୋଇଥିଲା ଆଲୋଚନା ହେବା ସହ ଗତବର୍ଷର ଆୟବ୍ୟୟ ହିସାବ ପ୍ରଦାନ କରାଯାଇଥିଲା। ଚଳିତ ବର୍ଷ କିପରି ଶାନ୍ତିଶୃଙ୍ଖଳାର ସହିତ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେବ ଆଲୋଚନା କରାଯାଇଥିଲା। ଜାନୁଆରୀ ମାସ ୨୩ ତାରିଖ ରୁ ୨୬ ତାରିଖ ପର୍ଯ୍ୟନ୍ତ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେବା ପାଇଁ ସ୍ଥିର କରାଯାଇଥିଲା। ଏହି ସଭାରେ ଗ୍ରାମ୍ୟ କମିଟ ସଦସ୍ୟ ଭରତ ପ୍ରଧାନ, ଯଜ୍ଞ କମିଟ ସଭାପତି ଅଭିରାମ ଦାସ ଓ ଅନ୍ୟ କର୍ମକର୍ତ୍ତାମାନେ ଯୋଗଦେଇ ବୈଦ୍ୟନାଥ ଦେବଙ୍କ ପୀଠର ଉନ୍ନୟନ ମୂଳକ କାର୍ଯ୍ୟ ସମୟରେ ଆଲୋଚନା କରିବା ସହିତ ପୀଠରେ ଉନ୍ନୟନ ମୂଳକ ଚାଲିଥିବା କାର୍ଯ୍ୟ ବିଳମ୍ବ ହେଉଥିବା ଯୋଗୁଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜଣାଇବାକୁ ସଭାରେ ସଯଥିର କରାଯାଇଥିଲା।

● ପ୍ରଜା ମଣ୍ଡଳ ମହିଳା ମହାବିଦ୍ୟାଳୟରେ ଚଢ଼ାଉ

## ବନ ବିଭାଗର ବିନା ଅନୁମତିରେ ଗଛ କାଟି ବିବାଦ ଘେରରେ ଅଧ୍ୟକ୍ଷା



ନୟାଗଡ଼,୨୫।୧୨(ସଂଚାର ବ୍ୟୁରୋ): ପ୍ରଜା ମଣ୍ଡଳ ମହିଳା ମହାବିଦ୍ୟାଳୟରେ ଚଢ଼ାଉ କରିଛି ନୟାଗଡ଼ ବନ ବିଭାଗ। ବନ ବିଭାଗ ରୁ ଅନୁମତି ନ ନେଇ ମହାବିଦ୍ୟାଳୟ ପରିସରରୁ ଗଛ କାଟି ବିବାଦ ଘେରକୁ ଆସିଛନ୍ତି ମହାବିଦ୍ୟାଳୟ ଅଧ୍ୟକ୍ଷା। ଗୋଟେ ନୁହେଁ କି ଦୁଇଟି ନୁହେଁ ମହାବିଦ୍ୟାଳୟରେ ପରିସରରେ ୮ରୁ ୧୦ଟି ଗଛ କାଟି ଦେଇଥିବା ଜଣାପଡ଼ିବା ପରେ ବନ ବିଭାଗ ମହାବିଦ୍ୟାଳୟକୁ ଜାଇ ଚଢ଼ାଉ କରିଛି। କଟା ଯାଇଥିବା ଗଛ ଜବତ କରି ବନ ବିଭାଗ କର୍ମଚାରୀ ବନ ବିଭାଗ କାର୍ଯ୍ୟାଳୟକୁ ଆଣିଥିବା ଜଣାପଡ଼ିଛି। ମହାବିଦ୍ୟାଳୟ ପରିସରରେ ଥିବା ଶିରିଶ ଗଛ, କଦମ୍ବ ଗଛ, ଦେବ ଦାରୁ ଓ ବଉଳ ଗଛ ୮ରୁ ଅଧିକ ଗଛ କାଟି ଦେଇଥିବା ଜଣାପଡ଼ିଛି। ଗଛ କାଟିବା ପୂର୍ବରୁ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ବନ ବିଭାଗ ପକ୍ଷରୁ ଅନୁମତି ନେବାର ଥିଲା କିନ୍ତୁ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଖାମ ଖିଆଲ ମନୋଭାବ ଯୋଗୁଁ ଆଜି ମହାବିଦ୍ୟାଳୟରେ ବନ ବିଭାଗ ଚଢ଼ାଉ କରିଛି। ଯାହାକୁ ନେଇ ମହାବିଦ୍ୟାଳୟ ନିନ୍ଦିତ ହେବାକୁ ପଡୁଛି। ତେବେ ବନ ବିଭାଗ ଗୋଟିଏ ଟ୍ରିପ କାଠ ଜବତ୍ କରିଛି। ମହାବିଦ୍ୟାଳୟ ପରିସର ସ୍ୱଚ୍ଛ ରଖିବା ସହ ଛାତ୍ରୀ ମାନଙ୍କ ସୁବିଧା ଓ ମହାବିଦ୍ୟାଳୟର ଉନ୍ନତି କରଣ ପାଇଁ ଗଛ ଗୁଡ଼ିକ କଟାଯାଇଛି।

## ସର୍ଦ୍ଦାର ପଟେଲଙ୍କ ଜନ୍ମ ଦିବସ ଉପଲକ୍ଷେ ଏକତା ପଦଯାତ୍ରା

ଭବାନୀପାଟଣା,୨୫।୧୧(ସଂଚାର ବ୍ୟୁରୋ) :ଭାରତର ପ୍ରଥମ ଉପ ପ୍ରଧାନ ମନ୍ତ୍ରୀ ତଥା ଗୃହ ମନ୍ତ୍ରୀ ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ ତମ ଜୟନ୍ତୀ ପାଳନ ଅବସରରେ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରାଳୟ, ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗର ନିର୍ଦ୍ଦେଶ କ୍ରମେ ଏକତା ପଦଯାତ୍ରା କାର୍ଯ୍ୟକ୍ରମ ଆଜି ନର୍ଲା ବ୍ଲକ ରେ ଅନୁଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ, ଜିଲ୍ଲା କ୍ରୀଡ଼ା ବିଭାଗ, ଜିଲ୍ଲା ସଂସ୍କୃତି ବିଭାଗ ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମ ନର୍ଲା ଷ୍ଟାଡିୟମ୍ ରୁ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପରିକ୍ରମା କରିଥିଲା। ସଂସାଦ(ଲୋକସଭା)କଳାହାଣ୍ଡି ମାଳବିକା ଦେବୀ, ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ, ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ ଙ୍କ ଉପସ୍ଥିତିରେ ମା ମାଣିକେଶ୍ୱରୀ ଙ୍କ ଫଟୋ ଓ ସର୍ଦ୍ଦାର ବଲ୍ଲବ ଭାଇ ପଟେଲ ଙ୍କ ଫଟୋ ଚିତ୍ରରେ ପୂଜ୍ୟ ପୂଜା ପୂର୍ବକ ମାଲ୍ୟାର୍ପଣ କରାଯାଇ ଏକ ଭାରତ ଆତ୍ମ ନିର୍ଭର ଭାରତ ର ଶପଥ ପାଠ କରାଯାଇଥିଲା ଏବଂ ଅତିଥି ମାନଙ୍କ ଦ୍ୱାର ପତାକା ଦେଖାଇ ଏକତା ପଦ ଯାତ୍ରା ର ଶୁଭାରମ୍ଭ କରାଯାଇ ଥିଲା।

## ବାରହା ଶିକାର ପଡ଼ିଲା ମହଙ୍ଗା: ୫ଗିରଫ

ଖଡ଼ିଆଳ,୨୫।୧୧(ସଂଚାର ବ୍ୟୁରୋ): ନୂଆପଡ଼ା ଜିଲା ଖଡ଼ିଆଳ ବନଖଣ୍ଡ ଖଡ଼ିଆଳ ରାଣୀମୁଣ୍ଡ ବିଟରେ ବାରହା ଶିକାର ଅଭିଯୋଗରେ ସୋମବାର ୫ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏହି ଘଟଣାରେ ଅନ୍ୟ ୯ଜଣ ଫେରାର ହୋଇଯାଇଛନ୍ତି। ଗିରଫ ବ୍ୟକ୍ତିମାନେ ହେଲେ ଖଡ଼ିଆଳ ଥାନା ଅନ୍ତର୍ଗତ ଖାସବାହାଲ ପଞ୍ଚାୟତ ଚାନ୍ଦେଲ ଗ୍ରାମର ଭିକାରୀ ଲୁହାର, କାର୍ତ୍ତିକ ମଲ୍ଲିକ, ନିତ୍ୟା ମାଝି, ସିଗ୍ରେଟ ମଲ୍ଲିକ ଓ କ୍ଷୀରଧର ଲୁହାର। ରାଣୀମୁଣ୍ଡ ବିଟ ଜଙ୍ଗଲ ଅଞ୍ଚଳରେ ୨୨ ତାରିଖରେ ବାରହା ଶିକାର ହୋଇଥିବା ବିଶେଷ ସୂତ୍ରରୁ ବନ ବିଭାଗ ଖବର ପାଇଥିଲା। ଖବର ପାଇ ଚାନ୍ଦେଲ ଗ୍ରାମରେ ବନବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କଠାରୁ ୧ କିଲୋ ୭୦୦ ଗ୍ରାମ ମାଂସ,୨ଟି ପାଦ, ୨ଟି ଦାନ୍ତ, ଗୋଟିଏ ପାଟି, ଫାଶ ଓ ବିଭିନ୍ନ ପଶୁ ଶିକାର ସାମଗ୍ରୀ ଜବତ କରାଯାଇଛି। ଏ ସମ୍ପର୍କରେ ଖଡ଼ିଆଳ ଡିଏଫଓ ଆଜିଜ ଖାନ ସୋମବାର ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି।

## ମାଣବସା ମହାଲକ୍ଷ୍ମୀ ପୂଜା ମହୋତ୍ସବ

ବଲାଙ୍ଗିର,୨୫।୧୨(ସଂଚାର ବ୍ୟୁରୋ): ସଦର ବ୍ଲକ ଅନ୍ତର୍ଗତ ଚୁଡାପାଲି ଗ୍ରାମ ଠାରେ ୨୮ତମ ମାଣବସା ମହାଲକ୍ଷ୍ମୀ ପୂଜା ଏକ ଆଧ୍ୟାତ୍ମିକ ବର୍ଣ୍ଣାଢ୍ୟ ପରିବେଶରେ ମାର୍ଗଶିର ମାସ ସାରା ଅନୁଷ୍ଠିତ ହୋଇଥାଏ। ଏହି ପୂଜା ମହୋତ୍ସବ ଏକ ବିଶେଷ ପରମ୍ପରା ରହିଛି। ମାର୍ଗଶିର ମାସର ଦ୍ୱିତୀୟ ପାଳି ପରେ ଏକ ବୈଦିକ ରୀତିରେ ବିବାହ ଲଗ୍ନ ସ୍ଥିର କରି ମାଁ ଲକ୍ଷ୍ମୀ ଦେବୀ ଓ ନୃସିଂହ ଦେବଙ୍କ ବିବାହ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ଦର୍ଶନ କରିବା ସହ ବିବାହ ଉତ୍ସବରେ ସାମିଲ ହୋଇଥିଲେ। ଅନୁଷ୍ଠାନର ସଭାପତି ଗୌନ୍ତିଆ ଲୋକନାଥ କୁମୁରା ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ମନୋଜ କୁମାର ପଟେଲ, ମାତା ଶଶିରେଖା ଜାଲ ଓ ବରପିତା ବସନ୍ତ ସାହୁ, ମାତା ମନୋରମା ସାହୁ କର୍ତ୍ତା ଦାୟିତ୍ୱ ତୁଳାଇଥିଲେ।

## କାଠ ଗଣ୍ଡି ଓ ଜମି ବିବାଦକୁ ନେଇ ୧୨ ଘଣ୍ଟିଆ ଦାରିଙ୍ଗବାଡ଼ି ବନ୍ଦ



ଦାରିଙ୍ଗବାଡି,୨୫।୧୨(ସଂଚାର ବ୍ୟୁରୋ): କନ୍ଧମାଳ ଜିଲା ଦାରିଙ୍ଗବାଡିର ଏକ ବିବାଦୀୟ ଜମିରେ ଦୁର୍ଗା ପୂଜା କମିଟି ପକ୍ଷରୁ ନାମଯଜ୍ଞ ଓ ଅମୃତ ମିଳନ ପାଇଁ ପ୍ରସ୍ତୁତି ଚାଲିଥିବା ବେଳେ ୨ ଗୋଷ୍ଠୀ ମଧ୍ୟରେ ଉତ୍ତେଜନା ଦେଖାଯାଇଥିଲା। ଏହାକୁ ନେଇ ମଙ୍ଗଳବାର ଦୋକାନବଜାର ବନ୍ଦ ରଖିଥିଲା ବଣିକ ସଙ୍ଘ। ଏ ନେଇ ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିବା ପୂର୍ବରୁ ଜିଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଛି। କନ୍ଧମାଳର ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ଏକ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବରିଷ୍ଠ ପୋଲିସ ଅଧିକାରୀ ତଥା ବାଲିଗୁଡ଼ାର ନୂତନ ଏସ୍‌ଡିପିଓ ଶୁଭମ ଭୋସଲେ ପୂର୍ବତନ ଏସ୍‌ଡିପିଓ ରମେନ୍ଦ୍ର ପ୍ରସାଦ, ଫୁଲବାଣୀ ଏସଡିପିଓ ମାନସ ରଞ୍ଜନ ବାରିକ, ଦାରିଙ୍ଗବାଡି ତହସିଲଦାର ଧୀରୋଜ ପାତ୍ର, ବିଡିଓ ପ୍ରୀତିରଞ୍ଜନ ରଥ, ଡିଏସପି ତଥା ଥାନା ଅଧିକାରୀ କନକ ମାଝୀ, ଇନ୍ସପେକ୍ଟର ଜୟନ୍ତ ସେଠୀ ପ୍ରମୁଖ ଦାରିଙ୍ଗବାଡି ବ୍ଲକ କାର୍ଯ୍ୟାଳୟ ପରିସର ରେ ୨ ଗୋଷ୍ଠୀଙ୍କ ମଧ୍ୟରେ ଶାନ୍ତି ବୈଠକ ମାଧ୍ୟମରେ ଆଲୋଚନା କରି ଆସନ୍ତା ୨ ତାରିଖ ପର୍ଯ୍ୟନ୍ତ ଉକ୍ତ ଜମିକୁ ୨ ଗୋଷ୍ଠୀ କୌଣସି କାର୍ଯ୍ୟ କରିବା କିମ୍ବା ଜମିକୁ ଯାଇପାରିବେ ନାହିଁ ବୋଲି ନିଷ୍ପତ୍ତି ନିଆଯାଇଛି ଏଥିରେ ଜିଲା ପ୍ରଶାସନକୁ ୨ ଗୋଷ୍ଠୀ ସହଯୋଗ କରିଥିବା କହିଛନ୍ତି। ପରବର୍ତ୍ତୀ ନିଷ୍ପତ୍ତି ୨ ପରେ ଜିଲା ପ୍ରଶାସନ ନେବ ବୋଲି କୁହାଯାଇଛି।

## ଶିଶୁ ଅଧିକାର ନେଇ ବ୍ଲକସ୍ତରୀୟ ସମ୍ମିଳନୀ ଆୟୋଜିତ

### ସ୍କୁଲ୍‌ରେ ଡ୍ରପ୍‌ଆଉଟ୍ ଓ ବାଲ୍ୟବିବାହ ରୋକିବା ଉପରେ ଗୁରୁତ୍ୱ



ବୋରିଗୁମ୍ମା,୨୫।୧୨(ସଂଚାର ବ୍ୟୁରୋ): ଜାତୀୟ ଶିଶୁ ଅଧିକାର ସୁରକ୍ଷାକୁ ନେଇ ଏକତା ଅନୁଷ୍ଠାନ ପକ୍ଷରୁ କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ପରିସର ସମ୍ମିଳନୀ କକ୍ଷ ଠାରେ ଶିଶୁ ଅଧିକାର ସମସ୍ୟା ସମ୍ପର୍କିତ ଏକ ବ୍ଲକ ସ୍ତରୀୟ ସମ୍ମିଳନୀ ଆୟୋଜିତ ହୋଇଛି। ଏଥିରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁକାନ୍ତ କୁମାର ପଟନାୟକ, ସମନ୍ୱିତ ଶିଶୁବିଭାଗ ପକ୍ଷରୁ ଶାନ୍ତିଲତା ମାଝୀ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ବିଭାଗ ଅଧିକାରୀ, ବିଆରଟି ଜଗଦୀଶ ମେହେର, ବୋରିଗୁମ୍ମା ଥାନା ଅଧିକାରୀ ଏଏସଆଇ ଗୋପାଳ ହରିଜନ, ବିଏସଏସଓ, ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଓ ପିଆରଆଇ ମେମ୍ବର ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ବିଡ଼ିଓ ସୁକାନ୍ତ ପଟନାୟକ ଯୋଗଦେଇ ବିଦ୍ୟାଳୟ ଛାଡୁଥିବା ପିଲା ସହ ଛାତ୍ରାବାସରୁ ଶିଶୁ ସ୍ଥାନାନ୍ତର ରୋକିବା ଓ ବାଲ୍ୟ ବିବାହ ସହ ଆଦିବାସୀ ପ୍ରଥା ଉଦଲିଆ ଉପରେ ଆଲୋଚନା କରିଥିଲେ। ସେହିପରି ଶିଶୁ ଅଧିକାର ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଉପରେ ଆଲୋକପାତ କରିଥିଲେ। ଆହୁରି ଶିଶୁ ବାଟିକା ଭଳି ପଦକ୍ଷେପ ମାଧ୍ୟମରେ ପ୍ରତି ପିଲା ସ୍କୁଲରେ ରହିବା ଏବଂ ମୌଳିକ ଶିକ୍ଷା ସହାୟତା ପାଇବା ନିଶ୍ଚିତ କରିବା ଦିଗରେ ପ୍ରତିବଦ୍ଧତାକୁ ସୂଚାଇଥିଲେ। ସ୍ୱାଗତ ଭାଷଣରେ ଅନୁଷ୍ଠାନର ପ୍ରୋଗ୍ରାମ ମେନେଜର ମାମିନା ବେହେରା ନିରାପଦ ଅନ୍ତର୍ଭୁକ୍ତ ବିଦ୍ୟାଳୟ ପରିବେଶର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ ଓ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ।

## ନାଉଗାଁ ବ୍ଲକସ୍ତରୀୟ ବିଜ୍ଞାନ ମେଳା



ନାଉଗାଁ,୨୫।୧୨(ସଂଚାର ବ୍ୟୁରୋ): ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ କଂଗୁଣିଆ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଓ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଏବଂ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ, କୁଇଜ୍ ପ୍ରତିଯୋଗିତା ଓ ପୋଷଣୀୟ ଜୀବନଶୈଳୀ ପ୍ରଦର୍ଶନୀ-୨୦୨୫ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶଙ୍କର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ତୃଷ୍ଣା ଲେଙ୍କା, ମୁଖ୍ୟବକ୍ତା ଭାବେ ପୂର୍ବତନ ଛାତ୍ର ସଂସଦ ସଭାପତି ପ୍ରତାପ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବେ ତହସିଲଦାର ଅକ୍ଷୟ କୁମାର ବଡ଼ୁ, ନାଉଗାଁହାଟ ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ନିରଞ୍ଜନ ମହାନ୍ତି, ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘର ନାଉଗାଁ ବ୍ଲକ ସଭାପତି ସୁକାନ୍ତ କୁମାର ଲେଙ୍କା, ପ୍ରାକ୍ତନ ଶିକ୍ଷକ ବିଭୂତି ଭୂଷଣ ରାୟ ପ୍ରମୁଖ ଯୋଗ ଦେଇ ସଭ୍ୟତାର ବିକାଶରେ ବୈଜ୍ଞାନିକ ମହତ୍ୱ ପୂର୍ଣ୍ଣ ଅବଦାନ ସଂପର୍କରେ ମତବ୍ୟକ୍ତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘର ନାଉଗାଁ ବ୍ଲକ ସଂପାଦକ ହିମାଂଶୁ କୁମାର ମହାନ୍ତି ପ୍ରଦାନ କରିଥିବା ବେଳେ ନାଉଗାଁ ବ୍ଲକ ବିଜ୍ଞାନ ସଂଯୋଜନା କମିଟିର ସଂପାଦକ ସୁଧୀର ବିଶ୍ୱାଳ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସିଆରସିସି ଅକ୍ଷୟ କୁମାର ରାଉତ ଓ ଶିକ୍ଷକ ବସନ୍ତ କୁମାର ଦାସ, ଓଡ଼ଏଙ୍ଗାସ୍ଥିତ ଶ୍ରୀ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ଜୁନିୟର ରେଡ଼କ୍ରସ ପକ୍ଷରୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବେକରେ ରଶି ଲଗାଇ ନାବାଳିକାର ଆତ୍ମହତ୍ୟା



ଧାମନଗର,୨୫।୧୧(ସଂଚାର ବ୍ୟୁରୋ): ଧାମନଗର ବ୍ଲକ ଅନ୍ତର୍ଗତ ଦେହୁଡି ଆନନ୍ଦପୁର ପଞ୍ଚାୟତ ଅଧିନ ଚମ୍ପାବାଗ ଗ୍ରାମର ମନୋଜ ପଲେଇଙ୍କ ୧୦ ବର୍ଷର ପୁଅ ବାପୁନ ପଲେଇ ବେକରେ ରଶି ଆତ୍ମହତ୍ୟା କରିଛନ୍ତି। ସୂଚନା କ୍ରମେ, ବାପୁନ ର ବାପା ଡ୍ରାଇଭର, ମା ଅଙ୍ଗନବାଡ଼ିରେ କାର୍ଯ୍ୟ କରନ୍ତି। ଏହି ସମୟରେ ଘରେ ଏକାକି ଥିବା ବାପୁନ ମୋବାଇଲରେ ଗେମ୍ ଖେଳୁଥିଲେ ବୋଲି ଜଣାଯାଇଛି। ଏକାକୀ ଥିବା ବାପୁନ ଏହି ଗେମ୍ ଖେଳୁଥିଲେ ପରେ ଏଥିରେ ପ୍ରେରିତ ହୋଇ ବେକରେ ରଶି ଲାଗଇ ଝୁଲିପଡ଼ିଥିବା ଅନୁମାନ କରାଯାଉଛି। କିଛି ସମୟ ପରେ ସ୍ଥାନୀୟ ଲୋକେ ଦେଖି ପରିବାରକୁ ଖବର ଦେଇଥିଲେ। ପରିବାର ଲୋକେ ଉଦ୍ଧାର କରି ସ୍ଥାନୀୟ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ନାବାଳକଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ପ୍ରସାରିତ ହେବାପରେ ଚମ୍ପାବାଗ ଗ୍ରାମରେ ଶୋକର ଛାୟା ଖେଳି ଯାଇଥିବା ବେଳେ ଶରୀରକୁ ଗ୍ରାମୀୟ ଶ୍ମଶାନରେ ଶବ ସଂସ୍କାର କରାଯାଇଥିଲା।

## ୮ ଦଫା ଦାବି ନେଇ ଆୟୁଷ ଛାତ୍ରୀଛାତ୍ରଙ୍କ ତାଲା ବନ୍ଦ ଆନ୍ଦୋଳନ

ବଲାଙ୍ଗୀର,୨୫।୧୧(ସଂଚାର ବ୍ୟୁରୋ): ବଲାଙ୍ଗୀର ସରକାରୀ ଆୟୁର୍ବେଦିକ କଲେଜ ଓ ହସ୍ପିଟାଲ ସମ୍ମୁଖରେ ମଙ୍ଗଳବାର ଦ୍ୱିତୀୟ ଦିବସରେ ନିଖିଳ ଓଡ଼ିଶା ଆୟୁଷ ଛାତ୍ର ସଙ୍ଗଠନର ତାଲା ବନ୍ଦ ଆନ୍ଦୋଳନ ଜାରି ରହିଛି। ଏହି ଆନ୍ଦୋଳନକୁ ବଲାଙ୍ଗୀର ସରକାରୀ ଆୟୁର୍ବେଦିକ କଲେଜ ଓ ହସ୍ପିଟାଲର ଆଲୁମିନି ଆସୋସିଏଶନ ସମର୍ଥନ କରିଛନ୍ତି। ଆଲୁମିନି ଆସୋସିଏଶନ ସଭାପତି ଡାକ୍ତର ବାସୁଦେବ ପତିଙ୍କ ନେତୃତ୍ୱରେ ଆଲୁମିନି ସଙ୍ଘର ସଦସ୍ୟ ମାନେ ବଲାଙ୍ଗୀର ସରକାରୀ ଆୟର୍ବେଦିକ କଲେଜ ଓ ହସ୍ପିଟାଲକୁ ଆସି ଆନ୍ଦୋଳନରେ ସାମିଲ ହୋଇ ସମର୍ଥନ ଜଣାଇଥିଲେ। ଛାତ୍ରମାନଙ୍କ ଦାବୀକୁ ତୁରନ୍ତ ପୂରଣ କରିବାକୁ ରାଜ୍ୟ ସରକାରଙ୍କୁ ପୁରାତନ ଛାତ୍ରମାନେ ଦାବି ଜଣାଇଛନ୍ତି। ଆୟୁଷ ଛାତ୍ରୀଛାତ୍ର ଯେଉଁ ୮ ଦଫା ଦାବି ଉପସ୍ଥାପନ କରିଛନ୍ତି, ସେଥିରେ ଓପିଏସ୍‌ସି ମାଧ୍ୟମରେ ନୂଆ ସ୍ଥାୟୀ ଆୟୁଷ ମେଡିକାଲ ଅଫିସର ପଦବୀ ସୃଷ୍ଟି କରିବା, ଉଚ୍ଚ ଶିକ୍ଷା ସୁବିଧା ପାଇଁ ପିଜି ଓ ପିଏଚଡ଼ି ସିଟ ବଢ଼ାଇବା, ଆୟୁଷ ହାଉସ ସର୍ଜନମାନଙ୍କ ପାଇଁ ଡାଇନାମିକ ଷ୍ଟାଇପେଣ୍ଡ ବୃଦ୍ଧି, ଆୟୁଷ କଲେଜ ଗଭରଣିଂବଡ଼ିର ପୁନର୍ଗଠନ କରିବା, କଲେଜ ଏବଂ ଆୟୁଷ ମନ୍ତ୍ରଣାଳୟର ଗେଜେଟର ପୂର୍ଣ୍ଣ ପ୍ରୟୋଗ କରି ଉଭୟ ଶିକ୍ଷା ଓ ଭିତ୍ତିଭୂମିର ବିକାଶ କରିବାକୁ ଦାବି କରିଛନ୍ତି ।

## ୬୪ ଅଭିଯୋଗ ସମାଧାନ କଲେ ଜିଲ୍ଲାପାଳ, ଏସ୍‌ପି

ନୂଆପଡ଼ା,୨୫।୧୧(ସଂଚାର ବ୍ୟୁରୋ): ନୂଆପଡ଼ା ଜିଲା ସିନାପାଲି ବ୍ଲକ ସଭାଗୃହରେ ଜିଲାପାଳ ମଧୁସୂଦନ ଦାଶ ଓ ଏସ୍‌ପି ଅମିତପାଲ ସିଂଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ କ୍ଷମାନିଧି ଭୋଇ, ଉପଜିଲାପାଳ ସୁର୍ମି ସୋରେନ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ଧନେଶ୍ୱର ସେଠୀ, ସିନାପାଲି ବ୍ଲକ ଅଧ୍ୟକ୍ଷା ମାଧୁରୀ ମାଝୀ, ଉପାଧ୍ୟକ୍ଷା ମୀନା ଘିବେଲା, ବିଡିଓ କାର୍ମୀ ଓରାମ, ତହସିଲଦାର ଉପାଞ୍ଜଳି ମାଝୀ ଉପସ୍ଥିତ ଥିଲେ। ଡେପୁଟି କଲେକ୍ଟର ଚିନ୍ମୟ ସାଗର, ଶେଖ ନସୀମ, ହେମନ୍ତ ପୁଟା ଶିବିର ପରିଚାଳନା କରିଥିଲେ। ଉକ୍ତ ଶିବିରରେ ୬୪ଟି ଅଭିଯୋଗର ସମାଧାନ କରାଯାଇଥିଲା। ଶିବିରରେ ଚଟିଆଗୁଡ଼ା ଗାଁର ବୃଦ୍ଧ କୀର୍ତ୍ତନ ବାଗଙ୍କୁ ୧୦ହଜାର ଟଙ୍କା ଏବଂ ଗମ୍ଭାରୀଗୁଡ଼ା ଗାଁର ଭିନ୍ନକ୍ଷମ ଝିଅ ଭୂମିସୂତା ମେହେରଙ୍କୁ ୫ ହଜାର ଟଙ୍କାର ତତ୍କାଳ ସହାୟତା ରେଡକ୍ରସ ପାଣ୍ଠିରୁ ଜିଲାପାଳ ପ୍ରଦାନ କରିଥିଲେ। ଚାରପାଲି ଗାଁର ବୃଦ୍ଧା କ୍ଷମତି ତେଜିଙ୍କ ପୁଅର ବ୍ୟାଙ୍କ ଋଣ ବାକି ଥିବାରୁ ହାତୀବନ୍ଧା ୟୁଜିବି ମ୍ୟାନେଜର ତାଙ୍କର ବାର୍ଦ୍ଧକ୍ୟ ଭତ୍ତା ରୋକି ଦେଇଥିବା ଅଭିଯୋଗ କରିଥିଲେ। ଜିଲାପାଳ ଅଭିଯୋଗ ଶିବିରରୁ ବୃଦ୍ଧାଙ୍କ ବାର୍ଦ୍ଧକ୍ୟ ଭତ୍ତା ବକେୟା ସହିତ ତୁରନ୍ତ ପ୍ରଦାନ କରିବା ପାଇଁ ମ୍ୟାନେଜରଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ। କୁସୁମଯୋର ଗାଁରୁ ସିନାପାଲି କଲେଜ ଯାଏଁ ସରକାରୀ ବସ ଚଳାଚଳ କରିବା ପାଇଁ କଲେଜ ଛାତ୍ରୀଛାତ୍ର ମାନେ ଅନୁରୋଧ କରିବାରୁ ଜିଲାପାଳ ଏହାକୁ ଅନୁମୋଦନ କରିଥିଲେ ।